R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୭୮
ତିଥି: ଦ୍ୱିତୀୟା
୨୨ ଡିସେମ୍ବର ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 78
22 December 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




ବିକଶିତ ଭାରତ – ଜି ରାମ୍ ଜି
ଏବେ ୧୨୫ ଦିନର
ଗ୍ରାମୀଣ ନିଯୁକ୍ତିର
ଗ୍ୟାରେଣ୍ଟି



ବେକାରୀ ଭତ୍ତା ପାଇଁ ଦୃଢ଼ ବ୍ୟବସ୍ଥା | ସମୟରେ ମଜୁରୀ ପ୍ରଦାନ ଏବଂ ବିଳମ୍ବ କ୍ଷତିପୂରଣ | ଗ୍ରାମସଭା ଦ୍ୱାରା ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା (ଭିଜିପିପି)

CBC 35101/13/0056/2526

ବିକଶିତ ଗ୍ରାମ ପଞ୍ଚାୟତଗୁଡ଼ିକ ବିକଶିତ ଭାରତ ପାଇଁ ପଥ ପ୍ରଶସ୍ତ କରୁଛନ୍ତି

# ଭିବି- ଜୀ ରାମ ଜୀ ବିଲ୍‌କୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି

- ଏହି ଆଇନ ବୈଧାନିକ ନିଯୁକ୍ତି ଗ୍ୟାରେଣ୍ଟିକୁ ୧୨୫ ଦିନକୁ ବୃଦ୍ଧି କରିଛି
- ଭବିଷ୍ୟତର ନେତୃତ୍ୱ ନେବ ପଞ୍ଚାୟତ
- ଯୋଜନା ପ୍ରସ୍ତୁତ କରିବାର କ୍ଷମତା ଗ୍ରାମସଭା ଓ ପଞ୍ଚାୟତ ନିକଟରେ ରହିବ



ନୂଆଦିଲ୍ଲୀ,୨୧।୧୨: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତି ନୀତିର ପରିବର୍ତ୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ୱରୂପ ବିକଶିତ ଭାରତ - ରୋଜଗାର ଏବଂ ଆଜୀବିକା ପାଇଁ ଗ୍ୟାରେଣ୍ଟି ମିଶନ (ଗ୍ରାମୀଣ) (ଭିବି- ଜୀ ରାମ ଜୀ) ବିଲ୍, ୨୦୨୫କୁ ଅନୁମୋଦନ କରିଛନ୍ତି । ଏହି ଆଇନ ଗ୍ରାମୀଣ ପରିବାର ପାଇଁ ପ୍ରତି ଆର୍ଥିକ ବର୍ଷରେ ସାମ୍ବିଧାନିକ ମଜୁରୀ ଭିତ୍ତିକ ନିଯୁକ୍ତି ଗ୍ୟାରେଣ୍ଟିକୁ ୧୨୫ ଦିନକୁ ବୃଦ୍ଧି କରିଛି । ଏହା ସଶକ୍ତିକରଣ ଓ ସମାବେଶୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ସହ ଏକ ସମୃଦ୍ଧ, ସ୍ଥିର ଏବଂ ଆତ୍ମନିର୍ଭରଶୀଳ ଗ୍ରାମୀଣ ଭାରତ ପାଇଁ ମୂଳଦୁଆକୁ ମଜବୁତ କରିବ । ପୂର୍ବରୁ, ସଂସଦ ବିକଶିତ ଭାରତ - ରୋଜଗାର ଏବଂ ଆଜୀବିକା ପାଇଁ ଗ୍ୟାରେଣ୍ଟି ମିଶନ (ଗ୍ରାମୀଣ) ବିଲ୍, ୨୦୨୫ ପାରିତ କରିଥିଲା, ଯାହା ଭାରତର ଗ୍ରାମୀଣ ନିଯୁକ୍ତି ଏବଂ ବିକାଶ ଢାଞ୍ଚାରେ ଏକ ନିର୍ଣ୍ଣାୟକ ସଂସ୍କାର ଆଣିବ । ଏହି ଆଇନ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ (ଏମଜିଏନଆରଇଜିଏ) ୨୦୦୫କୁ, ଏକ ଆଧୁନିକ ସାମ୍ବିଧାନିକ ଢାଞ୍ଚା ସହିତ ପରିବର୍ତ୍ତିତ କରେ । ଏହା ଜୀବିକା ସୁରକ୍ଷାକୁ ବୃଦ୍ଧି କରି ବିକଶିତ ଭାରତ ୨୦୪୭ର ଜାତୀୟ ଦୃଷ୍ଟିକୋଣ ସହିତ ସମନ୍ୱିତ ।

ସଶକ୍ତିକରଣ, ଅଭିବୃଦ୍ଧି, ବିକାଶ ଏବଂ ସଂତୃପ୍ତିର ନୀତିରେ, ଏହି ଆଇନ ଗ୍ରାମୀଣ ନିଯୁକ୍ତିକୁ ଏକ କଲ୍ୟାଣକାରୀ ଯୋଜନାରୁ ଆଗକୁ ନେଇ ବିକାଶର ଏକ ସମନ୍ୱିତ ଉପକରଣରେ ପରିଣତ କରିବ । ଏହା ଗ୍ରାମୀଣ ପରିବାର ପାଇଁ ଆୟ ସୁରକ୍ଷାକୁ ସୁଦୃଢ଼ କରିବା ସହିତ ଶାସନ ଓ ଉତ୍ତରଦାୟିତ୍ୱକୁ ଆଧୁନିକ କରି ମଜୁରୀ ଭିତ୍ତିକ ନିଯୁକ୍ତିକୁ ସ୍ଥାୟୀ ଏବଂ ଗ୍ରାମୀଣ ଭିତ୍ତିଭୂମି ସୃଷ୍ଟି ସହିତ ସଂଯୋଗ କରିବ । ଏହା ଦ୍ୱାରା ଏକ ସମୃଦ୍ଧ ତଥା ସ୍ଥିର ଗ୍ରାମୀଣ ଭାରତ ପାଇଁ ମୂଳଦୁଆ ସ୍ଥାପନ ହେବ ।

ଏହି ଆଇନ ପ୍ରତି ଆର୍ଥିକ ବର୍ଷରେ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ଅତି କମରେ ୧୨୫ ଦିନର ମଜୁରୀ ନିଯୁକ୍ତିର ଏକ ବୈଧାନିକ ଗ୍ୟାରେଣ୍ଟି ପ୍ରଦାନ କରେ, ଯଦି ପରିବାରର ବୟସ୍କ ସଦସ୍ୟମାନେ ଅଣକୁଶଳୀ ହସ୍ତକୃତ କାମ କରିବାକୁ ଇଚ୍ଛୁକ ହୁଅନ୍ତି । ପୂର୍ବ ୧୦୦-ଦିନର ଅଧିକାର ଉପରେ ଏହି ବୃଦ୍ଧି ଗ୍ରାମୀଣ ପରିବାର ପାଇଁ ଜୀବିକା ସୁରକ୍ଷା, କାର୍ଯ୍ୟର ପୂର୍ବାନୁମାନ ଏବଂ ଆୟ ସ୍ଥିରତାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ସୁଦୃଢ଼ କରେ, ଏବଂ ଜାତୀୟ ବିକାଶରେ ସେମାନଙ୍କୁ ଅଧିକ ପ୍ରଭାବଶାଳୀ ଏବଂ ଅର୍ଥପୂର୍ଣ୍ଣ ଭାବରେ ( ୯ ପୃଷ୍ଠାରେ)

# ୨୬ରୁ ରେଳଯାତ୍ରା ମହଙ୍ଗା

## ସାଧାରଣ ଠାରୁ ଏସି ପର୍ଯ୍ୟନ୍ତ ବଢ଼ିଲା

ନୂଆଦିଲ୍ଲୀ,୨୧।୧୨: ରେଳ ଯାତ୍ରା ମହଙ୍ଗା ହେବାକୁ ଯାଉଛି । ଆସନ୍ତା ୨୬ ତାରିଖରୁ ଭଡ଼ା ବୃଦ୍ଧି କାର୍ଯ୍ୟକାରୀ ହେବ । ଏହି ବୃଦ୍ଧି ମୁଖ୍ୟତଃ ଦୂରଗାମୀ ଯାତ୍ରାକୁ ପ୍ରଭାବିତ କରିବ । ରେଳବାଇ ସୂତ୍ର ଅନୁଯାୟୀ, ୨୧୫ କିଲୋମିଟର ପର୍ଯ୍ୟନ୍ତ ସାଧାରଣ ଶ୍ରେଣୀ ଯାତ୍ରା ପାଇଁ ଭଡ଼ା ବୃଦ୍ଧି କରାଯାଇ ନାହିଁ । କିନ୍ତୁ ଏହାଠାରୁ ଅଧିକ ଦୂରତା ପାଇଁ, ସାଧାରଣ ଶ୍ରେଣୀରେ ପ୍ରତି କିଲୋମିଟର ପାଇଁ ଅତିରିକ୍ତ ୧ ପଇସା ଆଦାୟ କରାଯିବ ।

ମେଲ୍ ଏବଂ ଏକ୍ସପ୍ରେସ୍ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ, ନନ୍-ଏସି ଏବଂ ଏସି ଉଭୟ ଶ୍ରେଣୀରେ ପ୍ରତି କିଲୋମିଟରରେ ଦୁଇ ପଇସା ଭଡ଼ା ବୃଦ୍ଧି କରାଯାଇଛି । ଏହାର ଅର୍ଥ ୫୦୦କିଲୋମିଟର ନନ୍-ଏସି ଯାତ୍ରା କରୁଥିବା ଯାତ୍ରୀଙ୍କୁ ପୂର୍ବ ଅପେକ୍ଷା ପ୍ରାୟ ୧୦ ଟଙ୍କା ଅଧିକ ଦେବାକୁ ପଡିବ ।

ସାଧାରଣ ଶ୍ରେଣୀରେ ୨୧୫ କିମିରୁ ଅଧିକ ଦୂରତ୍ୱ ଯାତ୍ରା କଲେ ପ୍ରତି କିଲୋମିଟରରେ ୧ ପଇସାଅଧିକ ଦେବାକୁ ହେବ । ମେଲ୍-ଏକ୍ସପ୍ରେସ୍ ନନ୍-ଏସରେ ପ୍ରତି କିଲୋମିଟରରେ ୨ ପଇସା ବୃଦ୍ଧି ଏବଂ ଏସି କୋଚ୍‌ରେ ପ୍ରତି କିଲୋମିଟର ପିଛା ୨ ପଇସା ବୃଦ୍ଧି କରାଯାଇଛି । ପାଟନାରୁ ଦିଲ୍ଲୀର ଦୂରତା ପ୍ରାୟ ୧୦୦୦ କିଲୋମିଟର । ତେଣୁ ନୂତନ ଭଡ଼ା ଅନୁଯାୟୀ, ଏବେ ଜନ ସାଧାରଣ ଏକ୍ସପ୍ରେସରେ ଯାତ୍ରା କରିବା ପାଇଁ ୧୦ ଟଙ୍କା ଅଧିକ ଦେବାକୁ ପଡିବ । ସେହିଭଳି ବନ୍ଦେ ଭାରତ ଏବଂ ରାଜଧାନୀ ଭଳି ଟ୍ରେନରେ ୧୦୦୦ କିମିକୁ ୨୦ ଟଙ୍କା ଅଧିକ ଦେବାକୁ ପଡିବ ।

ରେଳବାଇ କହିଛି ଯେ, ଏହି ଭଡ଼ା ବୃଦ୍ଧିରୁ ପ୍ରାୟ ୬୦୦ କୋଟି ଅତିରିକ୍ତ ରାଜସ୍ୱ ଅର୍ଜନ ହେବ ( ୯ ପୃଷ୍ଠାରେ)

# ଦିଲ୍ଲୀରେ ୧୨୯ ବିମାନ ବାତିଲ

ନୂଆଦିଲ୍ଲୀ,୨୧।୧୨: ଉତ୍ତର ଭାରତରେ ଘନ କୁହୁଡ଼ି ଯୋଗୁଁ ଦୃଶ୍ୟମାନତା ହ୍ରାସ ପାଇବାରୁ ଶନିବାର ଦିଲ୍ଲୀ ବିମାନବନ୍ଦରରେ ୧୨୯ ବିମାନ ବାତିଲ କରାଯାଇଛି । ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅତି କମରେ ୬୬ଟି ଆଗମନ ଓ ୬୩ଟି ପ୍ରସ୍ଥାନ ବାତିଲ କରାଯାଇଛି । ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସକାଳ ସମୟରେ ଦୃଶ୍ୟମାନତା କମ୍ ରହିବା ପରେ ବିମାନ ବାତିଲ ହୋଇଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛ ।ସକାଳ ୧୧ଟାରେ ବିମାନବନ୍ଦରରେ ଦୃଶ୍ୟମାନତା ୫୦୦ ମିଟର ରେକର୍ଡ କରାଯାଇଥିଲା । ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ମଧ୍ୟ ( ୯ ପୃଷ୍ଠାରେ)

# ଅନଲାଇନ ସାଇବର ଠକେଇର ପର୍ଦ୍ଦାଫାସ, ୪ ଗିରଫ



ଛତ୍ରପୁର,(ସବ୍ୟୁ): ଦୀର୍ଘ ୨ ବର୍ଷ ହେଲା ପଲ୍ଲୀଠୁ ଦିଲ୍ଲୀ ଯାଏଁ ଚାଲିଥିବା ଏହି ଅନଲାଇନ ସାଇବର ଠକେଇ ଘଟଣାର ପର୍ଦ୍ଦାଫାସ କରିଛି ଛତ୍ରପୁର ପୁଲିସ । ଏହି ଘଟଣା ସଂପର୍କରେ ରବିବାର ଛତ୍ରପୁର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଛତ୍ରପୁର ଏସିଂପିଓ ଚନ୍ଦନ ଘଡେଇ ସମସ୍ତ ପ୍ରକାର ସୂଚନା ଦେଇଛନ୍ତି । ବର୍ଷ ବର୍ଷ ଧରି ଚାଲିଥିବା ଏହି ଅନ୍ଲାଇନ ସାଇବର ଠକେଇ ମାମଲାରେ ଛତ୍ରପୁର ଥାନା ପକ୍ଷରୁ ୭୮୦ ଏକ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରିଥିବା ବେଳେ ୨ଟି ବ୍ୟାଙ୍କ ଜମାଖାତା, ୫ଟି ମୋବାଇଲ, ଗୋଟିଏ ଏଟିଏମ କାର୍ଡ ଓ ଗୋଟିଏ ଆଧାରକାର୍ଡ ଜବତ କରାଯାଇଛି । ଜବତ ( ୯ ପୃଷ୍ଠାରେ)

# ଚିଲିକାରେ ବୁଡି ପର୍ଯ୍ୟଟକ ମୃତ

ବାଲୁଗାଁ,୨୧।୧୨(ସବ୍ୟୁ): ଆଜି ଅପରାହ୍ନରେ ଚିଲିକାର ନୂଆ ମୁହାଣରେ ଜଣେ ପର୍ଯ୍ୟଟକ ଗାଧୋଇଲା ବେଳେ ଭାସି ଯାଇ ନିଖୋଜ ହୋଇଯାଇଥିଲେ । ଅଗ୍ନିଶମ ବାହିନୀ ମୃତଦେହକୁ ଉଦ୍ଧାର କରି କୂଳକୁ ଆଣିଛି । ବ୍ରହ୍ମଗିରି ପୁଲିସ ପହଞ୍ଚି ଶବ ଜବତ କରିଛି ।ସୂଚନା ମୁତାବକ ଆଜି ଭୁବନେଶ୍ୱରର ଏକ ଘରୋଇ କମ୍ପାନୀର ( ୯ ପୃଷ୍ଠାରେ)



## ଆଜି ଜନ୍ମଦିନ

# ନନ୍ଦ କିଶୋର ବଳ

ଓଡ଼ିଆ ସାହିତ୍ୟର ଆଧୁନିକ କାଳର ଜଣେ ବିଶିଷ୍ଟ କବିଭାବେ ପରିଚିତ ଥିଲେ ନନ୍ଦ କିଶୋର ବଳ । ଓଡ଼ିଶାର ପୁରପଲ୍ଲୀର ପ୍ରକୃତିକୁ ଭିତ୍ତି କରି କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀକବି ବୋଲି ସମ୍ବୋଧନ କରାଯାଇଥାଏ । ଓଡ଼ିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗ୍ରାମରେ ୨୨ ଡିସେମ୍ବର ୧୮୭୫ରେ ସେ ଜନ୍ମଗ୍ରହଣ କରିଥିଲେ । ବାଲ୍ୟଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକର ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡ଼ା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତକବି ମଧୁସୂଦନ ରାଓଙ୍କଦ୍ୱାରା ପ୍ରତିଷ୍ଠିତ କଟକର ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । ତେବେ ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ, ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । ନନ୍ଦ କିଶୋର, କଲେଜର ପଢ଼ିଲା ବେଳୁ ହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରବନ୍ଧକୁ ସେ 'ପଲ୍ଲୀ ଚିତ୍ର' ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱରା ରଚିତ 'ନାନା ବାୟା ଗୀତ' ଓଡ଼ିଶାର ପୁରପଲ୍ଲୀରେ ବେଶ୍ ଲୋକପ୍ରିୟ । ଏହି ବିଶିଷ୍ଟ କବିଙ୍କର ୧୯୨୮ ମସିହା ଜୁଲାଇ ୧ ତାରିଖରେ ଦେହାନ୍ତ ହୋଇଥିଲା ।

୧୬୬୬ – ଶିଖଙ୍କ ଅନ୍ତିମ ଗୁରୁ ଗୋବିନ୍ଦ ସିଂଙ୍କ ଜନ୍ମ ।
୧୮୪୩ – ବ୍ରହ୍ମ ସମାଜରେ ସାମିଲ ହେଲେ ରବୀନ୍ଦ୍ର ନାଥ ଟାଗୋରଙ୍କ ପିତା ଦେବେନ୍ଦ୍ରନାଥ ।
୧୮୫୧ – ରୁଡକିରୁ ପିରନା ଚାଲିଲା ପ୍ରଥମ ଭାରତୀୟ ମାଲ୍‌ବାହୀ ଟ୍ରେନ୍ ।
୧୮୮୨ – ପ୍ରଥମ କ୍ରିସ୍‌ମାସ ଟ୍ରି ସଜାଇଥିଲେ ଥାମସ ଏଡିସନ୍ ।
୧୯୧୦ – ଆମେରିକାରେ ଡାକ ଜମାପତ୍ର ପ୍ରଚଳନ ।
୧୯୩୭ – ସର୍ବସାଧାରଣ ଯାତ୍ରା ପାଇଁ ଖୋଲିଲା ନ୍ୟୁୟର୍କର ପ୍ରସିଦ୍ଧ 'ଦି ଲିଙ୍କନ ଟନେଲ୍' ।
୧୯୪୭ – ପ୍ରଦର୍ଶିତ ହେଲା ପ୍ରଥମ ବ୍ୟବହାରିକ ରେଡିଓ ।
୧୯୬୩ – ମଦିରାରୁ ୨୯୦ କିମି ଦୂର ଲୋକନିଆରେ କ୍ରୁଜ୍ ଜାହଜ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୨୮ ଜଣଙ୍କ ମୃତ୍ୟୁ ।
୧୯୬୩ – ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ସ୍ଥାପନା ।

## ହାହାଃ.. ହାହାଃ..

ଚିଣ୍ଟୁ– ସାଙ୍ଗ ଗୋଟେ ଗଡବଡ ହୋଇଗଲା ।
ଗୋଲୁ–କ'ଣ ହେଲା ଭାଇ ?
ଚିଣ୍ଟୁ– ମୋର ଗୋଟେ ସାଙ୍ଗ ମୋତେ ସବୁବେଳେ କହୁଛି କିଛି ଅଲଗା କର ।
ଗୋଲୁ– ହଁ ତ ତୁ କ'ଣ କରିଦେଲୁ ?
ଚିଣ୍ଟୁ– ମୁଁ ତାର ଗାର୍ଲଫ୍ରେଣ୍ଡ ଠାରୁ ତାକୁ ଅଲଗା କରିଦେଲି, ଏବେ ମୋତେ ସେ ବନ୍ଧୁକ ନେଇ ଖୋଜୁଛି ।

# ଡେଲିଭରୀ ବୟରୁ କୋଟିପତି



ଚୀନର ଜଣେ ଯୁବକ ସୋସିଆଲ ମିଡିଆରେ ଭାଇରାଲ ହେବା ସହିତ ଅନେକଙ୍କର ପ୍ରେରଣା ପାଲଟିଛନ୍ତି । ୨୫ ବର୍ଷୀୟ ଏହି ଯୁବକ କେବଳ ଖାଇବା ଡେଲିଭରୀ କାମ କରି ପାଞ୍ଚ ବର୍ଷରେ କୋଟିପତି ହୋଇଛନ୍ତି । ତେବେ ଏଥିପାଇଁ ସେ ଖୁବ ପରିଶ୍ରମ କରିଥିବା ଜଣା ପଡିଛି । ଏହି କାମପାଇଁ ସେ ସାତଦିନ ଧରି ୧୩ ଘଣ୍ଟା କାମ କରିଛନ୍ତି । ସେହିଭଳି କେବଳ ଖାଇବା ଓ ନିଜର କିଛି ମୌଳିକ ଖର୍ଚ୍ଚ ଛଡା ସେ ଆଉ କୌଣସି ଖର୍ଚ୍ଚ କରୁନଥିବା ପ୍ରକାଶ କରିଛନ୍ତି । ତେବେ ୨୦୨୦ରେ ନିଜ ବ୍ୟବସାୟରେ ଅସଫଳ ହେବାପରେ ସେ ଏହି ଡେଲିଭରୀ କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ପାଞ୍ଚ ବର୍ଷରେ ସେ ବାଇକ ସାହାଯ୍ୟରେ ୩ ଲକ୍ଷ ୨୪ ହଜାର କିମିର ଯାତ୍ରା କରି କୋଟିପତି ହୋଇଛନ୍ତି । ଏହି ଅର୍ଥରାଶିକୁ ବ୍ୟବହାର କରି ସେ ଏକ ବ୍ୟବସାୟ ଆରମ୍ଭ କରିବା ପାଇଁ ଯୋଜନା କରୁଥିବା ଜଣାପଡିଛି ।

# ଜେନ୍ ଜେଡ ଡାକଘର

ଆଜିକାଲି ଇଣ୍ଟନେଟର ଯୁଗରେ ପୋଷ୍ଟ ଅଫିସର ବ୍ୟବହାର ଯେପରି ବନ୍ଦ ହିଁ ହୋଇଯାଇଛି । ସେଥିପାଇଁ ବର୍ତ୍ତମାନ ଡାକବିଭାଗ ଅନେକ ସେବାକୁ ବନ୍ଦ ମଧ କରି ସାରିଛି । ତେବେ ବାଙ୍ଗାଲୁରୁର ୟୁନିଭର୍ସିଟି କ୍ୟାମ୍ପସରେ ଡାକ ବିଭାଗର ଏକ ନିଆରା ପଦକ୍ଷେପ ସାମନାକୁ ଆସିଛି । ଏଠାରେ ଜେନ୍ ଜେଡଙ୍କ ପାଇଁ ଏକ ପୋଷ୍ଟ ଅଫିସ ଖୋଲା ଯାଇଛି । କର୍ଣ୍ଣାଟକ ଡାକ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ଯୁବ ପିଢିଙ୍କୁ ଡାକସେବା ପ୍ରତି ଆକୃଷ୍ଟ କରିବାକୁ ନିଆଯାଇଛି । ତେଣୁ ବର୍ତ୍ତମାନ ଡାକ ବିଭାଗ ପୁଣିଥରେ ଯୁବପିଢି, ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ଏହି ପଦକ୍ଷେପ ନେଇଛି । ବିଶେଷଭାବେ ଏହି ଡାକଘରକୁ ଜେନ୍ ଜେଡଙ୍କୁ ଆଖିରେ ରଖି ନିର୍ମାଣ କରାଯାଇଛି । ଏଥିରେ ସମସ୍ତ ସୁବିଧା ଯେପରି ୱାଇଫାଇ, ବସିବା ପାଇଁ ସ୍ଥାନ, ଲାପଟପ ମୋବାଇଲ ଚାର୍ଜିଂ, କଫି ଭେଣ୍ଡିଂ ମେସିନ ଆଦିର ସୁବିଧା ରହିଛି । କ୍ୟୁଆର କୋଡ ପେମେଣ୍ଟ ସିଷ୍ଟମ, ମାଇ ଷ୍ଟାମ୍ପ ଭଳି କାଉଣ୍ଟରର ସୁବିଧା ମଧ ରହିଛି । ତେଣୁ ଏହା ଯୁବପିଢିଙ୍କୁ ଖୁବ ଭଲ ଲାଗିବ ବୋଲି ବିଭାଗ ଆଶା ରଖିଛି ।




## ସୋସିଆଲ କୋଟ୍ସ



"ମାତ୍ର ୨୧ ବର୍ଷରେ 'ଅର୍ଜୁନ ରେଡ୍ଡି' ଭଳି ପ୍ରୋଜେକ୍ଟ ମିଳିବା ବଡ କଥା । ମୁଁ କିଛି ନଭାବି ସିଧା ଫିଲ୍ମଟି ସାଇନ୍ କରିଥିଲି ।
ଶାଲିନି ପାଣ୍ଡେ, ଅଭିନେତ୍ରୀ



"ସିରିଏଲ୍ କ୍ୟୁ କିଁ ସାସ ଭି କଭି ବୋହୁ ଥି ସିରିଏଲ୍ ମୋର ଲାଇଫ୍ ବଦଳାଇଦେଇଥିଲା । ରାତାରାତି ଷ୍ଟାର ହୋଇଯାଇଥିଲି । ଏହା ସବୁବେଳେ ମୋ ପାଇଁ ଖାସ ରହିବ ।
ଅମର ଉପାଧ୍ୟେୟ, ଅଭିନେତା



"ଶାହରୁଖଙ୍କ ସହିତ କାମ କରିବାକୁ ବହୁତ ଇଚ୍ଛା ଅଛି । ମୁଁ ତାଙ୍କର ବଡ ଫ୍ୟାନ୍ । ବଡ ଷ୍ଟାରଙ୍କ ସହିତ ନର୍ମାଲ ଫିଲ୍ମ ତିଆରି କରିବାର କୌଣସି ଅର୍ଥ ନାହିଁ ।
ସନ୍ଦୀପ ରେଡ୍ଡି, ଫିଲ୍ମମେକର୍ସ



# ଫିଟ୍‌ନେସକୁ ନେଇ ଚର୍ଚ୍ଚା

ବଲିଉଡର ଫିଟ୍‌ଅଭିନେତାଙ୍କ ଭିତରେ ସବୁଠାରୁ ଆଗରେ ନାଁ ଆସିଥାଏ ହ୍ରିତିକ ରୋଶନଙ୍କର । ସେ ତାଙ୍କର ଫିଟ୍‌ନେସ ଓ ଲୁକ ପାଇଁ ସବୁବେଳେ ଫ୍ୟାନଙ୍କ ତାଲିକାରେ ଆଗରେ ରହିଥାଆନ୍ତି । ଅନେକ ତାଙ୍କୁ ନିଜ ଜୀବନରେ ଅନୁକରଣ ମଧ କରୁଥିବାର ଦେଖିବାକୁ ମିଳିଥାଏ । ତେବେ ନିକଟରେ ହ୍ରିତିକଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏଥିରେ ହ୍ରିତିକ ଟ୍ରେକିଂ କରିଥିବାର ଦେଖିବାକୁ ମିଳୁଛି । ହ୍ରତିକ ଏହି ଟ୍ରିପରେ ଉତ୍ତରାଖଣ୍ଡ ଯାଇଛନ୍ତି ଯେଉଁଠାରେ ସେ ସ୍ଥାନୀୟ ମନ୍ଦିରକୁ ଯାଇ ଭଗବାନଙ୍କ ଦର୍ଶନ ମଧ କରିଛନ୍ତି । ହ୍ରିତିକ ନିଜେ ସୋସିଆଲ ମିଡିଆରେ ଏହି ଟ୍ରେକିଂର ଭିଡିଓ ସେୟାର କରିବା ପରେ ଏହା ଅଧିକମାତ୍ରାରେ ଭାଇରାଲ ହେବାରେ ଲାଗିଛି । ଫ୍ୟାନମାନେ ତାଙ୍କ ଫିଟନେସର ଖୁବ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି । ଯୁବ ପିଢିଙ୍କ ପାଇଁ ସେ ଯେପରି ଫିଟନେସ ଆଇକନ ପାଲଟିଯାଇଛନ୍ତି । ସମସ୍ତେ ତାଙ୍କର ଫିଟନେସକୁ ନେଇ ଆଲୋଚନା କରୁଥିବା ଦେଖିବାକୁ ମିଳୁଛି ।

# ତରଳ ସୌରଶକ୍ତି

ସୌରଶକ୍ତିକୁ ଷ୍ଟୋର କରି ରଖିବା ପାଇଁ ବୈଜ୍ଞାନିକମାନେ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି । ତେବେ ସ୍ୱିଡେନ୍‌ର କିଛି ଗବେଷକ ମିଶି ଏକ ଏଭଳି ଉପାୟ ବାହାର କରିଛନ୍ତି, ଯାହାକୁ ବ୍ୟବହାର କରି ସୌରଶକ୍ତିକୁ ତରଳ ଅବସ୍ଥାରେ ଷ୍ଟୋର କରି ରଖିହେବ । ଏହି ତରଳକୁ ପାଖାପାଖି ୧୮ ବର୍ଷ ପର୍ଯ୍ୟନ୍ତ ସଂରକ୍ଷିତ କରି ରଖିହେବା ସହ ବ୍ୟବହାର ମଧ କରିହେବ । ଏହାକୁ ବ୍ୟବହାର କରି ବିଜୁଳି ଶକ୍ତି ମଧ ନିର୍ମାଣ କରିହେବ ବୋଲି ସେମାନେ ମତ ଦେଇଛନ୍ତି । ସ୍ୱିଡେନ୍‌ର ଚାଲମରସ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏକ ମଲିକୁଲାର ସୋଲାର ଥର୍ମାଲ ସିଷ୍ଟମ ନିର୍ମାଣ କରିଛନ୍ତି, ଯାହାର ସହାୟତାରେ ଏହା ସମ୍ଭବ ହୋଇପାରିବ । ସେହିଭଳି ଏକ କମ୍ପାକ୍ଟ ଥର୍ମୋଇଲେକ୍ଟ୍ରିକ ଜେନେରେଟରର ମଧ ଉଦ୍ଭାବନ ହୋଇଛି, ଯାହା ଏହି ସଂରକ୍ଷିତ ସୌରଶକ୍ତିକୁ ପୁନଃବ୍ୟବହାର କରିବ । ସ୍ୱତନ୍ତ୍ର ଭାବେ ନିର୍ମାଣ ହୋଇଥିବା ଏହି ସିଷ୍ଟମରେ କାର୍ବନ, ହାଇଡ୍ରୋଜେନ୍ ଓ ନାଇଟ୍ରୋଜେନ୍‌କୁ ସାମିଲ କରାଯାଇଛି । ଯେତେବେଳେ ଏହି ସଲ୍ୟୁସନ୍ ସୂର୍ଯ୍ୟ କିରଣ ସହ ପ୍ରତ୍ୟେକ୍ଷ ସଂସ୍ପର୍ଶରେ ଆସେ ଏହା ଭିତରେ ରସାୟନିକ ପରିବର୍ତ୍ତନ ଘଟିଥାଏ, ଯାହା ଏହାକୁ ସୌରଶକ୍ତିର ତରଳ ଭାବେ ପ୍ରସ୍ତୁତ କରିଥାଏ । ଏହି ତରଳକୁ ଥର୍ମୋଇଲେକ୍ଟ୍ରିକ୍ ଜେନେରେଟର ସହ ମିଶାଇ ଏକ ଅଲ୍ଟ୍ରା ଥିନ୍ ଚିପ୍ ନିର୍ମାଣ କରାଯାଇଛି । ଯାହାକୁ ବ୍ୟବହାର କରି ସ୍ମାର୍ଟ ୱାଚ୍, ହେଡଫୋନ୍ ଭଳି ସାମଗ୍ରୀ ଚାର୍ଜ କରାଯାଇପାରିବ । ବର୍ତ୍ତମାନ ଏହାକୁ ବ୍ୟବହାର କରି ଅଳ୍ପ ପରିମାଣରେ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ କରାଯାଉଛି । ତେବେ ଆଗକୁ ଏହାକୁ ଅଧିକ କାର୍ଯ୍ୟକ୍ଷମ କରାଯିବା ନେଇ ଯୋଜନା ରହିଥିବା ଗବେଷକମାନେ ପ୍ରକାଶ କରିଛନ୍ତି । ତେବେ ଏହି ଉଦ୍ଭାବନ ଫଳରେ ବର୍ତ୍ତମାନ ସୌରଶକ୍ତିକୁ ଯେ କୌଣସି ସମୟରେ ବି ବ୍ୟବହାର କରିହେବ ।





## ଆଜିର ପଞ୍ଜିକା

ପୌଷମାସ ଶୁକ୍ଳପକ୍ଷ ତୃତୀୟା
ତା–୨୨–୧୨–୨୦୨୫ ସୋମବାର

**ମେଷ–** ମାନସିକ ଅବସାଦ, ଦୂରଯାତ୍ରା, ବାଣିଜ୍ୟରେ ସ୍ୱଳ୍ପଲାଭ, ଗୃହେ ଉତ୍ସବ, ବନ୍ଧୁଲାଭ, ନ୍ୟାୟିକ ବ୍ୟବସ୍ଥାରେ ଖୁସି, ଅର୍ଥସମସ୍ୟା ଦୂର, ସମ୍ପତ୍ତି ଲାଭ, ସୁସ୍ଥ ରହିବେ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ । ଆରାଧନା – ଶଙ୍କର, ରଙ୍ଗ – ନୀଳ, ସଂଖ୍ୟା – ୪ ।

**ବୃଷ–** ଯାନବାହାନରେ ସର୍ତକତା, ବ୍ୟବସାୟରେ ମାନ୍ଦା, କାର୍ଯ୍ୟ ଅସଫଳ, ଦୂରବନ୍ଧୁ ଦର୍ଶନ, ଥଣ୍ଡା ଜନିତ ରୋଗ, ଶତ୍ରୁ ଉପଦ୍ରବ, ଅଳ୍ପ ସମସ୍ୟା ସମାଧାନ, ପିଲାଙ୍କ ଖୁସି, ଦାମ୍ପତ୍ୟସୁଖ, ଅଧିକ ଖର୍ଚ୍ଚ ରହିବ । ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ । ଆରାଧନା – ପ୍ରଭୁଜଗନ୍ନାଥ, ରଙ୍ଗ – ହଳଦୀ, ସଂଖ୍ୟା ୩ ।

**ମିଥୁନ–** ଲୋକ ସମ୍ପର୍କ ବୃଦ୍ଧି, ଶତ୍ରୁନାଶ, ବିଦ୍ୟାରେ ଉନ୍ନତି, ପାରିବାରିକ ଖୁସି, ବନ୍ଧୁ ମନାନ୍ତର, ହଠାତ୍ ଦୂରଯାତ୍ରା, କିଛି ସମସ୍ୟା ସମାଧାନ, କର୍ମକ୍ଷେତ୍ରେ ପରିଶ୍ରମ, ତିର୍ଥାଟନ, ବ୍ୟବସାୟରେ ସ୍ୱଳ୍ପ ଲାଭ, ମାମଲା ସମାଧାନ । ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ । ଆରାଧନା – ହନୁମାନ, ରଙ୍ଗ – ସବୁଜ, ସଂଖ୍ୟା – ୭ ।

**କର୍କଟ–** ଅନୁରାଗ ବୃଦ୍ଧି, ଜନସେବା, କର୍ମକ୍ଷେତ୍ରେ ଲାଭ, ଉଚ୍ଚପଦବୀ, ମାନସିକ ଅବସାଦ, ଭୂସମ୍ପତ୍ତି କ୍ରୟ, ବ୍ୟବସାୟରେ ଲାଭ, ଅର୍ଥଆଗମନ, ନୂତନ କାର୍ଯ୍ୟପ୍ରତି ଉତ୍ସାହ, ଶାରୀରିକ ସୁସ୍ଥତା, ଶତ୍ରୁ ପରାଭବ, ଆୟବ୍ୟୟ ସମାନ, ଅଶ୍ଳେଷା ନକ୍ଷତ୍ର ସତର୍କ ରହିବେ । ଆରାଧନା – ମହାଲକ୍ଷ୍ମୀ, ରଙ୍ଗ– ଲାଲ, ସଂଖ୍ୟା – ୩ ।

**ସିଂହ–** କଳହ, ମାନସିକ ଅବସାଦ, ଶତ୍ରୁଲାଗି ରହିବେ, ଉତ୍ସବ ପ୍ରତି ବିମୁଖ, ଅର୍ଥ ସମସ୍ୟା, ବାଣିଜ୍ୟରେ ସ୍ୱଳ୍ପଲାଭ, ଧର୍ମକାର୍ଯ୍ୟେ ଉତ୍ସାହ, ଶାରୀରିକ ସୁସ୍ଥ, ଦୂରଯାତ୍ରା, ବିଦ୍ୟାରେ ଅବନତି, ବନ୍ଧୁ ସାହାଯ୍ୟ, ମାଲିମକଦ୍ଦମାରେ ପଡିବେ । ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ । ଆରାଧନା – ମା ବଗଳାମୁଖି, ରଙ୍ଗ – ଧଳା, ସଂଖ୍ୟା– ୫ ।

**କନ୍ୟା–** କାର୍ଯ୍ୟେ ସଫଳ, ଅବସାଦରୁ ମୁକ୍ତି, ଅର୍ଥଲାଭ, ଭୂସମ୍ପତ୍ତି ଲାଭ,ଗୃହ ଉତ୍ସବ, ସହଯୋଗ ମିଳିବ, ବାଣିଜ୍ୟଲାଭ, ଦୂରଯାତ୍ରା, ଶତୃପରାଜିତ, ପିଲାଙ୍କ ଖୁସି, ସ୍ୱାସ୍ଥ୍ୟ ସମସ୍ୟା, ମନରେ ପ୍ରସନ୍ନତା, ଶୁଭ ଖବର । ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ । ଆରାଧନା – କୁବେର, ରଙ୍ଗ – ଗୋଲାପି, ସଂଖ୍ୟା – ୨ ।

**ତୁଳା–** ବିଶିଷ୍ଟ ବ୍ୟକ୍ତିଙ୍କ ସହ ସମ୍ପର୍କ, ଅର୍ଥ ସମସ୍ୟାରୁ ମୁକ୍ତି, ଲୋକ ସମ୍ପର୍କ ବୃଦ୍ଧି, କର୍ମ ପ୍ରତି ଆଗ୍ରହ, ବ୍ୟବସାୟରେ ଉନ୍ନତି, ଶୁଭକାର୍ଯ୍ୟେ ଆନନ୍ଦ, ଶରୀର ସୁସ୍ଥ, ଉନ୍ନତଚିନ୍ତା, କାର୍ଯ୍ୟ ସଫଳ, ରାଜ ଦଣ୍ଡରୁ ମୁକ୍ତି, ଶତୃପରାଜିତ, ଅଳ୍ପ ସମସ୍ୟା । ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ । ଆରାଧନା – ଭଗବାନ ଆଶୁତୋଷ, ରଙ୍ଗ – ଲାଲ, ସଂଖ୍ୟା – ୧ ।

**ବିଛା–** ଆକସ୍ମିକ ଲାଭ, ଶୁଭକାର୍ଯ୍ୟେ ଖର୍ଚ୍ଚ, ଦୂରଯାତ୍ରା, ଲୋକସମ୍ପର୍କ ବୃଦ୍ଧି, ଶତୃ ରହିବେ, ରାଜଦଣ୍ଡ, କର୍ମକ୍ଷେତ୍ରେ ସ୍ଥାନାନ୍ତର, ବ୍ୟବସାୟରେ ସ୍ୱଳ୍ପ ଲାଭ, ଆଶା ପୂରଣ, ବନ୍ଧ ଦର୍ଶନ, ଗୃହେ ସହୋଯୋଗ, ଆର୍ଥିକ ସମସ୍ୟା, ଶରୀର ସୁସ୍ଥ, କର୍ମପ୍ରତି ଆଗ୍ରହ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ । ଆରଧନା – ମା ଭଗବତୀ, ରଙ୍ଗ – ହଳଦୀ, ସଂଖ୍ୟା – ୯ ।

**ଧନୁ–** ଦ୍ରବ୍ୟପ୍ରାପ୍ତି, ଆର୍ଥିକ ଉନ୍ନତି, ବ୍ୟବସାୟରେ ଲାଭ, ଦେବତା ଭକ୍ତି, ଲୋକ ସମ୍ପର୍କ ବୃଦ୍ଧି, ସୁସ୍ୱାଦୁ ଭୋଜନ, ବିଦ୍ୟାରେ ଲାଭ, ଦୂରସ୍ଥାନକୁ ଯାତ୍ରା, ପରୋପକାର, ଦାମ୍ପତ୍ୟ ଖୁସି, ପରିବାରରେ ବିରୋଧ, ଶତୃରହିବେ, ଶରୀର ସୁସ୍ଥ । ପୂର୍ବାଷାଢା ନକ୍ଷତ୍ର ସତର୍କ ରହିବେ । ଆରାଧନା – ଲକ୍ଷ୍ମୀ ନାରାୟଣ, ରଙ୍ଗ – ମେରୁନ, ସଂଖ୍ୟା –୨ ।

**ମକର–** ପ୍ରିତୀହାନି, ମାନସିକ ଅବସାଦ, ବ୍ୟବସାୟ ମଧ୍ୟମ, ବନ୍ଧୁଗୃହେ ଉତ୍ସବ, ଶତୃପରାଭବ, ଗାଡି ଚାଳନାରେ ସାବଧାନ, ଶରୀର କଷ୍ଟ, କାର୍ଯ୍ୟରେ ବିଳମ୍ବ, ନ୍ୟାୟିକ ବ୍ୟବସ୍ଥାରେ ପଡିବେ , ଜମିଜମା ଗଣ୍ଡଗୋଳ, ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ । ଉତ୍ତରାଷାଢା ନକ୍ଷତ୍ର ସତର୍କ ରୁହନ୍ତୁ । ଆରାଧନା – ଦକ୍ଷୀଣକାଳୀ, ରଙ୍ଗ – ନୀଳ, ସଂଖ୍ୟା ୬ ।

**କୁମ୍ଭ–** ବନ୍ଧୁ ସାହାଯ୍ୟ, ଅର୍ଥ ସମସ୍ୟା, ଆକସ୍ମିକ ଦୁର୍ଘଟଣା, ବାଣିଜ୍ୟଲାଭ, ସ୍ୱଜନ ବିରୋଧ, ତିର୍ଥାଟନ, ବିଦ୍ୟାରେ ଲାଭ, ଲୋକସମ୍ପର୍କ ବୃଦ୍ଧି, ସନ୍ତାନ ଖୁସି, ଦାମ୍ପତ୍ୟ କଳହ, ଶରୀର ଅସୁସ୍ଥ, ନେତୃତ୍ୱରେ କଷ୍ଟ, ଋଣ କରିବେ । ପୂର୍ବାନକ୍ଷତ୍ର ସତର୍କ ରହିବେ । ଆରଧନା – ବୈଦନାଥ ଅଶ୍ୱିନ କୁମାର, ରଙ୍ଗ – କଳା, ସଂଖ୍ୟା – ୮ ।

**ମୀନ–** କର୍ମକ୍ଷେତ୍ରେ ସହଯୋଗ, ବନ୍ଧୁ ଦର୍ଶନ, ସମସ୍ୟା ସମାଧାନ, ବ୍ୟବସାୟରେ ଲାଭ, ଗୃହଶତ୍ରୁ ରହିବେ, କାର୍ଯ୍ୟପ୍ରତି ଏକାଗ୍ରତା, କିଛି କାର୍ଯ୍ୟେ ବିରୋଧ, ନୂତନ ନିଯୁକ୍ତି, ପରିଶ୍ରମ ରହିବ, ବିବାଦିତ ହେବେ, ସନ୍ତାନ ପ୍ରିତି । ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ । ଆରାଧନା – ମହାଲକ୍ଷ୍ମୀ, ରଙ୍ଗ – ଲାଲ, ସଂଖ୍ୟା – ୧୦ ।

ପଣ୍ଡିତ– ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮







କୋରାପୁଟରେ ପରବ-୨୦୨୫ ଅବସରରେ ଯୋଗ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ମମତାରାଣୀଙ୍କ ଦୁଇ ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର(ସବ୍ୟୁ): ଭିନ୍ନ ଏକ ସାହିତ୍ୟ ଆସରରେ ସୁଲେଖିକା ଡଃ.ମମତାରାଣୀ ନାୟକଙ୍କ ଗବେଷଣାତ୍ମକ ପୁସ୍ତକ ମୁଠାଏ ମାଟି କୁସୁମିତାର ଓ ଆଞ୍ଜୁଳାଏ ଜୀବନ ଏହି ଦୁଇଟି ପସ୍ତୁକ ବନଫୁଲ ପ୍ରକାଶନ ପକ୍ଷରୁ ଉନ୍ମୋଚିତ ହୋଇଛି । ଡଃ. ନାୟକ ଜଣେ ସୁପରିଚିତ ଲେଖିକା । ତାଙ୍କ ରଚିତ ମୁଠାଏ ମାଟି କୁସୁମିତାର ପୁସ୍ତକଟି ଆଦିବାସୀ ନେତା ବିପ୍ଳବୀ ଧରଣୀଧର ଭୂୟାଁଙ୍କ ଜୀବନୀ ଉପରେ ଆଧାରିତ । ଅନେକ ଗବେଷଣାତ୍ମକ ତଥ୍ୟ ଏହି ପୁସ୍ତକରେ ସନ୍ନିହିତ । ତାଙ୍କର ଦ୍ୱିତୀୟ ପସ୍ତୁକ ଆଞ୍ଜୁଳାଏ ଜୀବନ ଏକ ମନୋରଞ୍ଜନ କବିତା ସଂକଳନ ।

ରବିବାର ଜାତୀୟ ଅଭିଲେଖାଗାର ପ୍ରେକ୍ଷାଳୟରେ ପୁସ୍ତକ ଦୁଇଟିର ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମୟର ମୁଖ୍ୟ ସମ୍ପାଦକ ତଥା ସାହିତ୍ୟିକ ଗୁରୁକଲ୍ୟାଣ ମହାପାତ୍ର ଏବଂ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକା ଡଃ. ମନୋରମା ବିଶ୍ୱାଳ ମହାପାତ୍ର ଯୋଗ ଦେଇଥିଲେ । ଉଦଘାଟକ ଭାବେ ବରିଷ୍ଠ ସମ୍ବାଦିକ ତଥା କଥାକାର ଗୌରହରି ଦାସ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଳିତ ଓ ଅବସରପ୍ରାପ୍ତ ଆଇଏଏସ୍ ପ୍ରସନ୍ନ ଜେନା ଯୋଗ ଦେଇଥିଲେ । ସମ୍ମାନିତ ବକ୍ତା ଭାବେ ଜାତୀୟ ଅଭିଲେଖାଗାର ନିର୍ଦ୍ଦେଶକ ସତ୍ୟ ନାରାୟଣ ମିଶ୍ର ଯୋଗ ଦେଇଥିଲେ । ଲେଖିକା ଡଃ. ନାୟକ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ ।

ପ୍ରାରମ୍ଭରେ ପ୍ରକାଶକ ପବିତ୍ର ବ୍ରହ୍ମପୁତ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ରଶ୍ମିରେଖା ବେହେରା ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଲେଖିକାଙ୍କ ପତି, ଜଣେ ସୁଲେଖକ ତଥା ନାଲକୋରେ ଅବସ୍ଥାପିତ ଆଇଏଏସ୍ ପ୍ରଣବଜ୍ୟୋତି ନାଥ ଧନ୍ୟବାଦ ଦେଇଥିଲେ ।

## ଟିପିଡବ୍ଲୁଓଡିଏଲର ୩୩/୧୧ କେ.ଭି ଏଆଇଏସ୍ ପାୱାର ସବ-ଷ୍ଟେସନ୍ (ପିଏସ୍ଏସ୍) ଉଦଘାଟିତ

ଭୁବନେଶ୍ୱର (ସବ୍ୟୁ): ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ) ପକ୍ଷରୁ ଝାରସୁଗୁଡା ଜିଲ୍ଲାର ପୋଖରାସାଲେଠାରେ ଏକ ନୂତନ ଏବଂ ଉତ୍ସର୍ଗୀକୃତ ୩୩/୧୧ କେ.ଭି. ଏଆଇଏସ୍ ପାୱାର ସବ-ଷ୍ଟେସନ୍ (ପିଏସ୍ଏସ୍) କାର୍ଯ୍ୟକ୍ଷମ କରାଯାଇଅଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଲୋକସଭା ସାଂସଦ, ବରଗଡ଼, ପ୍ରଦୀପ ପୁରୋହିତ, ବିଧାୟକ, ଝାରସୁଗୁଡ଼ା, ଟଙ୍କଧର ତ୍ରିପାଠୀ, ଝାରସୁଗୁଡା ଜିଲ୍ଲାପାଳ ଚଭନ କୁନାଲ ମୋତିରାମ, ଆଇଏଏସ୍, ଜିଲ୍ଲା ପରିଷଦ, ଝାରସୁଗୁଡ଼ା, ବିଶ୍ୱରଞ୍ଜନ ନାୟକ ଏବଂ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମାଙ୍କ ଉପସ୍ଥିତିରେ ଏହି ସବ-ଷ୍ଟେସନଟିକୁ ଉଦଘାଟନ କରିଛନ୍ତି । ଏହି ଉଦଘାଟନୀ ସମାରୋହରେ ଟିପିଡବ୍ଲୁଓଡିଏଲର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ । ପ୍ରାୟ ୧୧ କୋଟି ଟଙ୍କା ବିନିଯୋଗରେ କାର୍ଯ୍ୟକ୍ଷମ ହୋଇଥିବା ଏହି ନୂତନ ସବ୍-ଷ୍ଟେସନ ଦ୍ୱାରା ମାଲିଡିହି, ଲାରିଆପାଲି, ବୈରାଗିଡିହି, ମୁଆପଡା, ରସଡଗା, ପୋଖରାସାଲେ, ଫରଦାପଡା, ଜାଗିଡିହି, ଜେନାପଡା, ଲୁରଡୁଙ୍ଗା, ଅମାଟି, ବୋଲଣା, ଗାଦଲପଡା, ଜୁଗିଆଡିହି ଏବଂ ଜେନାପଡା ଆଦି ଅଞ୍ଚଳର ପ୍ରାୟ ୫ ହଜାରରୁ ଅଧିକ ଘରୋଇ ଏବଂ ବାଣିଜ୍ୟିକ ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହୋଇପାରିବେ । ପୂର୍ବରୁ, ଏହି ଅଞ୍ଚଳଗୁଡ଼ିକୁ କୋଲାବିରା ପାୱାର ସବ-ଷ୍ଟେସନରୁ ବିଦ୍ୟୁତ୍ ଯୋଗାଣ କରାଯାଉଥିଲା ।

## ରାଜ୍ୟରେ ବଢ଼ିଲା ରାତିର ପାରଦ

# ଉପକୂଳରେ ଶୀତ ସାମାନ୍ୟ କମିଲା, ଆଭ୍ୟନ୍ତରୀଣରେ ୧୦° ତଳେ ପାରଦ

ଭୁବନେଶ୍ୱର(ସବ୍ୟୁ): ପଶ୍ଚିମାଝଡ଼ର ଆଗମନ ପ୍ରଭାବରେ ଉଷ୍ମ ଜଳୀୟବାଷ୍ପ ପୂର୍ଣ୍ଣ ସାମୁଦ୍ରିକ ବାୟୁର ପ୍ରବାହ ବୃଦ୍ଧି ହେତୁ, ରାତ୍ରି ତାପମାତ୍ରା ବଢ଼ିଛି । ଶୀତର ପ୍ରକୋପ ସାମାନ୍ୟ କମିଛି । ବାୟୁମଣ୍ଡଳର ତଳସ୍ତରରେ ଜଳୀୟବାଷ୍ପର ବୃଦ୍ଧି ସହ ଘନକୁହୁଡ଼ି ପାଇଁ ପାଗ ଅନୁକୂଳ ରହିଛି । ଫଳରେ ରାଜ୍ୟର ଉତ୍ତର ଏବଂ ଆଭ୍ୟନ୍ତରୀଣ ଭାଗରେ କୁହୁଡ଼ି ଦୃଶ୍ୟମାନ ହୋଇଥିଲା । ଆସନ୍ତାକାଲି (ସୋମବାର)ବି କହୁଡ଼ି ଅନୁଭୂତ ହେବା ସହିତ ଦିନ ତାପମାତ୍ରା ବଢ଼ିପାରେ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ କହିଛନ୍ତି, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝରେ ଏବଂ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଭାଗରେ ଘନକୁହୁଡ଼ି/ବାୟୁମଣ୍ଡଳର ନିମ୍ନଭାଗରେ ବାଦଲ ସମୂହର ଆସ୍ତରଣ ଯୋଗୁଁ କୋହଲା ପାଗ ଲାଗିରହିବା ସହ ଦିନ ତାପମାତ୍ରାରେ ଦୃଷ୍ଟାନ୍ତମୂଳକ ହ୍ରାସ ଘଟିବାର ସମ୍ଭାବନା ରହିଛ । ଏହାସହ ସମ୍ବଲପୁର, ଝାରସୁଗୁଡ଼ା, ଭଦ୍ରକ, ଅନୁଗୁଳ, ଦେବଗଡ଼, କଳାହାଣ୍ଡି, କନ୍ଧମାଳ ଓ କୋରାପୁଟ ଜିଲ୍ଲାର ସ୍ଥାନେ ସ୍ଥାନେ ସକାଳୁଆ ହାଲୁକା କୁହୁଡ଼ି ପଡ଼ିବାର ସମ୍ଭାବନା ଅଛି ।

କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୫.୬ ଡିଗ୍ରୀ ଥିବା ବେଳେ ସିମିଳିଗୁଡ଼ାରେ ୬.୭ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୭ ଡିଗ୍ରୀ, ଫୁଲବାଣୀରେ ୭ ଡିଗ୍ରୀ, କୋରାପୁଟରେ ୭.୬ ଡିଗ୍ରୀ, ନବରଙ୍ଗପୁରରେ ୯ ଡିଗ୍ରୀ, ଅନୁଗୁଳରେ ୯.୬ ଡିଗ୍ରୀ, ବୌଦ୍ଧରେ ୯.୪ ଡିଗ୍ରୀ, କିରେଇରେ ୧୦ ଡିଗ୍ରୀ, ରାଉରକେଲାରେ ୧୦.୫, ସୁନ୍ଦରଗଡ଼ରେ ୧୦.୬ ଡିଗ୍ରୀ, କଟକରେ ୧୨.୬ ଡିଗ୍ରୀ ଓ ଭୁବନେଶ୍ୱରରେ ୧୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଆଭ୍ୟନ୍ତରୀଣ ସମେତ ଉପକୂଳ ଓ ପଶ୍ଚିମ ଓଡ଼ିଶାରେ ରାତିର ପାରଦ ୨ରୁ ୪ ଡିଗ୍ରୀ ଯାଏଁ ବୃଦ୍ଧି ପାଇଛି ।

## ସିଦ୍ଧଗିରି ନୋଡାଲ୍ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବ

# ଆର୍ଥିକ ଅନଗ୍ରସର ବିଦ୍ୟାର୍ଥୀଙ୍କୁ ମାଗଣା ପଢ଼ାଇବ ଟେଟ୍ରାହେଡ୍ରନ ଗ୍ରୁପ୍

କଟକ, (ସବ୍ୟୁ) ଗୋବିନ୍ଦପୁର ସିଦ୍ଧଗିରି ନୋଡାଲ୍ ବିଦ୍ୟାପୀଠର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ମଞ୍ଚରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟାଙ୍ଗିସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ୍ର ପ୍ରତିଷ୍ଠାତା ତ୍ରିଦେବ ବେହେରା ଉକ୍ତ ବିଦ୍ୟାଳୟରୁ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇ ଟେଟ୍ରାହେଡ୍ରନ୍କୁ ଗୌରବମଣ୍ଡିତ କରି ଆଜି ଡାକ୍ତର,ଶିକ୍ଷକ ଆଦି ପଦବୀ ରେ ଅଧିଷ୍ଠିତ ହୋଇଛନ୍ତି,ତାହାର ସ୍ମୃତିଚାରଣ କରିଥିଲେ। ଆଗାମୀ ଦିନରେ ସିଦ୍ଧଗିରି ରୁ ସଫଳତାର ସହ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଆର୍ଥିକ ଦୁର୍ବଳଶ୍ରେଣୀର ବିଦ୍ୟାର୍ଥୀଙ୍କୁ ମୁକ୍ତ ଓ ଅବାଧଶିକ୍ଷା ପ୍ରଦାନରେ ସହାୟକ ହେବେ ବୋଲି ଘୋଷଣା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତଥା ପୁରାତନ ଛାତ୍ର, ସମାଜସେବୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ବିଦ୍ୟାଳୟରେ ନିଜର ଛାତ୍ରାବସ୍ଥାର ସ୍ମୃତିଚାରଣ ସହ ଏକଦା ଅବହେଳିତ ଏଇ ବାଣୀପୀଠ ସାଂସଦ ବୈଜୟନ୍ତ ଜୟ ପଣ୍ଡାଙ୍କ ଦ୍ୱାରା ପ୍ରଦତ୍ତ ଅନୁଦାନରେ ୨୦୦୯ ମସିହା ଠାରୁ କ୍ରମାଗତ ଉନ୍ନତିର ପାହାଚ ଚଢି ଆଜି ଉନ୍ନତ ଭିତ୍ତିଭୂମି ର ନିକଟତର ହୋଇଛି ବୋଲି କହିଥିଲେ। ବିଦ୍ୟାଳୟରେ ଏକ ସମ୍ମିଳନୀ କକ୍ଷ ନିର୍ମାଣ ପାଇଁ ସଭାର ଅନୁରୋଧକୁ ସମ୍ମାନ ଜଣାଇ ସେଥିପାଇଁ ନିଶ୍ଚିତ ପ୍ରୟାସ ଜାରି ରଖିବେ ବୋଲି କହିଥିଲେ। ମୁଖ୍ୟବକ୍ତା ସ୍ଥାନୀୟ ସରପଞ୍ଚ ସୁଜାତା ହାତୀ ଶିକ୍ଷାର୍ଥୀ-ଶିକ୍ଷକ - ଅଭିଭାବକ ଙ୍କ ମଧ୍ୟରେ ନିରନ୍ତର ସଂପର୍କ ର ଆବଶ୍ୟକତା ଉପରେ ମତ ରଖିଥିଲେ।ସମ୍ମାନିତ ଅତିଥି କ୍ଷେତ୍ରବାସୀ ତ୍ରିପାଠୀ ଶ୍ରଦ୍ଧା , ଭକ୍ତି ଓ ବିଶ୍ୱାସ ତଥା ସ୍ୱଷ୍ଟବାଦିତା କୁ ଶିକ୍ଷାର ମୂଳ ମନ୍ତ୍ର ରୂପେ ଅଭିହିତ କରିଥିଲେ।



ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ମଧୁସୂଦନ ପାଲ୍ ଶିକ୍ଷା ଓ ଶିକ୍ଷାୟତନ ର ଉନ୍ନତି ପାଇଁ ସମସ୍ତେ ମିଳିତ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ । କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ବେହେରା ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ଗୋଷ୍ଠୀ ବିବାଦରୁ ବୋମା ମାଡ଼ : ୧୦ ଗଲେ ଜେଲ

ସାକ୍ଷୀଗୋପାଳ , (ସବ୍ୟୁ): ସାକ୍ଷୀଗୋପାଳରେ ଦୁଇ ଗୋଷ୍ଠୀ ମଧ୍ୟରେ ଲାଗିଥିବା ପୂର୍ବ ବିବାଦକୁ କେନ୍ଦ୍ର କରି ଶନିବାର ଦିନ ବୋମା ଫିଙ୍ଗା ଘଟଣାରେ ଦୁଇ ଗୋଷ୍ଠୀର ୧୦ ଜଣ ଅଭିଯୁକ୍ତଙ୍କୁ ସତ୍ୟବାଦୀ ପୋଲିସ ଗିରଫ କରି ରବିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି । ଘଟଣାକୁ ନେଇ ସତ୍ୟବାଦୀ ଥାନାରେ ୪୪୮/୨୫ ଓ ୪୪୯/୨୫ ରେ ଦୁଇଟି ମାମଲା ରୁଜୁ କରାଯାଇଛି । ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ କିଛି ଅଭିଯୁକ୍ତ ଏବେବି ଫେରାର ରହିଛନ୍ତି । ଅଭିଯୁକ୍ତ ମାନେ ବ୍ୟବହାର କରୁଥିବା ଏକ ହୁଣ୍ଡାଇ ଆଇ ଟେନ କାର ନମ୍ବର ଓଡ଼ି୦୨ ଏ ୨୧୬୯ , ଏକ କଳା ରଙ୍ଗର ଥର କାର ଓ ୦୨ ବିପି ୯୧୦୦ , ଏକ ହଳଦିଆ ରଙ୍ଗର ବୁଲେଟ ଓଡ଼ି ୦୨ ସିଜି ୪୧୮୫ , ଏକ କଳା ରଙ୍ଗର ବୁଲେଟ ଓଡି ୩୪ ଏ ୬୩୫୫ କୁ ପୋଲିସ ଜବତ କରିବା ସହ ଏକ ଜୀବନ୍ତ ବୋମା ଓ କିଛି ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି ବୋଲି ରବିବାର ସନ୍ଧ୍ୟାରେ ସତ୍ୟବାଦୀ ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିପିଲି ଏସଡିପିଓ ଦେବାଶିଷ ମିଶ୍ର ଓ ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି । ପୋଲିସ ଦେଇଥିବା ସୂଚନା ଅନୁଯାୟୀ ଗତ ୧୮ ତାରିଖରେ ପୂର୍ବ ବିବାଦକୁ କେନ୍ଦ୍ର କରି ଆଶିଷ ଶତପଥୀ ଙ୍କ ଗ୍ରୁପର କିଛି ସମର୍ଥକ ଓ ନାଗାର୍ଜୁନ ସେନାପତିଙ୍କ ଗ୍ରୁପର କିଛି ସମର୍ଥକଙ୍କ ମଧ୍ୟରେଏକ ଝଗଡାର ସୂତ୍ରପାତ ହୋଇଥିଲା । ପରେ ଏହି ଝଗଡା ଉଗ୍ରରୂପ ଧାରଣ କରି ଆଶିଷ ଶତପଥୀଙ୍କ ଗ୍ରୁପର ସମର୍ଥକ ବନପୁର ସ୍ଥିତ ନାଗାର୍ଜୁନ ସେନାପତିଙ୍କ ଅଫିସ ପାଖରେ ବୋମା ମାଡ଼ କରିଥିଲେ । ଏହାକୁ ଆକ୍ରୋସ ଭାବରେ ରଖି ଗତ ଶନିବାର ସନ୍ଧ୍ୟାରେ ସମୟରେ ନାଗାର୍ଜୁନ ସେନାପତି ଓ ତାଙ୍କ ସହଯୋଗୀ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ନିକଟରେ ଥିବା ଏକ ଦୋକାନ ଉପରକୁ ଦୁଇଟି ବୋମା ପକାଇଥିଲେ ।ଏଥିରେ ଦୋକାନର କ୍ଷୟକ୍ଷତି ହୋଇଥିଲା । ତେଣୁ ପୁରୀ ଏସପିଙ୍କ ତ%୦ାବଧାନରେ ପୃଥକ ପୃଥକ ପୋଲିସ ଟିମ ଗଠନ କରି ବିଭିନ୍ନ ସ୍ଥାନ ଚଢ଼ାଉ କରାଯାଇଥିଲା । ଗିରଫ ହୋଇଥିବା ଆଶିଷଙ୍କ ଗ୍ରୁପର ସଦସ୍ୟ ମାନେ ହେଲେ ସତ୍ୟବାଦୀ ଥାନା ଅଞ୍ଚଳର ସୁଶୀଲ କୁମାର ସାହୁ , ଆଶିଷ ଶତପଥୀ , ଚନ୍ଦନ ପୁର ଥାନା ଦାମୋଦରପୁର ସୁଭମ ସାହୁ , କଣାସ ଥାନା ଅଞ୍ଚଳର ଅଭିରାମ ସୁନ୍ଦର ଛୋଟରାୟ । ସେହିଭଳି ନାଗାର୍ଜୁନ ସେନାପତିଙ୍କ ଗୋଷ୍ଠୀର ଅବିନାଶ ସାମନ୍ତ ରାୟ , ପ୍ରଦୀପ ବେହେରା , ବିଶ୍ୱଜିତ ବିଶ୍ୱାଳ , ସୁରଜ ବିହାରୀ , ପ୍ରଦୀପ ଦଳେଇ , ଏ ସମସ୍ତେ ସତ୍ୟବାଦୀ ଥାନା ଅଞ୍ଚଳର ହୋଇଥିବା ବେଳେ ଆଦର୍ଶ ନାରାୟଣ ପ୍ରଧାନ ଦେଲାଙ୍ଗ ଥାନା ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଛି ।ଅଭିଯୁକ୍ତମାନଙ୍କୁ ପୁରୀ କୋର୍ଟ ରେ ହାଜର କରାଯାଇଥିଲା । ଜାମିନ ନା ମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ପୁରୀ ଜେଲକୁ ପଠାଇ ଦିଆଯାଇଛି ।



# ବିଭୂତି ଭୂଷଣ ମୁଦୁଲି ନନ୍ଦନକାନନ ଥାନା ଅଧିକାରୀ

ବାରଙ୍ଗ ,(ସବ୍ୟୁ): ନନ୍ଦନକାନନ ଥାନରେ ନୂଆ ଆଇଆଇସି ଭାବେ ବିଭୂତି ଭୂଷଣ ମୁଦୁଲି ବୁଧବାର ଦିନ ଯୋଗଦେଇଛନ୍ତି। ସେ ଗତ ଅକେଫାବର ମାସରେ ଇନସିପେକଫର ଭାବେ ପଦୋନ୍ନତି ପାଇଥିଲେ। ପଦୋନ୍ନତି ପାଇବା ପୂର୍ବରୁ ସେ ପାହଲଥାନାରେ ସବ - ଇନ୍ସପେକଫର ଭାବେ ଥିଲେ। ମଙ୍ଗଳବାର ଦିନ ନୂଆ ଥାନାଧିକାରୀ ଥାନାରେ ପହଞ୍ଚିବା ପରେ ଥାନା ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏଠାରେ ଥିବା ଆଇଆଇସି ଦୟାନିଧି ନାୟକଙ୍କୁ ମଞ୍ଚେଶ୍ୱର୍ ଥାନାକୁ ବଦଳି ହୋଇଛି। ତେବେ ଥାନାଧିକାରୀ ଭାବେ ଶ୍ରୀ ବିଭୂତି ଯୋଗ ଦେବା ପରେ ଉକ୍ତ ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରିବା ତଥା ଅପରାଧିକ କାର୍ଯ୍ୟକଳାପରୁ ମୁକ୍ତ କରିବା ପାଇଁ ଧ୍ୟାନ ଦେବା ସହିତ ଏହି ଅଞ୍ଚଳର ଜନସାଧାରଣଙ୍କୁ ଆଇନ ଓ ନ୍ୟାୟର ସେବା ଯୋଗାଇବା ପାଇଁ ଜନସାଧାରଣମାନେ ଆଶାବାଦୀ ଅଛନ୍ତି । ନୂତନ ଥାନାଧିକାରୀ ଯୋଗ ଦେବା ପରେ ଏହାକୁ ଦମନ କରିବା ପାଇଁ ଥାନା ଅଧିକାରୀ ଏ ଦିଗରେ ଦୃଷ୍ଟି ଦେବା ସହିତ ଅଂଚଳରେ କିଭଳି ଶାନ୍ତି ଶୃଙ୍ଖଳା ରକ୍ଷା କରାଯିବ ଏବଂ ଲୋକମାନଙ୍କୁ ନ୍ୟାୟ ପାଇବା ପାଇଁ ଥାନାକୁ ଯେପରି ବାରମ୍ବାର ଧାଇଁବାକୁ ନ ପଡିବ ସେଥିପ୍ରତି ସେ ବିଶେଷ ଗୁରୁତ୍ୱ ଦେବେ ବୋଲିପାଇଁ ସାଧାରଣରେ ମତ ପ୍ରକାଶ ପାଇଛି।

## ବଡଚଣାରେ ଅଫିସର ମରୁଡି

# ଥାନା, ଡାକ୍ତରଖାନା ଓ ବିଇଓ ଅଫିସରେ ଦୀର୍ଘଦିନ ହେବ ଅଧିକାରୀ ନାହାନ୍ତି

ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲାର ସବୁଠାରୁ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ବିଧାନସଭା କ୍ଷେତ୍ର ଭାବେ ବଡ଼ଚଣାର ଜଣାସୁଣା ।ଗୋଟିଏ ବ୍ଲକ ଓ ଗୋଟିଏ ତହସିଲକୁ ନେଇ ଏହି ବିଧାନସଭା କ୍ଷେତ୍ରରେ ୪୩ ପଞ୍ଚାୟତ ରହିଛି। ସୁଦୀର୍ଘ ଜାତୀୟ ରାଜପଥ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଓ ସମସ୍ୟାରେ ଭରପୁର ଥିବାରୁ ଏହି କ୍ଷେତ୍ରକୁ ଜିଲ୍ଲାରେ ସବୁମତେ ଗୁରୁତ୍ୱ ଦିଆଯାଇଥାଏ। ହେଲେ ଏବେ ଏହି କ୍ଷେତ୍ର ଜିଲ୍ଲା ଓ ରାଜ୍ୟ ପ୍ରଶାହନ ଦ୍ୱାରା ଅବହେଳିତ ହେଉଥିବା ଆଲୋଚନା ହେଉଛି। ଏହି କ୍ଷେତ୍ରରେ ତିନିଗୋଟି ପ୍ରମୁଖ ସରକାରୀ କାର୍ଯ୍ୟାଳୟରେ ଦୀର୍ଘ ଦିନହେବ ମୁଖ୍ୟ ଅଧିକାରୀଙ୍କ ପଦବି ଖାଲି ପଡ଼ିଥିଲେ ମଧ ତାହାକୁ ପୁରଣ କରିବାରେ କାହାରି ଆନ୍ତରିକତା ନାହିଁ।ଜିଲ୍ଲାର ସବୁଠାରୁ ସମ୍ବେଦନଶୀଳ କୁହାଯାଥିବା ବଡ଼ଚଣା ଥାନାରେ ଦୀର୍ଘ ସମୟ ହେବ ଥାନା ଅଧିକାରୀ ନଥିବାରୁ ଏହି କାର୍ଯ୍ୟାଳୟ କା'ରେ ଚାଲିଛି। ଫଳରେ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲାର ତଦନ୍ତରେ ସ୍ଥାଣୁତା ପରିଲକ୍ଷିତ ହେଉଛି। ସେହିପରି ବ୍ଲକ ଶିକ୍ଷାମଣ୍ଡଳ କାର୍ଯ୍ୟାଳୟରେ ସ୍ଥାୟୀ ଭାବେ କେହି ଅଧିକାରୀ ନାହାନ୍ତି। ଜଣେ ବିଇଓ ବଡଚଣା ଓ ଧର୍ମଶାଳା ବ୍ଲକ ଦାୟିତ୍ୱରେ ଥିବାରୁ ବହୁ ସମୟରେ ସ୍କୁଲ ଶିକ୍ଷାରେ ବିଭ୍ରାଟ ଉପୁଯୁଛି। ଜାତୀୟ ରାଜପଥ ପାର୍ଶ୍ୱରେ ଥିବାରୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଗୁରୁତ୍ୱ ଯଥେଷ୍ଟ ରହିଛି। ପ୍ରତ୍ୟେକ ଦିନ ରାସ୍ତା ଦୁର୍ଘଟଣାରେ ଆହତ ରୋଗୀମାନେ ଏହି ଡାକ୍ତରଖାନା ଉପରେ ନିର୍ଭର କରି ଏଠାକୁ ଆସନ୍ତି । ହେଲେ ଏଠାରେ ଦୀର୍ଘ ଦିନ ହେବ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଅନେକ ଡାକ୍ତର ଓ କର୍ମ।ଚାରୀଙ୍କ ପଦବୀ ଖାଲି ପଡିଛି। ଫଳରେ ବହୁ ସମୟରେ ଉକ୍ତ ଡାକ୍ତରଖାନାରେ ଅଚଳାବସ୍ଥା ସୃଷ୍ଟି ହେବାସହିତ ରୋଗି ସେବାରେ ନାନାଦି ବିଭ୍ରାଟ ଦେଖାଦେଇଛି। ବଡ଼ଚଣା ଥାନାରେ ଦୀର୍ଘ ଦିନହେବ। ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ସୁରେନ୍ଦ୍ରକୁମାର ଜେନାଙ୍କୁ ଥାନା ଅଧିକାରୀ ଦାୟିତ୍ୱରେ ରଖାଯାଇଛି। ଦୀର୍ଘ ମାସ ମାସ ଧରି ଏହିସବୁ ଦପ୍ତର ଗୁଡିକରେ ମୁଖ୍ୟ ଅଧିକାରୀଙ୍କ ପଦବୀ ଖାଲି ପଡିଥିବା ସତ୍ୱେ ଏହାକୁ ପୁରଣ କରାଯିବା ପାଇଁ କେହି ଉପଯୁକ୍ତ ପଦକ୍ଷେପ ନେଉନଥିବା ସାଧାରଣରେ ଅଭିଯୋଗ ହୋଇଜଛି। ବିଭିନ୍ନ ସମୟରେ ଏହିହବୁ ପଦବୀ ପୁରଣ କରାଯିବାକୁ ଲୋକେ ଦାବି କରି ଆସୁଥିଲେ ମଧ ସରକାରୀ ସ୍ତରରେ ଲୋକମାନଙ୍କ ଦାବିକୁ ଅଣଦେଖା କରାଯାଉଥିବା ଆଲୋଚନା ହେଉଛି। ବଡଚଣାର ଏହିସବୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ଦପ୍ତର ଗୁଡିକରେ ଖାଲି ପଡିଥିବା ମୁଖ୍ୟ ଓ ଅନ୍ୟ ସହକାରୀ ପଦବୀ ଗୁଡିକୁ ପୁରଣ କରାଯିବା ପାଇଁ ସାଧାରଣରେ ଦାବି ହୋଇଛି।

## ମଙ୍ଗଳା ମନ୍ଦିର ହୁଣ୍ଡୀରୁ ମିଳିଲା ୨୫ .୭୩ ଲକ୍ଷ

କାକଟପୁର ,(ସବ୍ୟୁ): ପୁରୀଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ମନ୍ଦିରରେ ଥିବା ୨ ଗୋଟି ହୁଣ୍ଡୀ ଶୁକ୍ରବାର ଖୋଲାଯାଇ ଗଣତି କରାଯିବା ପରେ ୫୦୦ ଟଙ୍କିଆ ନୋଟ ୨୦୧୩ ଖଣ୍ଡ, ୨୦୦ ଟଙ୍କିଆ ନୋଟ ୧୧୦୨ ଖଣ୍ଡ, ୧୦୦ ଟଙ୍କିଆ ନୋଟ ୮୦୭୯ ଖଣ୍ଡ, ୫୦ ଟଙ୍କିଆ ନୋଟ ୭୮୬୮ ଖଣ୍ଡ, ୨୦ ଟଙ୍କିଆ ନୋଟ ୫୮୨୨ ଖଣ୍ଡ, ୧୦ ଟଙ୍କିଆ ନୋଟ ୨୮୫୭ ଖଣ୍ଡ ଏବଂ ୫ ଟଙ୍କିଆ ନୋଟ ୭ ଖଣ୍ଡ ଏହିଭଳି ଭାବେ ମୋଟ ୨୫ଲକ୍ଷ, ୭୩ହଜାର,୨୪୫ ଟଙ୍କା ସଂଗ୍ରହ କରାଯାଇଛି । ରେଜା ଟଙ୍କା ଗଣତି ହୋଇ ପାରିନାହିଁ । ଏହି ଗଣତି ସମୟରେ ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ,କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ,ଇନସିପେକଫର ଗୌରୀଶଙ୍କର ସେଠୀ, ସ୍ଥାନୀୟୟୁକୋ ବ୍ୟାଙ୍କର କୋଷାଧକ୍ଷ ଦିଲ୍ଲୀପ କୁମାର ମୁଦୁଲି,ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡର ଉପଦେଷ୍ଟା ତୁଷାର ରଞ୍ଜନ ଦୀକ୍ଷିତ,କୋଷାଧକ୍ଷ ପ୍ରଭାତ ସିଂ, ପୂଜାପଣ୍ଡା ସେବକ ରଘୁନାଥ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ । ସଂଗ୍ରହ କରାଯାଇଥିବା ସମସ୍ତ ଟଙ୍କା ସ୍ଥାନୀୟୟୁକୋ ବ୍ୟାଙ୍କ ମନ୍ଦିର ଟ୍ରଷ୍ଟ ବୋର୍ଡ ଜମା ଖାତାରେ ଜମା କରାଯାଇଥିଲା । ଭକ୍ତଙ୍କ ଏହି ଦାନ ଅର୍ଥ ମଙ୍ଗଳା ମନ୍ଦିର ର ଆଭ୍ୟନ୍ତରୀଣ ଉନ୍ନତି ପାଇଁ ବିନିଯୋଗ କରାଯିବ ।

# ଏ.ପି.ବି ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ



କଟକ,(ସବ୍ୟୁ): ସିଡିଏ ସେକ୍ଟର-୭ ସ୍ଥିତ ଏପିବି ଇଣ୍ଟରନେସନାଲ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ ୱିନଫେଷ୍ଟ ୨୦୨୫-୨୬" ସ୍କୁଲ ପରିସରରେ ରବିବାର ଅପରାହ୍ନରେ ମହାସମାରୋହରେ ପାଳିତ ହୋଇଯାଇଛି । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଚୌଧୁରୀ ପ୍ରଜ୍ଞା ମିଶ୍ରଙ୍କ ପୌରହିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରମୁଖ ସଚିବ ସଂଗ୍ରାମଜିତ ନାୟକ ଏବଂ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପିକା ଡ଼ ଦୀପ୍ତି ପଣ୍ଡା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଶୃଙ୍ଖଳାର ସହିତ ଅଧ୍ୟୟନ କରି ଭଲମଣିଷ ହେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ପିଲାମାନଙ୍କ ଦ୍ୱାରା ଆୟୋଜିତ ମନୋରଞ୍ଜନ କାର୍ଯ୍ୟକ୍ରମ ବେଶ ଚିତାକର୍ଷକ ହୋଇଥିଲା । । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ମେଡାଲ ଅତିଥିମାନେ ପ୍ରଦାନ କରିଥିଲେ । ସ୍କୁଲର ପରିଚାଳନା ନିର୍ଦ୍ଦେଶିକା ପ୍ରୀତି ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତା ପୂର୍ବକ ପରିବେଷଣ କରାଯାଇଥିଲା । ଶେଷରେ ଉପାଧ୍ୟକ୍ଷା ଇନ୍ଦୁମତୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।







ବଡଦିନ ପାଇଁ ସରଗରମ ହେଲାଣି ବଜାର

### ଅତିରିକ୍ତ ଜମାରାଶି ବୃଦ୍ଧିକୁ ପ୍ରତ୍ୟାହାର କରାଯାଉ

# ଧାନ କିଣାରେ ସରକାରଙ୍କ ଟାଳଟୁଳ ନୀତି : କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ଟାଟା ପାୱାରର ଶୋଷଣ, ଏମଜିଏନଆରଇଜିଏସ ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ପରିବର୍ତ୍ତନ ତିନି ଗୁରୁତର ସମସ୍ୟାକୁ ନେଇ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ସମ୍ମିଳନୀରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଲେ ଭକ୍ତ ଦାସ କହିଲେ ଟାଟା ପାଓ୍ୱାର ଅତିରିକ୍ତ ଜମାରାଶି ତଥା ମିଟର ଏବଂ ବିଲରେ ଚଞ୍ଚକତା କରି ସାଧାରଣ ଜନତାଙ୍କୁ ଶୋଷଣ କରୁଛି, ତେଣୁ ଏହାର ବିରୁଦ୍ଧରେ କଂଗ୍ରେସ ଏକ ଜନ ଜାଗରଣ ଆରମ୍ଭ କରିବ । ଜି ରାମ ଜି ପ୍ରତ୍ୟାହାର କରିବାକୁ ପଡିବ । ଦଳିତ, ଆଦିବାସୀ ଓ ପଛୁଆ ଗରିବ ଲୋକମାନେ କାମ ଅନ୍ବେଷଣ ହେଉଥିଲେ ତାଙ୍କର ଅବସ୍ଥା ଦୟନୀୟ ଥିଲା କିନ୍ତୁ ରାଇଟ ଟୁ ୱାର୍କରେ ୟୁପିଏ-୧ ରୁ ୨୦୧୪ ପର୍ଯ୍ୟନ୍ତ ସୋନିଆ ଗାନ୍ଧୀ କଂଗ୍ରେସର ସଭାପତି ଥିଲେ ଓ ନ୍ୟାସନାଲ ଏଡ଼ ଭାଇଜରି



କମିଟିରେ ରାଜ୍ୟର ତଥା ଦେଶର ସମସ୍ତ ଲୋକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତ ଓ ସମସ୍ତଙ୍କୁ କର୍ମଯିବି କରିବା ପାଇଁ ଗୋଟିଏ ରଚନାତ୍ମକ କାର୍ଯ୍ୟକ୍ରମ ଯେଉଁଟା ଗାନ୍ଧିଜୀଙ୍କ ନିର୍ଦ୍ଦେଶ ତଥା ରଚନାବଳି ଅନୁସାରେ ମହାତ୍ମା ଗାନ୍ଧୀଙ୍କ ନାମରେ ଦିଆଯାଇଥିଲ । ସେଥିରେ ସମସ୍ତ ଦେଶ ବାସି ଖୁସି ହେଇଥିଲେ । ପ୍ରତ୍ୟେକ ଜିଲ୍ଲା ମୁଖ୍ୟାଳୟରେ ୨୬ ଡିସେମ୍ବର ଦିନ ରାଲି ହେବ ଏବଂ ଟାଟା କମ୍ପାନୀ ବିରୁଦ୍ଧରେ ସାଧାରଣ ସଭା ହେବ ଓ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦିଆଯିବ । ଡିସେମ୍ବର ୩୦ ଆଗରୁ ଅତିରିକ୍ତ ଜମା ରାଶିକୁ ପ୍ରତ୍ୟାଖାନ କରିବାକୁ ପଡିବ । ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ଓଡିଶା ଜନତାଙ୍କ ସାଙ୍ଗେ ରାଜ୍ୟ ସରକାର ଠିଆ ହୁଅନ୍ତୁ । ନଚେତ ଆଇନ ଅମାନ୍ୟ ଆରମ୍ଭ ହେବ ଏବଂ ଯେତେବେଳ ପର୍ଯ୍ୟନ୍ତ ଟାଟା କମ୍ପାନୀ ବିଦା ହେବ ନାହିଁ ସେତେବେଳ ପର୍ଯ୍ୟନ୍ତ ସେ ଆନ୍ଦୋଳନ ଚାଲିବ ଏବଂ ଡିସେମ୍ବର ୨୯ ରେ ଯେତେ ବିଜୁଳି ବିଭାଗ ଅଛି ତାକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରାଯିବ । ୨୨ ତାରିଖରେ ପ୍ରତ୍ୟେକ ଜିଲ୍ଲା ରେ ପଦଯାତ୍ରା ମାଧ୍ୟମରେ ସମସ୍ତ କର୍ମକର୍ତା ମାନଙ୍କୁ ନେଇ ମହାତ୍ମା ଗାନ୍ଧୀ ନରେଗାକୁ ଯେଉଁ ପରିବର୍ତନ କରିଛନ୍ତି ତାକୁ ଭାରତ ସରକାର ପ୍ରତ୍ୟାହାନ କରନ୍ତୁ ବୋଲି ଆନ୍ଦୋଳନ କରାଯିବ ବୋଲି ଶ୍ରୀ ଦାସ ଦୃଢୋକ୍ତି ପ୍ରକାଶ କରିଛନ୍ତି । ସମ୍ମିଳନୀର ଅନ୍ୟତମ ସଦସ୍ୟ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଲେ ଯେ, ଯଦି କଂଜପସନ ଅଧିକ ହେଲା ବିଲ୍ ବଢିବ ନଚେତ କମିବ । ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ମଧ୍ୟ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ମତ ରଖିଥିଲେ । କୃଷକଙ୍କ ଉତ୍ପାଦିତ ଧାନ କିଣାରେ ବ୍ୟାପକ ଅବହେଳା ଯୋଗୁଁ ଚାଷୀ ରାସ୍ତାରେ ଧାରଣାରେ ବସିଛି ଏବଂ ମିଲର ଟଙ୍କା ଗଣୁଛି । ଅନ୍ୟ ନେତୃତ୍ୱଙ୍କ ସହ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶରତ ରାଉତ ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର ଯୋଗଦେଇ ନିଜ ବ୍ୟକ୍ତବ୍ୟ ରଖିଥିବାବେଳେ ମିଡ଼ିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ସାମ୍ବାଦିକ ସମ୍ମିଳନୀ ପରିଚାଳନା କରିଥିଲେ ।

## ଜଟଣୀ ପଥ ଉତ୍ସବ : ଶୀତୁଆ ସକାଳରେ ମଜା ନେଲେ ଜନସାଧାରଣ




ଜଟଣୀ (ସବ୍ୟୁ) : ରାଜଧାନୀ ଭୁବନେଶ୍ୱରରେ କିଛିବର୍ଷ ପୂର୍ବେ ଅନୁଷ୍ଠିତ ହେଉଥିବା ରାହାଗିରି କାର୍ଯ୍ୟକ୍ରମ ଢାଞ୍ଚାରେ ପ୍ରଥମ ଥର ପାଇଁ ଜଟଣୀ ସହରରେ ଜଟଣୀ ବିକାଶ ପରିଷଦ ଅନୁଷ୍ଠାନର ପରିଚାଳନାରେ ଜାତୀୟ ପୁରସ୍କାର ପ୍ରାପ୍ତ ଅଭିନେତା ତଥା ସମାଜ ବିଜ୍ଞାନୀ ଡଃ.ରୁଷି ପଟ୍ଟନାୟକଙ୍କ ସଂଯୋଜନା କ୍ରମେ ଅନୁଷ୍ଠିତ ହୋଇଯାଇଛି ପଥ ଉତ୍ସବ । ପଥ ଉତ୍ସବର ଅଧ୍ୟକ୍ଷ ତଥା ଖୋରଧା ଜିଲା ବିଜେପି ସଭାପତି ବିଶ୍ୱରଂଜନ ବଡ଼ଜେନା ପୂର୍ବ ରାତିରୁ ଉପସ୍ଥିତ ରହି ଜନସାଧାରଣ କିପରି ମନୋରଞ୍ଜନ କରିପାରିବେ ସେ ଦିଗରେ ସମ୍ପୂର୍ଣ୍ଣ ଧ୍ୟାନ ଦେଇଥିଲେ ଉଦ୍ଧେଶ୍ୟ ଥିଲା ମୁଖ୍ୟତଃ ଲୁକ୍କାୟିତ ପ୍ରତିଭା ଓ ଅନ୍ୟ କଳାକାର ନିଜ ନିଜର ପ୍ରତିଭା ପ୍ରତିପାଦନ କରିବା ପାଇଁ ସୁଯୋଗ ପାଇପାରିବେ । ଏହି କାର୍ଯ୍ୟକ୍ରମରେ ଜଟଣୀ ଅଞ୍ଚଳର ଜନସାଧାରଣ ମାନେ କଳା, ସଂସ୍କୃତି, ଶିକ୍ଷା, କ୍ରୀଡା, ସ୍ୱାସ୍ଥ୍ୟ ସେବା, ଯୋଗ, ସାଇକେଲ, ସ୍କେଟିଂ ପଦଯାତ୍ରା କରିବା ସହିତ ସଚେତନତା କାର୍ଯ୍ୟକ୍ରମ ରେ ଭାଗ ନେଇଥିଲେ । ଏହି ଉତ୍ସବରେ ଅତିଥି ଭାବେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ କ୍ଷ କାର୍ଯ୍ୟକ୍ରମକୁ ଜଟଣୀ ବିକାଶ ପରିଷଦର ସଭାପତି ସୁଦର୍ଶନ ସୁନ୍ଦରାୟ, ସମ୍ପାଦକ ବିଜୟ ଛୋଟରାୟ, ସାଂସଦଙ୍କ ପ୍ରତିନିଧି ସତୀଶ ଶର୍ମା, ଯୁବ ନେତା ସବ୍ୟସାଚୀ ଦାସ, ପ୍ରଶାନ୍ତ କୁମାର ବେହେରା, ମନୋଜକୁମାର ସ୍ୱାଇଁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରାଜଧାନୀରେ ମହିଳା ଅସୁରକ୍ଷିତ : ନବୀନ

ଭୁବନେଶ୍ୱର(ସବ୍ୟୁ): ମହିଳାଙ୍କ ପାଇଁ ଅସୁରକ୍ଷିତ ହେଉଛି ରାଜ୍ୟ ରାଜଧାନୀ ଭୁବନେଶ୍ୱର । ପୁଣି କଳଙ୍କ ମୁଣ୍ଡାଇଛି ଓଡ଼ିଶା । କେବେ ଆଉ ଚେତିବ ବିଜେପି ସରକାର? ଏଭଳି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ।

ଶ୍ରୀ ପଟ୍ଟନାୟକ ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି, ଦିନଦ୍ୱିପ୍ରହରେ ପୁଣି ଜଣେ ନାବାଳିକା ଭୁବନେଶ୍ୱରରେ ଗଣଦୁଷ୍କର୍ମର ଶିକାର ହେବା ଅତ୍ୟନ୍ତ ସ୍ୱର୍ଶକାତର ବିଷୟ । କୁଆଡ଼େ ଯାଇଛି ଆଇନଶୃଙ୍ଖଳା? ଲୋକଙ୍କ ସରକାରର ମିଛ ପ୍ରହେଳିକା କରୁଥିବା ସରକାର ଲୋକଙ୍କୁ ସୁରକ୍ଷା ଦେଉଛି ତ?

ଧଉଳି ଗଣଦୁଷ୍କର୍ମ ଘଟଣା ମନରୁ ନଲିଭୁଣୁ ପୁଣି ଏକ ବର୍ବର କାଣ୍ଡ ସାଧାରଣ ଜନତାଙ୍କୁ ଆତଙ୍କିତ କରିଦେଇଛି । ରାଜଧାନୀରେ ମା'ଭଉଣୀମାନେ ଅସୁରକ୍ଷିତ ମନେ କଲେଣି । ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ବିଜେପି ସରକାରର ଅପାରଗତା ଜଳଜଳ ଦେଖାଯାଉଛି ।

ସ୍ଥିତି ଆହୁରି ବିଗିଡ଼ିବା ପୂର୍ବରୁ ସରକାର ସଜାଗ ହୁଅନ୍ତୁ । ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ଦିଗରେ ସରକାର ଆଗୁଆ ତତ୍ପର ହେବା ସହ ଦୃଢ଼ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି ।

## ରୋଜାର ବାର୍ଷିକ ଉତ୍ସବ : ସ୍ମରଣିକା 'ଆମ ସ୍କୁଲ' ଉନ୍ମୋଚିତ

ଜଟଣୀ, (ସବ୍ୟୁ): ଜଟଣୀସ୍ଥିତ ୧୧୦ ବର୍ଷର ରେଲୱେ ସ୍କୁଲ ପୁରାତନ ଛାତ୍ର ସଂସଦ (ରୋଜା)ର ଅଷ୍ଟାଦଶତମ ବାର୍ଷିକ ଉତ୍ସବ ଶିକ୍ଷାନୁଷ୍ଠାନ ପରିସରରେ ଆଜି ଅନୁଷ୍ଠିତ ହୋଇଥିଲା। ରୋଜାର ସଭାପତି ଡାକ୍ତର ପ୍ରସନ୍ନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଦାଶ ବେନହୁର ଯୋଗ ଦେଇ କହିଥିଲେ ଜଣେ ଅଧିକ ନମ୍ବର ରଖିଦେଲେ ଯେ ଜଣେ ଭଲ ଛାତ୍ର ତା ନୁହେଁ ବରଂ ଜଣେ ସଂସ୍କାର ପାଇପାରିଲେ ସେ ଜଣେ ଭଲ ଛାତ୍ର ଭାବେ ପରିଗଣିତ ହେବ। ରୋଜାର ଲକ୍ଷ୍ୟ ହେଉଛି କର୍ମ, ଜ୍ଞାନ, ଭକ୍ତି। ରୋଜା ଏକ ବିସ୍ତାରିତ କୁଟୁମ୍ବ। କୌଣସି କାର୍ଯ୍ୟ ହେଲେ ଯେମିତି କୁଟୁମ୍ବ ଯୋଡ଼ି ହୋଇଯାଆନ୍ତି ସେମିତି ରୋଜାର ଏହି ବାର୍ଷିକ ଉତ୍ସବରେ ପୁରାତନ ସମସ୍ତ ଛାତ୍ରଛାତ୍ରୀ ଯୋଡ଼ି ହୋଇ ନିଜର ଆପଣାର ପଣିଆକୁ ମଜବୁତ କରିଦେଇଛନ୍ତି। ଏହା ସବୁଠାରେ ଦେଖିବାକୁ ମିଳେନାହିଁ। ପୁରାତନ ଛାତ୍ର ପୂର୍ବତନ ରାଜ୍ୟ ସୂଚନା କମିଶନର ଜଗଦାନନ୍ଦ ମୁଖ୍ୟବକ୍ତା, ରେଳବାଇ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସବିତା କୁମାରୀ ଅତିଥି ଭାବେ ଯୋଗଦେଇଲେ। ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ କହିଥିଲେ ଭଲ ଛାତ୍ର ଜଣେ ଭଲ ସ୍କୁଲରେ ସ୍କୁଲର ଦ୍ୱିତୀୟ ବ୍ୟାଚ୍‌ର ୧୯୫୮ ବ୍ୟାଚ୍‌ର ଛାତ୍ର ଭରତଚନ୍ଦ୍ର ରାଉତରାୟ ଓ ନଗେନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇଥିଲେ। ପୁରାତନ ଛାତ୍ର ରଞ୍ଜିତ ଦାସ ଅତିଥି ପରିଚୟ ଓ ମଂଚ ପରିଚାଳନା କରିଥିବା ବେଳେ ସାଧାରଣ ସଂପାଦିକା ପ୍ରଣତି ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ରୋଜାର ସ୍ମରଣିକା 'ଆମ ସ୍କୁଲ' ଉନ୍ମୋଚିତ ହୋଇଥିଲା। ୫୦ ବର୍ଷ ତଳେ ମାଟ୍ରିକ୍ ପରୀକ୍ଷା ଦେଇଥିବା




୧୯୭୫ ମସିହାର ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଅନୁଷ୍ଠାନର ବରିଷ୍ଠ ସାମ୍ବାଦିକ ଅଶୋକ ଦାସ, ରାଧାମୋହନ ପଟ୍ଟନାୟକ, ବିନୋଦ ମିଶ୍ର, ଡାକ୍ତର ସଞ୍ଜୟ ଦାସ, ଡ. ଗୌରୀପ୍ରସାଦ ସିଂ, ଅରୁଣ କୁମାର ମହାନ୍ତିଙ୍କ ସହ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଲାଭ କରିଥିବା ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସୁବ୍ରତ ପଣ୍ଡା, ପ୍ରଦୀପ୍ତ ପଟ୍ଟନାୟକ, ସୁନୀଲ ପାଢ଼ୀ, ଆଲତାଫ୍, ଶୁଭେନ୍ଦୁ ମିଶ୍ର, କାକୋଲି ମୁନ୍‌ସୀ, ସୁମିତ୍ରା ପ୍ରଧାନ, ମନୋଜ ବିଶ୍ୱାଳ, ଅରୁଣ ପଣ୍ଡା, ଡ. ତପନ ମିଶ୍ରଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗରେ ଏହା କାର୍ଯ୍ୟ ପରିଚାଳିତ ହୋଇଥିଲା। ରେଳବାଇ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରେଲୱେ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରାତନ ଛାତ୍ର ବିଶ୍ୱନାଥ ପଟ୍ଟନାୟକ ଏହାର ସଂଯୋଜନ କରିଥିଲେ। ଡାକ୍ତର ସଞ୍ଜୟ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ଗୁରୁନାନକ ପବ୍ଲିକ ସ୍କୁଲର ୩୫ ତମ ବାର୍ଷିକ କ୍ରୀଡ଼ା ଉତ୍ସବ

କଟକ, (ସବ୍ୟୁ):ଶିଖରପୁର କାଳିଆବୁଦା ସ୍ଥିତ ଗୁରୁନାନକ ପବ୍ଲିକ ସ୍କୁଲର ୩୫ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ସଞ୍ଚିତା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କଟକ ନଗର ନିଗମର ଆୟୋଗ କିରନ୍ ଦୀପ କୌରର ସାହୋତା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନନୀୟ ଅତିଥି ରୂପେ ସ୍ଥାନୀୟ କର୍ପୋରେଟର ପ୍ରଳୟା ବେଉରା ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ । ବିଦ୍ୟାଳୟ ର ସଞ୍ଚାଳକ କମିଟି ର ସଭାପତି ସର୍ଦ୍ଦାର ଡି. ଏସ୍ ସଭର୍ ୱାଲ୍ ଜୀ, ବିଦ୍ୟାଳୟ କମିଟିର ସଂପାଦକ ସର୍ଦ୍ଦାର ଏସ୍ ସମ୍ରାଟ, ବିକ୍ରମ ସିଂ ଜୀ, ଗୁରୁଦ୍ୱାର ପ୍ରବନ୍ଧକ କମିଟି ର ସଭାପତି ସର୍ଦ୍ଦାର ଗୁରୁଦେବ ସିଂ ଜୀ, ଉପସଭାପତି



ସର୍ଦ୍ଦାର ତ୍ରିଲୋଚନ ସିଂ ଜୀ, ସଂପାଦକ ସର୍ଦ୍ଦାର ନଛତର୍ ସିଂ ଜୀ ସଦସ୍ୟ ମାନେ ବିଦ୍ୟାଳୟର ଜାତୀୟ, ଆନ୍ତର୍ଜାତୀୟ ଖେଳାଳୀ ମାନଙ୍କୁ ସମ୍ମାନିତ କରିବା ସହିତ ପୁରସ୍କାର ବିତରଣ କରିଥିଲେ । ବାର୍ଷିକ ଉତ୍ସବର ବିଜେତା ଛାତ୍ର ଛାତ୍ରୀ ଓ ହକି ଖେଳ ର ବିଜେତା ମାନଙ୍କୁ ସନନ୍ଦ ପତ୍ର ଓ ପୁରସ୍କାର ବିତରଣ କରି ଖେଳ ପ୍ରତି ଉତ୍ସାହ ବୃଦ୍ଧି କରିବାରେ ଭୂମିକା କୁ ଗୁରୁତ୍ୱ ଦେଇଥିଲେ । ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଶିବଶକ୍ତି ନୃତ୍ୟ, ଯୋଗ ପିରାମିଡ୍, କ୍ରୀଡା ସମ୍ବନ୍ଧୀୟ କଳାତ୍ମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ପୂର୍ବତଟ ରେଳପଥ କ୍ରୀଡା ସଂଘ ପକ୍ଷରୁ

# "ସଣ୍ଡେ ଅନ୍ ସାଇକେଲ – ସାଇକ୍ଲୋଥନ ୨୦୨୫"




ଜଟଣୀ, (ସବ୍ୟୁ) : ଫିଟ୍ ଇଣ୍ଡିଆ ଅଭିଯାନର ଏକ ଅଂଶ ଭାବରେ ପୂର୍ବତଟ ରେଳପଥ କ୍ରୀଡା ସଂଘ (ଇକୋର୍ସା) ପକ୍ଷରୁ "ସଣ୍ଡେ ଅନ୍ ସାଇକେଲ – ସାଇକ୍ଲୋଥନ ୨୦୨୫ " ଆୟୋଜନ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ରେଲୱେ କର୍ମଚାରୀ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, ସୁସ୍ଥ ଜୀବନଶୈଳୀ ଏବଂ ପରିବେଶ ସଚେତନତାକୁ ପ୍ରୋତ୍ସାହନ ଦେବା ।ଏହି ସାଇକ୍ଲୋଥନକୁ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ସୁଭ୍ରଜ୍ୟୋତି ମଣ୍ଡଳ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ-ତଥା-କ୍ରୀଡା ଅଧିକାରୀ ଖୋର୍ଦ୍ଧାରୋଡ୍ ଅନିଲ କୁମାର ଏସ୍, କ୍ରୀଡା ସଚିବ ଏମଡି ଜାକିରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀଙ୍କ ଉପସ୍ଥିତିରେ ଉଦଘାଟନ (ଫ୍ଲାଗ୍ ଅଫ୍) କରାଯାଇଥିଲା ।

## ଜମିଜମା ବିବାଦରୁ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ : ୫ଗିରଫ

ଚଣ୍ଡିଖୋଲ,(ସବ୍ୟୁ): ଯାଜପୁର ଜିଲ୍ଲାର ବଡ଼ଚଣା ଥାନା ଅନ୍ତର୍ଗତ ସୁଂଗୁଡା ଗ୍ରାମରେ ଜମିଜମା ବିବାଦକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିନେଇ ବଡଚଣା ଥାନାରେ ଦୁଇଟି ଏତଲା ପଞ୍ଜିକରଣର ହେବା ପରେ ପୋଲିସ ତଦନ୍ତ କରି ଉଭୟ ଗୋଷ୍ଠୀରୁ ୫ ଜଣଙ୍କୁ ଗରଫ କରି ରବିବାର ଦିନ କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ପୂର୍ବ ଶତ୍ରୁତା ଏବଂ ଜମିବାଡିକୁ ନେଇ ଶନିବାର ସୁଂଗୁଡା ଗ୍ରାମରେ ଦୁଇ ଗୋଷ୍ଠୀ ପକ୍ଷରୁ ପାଟିତୁଣ୍ଡ ହୋଇ ମା଼ଡଗୋଳ ହୋଇଥିଲେ । ପରେ ଏହାକୁ ନେଇ ଉକ୍ତ ଗାଁର ନାଲି ବିବି ଓ ସାଇରାମ ବିବି ଉଭୟ ବଡ଼ଚଣା ଥାନାରେ ପରସ୍ପର ବିରୁଦ୍ଧରେ ଲିଖିତ ଅଭିଯୋଗ କରିଥିଲେ । ଥାନା ଅଧିକାରୀ ସୁରେନ୍ଦ୍ରକୁମାର ଜେନା ଏସଆଇ ଶାନ୍ତଣୁ ମିଶ୍ରଙ୍କୁ ମାମଲାର ତଦନ୍ତ ପାଇଁ ଦାୟିତ୍ୱ ଦେଇଥିଲେ । ପରେ ଏହାକୁ ନେଇ ପୁଲିସ ଦୁଇ ପକ୍ଷରୁ ୫ ଜଣଙ୍କୁ ଗିରଫ କରିଥିଲା ।

## ଡକ୍ଟର ଗୋବିନ୍ଦ ଭୂୟାଁଙ୍କ ମୋ ସ୍ମୃତିରେ ବ୍ୟକ୍ତି ଓ ବ୍ୟକ୍ତିତ୍ୱ' ପୁସ୍ତକର ଲୋକାର୍ପଣ

ଭୁବନେଶ୍ୱର (ସବ୍ୟୁ): ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁଙ୍କ ରଚିତ 'ମୋ ସ୍ମୃତିରେ ବ୍ୟକ୍ତି ଓ ବ୍ୟକ୍ତିତ୍ୱ' ପୁସ୍ତକର ଲୋକାର୍ପଣ ସମାରୋହ କଟକସ୍ଥ ମହାନଦୀ ବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ରାଜନୀତି, ସାହିତ୍ୟ,କଳା, ସଂସ୍କୃତି ଆଦି ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ୫୭ ଜଣ ଦିବଂଗତ ବିଶିଷ୍ଟ ବ୍ୟକ୍ତିଙ୍କ ସଂପର୍କରେ ୬୨ଟି ସ୍ମୃତିଲେଖକୁ ନେଇ ଡକ୍ଟର ଭୂୟାଁଙ୍କ ରଚିତ ପୁସ୍ତକଟି ସମକାଳୀନ ଇତିହାସର ଏକ ପ୍ରାମାଣିକ ଦଲିଲ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ବ୍ୟକ୍ତ କରିଛନ୍ତି। ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଇଷ୍ଟର୍ଣ୍ଣ ମିଡ଼ିଆର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଡକ୍ଟର ଭୂୟାଁଙ୍କ ପୁସ୍ତକସ୍ଥ ସ୍ମୃତିଲେଖରେ ଅଳ୍ପ ଶବ୍ଦରେ ବହୁ ଭାବଗର୍ଭକ ଉପାଦେୟ ତଥ୍ୟର ସଫଳ ଅବତାରଣା କରାଯାଇଛି ବୋଲି ଅବତାରଣା କରିଥିଲେ। ପୁସ୍ତକଟି ସାଂପ୍ରତିକ ସମୟର ଏକ ଇତିହାସ ଗ୍ରନ୍ଥ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

ପ୍ରଫେସର ନଟବର ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ଡଃ ସଂଜିତା ମିଶ୍ର ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡଃ ଜ୍ଞାନୀ ଦେବାଶିଷ ମିଶ୍ର ଲେଖକ




ଡକ୍ଟର ଭୂୟାଁଙ୍କ ପୁସ୍ତକସ୍ଥ ସ୍ମୃତିଲେଗୁଡିକୁ ଉଚ୍ଚକୋଟୀର ଗଦ୍ୟ ସାହିତ୍ୟ ଭାବରେ ଅବତାରଣା କରିଥିଲେ। ଲେଖକ ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ପ୍ରକାଶକ ଅଧ୍ୟାପକ ଡଃ ବିଜୟ ରାଉତ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇନଜୀବୀ ଇଂ ଆକାଶ ଭୂୟାଁ ସ୍ୱାଗତ ଭାଷଣ ଓ ପ୍ରଫେସର ଡଃ ବାବାଜୀ ଚରଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ନିରୁପମା ପତି ଅତିଥିମାନଙ୍କୁ ମଂଚ ଆମନ୍ତ୍ରଣ ଓ କୁନଲତା ତ୍ରିପାଠୀ ଶ୍ଳୋକପାଠ କରିଥିଲେ। ଶୁଭଲକ୍ଷ୍ମୀ ନାୟକ ଓ ଇଂ ଆଲୋକ ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଭାରେ ପ୍ରଫେସର ବୈଷ୍ଣବ ଚରଣ ସାମଲ, ଇଂ ଗୋପାଳକୃଷ୍ଣ ବେହେରା,ଇଂ ପ୍ରଭାକର ସ୍ୱାଇଁ ପ୍ରମୁଖ ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ଆର୍ବିଭାବ ମହୋତ୍ସବ

ଛତ୍ରପୁର,(ସବ୍ୟୁ): ଠାକୁର ଅନୁକୂଳଚନ୍ଦ୍ରଙ୍କ ପୂର୍ଣ୍ୟ ୧୩୮ ତମ ଜନ୍ମ ମହୋତ୍ସବ ତଥା ଛତ୍ରପୁର ଶ୍ରୀମନ୍ଦିର ପ୍ରତିଷ୍ଠାର ୧୫ ତମ ବାର୍ଷିକ ସ୍ମୃତି ମହୋତ୍ସବ ଛତ୍ରପୁର ସତସଂଘଙ୍କ ବିହାର ଠାରେ ପାଳିତ ହୋଇଯାଇଛି । ଏହି ମହୋତ୍ସବରେ ଝାଡଖଣ୍ଡ ଦେବହର ମୁଖ୍ୟ ପୀଠର ସଂପାଦକ ଡ.ବିନାୟକ ମହାପାତ୍ର, ସହ ସଂପାଦକ ଶ୍ରୀଧର ସୁନ୍ଦର ମିଶ୍ର ଓ ଇଂ ବି.ସନ୍ତୋଷ କୁମାର ସୁବୁଦ୍ଧି ଅତିଥି ଭାବେ ଯୋଗଦେଇଥିଲେ । ପ୍ରାତଃରେ ଭାଷାକୀର୍ତନ, ସମବେତ ବିନତି ପ୍ରାର୍ଥନା ଓ ସକାଳ ସାଢେ ୮ଟାରେ ଅପର ବସଷ୍ଟାଣ୍ଡ ଠାରୁ ସତ୍ସଙ୍ଗ ବିହାର ପର୍ଯ୍ୟନ୍ତ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା ହୋଇଥିଲା । ୧୧ଟାରେ ସତ୍ସଙ୍ଗ ଓ ସଦାଲୋଚନା, ଅପରାହ୍ନ ଗୋଟାଏରେ ପ୍ରସାଦ ସେବନ, ୩ ଟାରେ ମାତୃସମ୍ମିଳନୀ ଏବଂ ସନ୍ଧ୍ୟାରେ ସମବେତ ବିନତି ପ୍ରାର୍ଥନା ତତ୍ପରେ ମହୋତ୍ସବର ଉଦଯାପନୀ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଇଂ ବି.ଆଶିଷ କୁମାର ସୁବୁଦ୍ଧି, ବି.ପାର୍ସେୟା ଓ ଛତ୍ରପୁର ସତ୍ସଙ୍ଗ ବିହାର ପରିଚାଳକ ସିଏଚ.ଜୟପ୍ରକାଶ ପାତ୍ର ପରିଚାଳନା କରିଥିଲେ ।

# ବାଇକ ଧକ୍କାରେ ୨ମହିଳା ଗୁରୁତର

ବୁଗୁଡ଼ା , (ସବ୍ୟୁ): ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ବାଇକ ଧକ୍କାରେ ଦୁଇ ଜଣ ମହିଳା ଗୁରୁତର ଆହତ ହୋଇଥିବା ଜଣା ପଡିଛି । ଗୁରୁତର ମହିଳା ଦ୍ୱୟ ହେଲେ ବାଲିପଦର ଗ୍ରାମର ସୁକାନ୍ତି ଗୁରୁ (୬୦) ଓ ପ୍ରତିମା ପ୍ରଧାନ(୪୫) ଶନିବାର ସନ୍ଧ୍ୟା୭ଟା ସମୟରେ ସୁକାନ୍ତି ଓ ପ୍ରତିମା ବୁଗୁଡ଼ା ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଠିଆ ହୋଇଥିବା ସମୟରେ ଏକ ପଲସର ବାଇକରେ ନୟାଗଡ ଜିଲ୍ଲା ଓ ବ୍ଲକ ବା=ପୁର ପଞ୍ଚାୟତ ଅନ୍ତର୍ଗତ ଚେମ୍ବିଡ଼ି ଗ୍ରାମର ସନିଆ ପଲେଇ, ଅଶୋକ ନାୟକ ଓ ହର୍ଷ ନାୟକ କୌଣସି କାମରେ ଆସ୍କା ଯାଇ ନିଜ ଗ୍ରାମକୁ ଦ୍ରୁତ ଗତିରେ ଫେରୁଥିବା ବେଳେ ବୁଗୁଡ଼ା ଷ୍ଟେଟ ବ୍ୟାଙ୍କ ନିକଟରେ ଏକ ଘରୋଇ ବସକୁ ଓଭର ଟେକ କରିବାକୁ ଯାଇ ଦୁଇ ମହିଳାଙ୍କୁ ଧକ୍କା ଦେଇଥିଲେ ।ଦୁର୍ଘଟଣାରେ ସୁକାନ୍ତିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ପ୍ରତିମାଙ୍କ ଡାହାଣ ହାତ ଭାଙ୍ଗି ଯିବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା । ଉଭୟଙ୍କୁ ପ୍ରଥମେ ବୁଗୁଡ଼ା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ବେଳେ ବାଇକ ଚାଳକ ସନିଆ ସହ ଅଶୋକ ଓ ହର୍ଷକୁ ପୋଲିସ ଅଟକ ରଖିଥିବା ଜଣାପଡିଛି । ବାଇକ ଚାଳକ ଓ ଆରୋହୀ ଦ୍ୱୟ ପ୍ରବଳ ମଦ୍ୟପାନ କରିଥିବା ପୋଲିସ କହିଛି ।

# ହରିହର ହାଇସ୍କୁଲ-୧୯୮୧ ବ୍ୟାଚ ଛାତ୍ରଙ୍କ ବନ୍ଧୁ ମିଳନ




ଆସିକା , (ସବ୍ୟୁ): ସ୍ଥାନୀୟ ହରିହର ହାଇସ୍କୁଲ ରେ ୧୯୮୧ ବର୍ଷ ମେଟ୍ରିକ ପାସ ଛାତ୍ର ଙ୍କ ପଞ୍ଚମ ବାର୍ଷିକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ମା ଖମ୍ବେଶରୀ ମନ୍ଦିର କଲ୍ୟାଣ ମଣ୍ଡପ ରେ ଅନୁଷ୍ଠିତ ହୋଇଛି । ରବିବାର ପୂର୍ବାହ୍ନ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ୧୯୮୧ ବ୍ୟାଚ ର ବହୁ ପୁରାତନ ଛାତ୍ର ଯୋଗୋଦେଇ ଆରାଧ ମା ଖମ୍ବେଶରୀ ମନ୍ଦିର ରେ ମା ଙ୍କ ପୂଜାର୍ଚ୍ଚନା କରିଥିଲେ ।ପରେ ମନ୍ଦିର ପରିସରରେ ଥିବା କଲ୍ୟାଣ ମଣ୍ଡପ ରେ ୪୪ବର୍ଷ ପଛ ପୁରୁଣା ସ୍ମୃତି କୁ ସାଉଁଟିବା ସହ ଆଳାପ ଓ ଆଲୋଚନା ସଭାରେ ସାମିଲ ହୋଇ ଥିଲେ । ଭାବପୂର୍ଣ୍ଣ ପରିବେଶ ମଧ୍ୟରେ ପୁରାତନ ଛାତ୍ର ଙ୍କ ମଧ୍ୟରେ ପୂର୍ବ ସ୍ମୃତି କୁ ମନେ ପକାଇବା ସହ ପରସ୍ପର ମଧ୍ୟରେ ଭାବ ବିନିମୟ ଓ ଆଲୋଚନା କରିଥିଲେ ।ଆୟୋଜିତ କାର୍ଯ୍ୟକ୍ରମ କୁ ସତ୍ୟନାରାୟଣ ରଥ,ଅନ୍ତର୍ଯ୍ୟାମୀ ଜେନା, ଗଜେନ୍ଦ୍ର କୁମାର ପାତ୍ର,ସୀମାଞ୍ଚଳ ସାହୁ, ସୁମନ୍ତ ସେନାପତି, ରାଜେନ୍ଦ୍ର ପଟ୍ଟନାୟକ ପ୍ରମୁଖ ସଂଯୋଜନା କରିଥିବାବେଳେ ଲୋକନାଥ ପାଠୀ,ଡ଼ା. ତାରିଣୀ ଚରଣ ତ୍ରିପାଠୀ,ପି ପ୍ରଭାକର ପାତ୍ର,ତାରାଚାନ୍ଦ ମିଶ୍ର,ଉମାଶଙ୍କର ପଣ୍ଡା, ସୁଶାନ୍ତ ବିଶାଳ, କିଶୋର ଚନ୍ଦ୍ର ପାଣିଗ୍ରାହୀ,ସଞ୍ଜୟ ପାଣିଗ୍ରାହୀ, ମନୋରଞ୍ଜନ ଆଚାର୍ଯ୍ୟ, ପି. ରବୀନ୍ଦ୍ର ପାତ୍ର,ହିମାଂଶୁପାଢ଼ୀ, କେ. ତିରୁପତି ବାଲାଜୀ ପାତ୍ର, କେ. ନାଗେଶର ସେନାପତି,କେ . ଦୁର୍ଗା ପ୍ରସାଦ ଆଚାରି,ପ୍ରସନ୍ନ ପାଣିଗ୍ରାହି, ଙ୍କ ସମେତ ୭୦ ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର ଅଂଶ ଗ୍ରହଣ କରିଥିଲେ । ପରେ ମନ୍ଦିର ସନ୍ନିକଟ ନିଜର ପୁରାତନ ବିଦ୍ୟାଳୟ ହରିହର ହାଇସ୍କୁଲ କୁ ପରିଦର୍ଶନ କରିବା ସହ ବିଦ୍ୟାଳୟର ବର୍ତ୍ତମାନର ପରିବେଶ ଓ ସ୍ଥିତି ଅନୁଧ୍ୟାନ କରିଥିଲେ ।

# ପିକଅପ ଧକ୍କାରେ ଛାତ୍ରୀ ଗୁରୁତର

ଭଞ୍ଜନଗର, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ କୁଲାଡ଼ ହାଇସ୍କୁଲ ଛକ ନିକଟ ମୁଖ୍ୟ ରାସ୍ତା ଉପରେ ଏକ ଅଜଣା ଗାଡି ଧକାରେ ଏମଏସଭି ପବ୍ଲିକ ପ୍ଲେ ବିଦ୍ୟାଳୟର ଛାତ୍ରୀ ଆଦ୍ୟାସା ମିଶ୍ର(୬) ଗୁରୁତର ହୋଇଛନ୍ତି । ରବିବାର ସକାଳେ କୁଲାଡ଼ ପ୍ଲେ ବିଦ୍ୟାଳୟର ବାର୍ଷିକୋଉସବ ଅବସରେ ଅନୁଷ୍ଠାନର ପିଲାଙ୍କୁ ନେଇ ବିଦ୍ୟାଳୟ ସାମ୍ନା ତଥା ମୁଖ୍ୟରାସ୍ତା କଡରେ ଥିବା ଏକ ପଡିଆରେ ଖେଳ ପ୍ରତିଯୋଗିତା ଚାଲୁରହିଥିବା ବେଳେ ହଠାତ ଛାତ୍ରୀ ଆଦ୍ୟାସ ଖେଳ ପଡିଆରୁ ବାହାରି ଘରକୁ ଆସୁଥିବା ବେଳେ ଭଞ୍ଜନଗରରୁ ଦଶପଲ୍ଲା ଅଭିମୁଖେ ଏକ ଦୃତ ବେଗରେ ଆସୁଥିବା ଏକ ମହେନ୍ଦ୍ରା ପିକଅପ ଭ୍ୟାନ ଛାତ୍ରୀ ଆଦ୍ୟାସାକୁ ଧକ୍କାଦେଇ ଦୃତ ଗତିରେ ପଳାଇ ଯାଇଥିଲା । ସେଠାରେ ଥିବା ଅଭିଭାବକ ପିଲାଟି ତଳେ ପଡିବା ଦେଖି ତୁରନ୍ତ ଅଜଣାଗାଡି ପିଛା କରିଥିଲେ । ଖବର ପାଇ ତାରାସିଂ ପୋଲିସ ଗାଲେରୀ ଓ ତାରାସିଂ ରାସ୍ତାକୁ ସିଲ କରିବା ସହ ତାରାସିଂ ଠାରେ ଦୁଘର୍ଟଣା ଘଟାଇଥିବା ପିକଅପ ଭ୍ୟାନକୁ ଧରି ତାରାସିଂ ଥାନାକୁ ନେଇଥିଲେ । ସେପଟେ ଗୁରୁତର ଛାତ୍ରୀ ଆଦ୍ୟାଶାଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ପ୍ରଥମେ ଭଞ୍ଜନଗର ମେଡିକାଲ ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଏମଏସଭି ପ୍ଲେ ବିଦ୍ୟାଳୟର ଜଣେ ଅଧିକାରୀ କହିଛନ୍ତି । ରିପୋଟ ଲେଖାହେବା ବେଳକୁ ଭଞ୍ଜନଗର ଥାନାରେ କୌଣସି ଅଭିଯୋଗ ହୋଇନଥିବା ଥାନାଧିକାରୀ ଜୀବନାନନ୍ଦ ଜେନା ସୁଚନା ଦେଇଛନ୍ତି । ତଥାପି ଆମେ ଗାଡି ସହ ଡ୍ରାଇଭରକୁ ଅଟକ ରଖିଛୁ ଅଭିଯୋଗ ଆସିବାପରେ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ବୋଲି ଥାନାଧିକାରୀ ଶ୍ରୀ ଜେନା କହିଛନ୍ତି ।

# ବ୍ୟବସାୟୀଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ : ବନ୍ଧୁକ , ଖଣ୍ଡା ଜବତ

ବ୍ରହ୍ମପୁର,(ସବ୍ୟୁ):ଜମି ଓ ଘର କିଣାବିକା କରୁଥିବା ଜଣେ ବ୍ୟବସାୟୀଙ୍କୁ ବିଭିନ୍ନ ସ୍ଥାନରେ ଅଟକି ରଖି ୭୦ ହଜାର ଟଙ୍କା ଦାଦାବଟି ମାଗିବା ସହ ଆକ୍ରମଣ କରିବା ଅଭିଯୋଗରେ ଟାଉନ ଥାନାପୋଲିସ ୨ ଜଣ ଯୁବକଙ୍କୁ ବାନ୍ଧିଛି । ଗିରଫ ଅଭିଯୁକ୍ତମାନେ ହେଲେ କୌତୁକିନଗର ୨ୟ ଲାଇନର ଶୁଭମ ମାଝି(୨୨) ଓ ପୁରୁଷୋତ୍ତମପୁର ବୁଟୁଲୁ ଗ୍ରାମର ଆଲୋକ ମଲ୍ଲିକ(୨୬) । ଉଭୟଙ୍କ ଠାରୁ ପୋଲିସ ଗୋଟିଏ ବନ୍ଧୁକ, ଗୋଟିଏ ଖଣ୍ଡା, ୪ଗୋଟି ମୋବାଇଲ, ସ୍କୁଟି , ଦୁଇଟି ଇଂଜେକସନ ସିରିଞ୍ଜ, ଔଷଧ ବୋତଲ ଜବତ କରିଛି ।ମାମଲା ନଂ ୭୦୪/୨୫ ରେ ଉଭୟ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି । ସୂଚନାପ୍ରକାରେ, ଚଳିତମାସ ୨ ଓ ୩ ତାରିଖରେ ଉପରୋକ୍ତ ଦୁଇ ଅଭିଯୁକ୍ତ ବଡବଜାର ଅଞ୍ଚଳର ରବି ସେଠୀଙ୍କୁ ବିଭିନ୍ନ ଥାନରେ ଅଟକାଇବା ସହ ବନ୍ଧୁକ ଓ ଖଣ୍ଡା ଦେଖାଇ ୭୦ ହଜାର ଟଙ୍କା ଦାଦା ବଟି ମାଗିଥିଲେ । ସେ ଦାଦାବଟି ନଦେବାରୁ ଅଭିଯୁକ୍ତମାନେ ତାଙ୍କୁ ମାଡ ମାରିବା ସହ ଆକ୍ରମଣ କରିଥିଲେ ।ଏପରିକି ତାଙ୍କ ମୋବାଇଲ ଭାଙ୍ଗିଦବା ସହ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ ମଧ୍ୟ କରିଥିଲେ । ଘଟଣାକୁ ନେଇ ରବି ସେଠୀ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲାରୁଜୁ କରିବା ପରେ ତଦନ୍ତ ଆରମ୍ଭ କରିଥିଲା । ଶନିବାର ଉଭୟ ଅଭିଯୁକ୍ତ ବିଜିପୁର ମରେ ଥିବା ଏକ ଜିମ ଭିତରେ ଥିବା ସୂଚନା ମିଳିବା ପରେ ପୋଲିସ ସେଠାରେ ଚଢଉ କରି ଉଭୟଙ୍କୁ କାବୁ କରିଥିଲା ।



# ଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣ ମାମଲା:୪ ଗିରଫ, ୨ ଖଣ୍ଡା ଜବତ

ବ୍ରହ୍ମପୁର,(ସବ୍ୟୁ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଦର ଥାନା ଅନ୍ତର୍ଗତ ରତନପୁର ହରିଜନ ସାହିର ଲକି ଦାସ ନାମକ ଜଣେ ଯୁବକଙ୍କୁ ଖଣ୍ଡାରେ ସଂଘବଦ୍ଧ ଆକ୍ରମଣ ମାମଲାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ପିକେସିଏଚ ପୁର ଗ୍ରାମ ତଥା କାଉଖତ ଗ୍ରାମର ଆର. ଶିବରାମ ଓରଫ ଅରୁପ(୨୩), ହିଞ୍ଜିଳିକାଟୁ ପାଟନା ସାହିର ଶୁଭମ କୁମାର ଦାସ ଓରଫ ସିପୁ(୧୯), କୃପାସିନ୍ଧୁପର ଗ୍ରାମର ଭଗବାନ ଦାସ(୨୦), ଯଦୁନାଥପଲ୍ଲୀର ପପୁ ଦାସ ଓରଫ କାଳିଆ(୧୯) । ଏହି ୪ ଅଭିଯୁକ୍ତଙ୍କ ସହ ଜଣେ ୧୭ ବର୍ଷୀୟ ନାବାଳକକୁ ପୋଲିସ ଧରିଛି । ଅଭିଯୁକ୍ତଙ୍କ ନିକଟରୁ ପୋଲିସ ୨ ଟି ଖଣ୍ଡା ଜବତ କରିଛି । ସୂଚନାପ୍ରକାରେ, ଗତ ୧୭ ତାରିଖରେ ସଦର ଥାନା ଅନ୍ତର୍ଗତ ଯଦୁନାଥ ପଲ୍ଲୀର ଅଭିଯୁକ୍ତ ପପୁ ଦାସ ସନ୍ଧ୍ୟାରେ ନିଜ ଗାଁ ନିକଟରେ ଥିବା କେନାଲ ରୋଡକୁ ଶୌଚ ହେବାକୁ ଯାଇଥିଲେ । ଏହି ସମୟରେ ପପୁଙ୍କୁ ଏକୁଟିଆ ଦେଖି ୪ ଜଣ ଯୁବକ ସେଠାରେ ଅତର୍କିତ ଭାବେ ପହଞ୍ଚି ଅନ୍ଧାରର ସୁଯୋଗ ନେଇ ପପୁଙ୍କୁ ମାଡ ମରିବା ସହ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ ।ଏହାର କିଛି ସମୟପରେ ସେହି କେନାଲ ରୋଡ ଦେଇ ଏକ ବାଇକରେ ଅଭିଯୁକ୍ତ ଆର. ଶିବରାମ ଆସିବା ଦେଖି ପପୁ ତାଙ୍କୁ ଘଟଣା ବିଷୟରେ ଜଣାଇଥିଲେ । ଏହି ଆକ୍ରମଣ ପଛରେ ରତନପୁରର ଲିକ ଦାସ ଓ ତାଙ୍କ ଟିମ ସଂପୃକ୍ତ ଥିବର ପପୁ ସନ୍ଦେହ କରିଥିଲେ । ଏହାପରେ ଆକ୍ରମଣର ପ୍ରତିଶୋଧ ନେବାକୁ ଶିବରାମ ଓ ପପୁ ଯୋଜନା କରିଥିଲେ । ତା' ପରଦିନ ସକାଳୁ ଲକି ଦାସ କୁକୁଡାଖଣ୍ଡିର ଇନ୍ଦାରାଆବସ ଅଞ୍ଚଳକୁ ଯାଉଥିବା ଜଣାପଡିବା ପରେ ଅଭିଯୁକ୍ତ ଶିବରାମ, ପପୁ, ସିପୁ, ଭଗବାନ, କାଳିଆ ସହ ନାବାଳକ ଜଣଙ୍କ ୨ଟି ବାଇକରେ ବସି ସେଠାରେ ପହଞ୍ଚିଥିଲେ । ଅଭିଯୁକ୍ତମାନେ ଲକି ଦାସଙ୍କୁ ଦେଖି କାତିରେ ପ୍ରାଣାତକ ଆକ୍ରମଣ କରିଥିଲେ । ଆକ୍ରମଣରେ ଲକି ଦାସ ଗୁରୁତର ହେବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ ।ସ୍ଥାନୀୟ ଲୋକେ ଲକି ଦାସଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।ଆକ୍ରମଣ ଘଟଣାକୁ ନେଇ ଲକି ଦାସଙ୍କ ମାଆ ସାବିତ୍ରୀ ଦାସ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୫୪୬/୨୫) ରୁଜୁ କରି ତଦନ୍ତ କରିଥିଲା ୪ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ସଂପୃକ୍ତ ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡରେ ହଜାର କରାଯାଇଛି ।

# ଲମ୍ବା ଛୁଟିରେ ଗଜପତି ଜିଲ୍ଲାପାଳ

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ଦୀର୍ଘଦିନ ଧରି ଛୁଟିରେ ରହିବା ପରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ଅଟକି ରହିଥିବା ଲକ୍ଷ୍ୟ କରାଯାଇଛି ।ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଭାରପ୍ରାପ୍ତ ଜିଲ୍ଲାପାଳ ଦାୟିତ୍ୱ ତୁଲାଉ ଥିଲେ ମଧ୍ୟ ସରକାରୀ ଆଇନ କାନୁନ ଅନୁଯାୟୀ ସମ୍ପୂର୍ଣ୍ଣ ଜିଲ୍ଲାପାଳ କ୍ଷମତା ମିଳିନାହିଁ । ତେଣୁ ବହୁ ଗୁରୁତ୍ୱପୁର୍ଣ୍ଣ କାର୍ଯ୍ୟକ୍ରମ ସମେତ ବହୁ ଜରୁରୀ ଫାଇଲ ଦସ୍ତଖତ ନ ହୋଇ ପଡିରହିଛି. ଏହାଦ୍ୱାରା ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବେ ଠପ ହୋଇଯାଇଛି । ବର୍ତ୍ତମାନ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶଙ୍କର କେରେକେଟା ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଦୀର୍ଘଦିନ ଧରି ଲମ୍ବା ଛୁଟିରେ ରହିଛନ୍ତି । ଫଳରେ ଜିଲ୍ଲାରେ ଲୋକଙ୍କ ଦୈନନ୍ଦିନ ସମସ୍ୟା, ଉନ୍ନୟନ କାର୍ଯ୍ୟ ଓ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଦିନକୁ ଦିନ ପ୍ରଭାବିତ ହେବାରେ ଲାଗିଛି ସେହିପରି ଜିଲ୍ଲାର ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ଜିଲ୍ଲା ଯୋଗାଣ ଅଧିକାରୀ ପଦବୀ ଦୀର୍ଘ ଦିନ ଧରି ଖାଲି ପଡିଛି. ଗଜପତିରେ କାର୍ଯ୍ୟରତ ଯୋଗାଣ ଅଧିକାରୀଙ୍କ ଅବସର ପରେ ଏହି ପଦବୀ ପୂରଣ ହୋଇପାରିନାହିଁ. ଅନ୍ୟତମ ମୁଖ୍ୟ ପଦବୀ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପଦବି ମଧ୍ୟ ଖାଲି ପଡ଼ିଛି ଭାରପ୍ରାପ୍ତ ଅଧିକାରୀ କାର୍ଯ୍ୟ ତୁଲାଉଛନ୍ତି । ଜିଲ୍ଲା କ୍ରୀଡ଼ା ଅଧିକାରୀ ପର୍ଯ୍ୟଟନ ଅଧିକାରୀ ପଦବି ମଧ୍ୟ ଦୀର୍ଘ ବର୍ଷ ହେଲା ପୂରଣ ନ ହୋଇ ପଡ଼ିରହିଛି । ଜିଲ୍ଲାର ଅନେକ ବିଭାଗୀୟ ମୁଖ୍ୟ ମଧ୍ୟ ଛୁଟିରେ ଥିବା ବେଳେ ଭାରପ୍ରାପ୍ତ ଅଧିକାରୀ କାର୍ଯ୍ୟ ତୁଲାଉଛନ୍ତି ସରକାର ଗଜପତି ଜିଲ୍ଲାର ଏଭଳି ସ୍ଥିତି ପ୍ରତି ତୁରନ୍ତ ଦୃଷ୍ଟି ଆକାଷଣ କରି ବିହିତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ମୟୁରଭଞ୍ଜ ଅବସରପ୍ରାପ୍ତ ପୋଲିସ ଅଫିସର ସଂଘର

# ମାଗଣା ସ୍ୱାସ୍ଥ୍ୟ ଶିବିର

ବାରିପଦା,(ସବ୍ୟୁ): ଓଡିଶା ଅବସରପ୍ରାପ୍ତ ପୋଲିସ ଅଫିସର କଲ୍ୟାଣ ସମିତି, ମୟୂରଭଞ୍ଜ ପକ୍ଷରୁ ସ୍ଥାନୀୟ ତକତପୁର ସ୍ଥିତ ରୁଚି ଗେଷ୍ଟ ହାଉସରେ ରବିବାର ପୂର୍ବାହ୍ନରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର କେବଳ ଡାଇବେଟିସ ଓ ରକ୍ତଚାପ ରୋଗରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଅନୁଷ୍ଠିତ ହୋଇଥିଲା । ଡାକ୍ତର ପ୍ରୋମଥ ନାଥ ଭୂୟାଁ ଓ ଡାକ୍ତର ନିହାର ରଞ୍ଜନ ଦାସ , ମେଡ଼ିସିନ ସ୍ପେଶାଲିଷ୍ଟ , ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇଦେଇଥିଲେ । ବରିଷ୍ଠ ଫାର୍ମାସିଷ୍ଟ/ ପେଥଲୋଜିଷ୍ଟ ଶିବାଜୀ କୁମାର ରଥ , କଲେଜ ଛାତ୍ର ବିଶ୍ୱ ପ୍ରତାପ ସିଂହଙ୍କ ସହଯୋଗରେ , ରକ୍ତ ପରୀକ୍ଷା କରିଥିଲେ । ନର୍ସ ଅଂଶୁ ସାମନ୍ତରାୟ ବ୍ଲଡ଼ ପ୍ରେସର ମାପି ଥିଲେ । ଉକ୍ତ ଶିବିରକୁ ବରିଷ୍ଠ ଡାକ୍ତର ଶ୍ରୀ ଭୂୟାଁ, ଉଦଘାଟନ କରିଥିଲେ । ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂହବାବୁ, ଯୁଗ୍ମ ସମ୍ପାଦକ ନବୀନ ଚନ୍ଦ୍ର ବିଶ୍ୱାଳ , ମାନ୍ୟବର ସଭ୍ୟ ସୁନୀଲ କୁମାର ପଟ୍ଟନାୟକ ଶିବିରକୁ ପରିଚାଳନା କରିଥିଲେ । ଯୁଗ୍ମ ସମ୍ପାଦକ ସତୀଶ ଚନ୍ଦ୍ର ମହାନ୍ତ, ଭବତରଣ ଘୋଷ , ମନ୍ମଥ କୁମାର ଗିରି, ସୁମନ୍ତ ସାମଲ ଓ ଅନ୍ୟାନ୍ୟ ସଭ୍ୟମାନଙ୍କ ସହିତ କଲେଜ ଛାତ୍ର ବିଶ୍ୱପ୍ରତାପ ସିଂହ ଉକ୍ତ ଶିବିର ପରିଚାଳନାରେ ସହଯୋଗ୍ୟ କରିଥିଲେ । ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ସାଧାରଣ ଜନତା ଯୋଗଦାନ କରି ସ୍ୱାସ୍ଥ୍ୟ ସେବାର ସୁଯୋଗ ନେଇଥିଲେ ।




# କରଚୁଲି ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକୋତ୍ସବ

ବୁଗୁଡା ,(ସବ୍ୟୁ): ବୁଗୁଡା ବ୍ଲକ କରଚୁଲି ଗ୍ରାମସ୍ଥ ସରସ୍ୱତୀ ଶିଶୁ ମନ୍ଦିରର ୨୯ତମ ବାର୍ଷିକ ଉତ୍ସବ ସ୍ୱପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି ଜି.ବଦ୍ରିନାଥ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆସିକା ଚିନିକଳ ନିର୍ଦ୍ଦେଶକ ବସନ୍ତ କୁମାର ଦଳେଇ , ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ । ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏଥି ସହ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସମ୍ପାଦକ ରାଜେନ୍ଦ୍ର କୁମାର ସାହୁଙ୍କ ତ%ାବଧାନରେ ଆୟୋଜିତ ଉକ୍ତ ଉତ୍ସବର ପ୍ରାରମ୍ଭରେ ପ୍ରାକ୍ତନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନାଚାର୍ଯ୍ୟ ସୁଶାନ୍ତ ପ୍ରଧାନ ବାର୍ଷିକ ବିବରଣୀ ପଠନ ଏବଂ ପରିଶେଷରେ ଉପଦେଷ୍ଟା ହିମାଂଶୁ ଶେଖର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୃଜନ ସାହିତ୍ୟ ସଂସଦର କବିତା ଆସର

ଛତ୍ରପୁର, (ସବ୍ୟୁ): ଛତ୍ରପୁର ସୃଜନ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ କବି କୁମାର ଶତପଥୀଙ୍କ ସଭାପତିତ୍ୱରେ ଅବସର ପ୍ରାପ୍ତ କର୍ମଚାରୀ ସଙ୍ଘ କାର୍ଯ୍ୟାଳୟ ଠାରେ ୨୦୨୫ ବର୍ଷର ଶେଷ ଆଲୋଚନା ଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ସଭାପତି ପ୍ରଶାନ୍ତ କୁମାର ଶତପଥୀ, ସମ୍ପାଦକ ସୋମନାଥ ସାହୁ, ଶିଶୁକବି ନିରଞ୍ଜନ ତ୍ରିପାଠୀ, ଜି. ପାପା ରାଓ, ବିଜୟ ରାଉଳ, ଯତିରାଜ ନାୟକ ମଞ୍ଚାସିନ ହୋଇଥିଲେ । ସମ୍ପାଦକ ସୋମନାଥ ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ କବି ନିରଞ୍ଜନ ତ୍ରିପାଠୀ,ଶୈଳବାଳା ପାଣିଗ୍ରାହୀ, ଉମାକାନ୍ତ ବେହେରା, ଯତିରାଜ ନାୟକ, ବଳରାମ ପଲେଇ, ଟି. ରାମାନୁଜ ଦାସ, ବିଜୟ ରାଉଳ, ଜି. ପାପା ରାଓ, ଅଶ୍ୱିନୀ ଚୌଧୁରୀ, ଟଙ୍କଧର ଛଟାଇ,ଚିତ୍ତରଞ୍ଜନ ପଣ୍ଡା , ରାମଚନ୍ଦ୍ର ନନ୍ଦ, ନରେନ୍ଦ୍ର ପଣ୍ଡା , ରୀତା ରଥ ଏବଂ ଆହୁରି ଅନେକ ସାହିତ୍ୟ ପ୍ରେମୀ ଯୋଗ ଦେଇ ସ୍ୱରଚିତ କବିତା ପଠନ କରିଥିଲେ । କବି ବିଜୟ ରାଉଳ କାର୍ଯ୍ୟକ୍ରମର ସଂଯୋଜନା ଏବଂ ଶିଶୁକବି ନିରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପର୍ଯ୍ୟଟନସ୍ଥଳୀ ବୁଦ୍ଧଖୋଲ ରାସ୍ତାରେ ନର୍ଦ୍ଦମା ପାଣି

ବୁଗୁଡ଼ା, (ସବ୍ୟୁ): ଏଠାକାର ପ୍ରସିଦ୍ଧ ଐତିହାସିକ ତଥା ପର୍ଯ୍ୟଟନ ସ୍ଥଳୀ ବୁଦ୍ଧଖୋଲ ଅଭିମୁଖେ ଲମ୍ବିଥିବା ସଡ଼କର ପାର୍ଶ୍ୱରେ ନିର୍ମିତ ଡ୍ରେନ ସମ୍ପୂର୍ଣ୍ଣ ପୋତି ହୋଇ ନର୍ଦ୍ଦମାର ମଇଳା ଜଳ ଓ ବର୍ଜ୍ୟବସ୍ତୁ ରାସ୍ତା ସାରା ପଡ଼ି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ସମ୍ପ୍ରତି ପର୍ଯ୍ୟଟନ ଋତୁ ଥିବାରୁ ଅନେକ ଯାନବାହାନ ବୁଦ୍ଧଖୋଲକୁ ଯାତାୟତ ହେଉଛି । ପୂତିଗନ୍ଧମୟ ପରିବେଶ ଯୋଗୁଁ ଲୋକଙ୍କ ମନରେ ଅଲଗା ପ୍ରକାର ଧାରଣା ସୃଷ୍ଟି ହେଉଛି । ରାସ୍ତାରେ ଭାସୁଥିବା ଦୁର୍ଗନ୍ଧ ପାଣିକୁ ବାଦଦେଇ ଲୋକେ ଯାତାୟତ କରୁଥିବାରୁ ସେହି ସଂକୀର୍ଣ୍ଣ ରାସ୍ତାରେ ଛୋଟମୋଟ ଦୁର୍ଘଟଣା ଘଟିବାର ସମ୍ଭାବନା ରହୁଛି । ଏଭଳି ଅବ୍ୟବସ୍ଥା ଏନଏସି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରୁଛି । ଖାରିଆ ନାଳ ଏବଂ ଶିଶୁ ଉଦ୍ୟାନ ଅତିକ୍ରମ ପରେ ବୁଗୁଡା ଏନଏସି ଅନ୍ତର୍ଗତ ଓ୍ୱାର୍ଡ ନଂ ୬ ଅନ୍ତର୍ଗତ ବୀରଧନଞ୍ଜୟପୁର ଶାସନ ରାସ୍ତାରେ ଏ ପ୍ରକାର ଦୃଶ୍ୟ ପର୍ଯଟକଙ୍କୁ ଭଲ ବାର୍ତ୍ତା ଦେଉନଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ଏଣୁ ଏଥି ପ୍ରତି ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପ୍ରତିକାରାତ୍ମକ ବ୍ୟବସ୍ଥା ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ଭଞ୍ଜସେନା ପୁନଃର୍ଗଠିତ, ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷିତ

ବାରିପଦା, (ସବ୍ୟୁ): ମୟୂରଭଞ୍ଜର ଯୁବଛାତ୍ର ସଂଗଠନ ଭଞ୍ଜସେନାକୁ ପୁନଃର୍ଗଠନ କରାଯାଇଛି। ଏହି ଅବସରରେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନ କ୍ରମେ ସଂଗଠନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ନୂତନ କର୍ମକର୍ତ୍ତାଙ୍କର ନାମ ଓ ପଦବୀ ଘୋଷଣା କରାଯାଇଛି। ଆଗାମୀ ଦିନରେ ଦୁଇତିନୋଟି ପର୍ଯ୍ୟାୟରେ ଜିଲ୍ଲାର ଅନ୍ୟାନ୍ୟ ଛାମୁଆ ସଂଗଠନ ସହିତ ଉପଖଣ୍ଡ ଓ ବ୍ଲକ ଓ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବ। ଭଞ୍ଜସେନା ଅଧ୍ୟକ୍ଷ ସଂଜୀବ ରାଉତ, କର୍ଯ୍ୟକାରୀ ଅଧ୍ୟକ୍ଷ ଅଞ୍ଜନ ବରାଳ, ଉପାଧ୍ୟକ୍ଷ ଜିତେନ୍ଦ୍ର ହେମ୍ବ୍ରମ, ନିମାଇଁ ତ୍ରିପାଠୀ, ଦକ୍ଷିଣା ମହାନ୍ତ, କନିକା ବୋଷ (ଜିଲ୍ଲା ମହିଳା ଶାଖା ଅତିରିକ୍ତ ଦାୟିତ୍ୱ), ଜିଲ୍ଲା ଶୃଙ୍ଖଳାଗତ କମିଟି ଅଧ୍ୟକ୍ଷ ଆଇନଜିବି ସତ୍ୟସ୍ୱରୂପ ଦାଶ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦାଃ, ଜିଲ୍ଲା ଆବାହକ ରାକେଶ ବେହେରା, ଜିଲ୍ଲା ସାମାଜିକ ଗଣମାଧ୍ୟମ ସଂଯୋଜକ ସନ୍ତୋଷ ଗିରି, ଜିଲ୍ଲା ସଂଯୋଜକ ସାମନ୍ତ ଶେଖର ପାଲ, ଜିଲ୍ଲା ଯୁବଛାତ୍ର ସଂଯୋଜକ ସୂର୍ଯ୍ୟବର୍ଦ୍ଧନ ସିଂହଦେଓ, ଜିଲ୍ଲା କର୍ଯ୍ୟକାରୀ ସଭାପତି ଇଂ ରମଜାନ ବେଗ, ରବିନ ମହାନ୍ତି, ଜିଲ୍ଲା ଉପସଭାପତି ଆଇନଜିବି ମହମ୍ମଦ ଫିରୋଜ, ମନୋରଞ୍ଜନ ବାରିକ, ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବଶାଖା ସଭାପତି ଏସ.କେ.ରାଜାଖାନ, ଜିଲ୍ଲା ଯୁବଶାଖା କର୍ଯ୍ୟକାରୀ ସଭାପତି କିଶନ କୁମାର ସାହୁ, ଜିଲ୍ଲା ସଂଗଠନ ସମ୍ପାଦକ ଗଣେଶ ମହାନ୍ତି, ଜିଲ୍ଲା କ୍ରୀଡା ସଂଯୋଜିକା ସୁଭଦ୍ରା ହେମ୍ବ୍ରମ, ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ, କପ୍ତିପଦା ଉପଖଣ୍ଡ ସଭାପତି ରାକେଶ ପଣ୍ଡା, ବାରିପଦା ଉପଖଣ୍ଡ ସଭାପତି ପରିତୋଷ ବାରିକ, ପାଞ୍ଚପିଢ ଉପଖଣ୍ଡ ସଭାପତି ମାଇକେଲ ମହାନ୍ତ, ପାଞ୍ଚପିଢ ଉପଖଣ୍ଡ ସାଧାରଣ ସମ୍ପାଦକ ଅରୁଣ କୁମାର ବେହେରା, ବାରିପଦା ସହର ସଭାପତି ରାକେଶ ମହାନ୍ତି ଓ ଉଦଳା ସହର ସଭାପତି ଲକ୍ଷ୍ମୀଧର ସାହୁ ପ୍ରମୁଖଙ୍କ ନାମ ଘୋଷଣା କରାଯାଇଛି। ଆଗାମୀ ଦିନରେ ଶିମିଳିପାଳ ସୁରକ୍ଷା ସହିତ ମୟୂରଭଞ୍ଜ ଜିଲ୍ଲାରେ ଥିବା ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ଓ ଐତିହସ୍ଥଳୀ ଗୁଡିକର ଉନ୍ନତିକରଣ, ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଆଦି ବିଭିନ୍ନ ଦାବି ନେଇ ସଂଗଠନ ପକ୍ଷରୁ ବିଭିନ୍ନ ଉପାୟରେ ପ୍ରଚେଷ୍ଟା ଜାରି ରହିବ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

# ୨ଦିନିଆ "ସାଂସଦ ଖେଳ ମହୋତ୍ସବ' ଉଦ୍‌ଘାଟିତ

ବାରିପଦା, (ସବ୍ୟୁ): ବାରିପଦା ସ୍ଥିତ ଷ୍ଟାଡିୟମ ପଡିଆ ଠାରେ ଜିଲ୍ଲାପ୍ରଶାସନ ତ%ାବଧାନରେ ଆୟୋଜିତ "ସାଂସଦ ଖେଳ ମହୋତ୍ସବ' ଜିଲ୍ଲାସ୍ତରୀୟ ଖେଳ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ରାଜ୍ୟସଭା




ସାଂସଦ ମମତା ମହାନ୍ତ ଏହି ଖେଳ ମହୋତ୍ସବକୁ ଉଦ୍‌ଘାଟିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ସାଂସଦ ମାନଙ୍କ ଦ୍ୱାରା ସଂସଦୀୟ କ୍ଷେତ୍ରରେ କ୍ରୀଡାକୁ ଆଗ୍ରଅଧିକାର ଦେବା ସହିତ ଖେଳାଳୀ ମାନଙ୍କୁ ଆଗକୁ ବଢିବା ପାଇଁ ଉତ୍ସାହିତ କରିବା ଉଦେଶ୍ୟରେ ଏହାକୁ ଆୟୋଜନ କରାଯାଉଛି । ବିଶେଷ କରି ଗ୍ରାମାଞ୍ଚଳରେ କ୍ରୀଡାର ବିକାଶ ପାଇଁ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ । ଏହି ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଟ ୨୦,୦୦୦/- ଓ ଦ୍ୱିତୀୟ ପୁରସ୍କାର ଟ ୧୫, ୦୦୦/- ରଖାଯାଇଛି ବୋଲି ପ୍ରକାଶ କରିଥିଲେ । ସେହିପରି ଜିଲ୍ଲାପାଳ କହିଥିଲେ ଜିଲ୍ଲାରେ ଉତ୍ତମ କ୍ରୀଡା ପରିବେଶ ସୃଷ୍ଟି କରିବାପାଇଁ ବିଭିନ୍ନ ପ୍ରକାର ଯୋଜନା ହାତକୁ ନିଆଯାଇଛି । । ବିଭିନ୍ନ ପ୍ରକାର ଖେଳକୁ ସାମିଲ କରାଯାଇ ପ୍ରଶିକ୍ଷଣ ମାଧ୍ୟମରେ ଖେଳାଳୀ ମାନଙ୍କୁ ଉପଯୁକ୍ତ ବନାଯିବ ଯଦ୍ୱାରା ସେମାନେ ବିଭିନ୍ନ ପ୍ରକାର ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ସହିତ ଶ୍ରେଷ୍ଠତା ପ୍ରତିପାଦନ କରିବା ପାଇଁ ସକ୍ଷମ ହୋଇପାରିବେ । ଉକ୍ତ କାର୍ଯ୍ୟକ୍ରମରେ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବାବେଳେ ଏହି ପ୍ରତିଯୋଗିତାର ମୁଖ୍ୟ ସଂଯୋଜକ ସୁନୀଲକୁମାର ମହାନ୍ତ ଓ ଗଣମାଧ୍ୟମ ସଂଯୋଜକ ଦିବ୍ୟରଞ୍ଜନ ମହାନ୍ତ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି ଉକ୍ତ ଖେଳ ପ୍ରତିଯୋଗିତା ରେ ଜିଲ୍ଲାରୁ ୩୨ଟି ପୁରୁଷ ଫୁଟବଲ ଦଳ ଯୋଗ ଦେଇଥିବାବେଳେ ୧୨ଟି ବାଳିକା କବାଡି ଦଳ ଯୋଗ ଦେଇଛନ୍ତି ଏବଂ ପାଖାପାଖି ୯୦୦ ଖେଳାଳୀ ଏଥିରେ ଅଂଶଗ୍ରହଣ କରୁଛନ୍ତି ।

# ପରିବେଶ ଆଳରେ ବିକାଶର ବିରୋଧକୁ ନିନ୍ଦା

ବାରିପଦା, (ସବ୍ୟୁ):: ପାଲବଣୀ (ବାଇପାସ୍) ପ୍ରସ୍ତାବିତ ବସଷ୍ଟାଣ୍ଡ ବିରୋଧକୁ ଦୃଢ ଭାବେ ନିନ୍ଦା କରିଛନ୍ତି ବିଭିନ୍ନ ସଂଗଠନ ଓ ସ୍ଥାନୀୟ ବାସିନ୍ଦା ଏହି ପରିପ୍ରେକ୍ଷୀରେ ରବିବାର ଅପରାହ୍ନରେ ପାଲବଣୀ ଦୁର୍ଗପୂଜା ପଡିଆ ଠାରେ ପାଲବଣୀ ଦୁର୍ଗପୂଜା କମିଟି, ପାଲବଣୀ ଲକ୍ଷ୍ମୀପୂଜା କମିଟି, ଷ୍ଟେସନ ଏଥେଲେଟିକ୍ ଏସୋସିଏସନ, ମୟୂରଭଞ୍ଜ ସିନିୟର ସିଟିଜେନ୍ ଫୋରମ୍, ମୟୂରଭଞ୍ଜ ଟ୍ରକ୍ ଏସୋସିଏସନ, ଲେଟ୍-କଟ୍ କ୍ଲବ, ଆମେ ମୟୂରଭଞ୍ଜିଆ, ଛାଞ୍ଚ ଉନ୍ନୟନ ପରିଷଦ, ପାଞ୍ଚତାରକା କ୍ଲବ ପାଲବଣୀ ଓ ପାଲବଣୀ ସଂସ୍କୃତି ମଞ୍ଚ ପକ୍ଷରୁ ମିଳିତ ଭାବେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପରିବେଷ ଆଳରେ ଏହାକୁ କୁଚକ୍ରି ଗୋଷ୍ଠୀଙ୍କର ବିକାଶକୁ ଭଣ୍ଡୁଲ କରିବା ପାଇଁ ଚକ୍ରାନ୍ତ ଉଦ୍ୟମକୁ ନିନ୍ଦା କରାଯାଇଛି। ଏଥିସହ ପାଲବାଣୀ ବାଇପାସ୍ ଠାରେ ପତିତ ଜମିରେ ହେବାକୁ ଥିବା ଆନ୍ତଃରାଜ୍ୟ ବସଷ୍ଟାଣ୍ଡକୁ ବିରୋଧ କରାଯାଇ ବିକାଶ ପ୍ରକ୍ରିୟାକୁ ପରିବେଷ ଆଳରେ ରୋକ ଲଗାଇବାକୁ ଚକ୍ରାନ୍ତ ଚାଲିଛି। ଯାହାକୁ ଏହି ସଂଗଠନ ମାନେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ତୀବ୍ର ବିରୋଧ କରିଥିଲେ। ଏଥିସହ ପ୍ରସ୍ତାବିତ ବସଷ୍ଟାଣ୍ଡ ବାରିପଦା ପାଇଁ ସଠିକ୍ ନିଷ୍ପତ୍ତି ବୋଲି ଦୃଢ ଭାବେ ସମର୍ଥନ କରିଥିଲେ। ଏଥିସହ ଯୁକ୍ତି ଦର୍ଶାଇ ଥିଲେ ଅଶୀଦଶକରୁ ବାରିପଦା ପ୍ରାଇଭେଟ୍ ବସଷ୍ଟାଣ୍ଡ ଏବେ ବସ୍ ଏବଂ ଲୋକଙ୍କ ଗହଳିରେ ଅଣଃନିଶ୍ୱାସି ହୋଇପଡିଛି। ସେତେବେଳେ ମାତ୍ର ୧୦ରୁ ୨୦ଖଣ୍ଡ ବସ୍ ବସଷ୍ଟାଣ୍ଡକୁ ଆସୁଥିବାବେଳେ ବର୍ତ୍ତମାନ ୧୭୦ରୁ ଅଧିକ ବସ ବସଷ୍ଟାଣ୍ଡକୁ ପ୍ରତିଦିନ ଯାତାୟତ କରୁଛି। ବସ୍ ରହଣୀ ପାଇଁ ଜାଗା ନଥିବାରୁ ବସ୍ ଗୁଡିକ ବାଘରାରୋଡ ରାସ୍ତାର ଦୁଇପାଶ୍ୱ, ସହିଦ୍ ସ୍ମୃତି ଭବନ ନିକଟ, ଛଉପଡିଆ, ଏମ୍‌କେସି ହାଇସ୍କୁଲ ସମ୍ମୁଖ ତଥା ଏହିଭଳି ସହରର ବିଭିନ୍ନ ସ୍ଥାନରେ ପାର୍କିଂ କରୁଛି। ୧୯୯୮ ମସିହାରେ ବସ୍ ସ୍ଥାନାନ୍ତରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ କୌଣସି କାରଣରୁ ବସ୍‌ଷ୍ଟାଣ୍ଡ ଶୀତଳ ଭଣ୍ଡାରକୁ ଚାଲିଯାଇଥିଲା। ତେଣୁ ପରିବେଷ ଆଳରେ ବିକାଶକୁ ରୋକା ନଯାଉ। ବନବିଭାଗ ପକ୍ଷରୁ ୧୭୮୯ଟି ଗଛ ବଦଳରେ ବାରିପଦା ଫୋରେଷ୍ଟ ଡିଭିଜନରେ ୨ଲକ୍ଷ ୩୦ହଜାର ବୃକ୍ଷ ରୋପଣ କରିବାକୁ ଯାଉଥିବା ତଥ୍ୟ ଦେଇଥିବାବେଳେ ବାରିପଦାର ବିଭିନ୍ନ ସ୍ଥାନରେ ୬୦ହଜାର ଗଛ ଲଗାଯିବାର ଯୋଜନା ରହିଛି ବୋଲି ସୂଚନା ଦିଆଯାଇଥିଲା। ତେଣୁ ବସଷ୍ଟାଣ୍ଡ ନିର୍ମାଣକୁ ଏହି ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଗିରିଶ ଚନ୍ଦ୍ର ଦାସ, ସୁଧାଂଶୁ କୁମାର ଦାସ, ସୁଧାଂଶ ଶେଖର ମହୁଆଳ, ଅସିତ୍ କୁମାର କର, ଆଦିତ୍ୟ କୁମାର ଦଣ୍ଡପାଟ୍, ସଂଜିବ୍ ଦ୍ୱୀବେଦୀ, ତ୍ରିଲୋଚନ ଗିରି, ତରୁଣ ପଟ୍ଟନାୟକ, ଅଶୋକ କୁମାର ଗିରି, ଶଶାଙ୍କ ଶେଖର କର, ରଞ୍ଜନ କୁମାର ପଟ୍ଟନାୟକ, ଅଜୟ କୁମାର ଦାସ, ଦେବାଶିଷ ପାତ୍ର, ଦେବବ୍ରତ ସାମଲ, ହରିଶ ହେମ୍ବ୍ରମ, ପ୍ରଦୀପ ମୁର୍ମୁ, ସ୍ୱାଧିନ ମାରାଣ୍ଡି, ରତିକାନ୍ତ ବେହେରା, ଶଙ୍କୁ ପାଲ, ଜି. ଜାନକୀରାମ୍ ପ୍ରମୁଖ ଉପସ୍ଥିତ ରହି ବସ୍‌ଷ୍ଟାଣ୍ଡ ନିର୍ମାଣକୁ ସ୍ୱାଗତ କରି ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ବାଲ୍ୟ ବିବାହ ପ୍ରତିକାର ନେଇ ସଚେତନତା ଶୋଭାଯାତ୍ରା



ରେଙ୍ଗାଳି, (ସବ୍ୟୁ) : ଆଇନସେବା ପ୍ରାଧିକରଣ ଓ ଆଶା ୟୁନିଟ ତରଫରୁ ବାଲ୍ୟ ବିବାହର ପ୍ରଭାବ ଓ ତାର ପ୍ରତିକାର ସଂକ୍ରାନ୍ତରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସମ୍ୱାଦାୟଣ କର ଅତିରିକ୍ତ ଜିଲ୍ଲା ଏବଂ ଦୌରା ଜଜ ତଥା ଅଧକ୍ଷ ତାଲୁକ ଆଇନସେବା ପ୍ରାଧିକରଣ ତାଳଚେର, ଙ୍କ ନିର୍ଦ୍ଦେଶ କ୍ରମେ ରେଙ୍ଗାଳିସ୍ଥିତ ଓକେଷ୍ଟା ବ୍ଲକ ଠାରେ ବାଲ୍ୟ ବିବାହ ରୋକିବା ପାଇଁ ଏକ ସଚେତନତା ଶିବିର ଓ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶିବିର ରେ ଝିଅକୁ ଅଠର ଓ ପୁଅକୁ ଏକୋଇଶ ବର୍ଷ ପୂର୍ବରୁ ବାହାଘରକୁ ସ୍ୱୀକୃତି ନଦେବା ଓ ଚାଇଲ୍ଡଲାଇନ ଆଇନ ବିଷୟରେ ଅବଗତ କରାଇଥିଲେ । ଅନ୍ୟତମ ଅତିଥି ଯଥା ଶ୍ରୀମତୀ ମଧୁସ୍ମିତା ଜେନା ,ଅତିରିକ୍ତ ବରିଷ୍ଠ ବିଚାରପତି ତାଳଚେର, ସୁଶାନ୍ତ କୁମାର ନାୟକ, ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ତାଳଚେର, ସୁଶ୍ରୀ କୃଷ୍ଣା ସୁବୁଦ୍ଧି ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଦଣ୍ଡାଧିକାରୀ ତାଳଚେର, ରାମ ଚନ୍ଦ୍ର ସ୍ୱାଇଁ ବରିଷ୍ଠ ଆଇନଜୀବୀ, ବାଉରୀବନ୍ଧୁ ବେହେରା ପରିବେଶବିତ, ପରମା ବିକାସ ବରିଷ୍ଠ ଆଇନଜୀବୀ,ଧନେଶ୍ୱର ମହାନ୍ତି ବରିଷ୍ଠ ପତ୍ରକାର ପ୍ରମୁଖ ଯୋଗ ଦେଇ ୨୦୦୬ଶିଶୁ ବିବାହ ନିରୋଧ ଆଇନକୁ କଡାକଡି ଭାବେ ପାଳନକରିବା ଓ ଏହି ସମ୍ବନ୍ଧିୟ କୌଣସି ସୂଚନା ପାଇଁ ୧୦୯୮ ଦେୟ ମୁକ୍ତ ନମ୍ବରରେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରିଥିଲେ । ମୁଖ୍ୟଅତିଥି ଆଜିର ସମାଜରେ ସାମାଜିକ ବନ୍ଧନକୁ ସୁଦୃଢ କୋଇସହ ସାମାଜିକ ଗଣମାଧ୍ୟମର ଅପବ୍ୟବହାର ଠାରୁ ଦୂରେଇ ରହିବା ଓ ସଚେତନତା, ସାହାଯ୍ୟ, ସହଯୋଗ ରହିଲେ ଆମେ ଏହି ବାଲ୍ୟ ବିବାହ କୁ ରୋକପାରିବା ବୋଲି କହିଥିଲେ । ଶେଷରେ ଏକ ସଚେତନତା ଶୋଭାଯାତ୍ରା ରେଙ୍ଗାଳି କଲୋନୀ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ । ରେଙ୍ଗାଳି ଅଂଚଳର ସମସ୍ତ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଓ ଏମିକେ ଶତାଧିକ ବ୍ୟକ୍ତି ବିଶେଷ ଅଂଶ ଗ୍ରହଣ କରିବା ସହ ସହଯୋଗ କରିଥିଲେ ।

## ଗହୀର ଜମିରେ ପଲପଲ ହାତୀ

# ଏପଟେ ଚାଷୀ, ସେପଟେ ଗ୍ରାମବାସୀ ରାତି ଅନିଦ୍ରା



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜ ଗଦାଶିଳା ଫରେଷ୍ଟ ସେକସନ ଅନ୍ତର୍ଗତ ଶଙ୍କରପ୍ରତାପ ଗ୍ରାମ ଠାରୁ ହରିପୁର ପର୍ଯ୍ୟନ୍ତ ସଞ୍ଜ ହେଲେ ପଲ ପଲ ହାତୀ ଜମିରେ ପ୍ରବେଶ କରୁଛନ୍ତି। ହାତୀ ଭୟରେ ଚାଷୀ ଧାନ ଜମି ସହିତ ଫସଲକୁ ଜଗି ରହୁଥିବା ବେଳେ ଗ୍ରାମବାସୀ ରାତି ଅନିଦ୍ରା ହେଉଛନ୍ତି। ହାତୀ ଦେଖିବାକୁ ଶହ ଶହ ଲୋକ ସକାଳେ ଏବଂ ସନ୍ଧ୍ୟାରେ ଜଗି ରହୁଥିବାର ଜଣାପଡିଛି।

ଗଦାଶିଳା ଫରେଷ୍ଟ ସେକସନ ଅନ୍ତର୍ଗତ ପୋଡହି ଗ୍ରାମ ନିକଟରେଥିବା ଜାମୁଡ଼କଟା ଜଙ୍ଗଲ ହାତୀ ମାନଙ୍କ ପାଇଁସୁରକ୍ଷିତ ରହଣି ସ୍ଥାନ ପାଲଟିଛି। ଆଜକୁ ୧୫ ଦିନ ହେବ ହାତୀ ପଲ ସନ୍ଧ୍ୟା ହେବା ମାତ୍ରେ ପଲ ପଲ ହୋଇ ଜଙ୍ଗଲରୁ ବାହାରି ଆସୁଛନ୍ତି। ହାତୀ ପଲ ଗଦାଶିଳାପଞ୍ଚାୟତର ପୋଡହି, ଶଙ୍କରପ୍ରତାପପୁର, ଚାଇଁପୁର, ଗଦାଶିଳା ,ସାଇଁବିରି, ମହେନ୍ଦ୍ରପୁର, ସିମିନଈ, ଅଙ୍କାରିପୁର, ମୂଳିସିଂହ, ପଞ୍ଚୁପଟିରେ ଉପଦ୍ରବ କରୁଛନ୍ତି। କେତେକ ସ୍ଥାନରେ ଧାନଫସଲ ଖାଇବା ସହିତ ବିଭିନ୍ନ ଦ୍ରବ୍ୟ ନଷ୍ଟ କରୁଛନ୍ତି।ସେହିପରି ହାତୀ ପଲ କାଶିଆଡିହ ପଞ୍ଚାୟତ ଅନ୍ତର୍ଗତ ମହୀଧରପୁର, କାଶିଆଡିହ, ବଳରାମପୁର ପଞ୍ଚାୟତର ବଳରାମପୁର, ସାରିଆପଡା ଗ୍ରାମ ନିକଟସ୍ଥ ଜମିରେ ଉପଦ୍ରବ କରୁଥିବା ବେଳେ ଗୁଣ୍ଡିଚାପଡା ପଞ୍ଚାୟତର ଗୁଣ୍ଡିଚାପଡା,ହ ରିପୁର, ଛାଟିଆ, ଡେଙ୍ଗବୋରେଇରେ ମଧ ଉପଦ୍ରବ କରୁଛନ୍ତି। ସନ୍ଧ୍ୟା ହେବା ମାତ୍ରେ ଚାଷୀମାନେ ନିଆଁ ଜାଳି ଜଗି ରହୁଥିବା ବେଳେହାତୀ ପଲ ମାଳୁମାଳିଗିଡ଼ି ହାତୀ ମାନେ ତିନି ଚାରି ପଲ ହୋଇ ପ୍ରବେଶ କରୁଥିବା ବେଳେ ଏକ ଶହରୁ ଅଧିକ ହାତୀ ଚଳପ୍ରଚଳ କରୁଥିବାର ଜଣାପଡିଛି। ସଞ୍ଜ ହେବା ମାତ୍ରେ ହାତୀପଲ ଗଦାଶିଳା-ବଳରାମପୁର ରାସ୍ତାପାର ହେଉଥିବା ବେଳେହାତୀ ଦେଖିବାକୁ ରାସ୍ତା ଉପରେ ଲୋକଙ୍କ ଭିଡ ଜମୁଛି ସେହିପରି ସଞ୍ଜ ହେଲେ ରାସ୍ତାଘାଟ ଶୁନଶାନ ହୋଇଯାଉଛି। ହାତୀ ପଲ ପ୍ରତି ଦିନ ୮କିଲୋମିଟର ଅଞ୍ଚଳରେ ଉପଦ୍ରବ କରୁଥିବା ବେଳେସକାଳ ପାହିବା ମାତ୍ରେ ପୁଣି ରାସ୍ତାପାର ହୋଇ ଜଙ୍ଗଲକୁ ଚାଲିଯାଉଛନ୍ତି।ହାତୀ ପଲକୁ ଦେଖିବା ପାଇଁ ସକାଳ ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଲୋକ ଛିଡା ହୋଇ ହାତୀ ଦେଖୁଛନ୍ତି। ହାତୀପଲକୁ ନିୟନ୍ତ୍ରଣ କରିବା ପାଇଁ ଗଦାଶିଳା ଫରେଷ୍ଟ ସେକସନର କର୍ମଚାରୀ ମାନେ ସଜାଗ ରହୁଛନ୍ତି। ତଥାପି ହାତୀ ଚଳପ୍ରଚଳନେଇ ନିକଟସ୍ଥ ଗ୍ରାମ ଗୁଡିକରେ ମାଇକ ଯୋଗେ ସଚେତନ କରାଯାଉନଥିବାରୁ ରାତିରେ ହାତୀଙ୍କ ଉପସ୍ଥିତି ନେଇ ଅସନ୍ତୋଷ ଦେଖାଦେଉଛି। ହାତୀର ଗତି ବିଧି ସମ୍ପର୍କରେ ପ୍ରଚାର କରିବାକୁଦାବୀ ହୋଇଛି।

# ପିକ୍‌ଅପ୍ ଭ୍ୟାନ ପଛରେ ପିଟିହେଲା ବାଇକ, ଜଣେ ମୃତ

ଠାକୁରଗଡ, (ସବ୍ୟୁ) : କଟକ – ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ର ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା କମରେଲ ନିକଟରେ ଶନିବାର ବିଳମ୍ବିତ ରାତି ରେ ଏକ ପିକଅପଭ୍ୟାନ ପଛରେ ଏକ ବାଇକ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ବାଇକ ଚାଳକ ବଇଣ୍ଡା ଧରଣୀ ଧର ପବ୍ଲିକ ସ୍କୁଲର ଅଧକ୍ଷ ସୌରଭ କୁମାର ମହାନ୍ତି (୪୨ ) ଙ୍କର ରବିବାର ଦିନ ମୃତ୍ୟୁ ହୋଇଛି । ଘଟଣାରୁ ଜଣା ପଡିଛି ଯେ ସୌରଭଙ୍କର ଘର ଜାମସେଦପୁର ଅଞ୍ଚଳରେ ହୋଇଥିବା ବେଳେ ସେ ରେଢାଖୋଲ ଅଞ୍ଚଳରେ ଭଡାରେ ରହୁଥିଲେ । ବଇଣ୍ଡା ଧରଣୀ ଧର ପବ୍ଲିକ ସ୍କୁଲରେ ଅଧକ୍ଷ ଭାବରେ କାର୍ଯ୍ୟ କରୁଥିଲେ ।

.ଶନିବାର ରାତି ରେ ସେ ତାଙ୍କ ବାଇକଓଆର ୦୨ ବି ଜେଡ ୩୫୧୮ ଯୋଗେ ବଇଣ୍ଡାରୁ ରେଢାଖୋଲ ଅଭିମୁଖେ ଯାଉଥିବା ବେଳେ କମରେଇ ନିକଟରେ ଅନୁଗୋଳରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ପିକଅପ ଭ୍ୟାନ ଏମ ପି ୦୯ ଡି ଡବ୍ଲୁ ୭୩୮୧ ପଛରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଫଳରେ ଏହି ଦୁର୍ଘଟଣାରେ ବାଇକ ଚାଳକ ସୌରଭ ଗୁରୁତର ହୋଇ ପଡିଥିଲେ । ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଲୋକେ ଓ ହଣ୍ଡପା ପୋଲିସ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ହଣ୍ଡପା ପୋଲିସ ଉଭୟ ବାଇକ ସହ ଭ୍ୟାନକୁ ଜବତ କରିବା ସହ ଏକ ମାମଲା ରୁଜୁ କରିଛି ।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦର ବାର୍ଷିକ ସମ୍ମିଳନୀ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଅଖିଳ ଭାରତୀୟ ସାହିତ୍ୟ ପରିଷଦର ମଠକରଗୋଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଚିତ୍ତ ରଞ୍ଜନ ଦାଶ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ପ୍ରାକ୍ତନ କୂଳ ସଚିବ ଡ଼ଃ ଅଭୟ କୁମାର ନାୟକ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତୀୟ ସାହିତ୍ୟ ଓ ସଂସ୍କୃତି ଉପରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ମୂଖ୍ୟ ବକ୍ତା ପଣ୍ଡିତ ଦିବାକର ନନ୍ଦ ଅବକ୍ଷୟିଷ୍ଣୁ ସମାଜ ଉପରେ ଆଲୋକପାତ କରିବା ସହ ସାହିତ୍ୟ ସାମାଜିକ ମୂଲ୍ୟବୋଧ ସଂରକ୍ଷଣ ରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ସଭାପତି ଡକ୍ଟର ଦୁର୍ଗା ମାଧବ ପୃଷ୍ଟି ସାହିତ୍ୟ ପରିଷଦ ସମାଜକୁ ଶୃଙ୍ଖଳିତ ହେବାର ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ସଂଯୋଜକ ଶକ୍ତି ପ୍ରସାଦ ନନ୍ଦ ରାଷ୍ଟ୍ର ନିର୍ମାଣ ରେ ପଞ୍ଚ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ଆର୍ଯ୍ୟ କବି ପଣ୍ଡିତ ପ୍ରମୋଦ କୁମାର ମିଶ୍ର ସନାତନ ଧର୍ମର ବ୍ୟାପକତା ଉପରେ ଆଲୋଚନା କରିଥିଲେ। ଅଧକ୍ଷ ଶ୍ରୀ ଦାଶ ଜଗନ୍ନାଥ ସଂସ୍କୃତି ଓ ସାହିତ୍ୟ ର ବ୍ୟାପକତା ଉପରେ ଆଲୋକପାତ କରିବା ସହ ସାହିତ୍ୟ ପରିଷଦକୁ କ୍ରୀୟାଶୀଳ କରିବାକୁ ଆହ୍ୱାନ ଦେଇଥିଲେ।କାମାକ୍ଷାନଗର ସଂପାଦକ ଅଧ୍ୟାପକ ପ୍ରଶାନ୍ତ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ସଂପାଦକ ବାହାଦୁର ପାଟ ସାହାଣୀ ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଉପସଭାପତି କବି ପ୍ରଭାତି ମହାପାତ୍ର , ଅଞ୍ଜନ କୁମାର ମହାରଣା ଓ ନିବେଦିତା ରଥଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ କବିତା ମହାନ୍ତି, ଅମିତାଞ୍ଜଳୀ ମିଶ୍ର, ସ୍ୱପ୍ନିତା ରାଉତ ପ୍ରମୁଖଙ୍କ ସହ ପ୍ରାୟ କୋଡିଏ ଜଣ ସଦସ୍ୟ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ତିମ ଅଧିବେଶନରେ ଆସନ୍ତା ବର୍ଷ ପାଇଁ ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା। ବରିଷ୍ଠ ସଦସ୍ୟ ଲଳିତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ମଠକରଗୋଳା ମହାବିଦ୍ୟାଳୟର ଅଧାପିକା ସବିତା ଦେହୁରୀ ଓ ଶୁଭ ସ୍ମିତା ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଢେଙ୍କାନାଳ ଜିଲ୍ଲା ର ଆଠଗୋଟି ବ୍ଲକ ର କର୍ମକର୍ତ୍ତା ଓ ସଦସ୍ୟ ମାନେ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। କଙ୍କଡ଼ାହାଡ଼ ବ୍ଲକ୍ ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ କୁମାର ପରିଡ଼ା ସମ୍ମିଳନୀ ର ସଂଯୋଜନା କରିଥିଲେ।

# ଗଛରେ ଝୁଲୁଥିବା ଯୁବକଙ୍କ ଶବ ଉଦ୍ଧାର

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ଥାନା ଅନ୍ତର୍ଗତ ଏନ ଏ ସି ୬ ନମ୍ବର ୱାର୍ଡ ମାଣିକ ପଥର ଗ୍ରାମର ଦକ୍ଷିଣ ପାର୍ଶ୍ୱ ଗାଁର ଶେଷ ଭାଗରେ ଏକ ଗଛ ରେ ଯୁବକ ଙ୍କର ଝୁଲନ୍ତା ଅବସ୍ଥା ରେ ଦେଖିବାକୁ ମିଳିଥିଲା । ଗ୍ରାମବାସୀ ଓ ପରିବାର ଦେଖିଲା ପରେ ମାଣିକ ପଥର ଗ୍ରାମର ସଞ୍ଜୟ ଭୋଇ (୨୮) ବୋଲି ଜଣା ପଡିଥିଲା। ସଞ୍ଜୟ ଭୋଇଙ୍କ ପିତା ସମ୍ବାରୁ ଭୋଇଙ୍କ ଏତେଲାକୁ ଭିତ୍ତି କରି ଆଠମଲ୍ଲିକ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲା । ଝୁଲନ୍ତା ଅବସ୍ଥାରେ ଥିବା ଶବ କୁ ଦମକଳ ବାହିନୀ ଦ୍ୱାରା ତଳକୁ ଆଣିବା ପାଇଁ ପୋଲିସ ଉଦ୍ୟମ କରିଥିବା ବେଳେ ସାଇଣ୍ଟି ଫିକ ଟିମ ଓ ସନ୍ଧାନି କୁକୁର ଆଣିବାକୁ ଦାବୀ କରି ଗ୍ରାମବାସୀ ଓ ପରିବାର ଲୋକ ଶବକୁ ଓଲେହି ଦେଇନ ଥିଲେ। ପୋଲିସ ସାଇଣ୍ଟିଫିକ ଟିମ ସହ ସନ୍ଧାନି କୁକୁରକୁ ଅଧିକ ତଦନ୍ତ କରିବା ପାଇଁ ଘଟଣା ସ୍ଥଳକୁ ଡକାଇ ଥିଲେ । ଗ୍ରାମବାସୀଙ୍କୁ ବୁଝାସୁଝା କଲା ପରେ ଶବକୁ ତଳକୁ ଅଣାଯାଇ ତଦନ୍ତ କୁ ଜୋରଦାର କରା ଯାଇଥିଲା ।

# ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

ଠାକୁରଗଡ, (ସବ୍ୟୁ) : କିଶୋରନଗର ବ୍ଲକ ଝରାବେରେଣୀ ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ୩୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଦିନ ଉଦଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଞ୍ଜିତ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଫୁଲାମ୍ବା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରିଡାକୁ ଉଦଘାଟନ କରିଥିଲେ । ଆନନ୍ଦ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ । ଏଥିରେ ବିଭିନ୍ନ କ୍ରିଡାମାନ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ରୀ ଛାତ୍ର କ୍ରିଡାରେ ଭାଗ ନେଇଥିଲେ । ଶୁକ୍ରବାର ଦିନ ଏହି କ୍ରିଡା ଉଦଜାପନ ହୋଇଥିଲା । ଉଦଯାପନୀ ସଭାରେ ମୁଖ୍ୟଅତିଥି ଡଃ ଅଲେଖ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନେ କ୍ରୀଡ଼ା ମାଧ୍ୟମରେ ଶୃଙ୍ଖଳା, ନମ୍ର, ଭକ୍ତି,ଓ ନିଷ୍ଠାର ସହ ଜଣେ ଉତ୍ତମ ନାଗରିକ ରୂପେ ସମାଜରେ ପ୍ରତିଷ୍ଠିତ ହେବାକୁ ଆହ୍ୱାନ ଦେଇଥିଲେ । ସମ୍ମାନୀତ ଅତିଥି ବରୁଣ ପ୍ରଧାନ, ସୁଧାଂଶୁ ରାଉଳ, ଦିଗାମ୍ବର ଭୋଇ,ପ୍ରମୁଖ ଯୋଗଦାନ କରି ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ପ୍ରତିଯୋଗିତାକୁ ସଂଜୀବ ସେଠୀ,କେତାଞ୍ଜଳୀ ସାହୁ, ଶତାୟୁ ପ୍ରଧାନ ପରିଚାଳନା କରିଥିଲାବେଳେ ଶିକ୍ଷକ ଅମିତାଭ ପ୍ରଧାନ ମଞ୍ଚ ଓ ଛାତ୍ରୀ ସ୍ୱାଗତିକା ଦେହୁରୀ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶିକ୍ଷକ ଅବନୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଏଡ଼ା ହାଇସ୍କୁଲରେ ଅଗ୍ନିଶମ ବାହିନୀର ମକଡ୍ରିଲ

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅଏଡ଼ା ସ୍ଥିତ ଅଏଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାନୀୟ ଅଗ୍ନିଶମ ବାହିନୀ ତରଫରୁ ଛାତ୍ର ଛାତ୍ରୀଙ୍କୁ ବିଭିନ୍ନ ଦୈବୀ ଦୁର୍ବିପାକରୁ କିପରି ସରଳ ଉପାୟରେ ନିଜକୁ ସୁରକ୍ଷିତ ରଖି ଅନ୍ୟକୁ ସୁରକ୍ଷା ଦେଇ ହେବ ସେହି ଉପରେ ମକ ଡ୍ରିଲ କରି ଦେଖାଇ ଥିଲେ । ମୁଖ୍ୟତଃ ଗ୍ୟାସ ସିଲିଣ୍ଡର ନିଆଁ ହେଲେ କିପରି ରକ୍ଷା ପାଇବା, ଘରପୋଡିରୁ ଲୋକଙ୍କୁ ଉଦ୍ଧାର କରିବା ଓ ବାତ୍ୟା ବନ୍ୟା ସମୟରେ ପ୍ରପୀଡ଼ିତ ଲୋକଙ୍କୁ ଉଦ୍ଧାର କରିବା ପ୍ରଭୃତି ଉପରେ ମକଡ୍ରିଲ କରିବା ସହିତ ବୁଝାଇଥିଲେ । ଏହି ମକଡ୍ରିଲ ସମୟରେ ଅଗ୍ନିଶମ ବାହିନୀ ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର ପ୍ରଶାନ୍ତ କୁମାର ସାମଲ, ଉପେନ୍ଦ୍ର ସାହୁ,ଶେଷଦେବ ବେହେରା, କ୍ଷୀରଦ ସାମଲଙ୍କ ସମେତ ଅଗ୍ନିଶମ ବାହିନୀର କର୍ମଚାରୀ ଉପସ୍ଥିତ ରହି ମକ ଡ୍ରିଲ ଦେଖାଇଥିଲେ । ଏହି ମକଡ୍ରିଲ ସମୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ମୃତିରଞ୍ଜନ ମହାପାତ୍ର, ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ, ସୁବାଷ ଚନ୍ଦ୍ର ବେହେରା, ନିମାଇଁ ଚରଣ ଭୋଇ, ଅଜୟ ନାଏକ, ଶିକ୍ଷୟତ୍ରୀ ଶିଳ୍ପୀ ସୁଜାତା ପ୍ରଧାନଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ ।

# କୁନି ପ୍ରତିଭା ‘ଆହାନା’ ମହାରାଷ୍ଟ୍ରରେ ସମ୍ମାନିତ




ବଁଅଁରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ନାଲକୋ ନଗରର କୁନି ଝିଅ ଆହାନା ମହାରାଷ୍ଟ୍ରରେ ପୁରସ୍କୃତ ହୋଇଛନ୍ତି । ସୂଚନା ଅନୁଯାୟୀ ଶିର୍ଡିସଙ୍ଗମନେର, ମହାରାଷ୍ଟ୍ର କଲଚୁରାଲ ଫାଉଣ୍ଡେସନ ଅଫ ଇଣ୍ଡିଆ ଦ୍ୱାରା ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଜାତୀୟ ସ୍ତରରେ ସାଂସ୍କୃତିକ ପ୍ରତିଯୋଗିତାରେ ଓଡ଼ିଶାର କୁନି ପ୍ରତିଭା ଆହାନା ରଥ ତାଙ୍କ ପ୍ରତିଭାର ପରିଚୟ ଦେଇ ସଫଳତା ହାସଲ କରିଛନ୍ତି। ଆହାନା ରଥ ଅନୁଗୋଳ ସ୍ଥିତ ନ୍ୟୁକ୍ରିଏସନ ଡ୍ୟାନ୍ସ ଏକାଡେମୀରୁ ଗୁରୁ ଅନିତା ରାଜଗୁରୁଙ୍କ ନିକଟରେ ଶାସ୍ତ୍ରୀୟ ଓ ଲୋକାନୃତ୍ୟ ରେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ସେ ନାଲକୋ ନଗର ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ଚତୁର୍ଥ ଶ୍ରେଣୀର ଛାତ୍ରୀ ଅଟନ୍ତି। କୁନି ଛାତ୍ରୀ ଆହାନା ରଥ, ମହେନ୍ଦ୍ର କୁମାର ରଥ ଓ ଅନିତା ପାଲଙ୍କ ଏକ ମାତ୍ର କନ୍ୟା ଅଟନ୍ତି। ତାଙ୍କର ଏହି ସଫଳତା ପଛରେ ଗୁରୁ ଅନିତା ରାଜଗୁରୁଙ୍କ ପ୍ରେରଣା ଓ ଶିକ୍ଷା ତାଙ୍କୁ ଉତ୍ସାହିତ କରିଛି। ଆଗାମୀ ଦିନରେ ଏହି ନୃତ୍ୟକୁ ପ୍ରଚାର ପ୍ରସାର ପାଇଁ ସେ ସବୁବେଳେ ଚେଷ୍ଟା କରିବେ ବୋଲି କହିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି ।

# ୱାର୍ଡ଼ ନଂ– ୧ରେ ଫେବର ବ୍ଲକ କାହା ସ୍ୱାର୍ଥରେ

ତାଳଚେର, (ସବ୍ୟୁ) : ତାଳଚେର ପୌରପରିଷଦରେ ରହିଥିବା ୨୧ଟି ୱାର୍ଡ଼ରେ ଏଥିମଧ୍ୟରୁ କିଛିକାଂଶରେ ରାସ୍ତା ଡ୍ରେନ୍, ବ୍ୟବସ୍ଥା ସୁଚାରୂପେ ନଥିବା ବେଳେ ୱାର୍ଡ଼ବାସୀ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇ ପଡ଼ିଛନ୍ତି। ଏପରିସ୍ଥଳେ ଯେଉଁ ସ୍ଥାନରେ କଙ୍କ୍ରିଟ ରାସ୍ତା ଚକାକଚ୍ ଅଛି ସେହି ଜାଗାରେ ଫେବରବ୍ଲକ ବିଛାଇବା କେତେ ଯୁକ୍ତିସଙ୍ଗତ ତାହାକୁ ନେଇ ୱାର୍ଡ଼ବାସୀ ତିବ୍ରପ୍ରତିକ୍ରିୟା ପ୍ରକାଶ କରିଥିବା ଘଟଣା ସହରରେ ମୁଖ୍ୟ ବିଷୟ ହୋଇଛି। ଘଟଣାରୁ ପ୍ରକାଶ ପୌରପରିଷଦର ୱାର୍ଡ଼ ନଂ–୧ ସାମନ୍ତ ସାହି ଘୋଡ଼ାଶାଳ ମା’କେନ୍ଦୁଆଶୁଣୀଙ୍କ ସମ୍ମୁଖ କଙ୍କ୍ରିଟ ରାସ୍ତାଟି ଜଗନ୍ନାଥ ମନ୍ଦିର ପଛପାର୍ଶ୍ୱ ପାଚେରି ପର୍ଯ୍ୟନ୍ତ ପ୍ରାୟ ୫ଶହ ମିଟର ନିର୍ମାଣଧିନ କଙ୍କ୍ରିଟ ରାସ୍ତା ଚକାଚକ ରହିଥିବା ବେଳେ ଏବେ ସେହି ରାସ୍ତା ଉପରେ ପ୍ରାୟ ୯ଲକ୍ଷଟଙ୍କାର ଫେବରବ୍ଲକ ବିଛାଇବାକୁ ନେଇ ସେଠିକାର ୱାର୍ଡ଼ବାସୀ ଏହାକୁ ତୀବ୍ର ବିରୋଧ କରିବାସହ ଯେଉଁ ୱାର୍ଡ଼ରେ ରାସ୍ତା ନାହିଁ ଓ ରାସ୍ତା ଗୁଡ଼ିକ ଖାଲଖମଣା ହୋଇ ପଡ଼ି ରହିଛି ସେଠାରେ କାହିଁକି ଉନ୍ନତିମୂଳକ କାର୍ଯ୍ୟ କରାଯାଉ ନାହିଁ ବୋଲି ଯୁକ୍ତି ବାଢ଼ିଛନ୍ତି। କମ୍ପାନୀ କା ମାଲ ଦରିଆମେ ଡ଼ାଲ ସଦୃଶ ଏଠାରେ ଫେବରବ୍ଲକ ବିଛାଯିବା କାହା ସ୍ୱାର୍ଥର ବୋଲି ଅଂଚଳବାସୀ ପ୍ରକାଶ କରିଛନ୍ତି। ଯେଉଁ କଙ୍କ୍ରିଟ ରାସ୍ତା ଉପରେ ଫେବରବ୍ଲକ ବିଛା ହୋଇଛି ତାହା ସଠିକ୍ ଭାବେ କରାଯାଇନଥିବାରୁ ରାସ୍ତାଟି ଉଚ୍ଚା ନିଚ୍ଚା ରହୁଥିବାରୁ ସେହି ରାସ୍ତାରେ ଦୁଇଚକିଆରେ ଗଲେ ଭୟ ଲାଗିଥାଏ। ସରକାରୀଙ୍କ ନିୟମ ଅନୁଯାୟୀ ମାଟି ରାସ୍ତା ଉପରେ ବାଲି ପକାଇ ଫେବରବ୍ଲକ ବିଛାଇଲେ ବର୍ଷାଜଳ ସଂରକ୍ଷଣ ହେବା ସହିତ ରାସ୍ତାଟି ସୁନ୍ଦର ଲାଗିବ। କିନ୍ତୁ ସରକାରଙ୍କ ଏହି ଯୋଜନା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ମାତ୍ର କିଛି ଅସାଧୁ କର୍ମଚାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଅତିତରିବରିଆ ଭାବେ କଙ୍କ୍ରିଟ ରାସ୍ତା ଉପରେ ଫେବରବ୍ଲକ ବିଛାଇ ନିୟମ ଉଲଘଂନ କରିବା ସହ ଲକ୍ଷଲକ୍ଷ ଟଙ୍କା ହରିଟ୍ କରୁଥିବା ଘଟଣା ସେହି ଅଂଚଳବାସୀଙ୍କୁ ଚକିତ କରୁଛି। ଯାହା ଏଭଳି କିଛି ୱାଡ଼ରେ ପୂର୍ବରୁ ରାସ୍ତାରେ ଫେବରବ୍ଲକ ବିଛାଯାଇ ବେଶ ମାଲାମାଲ ହୋଇଥିବା ଶୁଣିବାକୁ ମଳିଥିଲା।

# ମଦ ଜବତ, ଦୁଇ ଗିରଫ

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ବନ୍ଥୁଲ ଗ୍ରାମର ପ୍ରଶ୍ନ ଜିତ ପ୍ରଧାନଙ୍କ ଘରେ ଶନିବାର ରାତିରେ ଠାକୁରଗଡ ପୋଲିସର ସ୍ୱତନ୍ତ୍ର ଟିମ ଚଢଉ କରି ୫୩ ଲିଟର ଚୋରା ବିଦେଶୀ ଓ ଦେଶୀ ମଦ ଜବତ କରିଛି । ଏଥିସହ ତାଙ୍କୁ ଗିରଫ କରାଯାଇଛି । ସେ ଘରେ ବେଆଇନ ଭାବରେ ଚୋରା ମଦ ବିକ୍ରି କରାଯାଉଥିବା ଅନୁଗୋଳଏସପିଙ୍କ ନିକଟରେ ଅଭିଯୋଗ ହୋଇଥିଲା । ପରେ ପୋଲିସ ଚଢଉ କରିଥିଲା । ସେହପରି ରାଣୀ ଦାନ୍ଧିଆ ଗ୍ରାମରେ ଚଢଉ କରି ରମେଶ ବେହେରାଙ୍କ ଘରୁ ୩୪ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି । ସେ ଘରେ ମଧ ବେଇଆନ ଭାବରେ ମଦ ବିକ୍ରି କରୁଥିବା ଖବର ପାଇଁ ପୋଲିସ ଚଢଉ କରି ଗିରଫ କରିଥିଲା ।

# ଢେଙ୍କାନାଳ ଜିଲ୍ଲା ପଦାଧିକାରୀଙ୍କ ନାମ ଘୋଷଣା

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପଦାଧିକାରୀଙ୍କ ନାମ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଘୋଷଣା କରାଯାଇଛି। ଜିଲ୍ଲା ଉପସଭାପତି ଭାବରେ ଧ୍ରୁବ ଚରଣ ସ୍ୱାଇଁ,ନରୋଦ କୁମାର ସାହୁ,ବରୁଣ କୁମାରସର, ସହଦେବ ପୃଷ୍ଟି,ସଞ୍ଜୟ କୁମାର ଦାସ, ସଞ୍ଜୟ କୁମାର ରାଉତ,ଇତିଶ୍ରୀ ସାହୁ,ମିନକେତନ ନାୟକ,ଜିଲ୍ଲା ସାଧାରଣ ସମ୍ପାଦକ ଭାବରେ ବିଷ୍ଣୁ ପ୍ରସାଦ ଲେଙ୍କା,ମାତୃପ୍ରସାଦ ନନ୍ଦ,ସୁଶାନ୍ତ ପତି, ଜିଲ୍ଲା ସମ୍ପାଦକ ଭାବରେ ଅମ୍ବିକା ପ୍ରସାଦ ମିଶ୍ର,ପ୍ରଣତି ସାହୁ,ରୁନୁବାଳା ରାଉତ,ସଂଯୁକ୍ତା ହୋତା,ଜୟନ୍ତୀ ଦାସ,ମଞ୍ଜୁଲତା ସାହୁ,ଅଞ୍ଜନ କୁମାର ପାଣି,ପ୍ରଶାନ୍ତ କୁମାର ପ୍ରଧାନ,ଜିଲ୍ଲା କୋଷାଧକ୍ଷ ଭାବରେ ଆନନ୍ଦ ପ୍ରଧାନଙ୍କ ନାମ ଘୋଷଣା କରାଯାଇଛିବୋଲି ମିଡିଆପ୍ରଭାରୀ ନବ କିଶୋର ଗୁରୁ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

## ଓପି ଜିନ୍ଦଲ ସ୍କୁଲର ବାର୍ଷିକ ଉତ୍ସବ

# କଠିନ ପରିଶ୍ରମ କରି ସଫଳତା ହାସଲ ସହ ଆଗାମୀ ଦିନରେ ଉତ୍ତମ ମଣିଷ ହେବାକୁ ପରାମର୍ଶ




ଅନୁଗୁଳ,(ସବ୍ୟୁ) : ୧୯ ଓ ୨୦ତାରିଖ ଦୁଇ ଦିନ ଧରି ଜିନ୍ଦଲ ନଗର ସ୍ଥିତ ଓ.ପି. ଜିନ୍ଦଲ ସ୍କୁଲର ବାର୍ଷିକ ଉତ୍ସବ 'ମିଲାଞ୍ଜ ' ଓ 'ପୁନରଭାରତ' ଇଡେନ ଗାର୍ଡେନ ଠାରେ ଅନୁଷ୍ଠିତ ହୋଇ ଯାଇଛି ।

ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିନ୍ଦଲ ମହିଳା ସମିତିର ସଭାପତି ଶ୍ରୀମତୀ ସୀମା ମଲହାନ ଓ ଶ୍ରୀମତୀ ଅନିତା ମିତ୍ତଲ,ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲର ଉପ– ସଭାପତି ତଥା ପ୍ରଶାସନିକ ମୁଖ୍ୟ କର୍ଣ୍ଣେଲ ସୁଦୀପ ମାଜୀ ଯୋଗ ଦେଇଥିବା ବେଳେ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅନୁଗୁଳର ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲ, ଅନୁଗୁଳର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇନଚାର୍ଜ) ତଥା ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ପଙ୍କଜ ମଲହାନ, ଜିନ୍ଦଲ ଷ୍ଟିଲ, ଅନୁଗୁଳର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ ଓ ଆଇରନ ଜୋନ) ତଥା ବିଦ୍ୟାଳୟ ପରିଚାଳନା କମିଟିର ଉପାଧକ୍ଷ ଦାମୋଦର ମିତ୍ତଲ, ଜିନ୍ଦଲ ଷ୍ଟିଲ, ଅନୁଗୁଳର ମାନବ ସମ୍ବଳ ବିଭାଗର ସଭାପତି ତଥା ସି.ଏଚ.ଆର.ଓ.ଦିଲ୍ଲୀପ କୁମାର ସିହ୍ନା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ ।

ଅତିଥିମାନେ ତାଙ୍କ ଅଭିଭାଷଣ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତର ମାର୍ଗଦର୍ଶାଇବା ସହ କଠିନ ପରିଶ୍ରମ କରି ସଫଳତା ହାସଲ ସହ ଆଗାମୀ ଦିନରେ ଉତ୍ତମ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ବିଦ୍ୟାଳୟର ପ୍ରୟାସକୁ ଅତିଥିମାନେ ଭୁୟସୀ ପ୍ରଶଂସା କରିଥିଲେ । ବିଦ୍ୟାଳୟର ଅଧକ୍ଷ ଡଃ ଅଶ୍ୱିନୀ କୁମାର ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ।

ପ୍ରଥମ ସନ୍ଧ୍ୟାରେ ''ମିଲାଞ୍ଜ'' ଉତ୍ସବରେ ନର୍ସରୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬୦୦ ଜଣ ଛାତ୍ର ଛାତ୍ରୀ ଏବଂ ଦ୍ୱିତୀୟ ସଂଧ୍ୟାର 'ପୁନରଭାରତ' ଉତ୍ସବରେ ଷଷ୍ଠ ଶ୍ରେଣୀ ଠାରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ୫୦୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ପ୍ରଥମ ସନ୍ଧ୍ୟାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ନର୍ସରୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୫ଜଣ ଛାତ୍ରଛାତ୍ରୀ ଏବଂ ଦ୍ୱିତୀୟ ସନ୍ଧ୍ୟାରେ ଷଷ୍ଠ ଶ୍ରେଣୀ ଠାରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ୧୨୫ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ବିଭିନ୍ନ କ୍ଷେତ୍ରରେ ବିଶେଷ ସଫଳତା ପାଇଁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ ।

ଏହି ଅବସରରେ ନିଟ, ଜେଇ ମେନ ଓ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବେଷ୍ଟ ହାଉସ (ସିସିଏ) ସରୋଜିନୀ ହାଉସ, ବେଷ୍ଟ ହାଉସ (ଏକାଡ଼େମିକ) ଆଜାଦ ହାଉସ, ଏବଂ ବେଷ୍ଟ ହାଉସ (ସାମଗ୍ରିକ) ରାମାନୁଜନ ହାଉସକୁ ବିଜୟୀ ଏବଂ ବେଷ୍ଟ ହାଉସ (ସାମଗ୍ରିକ) ଭାବେ ସରୋଜିନୀ ହାଉସକୁ ରନର୍ସ ଅପ ଘୋଷଣା କରାଯାଇ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ ।

ଉଭୟ ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ସହ ବିଭିନ୍ନ ଚିତାକର୍ଷକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉଭୟ ସନ୍ଧ୍ୟାରେ ବିଦ୍ୟାଳୟର ଉପାଧକ୍ଷ ଡଃ ଅରୁଣ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ, ଅଭିଭାବକ, ଶିକ୍ଷକ– ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଖଜୁରିଆକଟା ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ



ହିନ୍ଦୋଳ, (ସବ୍ୟୁ) : ହିନ୍ଦୋଳ ବ୍ଲକ ଖଜୁରିଆକଟା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର (ଗୌତମ ବିହାର) ର ୨୮ ତମ ବାର୍ଷିକ ଉତ୍ସବ ରବିବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁକୁମାର ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ସୁନାଗରିକ ହେବା ସହ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଛୋଟ ପିଲାଙ୍କୁ ମାତ୍ରାଧିକ ମୋବାଇଲ ବ୍ୟବହାର ଠାରୁ ଦୂରରେ ରଖିବା ସହ ସେମାନଙ୍କ ଶାରିରୀକ , ମାନସିକ ଓ ବୌଦ୍ଧିକ ବିକାଶ ଦିଗରେ ଅଭିଭାବକମାନେ ଗୁରୁତ୍ୱ ଦେବା ସହ ସଂସ୍କାର ସମ୍ପନ୍ନ କରି ଗଢି ତୋଳିବାକୁ ମୁଖ୍ୟବକ୍ତା ତଥା ସହମନ୍ତ୍ରୀ, ବିଦ୍ୟାଭାରତୀ ପୂର୍ବକ୍ଷେତ୍ର ହେମନ୍ତ କୁମାର ପାଣିଗ୍ରାହୀ ଅଭିଭାଷଣ ପ୍ରଦାନ କରିଥିଲେ । ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତ୍ୟକ ଛାତ୍ର ଛାତ୍ରୀ ନିଜର ଲକ୍ଷ୍ୟକୁ ସାଧନ କରି ପ୍ରତ୍ୟକ ଜଣେ ଜଣେ ଭଲ ମଣିଷ ହୋଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଶଶୀଭୂଷଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରଦିପ କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବିଦ୍ୟାଳୟ ପାଇଁ ଭୂମିଦାନ କରିଥିବା କୁକୁଟା ଗ୍ରାମ ନିବାସୀ ବିରାଜ ସାହୁ ଉପଢ୍ୌକନ ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସମସ୍ତ ପରିଚାଳନା କମିଟି ସଦସ୍ୟ ତଥା ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଦୁଇ ରାସ୍ତାର ଶିଳାନ୍ୟାସ କଲେ ବାଙ୍ଗିରିପୋଷୀ ବିଧାୟିକା



କୁଳିଆଣା, (ସବ୍ୟୁ): ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ଗ୍ରାମ ଉନ୍ନୟନ ବିଭାଗ ତରଫରୁ କୁଳିଆଣା ଠାରୁ ଆସ୍ଥାଚ ଓ କୋଠାବିଲା ଠାରୁ ଦୁଧିଆସଳ ପର୍ଯ୍ୟନ୍ତ ଏହି ଦୁଇ ଟି ରାସ୍ତା ନିର୍ମାଣ ନିମନ୍ତେ ବାଙ୍ଗିରିପୋଷୀ ବିଧାୟିକା ସଞ୍ଜଲି ମୁର୍ମୁ ଶିଳାନ୍ୟାସ ସ୍ଥାପନ କରିଛନ୍ତି । ଏହି ଉପଲକ୍ଷେ କୁଳିଆଣା ୮ ନମ୍ବର ଜୋନ ମଣ୍ଡଳ ସଭାପତି ବିଶ୍ୱନାରାୟଣ ଜିତବାବୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟିକା ସଞ୍ଜଲି ମୁର୍ମୁ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁଚରା ମୁର୍ମୁ, ଉପାଧ୍ୟକ୍ଷା ଅନିମା ସାହୁ, ପୁରୁଣାପାଣି ସମିତି ସଭ୍ୟା ନମିତା ଦେଓବାବୁ, ପାକୁଡ଼ିଆ ସମିତି ସଭ୍ୟା ସଂଯୁକ୍ତା ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁଭାଂଶୁ ଶେଖର ଦେଓବାବୁ, ବାରିପଦା ଗ୍ରାମ ଉନ୍ନୟନ ବିଭାଗ ର ଏସ.ଡ଼ି.ଓ ସୁବ୍ରମଣ ଭୂୟାଁ, କୁଳିଅଣା ଗ୍ରାମ ଉନ୍ନୟନ କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ କୁମାର ସେଠି ମଞ୍ଚାସୀନ ଥିଲେ । ବିଧାୟିକା ସଞ୍ଜଲୀ ମୁର୍ମୁ ନିଜ ନିର୍ବାଚନ ମଣ୍ଡଳୀର ଉନ୍ନତି କରିବା ଶହ ଶେଷରେ ଶୁଭାଂଶୁ ଶେଖର ଦେଓବାବୁ ଙ୍କ ହକଦିଆ ବନ୍ଧ ଠାରେ ଏକ ପାର୍କ ଓ ମହାରାଜା ଶ୍ରୀରାମ ଚନ୍ଦ୍ର ଙ୍କ ପ୍ରତି ମୂର୍ତ୍ତି ଆସନ୍ତା ୨୫ ତାରିଖ ଦିନ ସ୍ଥାପନ ହେବ । ଆଗାମୀ ସମୟ ରେ ଏ ଅଂଚଳ ର ବିକାଶ ପାଇଁ ସେ ସବୁ କାର୍ଯ୍ୟକ୍ରମ ରହି ଅଛି ସେ ବିଷୟରେ କହିଥିଲେ । ମଣ୍ଡଳ ସଭାପତି ଜିତବାବୁ ସଭାକାର୍ଯ୍ୟ ପରିଚାଳନା କରିବା ଶହ ଶେଷରେ ଧନ୍ୟବାଦ ଦେଇଥିଲେ । କୁଳିଅଣା ଠାରୁ ଆସ୍ଥାଚ ପର୍ଯ୍ୟନ୍ତ ଦୀର୍ଘ ୩.୯୫୦ କିଲୋମିଟର ରାସ୍ତା ନିମନ୍ତେ ୪୪୦.୭୬ ଲକ୍ଷ୍ୟ ଓ କୋଠାବିଲା ଠାରୁ ଦୁଧିଆସଳ ପର୍ଯ୍ୟନ୍ତ ଦୀର୍ଘ ୪.୫୬୦ କିଲୋମିଟର ରାସ୍ତା ପାଇଁ ୨୧୯.୫୪ ଲକ୍ଷ ଟଙ୍କା ଅଟକଳ କରାଯାଇଛି ।

# ଖଣି ପରିବେଷ୍ଟିତ ଯୋଡ଼ା ଅଞ୍ଚଳ ଧୂଳିଧୂଆଁରେ ଜର୍ଜରିତ

ଯୋଡ଼ା, (ସବ୍ୟୁ): ସଂପ୍ରତି ଯୋଡ଼ା ପୌର ପାଳିକା ପ୍ରତିଟି କ୍ଷେତ୍ରରେ ଅବହେଳା ହେଉଥିବାରୁ ଦିନକୁ ଦିନ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଯୋଡ଼ାରେ ନୂତନ ବସଷ୍ଟାଣ୍ଡ ଓ ଟ୍ରକ ଟର୍ମିନାଲ ନିର୍ମାଣ ଲାଗି ଜାଗା ଚିହ୍ନଟ ହୋଇ ସାରିଥିବା ବେଳେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ । କେନ୍ଦୁଝର ଜିଲ୍ଲାର ସର୍ବାଧିକ ଖଣି ପ୍ରଭାବିତ । ଯୋଡ଼ା ପୌରପାଳିକାର ଉନ୍ନୟନ ନେଇ ଯୋଜନା ନା ଅଟକି ରହୁଛି । ଖଣି ପରିବେଷ୍ଟିତ ଯୋଡ଼ା ଅଞ୍ଚଳ ଧୂଳି ଧୂଆଁରେ ଜର୍ଜରିତ ହୋଇ ଛି ଜିଲ୍ଲା। ରାଜକୋଷକୁ ଜିଲ୍ଲା ଖଣିଜ ପାଣ୍ଠି ଆକାରରେ ବାର୍ଷିକ ୧୪ ଶହ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଜିଲ୍ଲା ଉନ୍ନୟନ କାର୍ଯ୍ୟରେ ବିନିଯୋଗ ପାଇଁ ଦେଉଛି । ୨୦୧୫ମସିହା ସେପ୍ଟେମ୍ବର ମାସ ଠାରୁ ଯୋଗାଯୋଗ କେବଳ ଯୋଡ଼ା ଖଣି ମଣ୍ଡଳପ୍ରାୟ ୧୬ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଜିଲ୍ଲା ଖଣିଜ ପାଣ୍ଠିକୁ ଦେଉଛି । ସେହିପରି ରାଜ୍ୟ ସରକାରଙ୍କୁ ଖଣି ରାଜସ୍ୱ ବାବଦରେ ୨୦୨୪-୨୫ ଆର୍ଥିକ ବର୍ଷରେ କେବଳ ଯୋଡ଼ା ଖଣି ମଣ୍ଡଳ ୧୯ ହଜାର କୋଟିଙ୍କା ଖଣି ରାଜସ୍ୱ ଦେଇ ଥିଲା ।୨୦୨୩-୨୪ ଆର୍ଥିକ ବର୍ଷରେ ୨୧ହଜାର କୋଟି ଟଙ୍କା ରାଜସ୍ୱ ଦେଇଥିଲା । ୨୦୨୨-୨୩ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦୁର୍ନୀତି କରିଥିବା ଖଣିଜ ଲିଜଧାରୀମାନେ ଜରିମାନା ବାବଦରେ ରାଜ୍ୟ ସରକାରଙ୍କୁ ପ୍ରାୟ ୧୫ ହଜାରକୋଟି ଟଙ୍କାରୁ ଊର୍ଦ୍ଧ୍ୱ ପୈଠ କରିଛନ୍ତି।ଏହି ସମସ୍ତ ଅର୍ଥ ଯୋଡ଼ା ଖଣି ମଣ୍ଡଳକୁ ଯାଉଥିବା ବେଳେ କେନ୍ଦୁଝର ଜିଲ୍ଲାର ଖଣି ସହର ଯୋଡ଼ାର ବିକାଶ ହୋଇ ପାରୁନାହିଁ । ଯୋଡ଼ା ସହ ସର୍ବନିମ୍ନ ଆବଶ୍ୟକ ନୂତନ ବସଷ୍ଟାଣ୍ଡ,ଟ୍ରକ ଟର୍ମିନାଲ, ପରିବା ମାର୍କେଟ, ପ୍ରସ୍ତାବିତ ନୂତନ ମାର୍କେଟ କମ୍ପ୍ଲେକ୍ସ, ସ୍ଥାୟୀ ଆମିଷ ବଜାର, ସହରର ଗଳିକନ୍ଦିର ରାସ୍ତା ନିର୍ମାଣ ପ୍ରଭୃତି ଯୋଜନା ଅଟକି ରହିଛି । ପୂର୍ବତନ ସାଂସଦ ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ର ଯୋଡ଼ା ବସଷ୍ଟାଣ୍ଡ ଓ ଗୋପବନ୍ଧୁ ମାର୍କେଟ କମ୍ପ୍ଲେକ୍ସର ଭୂମିପୂଜନ କରିଥିଲେ ବୋଲି ତତ୍କାଳୀନ ଯୋଡ଼ା ବିଜେଡି ସଭାପତି ନିରଞ୍ଜନ ବହିଦାର କହିଛନ୍ତି। ମାତ୍ର ତତ୍କାଳୀନ ସରକାରଙ୍କ ଉଦାସୀନତା ଓ ଜିଲ୍ଲା ପ୍ରଶାସନର ନିଷ୍କ୍ରିୟତା ଯୋଗୁ ଯୋଜନା ଗୁଡ଼ିକ ଫଳପ୍ରଦ ହୋଇପାରିଲା ନାହିଁ । ବିଶେଷକରି ପ୍ରାଥମିକ ବସଷ୍ଟାଣ୍ଡ, ମାର୍କେଟ କମ୍ପ୍ଲେକ୍ସ ନ ଥିବାରୁ ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ଲାଗି ରହୁଛି । ପରିବାବଜାର ନ ଥିବାରୁ ବିପର୍ଯ୍ୟସ୍ତ ... ପର୍ଯ୍ୟନ୍ତ ଆଗକୁ ଯାଇ ନାହିଁ । ରାଜ୍ୟ ସରକାର ବସଷ୍ଟାଣ୍ଡ ନିର୍ମାଣ ପାଇଁ ଘୋଷଣା କରିଥିଲେ ହେଁ ପୌର ପରିଷଦ ଓ ଜିଲ୍ଲା ପ୍ରଶାସନର ଆନ୍ତରିକତା ଅଭାବରୁ ଭୂତତ୍ତ୍ୱ ବିଭାଗପକ୍ଷରୁ ପରିବହନ ବିଭାଗକୁ ଏ ପର୍ଯ୍ୟନ୍ତ ଜମି ହସ୍ତାନ୍ତର କରାଯାଇ ନାହିଁ । ପ୍ରାୟ ୨.୫ ଏକର ଜମିରେ ପ୍ରାୟ ୭ କୋଟି ଟଙ୍କା ବ୍ୟୟ ଅଟକଳରେ ବସଷ୍ଟାଣ୍ଡ ନିର୍ମାଣ ଯୋଜନା ଶୀତଳ ଭଣ୍ଡାରରେ ରହିଯାଇଛି । କମାରଯୋଡ଼ା ଠାରେ ଜିଲ୍ଲା ଖଣିଜ ପାଣ୍ଠିର ପ୍ରାୟ ୯ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଟ୍ରକ ଟର୍ମିନାଲ ଯୋଜନା ମଧ୍ୟ ଅଟକି ରହିଛି । ପରିବା ବଜାର ଓ ମାର୍କେଟ କମ୍ପ୍ଲେକ୍ସ ଯୋଜନାର କୌଣସି ରୂପ ରେଖ ବର୍ତ୍ତମାନ ସୁଦ୍ଧା ପୌରପାଳିକା ପକ୍ଷରୁ ନିଆ ଯାଇ ନାହିଁ । ଏ ସମ୍ପର୍କରେ ପୌରପାଳିକା ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଯୋଡ଼ା ବିଡ଼ିଓ ଡେନିସ ବେହେରା ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ସରକାରୀ ସ୍ତରରେ ଓ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରଖି ଆଲୋଚନା ଜାରି ରହିଛି ବୋଲି ଟାଇଡ଼ିଙ୍ଗସକୁ କହିଛନ୍ତି।

## ଲୁଲୁଙ୍କୁ ପୁରା ଧୋଇଲେ ବୁଲୁ

ଭଦ୍ରକ, (ସବ୍ୟୁ): ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ପୁଅ ପ୍ରଧାନକାନ୍ତି ସାମଲ ଓରଫ ଲୁଲୁ ଭାଜପାରେ ଯୋଗ ଦେବା ପରେ ଭଦ୍ରକ ରାଜନୈତିକ ପାଣିପାଗ ସରଗରମ ହୋଇଛି । ଏହାକୁ ନେଇ ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀରେ ଅତୀତ ପଟ୍ଟନାୟକ ଓରଫ ବୁଲୁ କହିଥିଲେ, ବରପଦା ଇଞ୍ଜିନିୟରିଂ କଲେଜ ବିବାଦରୁ ମୁକ୍ତି ପାଇବା ପାଇଁ ଲୁଲୁ ମନମୋହନ ସାମଲ ସହ ଡିଲ କରି ଭାଜପାରେ ସାମିଲ ହୋଇଛନ୍ତି । ଏହି ଇଞ୍ଜିନିୟରିଂ କଲେଜର ୨୫ଶହ କୋଟି ଟଙ୍କା ଦୁର୍ନୀତି ମାମଲାରେ ସେ ଛନ୍ଦି ହୋଇଥିବାବେଳେ ଭାଜପା ରାଜ୍ୟ ସଭାପତି ତାଙ୍କୁ ଦଳରେ ସାମିଲ କଲେ କିପରି ବୋଲି ପ୍ରଶ୍ନ କରିଥିଲେ ଏବଂ ଡିସେମ୍ବର ୬ରେ ଭାଜପାରେ ସେ ମିଶିଥିବାରୁ ସେହିଦିନକୁ ସେ କଳାଦିବସ ପାଳିବେ ବୋଲି କହିଥିଲେ । ପରେ ଲୁଲୁ ସାମ୍ବାଦିକ ସମ୍ମିଳନୀରେ ଏହାର ଜବାବ ରଖିଥିଲେ । ସେ ରଙ୍ଗଲତା ପ୍ରସଙ୍ଗ ଓ ଭଦ୍ରକ ରଙ୍ଗାକୁ ନେଇ ବୁଲୁଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ । ରବିବାର ଅପରାହ୍ନ ୪ଟାରେ ବୁଲୁ ପଟ୍ଟନାୟକ ନିଜ ଭଦ୍ରକ ସ୍ଥିତ ବାସଭବନରେ ସାମ୍ବାଦିକ ସମ୍ମିଳନୀରେ ଏହାର ଜବାବ ରଖିଛନ୍ତି । ରଙ୍ଗଲତା ମୃତ୍ୟୁରେ କ୍ରାଇମବ୍ରାଞ୍ଚ ରିପୋର୍ଟରେ ଏହା ଏକ ଆତ୍ମହତ୍ୟା ଉଲ୍ଲେଖ ରହିଥିବାବେଳେ ଏଥିରେ ତାଙ୍କ ଓ ତାଙ୍କ ପରିବାରର କୌଣସି ସମ୍ପୃକ୍ତି ନାହିଁ ବୋଲି ସେ କହିଛନ୍ତି । ଏବଂ ଏଥିସହ କ୍ରାଇମବ୍ରାଞ୍ଚର ରିପୋର୍ଟ ମଧ୍ୟ ସାମ୍ବାଦିକମାନଙ୍କୁ ପ୍ରଦାନ କରିଥିଲେ । ସତ ସହିତ ସେ କହିଛନ୍ତି ତାଙ୍କ ବାପା ଯୁଗଳ ପଟ୍ଟନାୟକ ମନ୍ତ୍ରୀ ଥିବାବେଳେ ୧୯୯୦ ମସିହାରେ ତାଙ୍କ ଘରେ କାମ କରୁଥିବା ଜଣେ ବାଳିକା ଶାନ୍ତି ରଙ୍ଗଲତା ନିଜ ଦେହରେ ପେଟ୍ରୋଲ ପକାଇ ନିଆଁ ଲଗାଇଥିଲା । ତାଙ୍କୁ ବଞ୍ଚାଇବା ପାଇଁ ନିଜ ସରକାରୀ ଗାଡ଼ିରେ ତାଙ୍କୁ ହସ୍ପିଟାଲ ପଠାଇଥିଲେ ଓ ଏହି ଘଟଣାର ସଠିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ୭୦ ପ୍ରତିଶତରୁ ଅଧିକ ଜଳି ଯାଇଥିବାରୁ ତାହାର ମୃତ୍ୟୁ ଘଟିଥିଲା । ଏହାକୁ ନେଇ ପୋଲିସ ନିଜ ଆଡ଼ୁ ଅପମୃତ୍ୟୁ ମାମଲା ରୁଜୁ କରିଥିଲା । କିନ୍ତୁ ଯୁଗଳ ବାବୁ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ୧୦ ମାସ ପରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ କରି ରିପୋର୍ଟ ଦେଇଥିଲା ଯେ ରଙ୍ଗଲତା ଆତ୍ମହତ୍ୟା କରିଛି ତାଙ୍କୁ କେହି ମାରିନାହାନ୍ତି ସେତେବେଳେ ରାଜ୍ୟରେ ସରକାର ବଦଳି ଯାଇଥିଲା । କିନ୍ତୁ ପଟ୍ଟନାୟକଙ୍କ ସରକାରରେ ଲୁଲୁଙ୍କ ବାପା ମନ୍ତ୍ରୀ ଥିଲେ । ସେହିପରି ଭଦ୍ରକ ବଙ୍ଗା ସମୟରେ ସେ ଭୁବନେଶ୍ୱରରେ ଥିଲେ ଭଦ୍ରକରେ ବଙ୍ଗା ହୋଇଥିବା ଜାଣି ସେ ଲୋକଙ୍କୁ ଶାନ୍ତି ବଜାୟ ରଖିବାକୁ ନିବେଦନ କରିଥିଲେ ଏବଂ ରାତି ପ୍ରାୟ ୧୦ଟା ପରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କ ଗାଡି ଯୋଗେ ଭଦ୍ରକରେ ପହଞ୍ଚି ଥିଲେ । ଏହା ସହ ରାଜ୍ୟ ସଭାପତି ମନମୋହନ ସାମଲ ନିରପେକ୍ଷ ହୋଇ ବରପଦା ଇଞ୍ଜିନିୟରିଙ୍ଗ କଲେଜ ମାମଲାରେ ତାଙ୍କ ସରକାରଙ୍କୁ ଧରି ସବୁ ଜିନିଷର ତଦନ୍ତ କରନ୍ତୁ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସମାଜସେବୀ ଉମର ଅଲ୍ଲୀ,ଗୌରାଙ୍ଗ ପଣ୍ଡା,ଅଜୟ ଚାନ୍ଦ,ରାଧାକାନ୍ତ ସାମଲ, ରଘୁନାଥ ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ମାଗଣା ଲାପଟପ୍ ବଣ୍ଟନ



ବାଲେଶ୍ୱର, (ସବ୍ୟୁ): ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ଜନ ସଶକ୍ତିକରଣ ବିଭାଗ ଓଡ଼ିଶା ଭୁବନେଶ୍ୱର ଅଧୀନରେ ଚାଲୁଥିବା ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ମାଗଣା ଲାପଟପ୍ ବଣ୍ଟନ ଯୋଜନାରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ପଢ଼ୁଥିବା ଯୁକ୍ତ୩ ପ୍ରଥମବର୍ଷର ଓ ଉଚ୍ଚଶିକ୍ଷାରେ ପଢ଼ୁଥିବା ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ମାଗଣା ଲାପଟପ୍ ବଣ୍ଟନ କରାଯାଇଛି । ଏହି ଯୋଜନାରେ ୮ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ବାଲେଶ୍ୱର ଜିଲ୍ଲାପାଳ, ସଦର ଉପଜିଲ୍ଲାପାଳ ଓ ନୀଳଗିରି ଉପଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଦୃଷ୍ଟିହୀନ ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ ଶିକ୍ଷା ସୁବିଧା, ସହାୟକ ପ୍ରଯୁକ୍ତି ଓ ଅନ୍-ଲାଇନ ଶିକ୍ଷା ସାଧନରେ ସହଜ ପ୍ରବେଶ ଦେଇ ସେମାନଙ୍କର ଶିକ୍ଷାଗତ ଅଗ୍ରଗତି ଓ ସ୍ୱାବଲମ୍ବନକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ରହିଛି ।

## ନିମ୍ନମାନର ଅଭିଯୋଗ କରି କାମ ବନ୍ଦ କଲେ ଗ୍ରାମବାସୀ



ବାସୁଦେବପୁର , (ସବ୍ୟୁ): ରାସ୍ତାରେ ଧୂଳି ସଫା ହୋଇ ନାହିଁ କି ପଡି ନାହିଁ ପ୍ରାଇମର । ବୁଦା ବୁଦା ଘାସ ଉପରେ ପଡିଛି ପିଚୁ । ହାତ ମାରି ଦେଲେ ଉଠୁଛି ଫଡା ଫଡା ପିଚୁ । ଏମିତି ନିମ୍ନମାନର କାମକୁ ବିରୋଧ କରି ରାସ୍ତାର କାମକୁ ବନ୍ଦ କରିଛନ୍ତି ଚିରୋଳ ଗ୍ରାମବାସୀ । ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ନଆସିଲେ କାମ କରିବାକୁ ଦେବୁ ନାହିଁ ବୋଲି ଗ୍ରାମବାସୀ ଜିଦ ଧରିଛନ୍ତି । ବାସୁଦେବପୁର ବ୍ଲକର ଗୁଆଗଡିଆ ପଞ୍ଚାୟତର ଚିରୋଳ ଗ୍ରାମର ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ରିପାରିଙ୍ଗ ପାଇଁ ଗ୍ରାମ ଉନ୍ନୟନ ବିଭାଗର ପକ୍ଷରୁ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ବିକାଶର ମାଧ୍ୟମ ସାଜିଛି ଯୋଗାଯୋଗ । ଯୋଗାଯୋଗର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକର ଚିରୋଳ ରାସ୍ତାରେ ଚାଲିଛି ରାସ୍ତା କାମ । ହାତ ମାରି ଦେଲେ ଉଠୁଛି ଫଡା ଫଡା ପିଚୁ । ରାସ୍ତାର ମଝିରେ ପଡିନାହିଁ ହାପ ଇଞ୍ଚର ପିଚୁ । ବୁଦା ବୁଦା ଘାସ ଉପରେ ପଡିଛି ପିଚୁ । ତରବରିଆ ରାତି ଅଧିଆ ଚାଲିଛି ରାସ୍ତା କାମ । ରାସ୍ତାର ପାର୍ଶ୍ୱର ନା ପଡିଛି ପ୍ରାଇମର... ନା ହୋଇଛି ସଫା ଧୂଳି ଓ ଘାସ । ଠିକାଦାରଙ୍କ ଉନ୍ନତମାନର କାମରେ ହାତ ମାରିଲେ ଉଠୁଛି ଫଡା ଫଡା ପିଚୁ । ଠିକାଦାର ସ୍ୱଷ୍ଟ ଦିବାଲୋକରେ ଲୋକମାନଙ୍କ ଆଖିରେ ଆଙ୍ଗୁଳି ଗେଞ୍ଜି ଲୁଟ କରୁଛନ୍ତି । ନିର୍ମାଣ ହେଉଥିବା ରାସ୍ତାର ଓସାର ତିନି ମିଟର ହେବାକୁ ଥିବା ବେଳେ କେତେକ ସ୍ଥାନରେ ତିନି ମିନିଟରୁ କମ ଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ନିମ୍ନମାନର କାମକୁ ବିରୋଧ କରି କାମ ବନ୍ଦ କରି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ନଆସିଲେ କାମ କରିବାକୁ ଦେବୁନି ଜିଦ ଧରିଛନ୍ତି ଗ୍ରାମବାସୀ ।

## ଗଜସାଥିଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର

ନୀଳଗିରି, (ସବ୍ୟୁ): ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନୀଳଗିରି ବନ୍ୟଜୀବ ବନାଞ୍ଚଳ ବାଲେଶ୍ୱର ଉପଖଣ୍ଡ ଆନୁକୂଲ୍ୟରେ ଗଜସାଥିମାନଙ୍କର ଏକ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ରବିବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଜାମୁଡ଼ିହା ସ୍ଥାୟୀ ଚାରା ବିତରଣ କେନ୍ଦ୍ରରେ ସ୍ଥାନୀୟ ରେଞ୍ଜ ଅଧିକାରୀ ମନୱର ଖାଁଙ୍କ ନେତୃତ୍ୱରେ ନୀଳଗିରି ରେଞ୍ଜ ଅଧିନସ୍ଥ ପ୍ରାୟ ୧୪୫ଜଣ ଗଜସାଥି ଉକ୍ତ ତାଲିମ ଶିବିରରେ ଯୋଗଦେଇଥିଲେ । ମୁଖତଃ ହସ୍ତୀ ପରିଚାଳନା , ବନାଞ୍ଚଳବାସୀଙ୍କୁ ହାତୀ ଆଗମନ ସମୟରେ କିପରି ନିଜକୁ ସୁରକ୍ଷିତ ରହିବେ ବନଜ ସମ୍ପଦ ସୁରକ୍ଷା, ଜଙ୍ଗଲ ନଷ୍ଟ ନକରି ହାତୀମାନଙ୍କ ପାଇଁ କିପରି ପର୍ଯ୍ୟାପ୍ତ ପରିମାଣ ଖାଦ୍ୟ ସୃଷ୍ଟି ହେବ ସେବାବଦରେ ମାର୍ଗ ଦର୍ଶନ ସହ ଗଜସାଥିମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ପୂର୍ବତନ ୱାର୍ଡ଼େନ ପ୍ରକାଶ ମର୍ଦ୍ଦରାଜ , ପୂର୍ବତନ ବନପାଳ ଶ୍ରୀଧର ଲେଙ୍କା ଏହି ଶିବିରରେ ତାଲିମ ପ୍ରଦାନ କରିଥିଲେ । ଶେଷରେ ଗଜସାଥି ମାନଙ୍କୁ ଜୋତା, ଟର୍ଚ୍ଚ, ପାଣିବୋତଲ ସହ ପୋଷାକ ପ୍ରଦାନ କରାଯାଇଥିଲା ।

## ଗାଡ଼ି ଜବତ : ୪୬ଗୋରୁ ଉଦ୍ଧାର

ବାଲେଶ୍ୱର, (ସବ୍ୟୁ): ଖନ୍ତାପଡ଼ା ଥାନା ଅଧିକାରିଣୀ ସୁବର୍ଣ୍ଣା ବେହେରା ଓ ଗୋସୁରକ୍ଷାବାହିନୀର ମିଳିତ ସହଯୋଗରେ ଓଆର୍୦୫ଏଇ୭୪୨୫ ନମ୍ବର ଗୋରୁବୋଝେଇ କଣ୍ଟେନରକୁ ଧରାଯାଇ ସେଥିରେ ଥିବା ୪୬ଟି ଗୋରୁଙ୍କୁ ଉଦ୍ଧାର କରାଯାଇ ବାମପଦାସ୍ଥିତ ଗୋଭାରତୀ କେନ୍ଦ୍ରରେ ଛଡ଼ାଯାଇଛି । ଘଟଣାରୁ ପ୍ରକାଶ ବେଆଇନଭାବେ ପଶ୍ଚିମ ବଙ୍ଗକୁ ଗୋରୁ ଚାଲାଣ ହେଉଥିବା ଖବର ପାଇ ଗୋ ସୁରକ୍ଷା ବାହିନୀମାନେ ଖନ୍ତାପଡ଼ା ଥାନାକୁ ଖବର ଦେଇଥିଲେ । ବେଆଇନ ଗୋରୁ ବୋଝେଇ କଣ୍ଟେନର ଚାଳକ ଏକଥା ଜାଣିପାରି ଗାଡ଼ିଟିକୁ ଦ୍ରୁତବେଗରେ ନେଇ ଖନ୍ତାପଡ଼ା ପଞ୍ଚାୟତ ରାମନଗର ଗାଁ ଭିତରକୁ ପଳାଇଥିଲା । ପୁଲିସ ସେଠାରେ ପହଞ୍ଚି କଣ୍ଟେନରକୁ ଜବଦ କରି ଖନ୍ତାପଡ଼ା ଥାନାକୁ ଆଣିବା ସହ ଗୋରୁ ଗୁଡ଼ିକୁ ଉଦ୍ଧାର କରି ଗୋସେବା କେନ୍ଦ୍ରରେ ଛାଡ଼ିଛି । ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଛି ।

## ତହସିଲ ଆଗରେ ଏସ୍‌ୟୁସିଆଇର ବିକ୍ଷୋଭ

ଭୋଗରାଇ, (ସବ୍ୟୁ): ଭୋଗରାଇ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ପାଣି ନିଷ୍କାସନ, ବନ୍ୟା ନିୟନ୍ତ୍ରଣ, ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟାସହ ୨ବଖରା ଆବାସଗୃହ ଯୋଗାଇବା, ନାରୀ ନିର୍ଯାତନା, ମାଦକ ଦ୍ରବ୍ୟର ପ୍ରସାର ବନ୍ଦ କରିବା, ବନ୍ଦ ହୋଇଥିବା ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ଅବିଳମ୍ବେ ଖୋଲିବା, ନୂତନ ଜାତୀୟ ଶିକ୍ଷାନୀତିକୁ ବାତିଲ କରି ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ବିଜ୍ଞାନ ସମ୍ମତ ଶିକ୍ଷା ପଦ୍ଧତି ଚାଲୁ କରିବା ଆଦି ଦାବି ନେଇ ଏସ୍‌ୟୁସିଆଇ ଭୋଗରାଇ ଶାଖା ପକ୍ଷରୁ ଭୋଗରାଇ ତହସିଲ ସମ୍ମୁଖରେ ଏକ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିକ୍ଷୋଭକାରୀମାନେ ଥାନା ଛକ ବସଷ୍ଟାଣ୍ଡରୁ ଶୋଭାଯାତ୍ରାରେ ବାହାରି ହାତରେ ପ୍ଲାକାର୍ଡମାନ ଧରି ବିଭିନ୍ନ ସ୍ଲୋଗାନ ଦେବା ସହିତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଦୀର୍ଘସମୟଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଭୋଗରାଇ ଏସ୍‌ୟୁସିଆଇ ଆଞ୍ଚଳିକ କମିଟିର ସମ୍ପାଦିକା କ୍ରୀଷ୍ଟାରାଣି ସାହୁଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ଶୋଭା କରାଯାଇଥିଲା । ଦଳର ଜିଲ୍ଲା ସମ୍ପାଦକ ନିରାକାର ପଣ୍ଡା, ସଦସ୍ୟା ସସ୍ମିତା ମହାନ୍ତି, ସରୋଜିନୀ ମହାନ୍ତି, ପ୍ରଶାନ୍ତ ଦାସ, ହରେକୃଷ୍ଣ ଦାସ ପ୍ରମୁଖ ନେତୃମଣ୍ଡଳୀ ଭୋଗରାଇ ବାସୀଙ୍କ ନ୍ୟାୟୋଚିତ ଦାବିକୁ ସରକାର ଅବିଳମ୍ବେ ପୂରଣ ନକଲେ ବୃହତର ଗଣଆନ୍ଦୋଳନ କରାଯିବ ବୋଲି କହିଥିଲେ । ଭୋଗରାଇ ତହସିଲଦାର ସୂର୍ଯ୍ୟକୁମାର ନାୟକ, ଆନ୍ଦୋଳନକାରୀମାନଙ୍କ ନିକଟକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ସ୍ମାରକପତ୍ର ଗ୍ରହଣ କରିବା ସହିତ ଭୂମିହୀନଙ୍କୁ ୨ଦିନ ମଧ୍ୟରେ ଜମିପଟ୍ଟା ପ୍ରଦାନ କରାଯିବ ବୋଲି ପ୍ରତିଶୃତି ଦେବାପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନକୁ ସାମୁହିକ ଭାବେ ସ୍ଥଗିତ ରଖିଥିଲେ ।

## ଆଇଟିଆଇ ଚରମ୍ପା, ଅବନ୍ତିକା କଲେଜର ବାର୍ଷିକ ଉତ୍ସବ

ଭଦ୍ରକ,(ସବ୍ୟୁ): ଆଇଟିଆଇ ଚରମ୍ପାର ୩୫ତମ, ଅବନ୍ତିକା ରେସିଡେନ୍‌ସିଆଲ୍ ହାଇହର ସେକେଣ୍ଡାରୀ ସ୍କୁଲର ୧୫ତମ ଏବଂ ଅବନ୍ତିକା ଡିଗ୍ରୀ କଲେଜର ୮ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ମୁଖ୍ୟ ଅତିଥି ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଉତ୍ସବକୁ ଉଦ୍ଘାଟନ କରିଥିଲେ । ସୂତାର କେମିକାଲ୍‌ର ଅଧ୍ୟକ୍ଷ ଇଂ.ଅଭୟ ସୂତାରଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ସଭାରେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମୁଖ୍ୟବକ୍ତା,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ଇଂ.ଅବନ୍ତୀ ମଲ୍ଲିକ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବରିଷ୍ଠ ପ୍ରଶିକ୍ଷକ ଭକ୍ତିପ୍ରିୟ ମିଶ୍ର ଅତିଥିମାନଙ୍କୁ ମଂଚ ଆମନ୍ତ୍ରଣ କରିଥିଲେ। ଆଇଟିଆଇ ଚରମ୍ପାର ଅଧକ୍ଷ ପ୍ରବୀଣ କୁମାର ପୃଷ୍ଟି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ,ଅବନ୍ତିକା ଯୁକ୍ତ ୨ କଲେଜର ଅଧକ୍ଷା ଅରୁନ୍ଧତୀ ମହାନ୍ତି ବିବରଣୀ ପାଠ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ମିହିର କୁମାର ନାୟକ। ଅନୁଷ୍ଠାନର ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଓ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସନ୍ଧ୍ୟାରେ ରଙ୍ଗାରଙ୍ଗ ମନୋରଂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସମୂହର ଚେୟାରମ୍ୟାନ୍ ଇଂ.ଅମିତ୍ କୁମାର ମଲ୍ଲିକ ଓ ନିର୍ଦ୍ଦେଶିକା ଇଂ.ସଙ୍ଗୀତା ଦାସଙ୍କ ପ୍ରତ୍ୟକ୍ଷ ପରିଚାଳନା ଓ ଅନୁଷ୍ଠାନର କର୍ମଚାରୀମାନଙ୍କ ଅକୁଣ୍ଠ ସହଯୋଗ ଫଳରେ କାର୍ଯ୍ୟକ୍ରମଟି ସଫଳ ଭାବେ ରୂପାୟିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀ ଅଭିଭାବକ,ବୁଦ୍ଧିଜୀବୀ ଓ ସାମ୍ବାଦିକ ବନ୍ଧୁମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ଓଡିଶା ଆଦର୍ଶ ବିଦ୍ୟାଳୟର ନବମ ବାର୍ଷିକୀ ଉତ୍ସବ

ମୋରଡା,(ସବ୍ୟୁ): ମୟୂରଭଞ୍ଜ ଜିଲା ମୋରଡା ଗୋଷ୍ଠୀ ଶିକ୍ଷାଧିନ ଅଧୀନ ଓଡିଶା ଆଦର୍ଶ ବିଦ୍ୟାଳୟର ନବମ ବାର୍ଷିକୀ ଉତ୍ସବ ଗ୍ଲିଷ୍ଟେନ ଫେଷ୍ଟ ବିଦ୍ୟାଳୟ ଅଧକ୍ଷ ସଂଗ୍ରାମ କେଶରୀ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର କାର୍ଯ୍ୟକ୍ରମରେ ମୋରଡା ବ୍ଲକ ଅଧକ୍ଷ ପିଥନାଥ ସୋରେନ ମୁଖ୍ୟ ଅତିଥି, ନଳଗଜା ଯୁଏନ ମହାବିଦ୍ୟାଳୟର ଅଧ୍ୟାପକ ଅବନୀକାନ୍ତ ଗିରି ମୁଖ୍ୟ ବକ୍ତା,ଚିତ୍ରଡା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଅର୍ଚ୍ଚନା ପ୍ରଧାନ ସମ୍ମାନୀତ ବକ୍ତା, ରାଣୀଭୋଳ ଆଦର୍ଶ ବିଦ୍ୟାଳୟ ଅଧକ୍ଷ ହିମାଂଶୁ ଦାସ ସମ୍ମାନିତ ଅତିଥି, ବିଇଓ ବିଜୟ କୁମାର ପାଣିଗ୍ରାହୀ, ଏବଂ ଜିଲା ପରିଷଦ ସଭ୍ୟ ଅଭିରାମ ଭୋଇ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ସ୍ୱାସ୍ଥ୍ୟ କେନ୍ଦ୍ର ବୁଲି କର୍ମଚାରୀଙ୍କ ସହ ଆଲୋଚନା କଲେ ରାଜ୍ୟସ୍ତରୀୟ ଟିମ୍

ଖଇର, (ସବ୍ୟୁ): ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ୮ଜଣିଆ ଟିମ ୩ଦିନିଆ ବାଲେଶ୍ୱର ଗସ୍ତରେ ଆସି ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଏହା ଅଧୀନରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୁଡିକ ପରିଦର୍ଶନ କରିଛନ୍ତି । ଏହି ଅବସରରେ ରୋଗୀ ମାନଙ୍କୁ ମିଳୁଥିବା ସେବା,ଟିକାକରଣ କେନ୍ଦ୍ର ବୁଲି କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । ପ୍ରଥମେ ଏହି ଟିମ ରାଇକୁଳା ଓ କ୍ଷିରିପଦା ଟିକାକରଣ କେନ୍ଦ୍ର ଯାଇ ନଥିପତ୍ର,ଗର୍ଭବତୀ ଓ ପିଲାମାନଙ୍କୁ ମିଳୁଥିବା ସୁବିଧା ସମ୍ପର୍କରେ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଯୁକ୍ତାରାଣୀ ଦାଶଙ୍କ ଠାରୁ ପଚାରି ବୁଝିବା ସହ ସନ୍ତୋଷ ପ୍ରକାଶ କରିଥିଲେ । ପରେ କୁରୁଣ୍ଟା ଓ ମାଖନପୁର ଆୟୁଷ୍ମାନ ଆରୋଗ୍ୟମନ୍ଦିର ଉପକେନ୍ଦ୍ର,ଗଣ୍ଡିବେଡ ଓ ତୁଡିଗଡିଆ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ଡା ପ୍ରଭାକର ମିଶ୍ରଙ୍କ ଉପସ୍ଥିତିରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ । ଏହି ଟିମ୍‌ରେ ଅତିରିକ୍ତ ନିର୍ଦ୍ଦେଶକ ମୁରଲୀଧର ପାଢୀ,ସହ ନିର୍ଦ୍ଦେଶକ ଡା ଅର୍ଘ୍ୟ ପ୍ରଧାନ,ମଳୟ କୁମାର ପାଣିଗ୍ରାହୀ,ସନ୍ତୋଷ କୁମାର ନାୟକ,ଚନ୍ଦନେଶ ମିଶ୍ର,ଦୀପକ ବିଶ୍ୱାଳ,ସଂଜୀବ ସୂତାର ଓ ପୁରୁଷୋତ୍ତମ ବଡପଣ୍ଡା,ଜିଲା ଟିବି ସଂଯୋଜକ ବିଶ୍ୱରଞ୍ଜନ ନାୟକ,ସହ ସଂଯୋଜକ ସୂର୍ଯ୍ୟଜିତ ରାୟ ପ୍ରମୁଖ ସାମିଲ ଥିଲେ । ବିପିଏମ ସୂର୍ଯ୍ୟକାନ୍ତ ବାରିକ ଓ ପରିଦର୍ଶକ ମୁକ୍ତିକାନ୍ତ ପଣ୍ଡା ସହଯୋଗ କରିଥିଲେ ।

## ଓଡ଼ିଶା ବ୍ରିଗେଡ 'ସୈନିକ' ସ୍କୁଲର ରଜତ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

ତିହିଡି,(ସବ୍ୟୁ):ସ୍ଥାନୀୟ ଡ଼ିଶା ବ୍ରିଗେଡ ସୈନିକ ସ୍କୁଲର ରଜତ ଜୟନ୍ତୀ ସମାରୋହ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଜିଲ୍ଲାପାଳ ଦିଲୀପ ରାଉତରାୟ ଏହାକୁ ଉଦଘାଟନ କରିଥିଲେ। ସ୍କୁଲର ଉପଦେଷ୍ଟା ସଚ୍ଚିକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ କର୍ଣ୍ଣେଲ ରାଜୀବ କୁମାର ବଳ,ବରେଣ୍ୟଅତିଥି ଭାବେ ଏସଡିପିଓ ତ୍ରିଲୋଚନ ସେଠୀ,ସମ୍ମାନିତ ଅତିଥି ଭାବେ ସ୍କୁଲର ପ୍ରତିଷ୍ଠାତା ଦୁର୍ଯୋଧନ ବେହେରା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ନୀଳମାଧବ ସେନାପତି ସ୍ୱାଗତ ଭାଷଣ ଦେଇଥିବାବେଳେ ଯଯାତି କେଶରୀ ଦାସ ଅତିଥି ମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିଲେ। ସେହିପରି ସ୍କୁଲର ଅଧକ୍ଷ ବିସ୍ମୟ ବିହାରୀ ସାହୁ ବିବରଣୀ ପାଠ କରିଥିଲେ। ସ୍କୁଲର ସଭାପତି ସସ୍ମିତା ନାୟକ ଅତିଥିମାନଙ୍କୁ ଉପହାର ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଚନ୍ଦ୍ରକାନ୍ତ ମହାନ୍ତି ସଭାପତିତ୍ୱ କରିଥିବାବେଳେ ସାଂସଦ ଅଭିମନ୍ୟୁସେଠୀ,ବିଧାୟକ ଅଶୋକ ଦାସ,ଅଧ୍ୟାପକ ବିଶ୍ୱରଂଜନ ଦାସ,ବ୍ଲକ ଅଧକ୍ଷା ଅବନ୍ତି ଦାସ,ସମାଜସେବୀ ସୁରେନ୍ଦ୍ର ନାୟକ,ରଘୁନାଥ ପାତ୍ର,ସରୋଜ ଦାସ ଯୋଗ ଦେଇଥିଲେ। ଶେଷରେ ଗିରିଜା ରମଣ ଜେନା ଓ ଜୟନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସତ୍ୟନାରାୟଣ ବିଦ୍ୟାପୀଠ ୧୯୯୧ ବ୍ୟାଚ ବନ୍ଧୁମିଳନ



ଢେଙ୍କିକୋଟ, (ସବ୍ୟୁ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ ୧୯୯୧ ବ୍ୟାଚ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଚିକିଣିଆ ପାର୍କରେ ଅନୁଷ୍ଠିତ ହୋଇଯାଇଛି ।ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ୩୫ ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର ଯୋଗଦେଇଥିଲେ । ପ୍ରଥମେ ଦିବଙ୍ଗତ ବନ୍ଧୁ ମାନଙ୍କର ଅମରଆତ୍ମାର ଶାନ୍ତିପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଛୋଟିଆ ଆସର ଟିଏ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଆମେରିକାରେ ରହୁଥିବା ବନ୍ଧୁ କାଶୀନାଥ ରାଉତ । ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଞ୍ଜୟ କୁମାର ସାହୁ । ସହଯୋଗ କରିଥିଲେ ଲଲାଟେନ୍ଦୁ ସାହୁ, କୃପାସିନ୍ଧୁ ଦଲେଇ, ଶିବାନନ୍ଦ ସାହୁ, ମୋହିନୀ ବାରିକ, ବସନ୍ତ ବେହେରା, ଅଶେଷ କୁମାର ସାହୁ, ରୁଦ୍ର ନାରାୟଣ ମହାନ୍ତ, ସୁସାନ୍ତ ନାୟକ, ମନ୍ମଥ ବେହେରା, ବାବୁଲଝ ବେହେରା ଅଭିମନ୍ୟୁ ବେହେରା, ଚକ୍ରଧର ପାତ୍ରଙ୍କ ସମେତ ଅନ୍ୟାନ୍ୟ ବନ୍ଧୁମାନେ ।

## ଟାଉନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

କେନ୍ଦୁଝର, (ସବ୍ୟୁ): କେନ୍ଦୁଝର ପୁରୁଣା ବଜାରସ୍ଥିତ ଟାଉନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତାର ୫୮ତମ ସଂସ୍କରଣ ଦୁଇଦିନ ଧରି ଷ୍ଟାଡିୟମ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀ ଏହାକୁ ଉଦଘାଟନ କରିଥିଲେ ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁର ସଭାପତି ସୁଶ୍ରୀ ସଂଯୁକ୍ତା ମହାନ୍ତି ଏବଂ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ରାଉତ ଯୋଗ ଦେଇ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉତ୍ସବର ସଫଳତା କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣ କୁମାର ସଭାପତିତ୍ୱ କରିଥିଲେ ଏବଂ ଶିକ୍ଷୟିତ୍ରୀ ମିନାକ୍ଷୀ ସାହୁ ସଭା ପରିଚାଳନା କରିଥିଲେ। ଦ୍ୱିତୀୟ ଦିନ ପ୍ରତିଯୋଗିତା ସମାପ୍ତ ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ଏ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ତହସିଲଦାର କୀର୍ତ୍ତନ ବିହାରୀ ଓଝା ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁର ସଭାପତି ସୁଶ୍ରୀ ସଂଯୁକ୍ତା ମହାନ୍ତି ଏବଂ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ରାଉତ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

# ଜିଲ୍ଲାର ୧୦ ବଣଭୋଜି ସ୍ଥଳୀରେ ପ୍ଲାଷ୍ଟିକ ବ୍ୟବହାର ନିଷିଦ୍ଧ

କେନ୍ଦୁଝର(ରବିରାଜ):ପ୍ଲାଷ୍ଟିକ ପ୍ରଦୂଷଣରୁ ପରିବେଶକୁ ସୁରକ୍ଷା ଦେବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏକ୍ସିସିବି) ପକ୍ଷରୁ ରାଜ୍ୟର ୫୦୦ଟି ପର୍ଯ୍ୟଟନସ୍ଥଳୀ ଏବଂ ପିକ୍ନିକ ସ୍ପଟକୁ ପ୍ଲାଷ୍ଟିକ ମୁକ୍ତ ଘୋଷଣା କରିବା ସହ ଏଥିପାଇଁ ଉଦ୍ୟମ ଆରମ୍ଭ କରାଯାଇଛି । କେନ୍ଦୁଝର ଜିଲ୍ଲାରେ ୧୦ଟି ପର୍ଯ୍ୟଟନସ୍ଥଳୀ । ଏବଂ ପିକନିକ ସ୍ପଟକୁ ଚିହ୍ନଟ କରାଯାଇଛି। କେନ୍ଦୁଝର ଜିଲ୍ଲାର ଅଧିକ ପର୍ଯ୍ୟଟକଙ୍କ ଆଗମନ ହେଉଥିବା ସାନଘାଗରା ଜଳପ୍ରପାତ, ବଡ଼ଘାଗରା ଜଳପ୍ରପାତ, ଖଣ୍ଡାଧାର ଜଳପ୍ରପାତ, କାଇଯୋଡା ଜଳପ୍ରପାତ, ମୃଗା ମହାଦେବ, ଭୀମକୁଣ୍ଡ, ଗୁଣ୍ଡିଚାଘାଗି ଜଳପ୍ରପାତ, ହାଣ୍ଡିଭଙ୍ଗା ଜଳପ୍ରପାତ, ସୀତାବିଞ୍ଜି ଏବଂ କାନ୍ଝାରୀ ଡ୍ୟାମକୁ ଚିହ୍ନଟ କରାଯାଇ ଏହି ସବୁ ସ୍ଥଳୀକୁ ପ୍ଲାଷ୍ଟିକ ମୁକ୍ତ ରଖିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିର୍ଦ୍ଦେଶ ଦେଇଛି। ଏହି ୧୦ଟି ପର୍ଯ୍ୟଟନସ୍ଥଳୀକୁ ପ୍ଲାଷ୍ଟିକ ମୁକ୍ତ ବଣଭୋଜି ସ୍ଥଳୀ ଘୋଷଣା କରାଯାଇଛି। ଏହି କ୍ରମରେ ଆମ ବଣଭୋଜି ସ୍ଥଳ, ଆମେ କରିବା ନିର୍ମଳ ଅଭିଯାନର ଶୁଭାରମ୍ଭହୋଇଛି । ଏହି ବଣଭୋଜି ସ୍ଥଳୀକୁ ପ୍ଲାଷ୍ଟିକ ମୁକ୍ତ କରିବା ଅଭିଯାନରେ ବିଭିନ୍ନ ଶିଳ୍ପ ଏବଂ ଖଣି ସଂସ୍ଥାକୁ ସହଯୋଗ ପାଇଁ ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ମଧ୍ୟ ସ୍ଥାନୀୟ ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟ, ନିର୍ବାଚିତ ଲୋକ ପ୍ରତିନିଧି ଏବଂ ସ୍ଥାନୀୟ ଲୋକଙ୍କ ସହଯୋଗ ଲୋଡାଯାଇଛି। ଜିଲ୍ଲା ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବନ ବିଭାଗ ଏବଂ ପର୍ଯ୍ୟଟନ ବିଭାଗ ମିଳିତ ସହଯୋଗରେ ଏହାର ତଦାରଖ କରାଯିବ। ପର୍ଯ୍ୟଟନସ୍ଥଳୀ ପ୍ରବେଶ ପଥରେ ପର୍ଯ୍ୟଟକଙ୍କ ସଚେତନ କରାଯିବା ସହ ପର୍ଯ୍ୟଟକଙ୍କୁ ପ୍ଲାଷ୍ଟିକ ସାମଗ୍ରୀ, ଥର୍ମୋକୁଲ ପ୍ଲେଟ, କପ ଆଣିଥିଲେ ଏହାର ବିକଳ୍ପ ବ୍ୟବହାର କରିବାକୁ ଅନୁରୋଧ କରାଯାଉଛି ଏବଂ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ଜୈବ ବିଘଟନଶୀଳ ସାମଗ୍ରୀ ଯଥା ଏସଏଚଜି ମହିଳାମାନଙ୍କ ଦ୍ୱାରା ଶାଳ ପତ୍ରରେ ପ୍ରସ୍ତୁତ ଖଲି, ଚଉପତି, ଦନା ବ୍ୟବହାର କରିବାକୁ କୁହାଯାଉଛି। ଏତଦ ବ୍ୟତୀତ ପ୍ଲାଷ୍ଟିକ ପାଣି ବୋତଲ ଏବଂ ଗ୍ଲାସକୁ ବାରଣ କରାଯାଇଛି। ଚିହ୍ନଟ ହୋଇଥିବା ୧୦ଟି ପିକନିକ ସ୍ପଟ ଏବଂ ପର୍ଯ୍ୟଟନସ୍ଥଳୀରେ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲଗାଯାଇଛି। ଏହି ଅଭିଯାନ ସଫଳ ହେଲେ ପିକ୍ନିକ ସ୍ପଟ ଗୁଡିକରେ ପରିବେଶର ସନ୍ତୁଳତା ଏବଂ ପରିବେଶ ପ୍ରଦୂଷଣ ମୁକ୍ତ ହେବ।ଡିସେମ୍ବର ମାସଠାରୁ ଫେବୃଆରୀ ଶେଷ ପର୍ଯ୍ୟନ୍ତ ପିକନିକ ସ୍ପଟକୁ ଲକ୍ଷାଧିକ ପର୍ଯ୍ୟଟକ ଆସିଥାନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଜ୍ୟର ୫୦୦ବଣ ଭୋଜି ସ୍ଥଳକୁ ପ୍ରଦୂଷଣମୁକ୍ତ କରାଯାଇ ବଣଭୋଜି ସ୍ଥଳକୁ ଏଣିକି କେହି ଏକକ ବ୍ୟବହାର୍ଯ୍ୟ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ନେଇପାରିବେ ନାହିଁ ବୋଲି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ପର୍ଯ୍ୟଟକ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ପର୍ଯ୍ୟଟନ ତଥା ବଣଭୋଜି ଋତୁରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି କେନ୍ଦୁଝରର ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ପ୍ରକାଶ କରିଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପ୍ରଶାନ୍ତ କରଙ୍କୁ ପଚାରିବାରୁ ବଣଭୋଜିସ୍ଥଳୀରେ ପର୍ଯ୍ୟଟକଙ୍କୁ ସଚେତନ କରାଯିବା ସହ ପଲିଥିନ ବ୍ୟବହାରକୁ ବାରଣ କରାଯାଉଛି ବୋଲି ସେ କହିଛନ୍ତି । ଏବେ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିବା ବେଳେ ଏହି ଋତୁରେ ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ଓ ଅନ୍ୟ ପ୍ରଦୂଷଣ ହାର ବଢ଼ିଥାଏ। ତେଣୁ ବଣଭୋଜି ଅଞ୍ଚଳରେ ଯେପରି ସିଙ୍ଗିଲ ୟୁଜ ପ୍ଲାଷ୍ଟିକ ନହୁଏ ଓ କେହି ଏହାର ବ୍ୟବହାର ନକରନ୍ତି ସେ ନେଇ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ଯେପରି ସୁଦୂରପ୍ରସାରୀ କରାଯାଇ ସମସ୍ତ ପର୍ଯ୍ୟଟନସ୍ଥଳୀକୁ ସରସ କରାଯାଇପାରିବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

## ଏଫଏମ ବିଶ୍ୱବିଦ୍ୟାଳୟରେ ୟୁନିଫେଷ୍ଟ ୨୦୨୫-୨୬ ଲୋଗୋ ଉନ୍ମୋଚିତ

ବାଲେଶ୍ୱର,(ସବ୍ୟୁ): ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘଦ୍ୱାରା ପ୍ରସ୍ତାହିତ ତଥା ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ୩୯ତମ ଇଣ୍ଟର ୟୁନିଭରସିଟି ପୂର୍ବଜୋନ ଯୁବ ଉତ୍ସବ ୟୁନିଫେଷ୍ଟ - ୨୦୨୫-୨୬ ଉତ୍ସାହ ପାଇଁ ପ୍ରସ୍ତୁତି ସଭା ହେବା ସହିତ ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ନାତକୋତର ପରିଷଦ ଅଧକ୍ଷ ଭାସ୍କାର ଚନ୍ଦ୍ର ବେହେରା କୁଳସଚିବ କୁକୁମୀନା ଦାସ ଏବଂ ଉତ୍ସବ ପରିଚାଳନା ପାଇଁ ଗଠିତ ବିଭିନ୍ନ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ । ବୈଷୟିକ ଆଲୋଚନା ସହ ଉତ୍ସବକୁ ସୂଚାରୁରୂପେ ଆୟୋଜନ ସମ୍ପର୍କରେ ବିଭିନ୍ନ ପ୍ରସଙ୍ଗ ଉପରେ ଧ୍ୟାନ ଦିଆଯାଇଥିଲା । ୟୁନିଫେଷ୍ଟ ବା ଯୁବ ଉତ୍ସବ, ଏଆଇୟୁର ଏକ ପ୍ରତିଷ୍ଠିତ ବାର୍ଷିକ ସାଂସ୍କୃତିକ ଉତ୍ସବ ଯାହା ସଙ୍ଗୀତ, ନୃତ୍ୟ, ନାଟ୍ୟ, ସାହିତ୍ୟ ଓ ଫାଇନ ଅର୍ଟ୍ସ ମାଧ୍ୟମରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ଜାତୀୟ ମଂଚ ପ୍ରଦାନ କରିଥାଏ । ୩୯ତମ ଏଆଇୟୁ ଇଣ୍ଟର ୟୁନିଭରସିଟ୍ ପୂର୍ବ ଜୋନ୍ ଯୁବ ଉତ୍ସବ ଉତ୍ସାହ ଆସନ୍ତା ଜାନୁୟାରୀମାସ ୨୭ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ବ୍ୟାସବିହାର କ୍ୟାମ୍ପ ମଧ୍ୟରେ ଅନୁଷ୍ଠିତ ହେବ । ସଂଗୀତ, ନୃତ୍ୟ, ସାହିତ୍ୟ,ନାଟ୍ୟ ଓ ଫାଇନ୍ ଆର୍ଟ୍ସ ଶ୍ରେଣୀର ୩୦ଗୋଟି ପ୍ରତିଯୋଗୀତା ପାଇଁ ଛାତ୍ରଛାତ୍ରୀଙ୍କ ଅନ୍‌ଲାଇନ୍ ପଞ୍ଜିକରଣ ଆରମ୍ଭ ହୋଇଛି । ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଯୁବଉତ୍ସବକୁ ସ୍ମରଣୀୟ ଓ ସଫଳ କରିବା ପାଇଁ ସର୍ବୋତ୍ତମ ପ୍ରୟାସ ନିଆଯାଇଥିବା ପ୍ରକାଶ କରାଯାଇଛି ।

### ଅର୍ଜ୍ଜୁନ–ବିଷାଦଯୋଗଃ

ଅର୍ଜ୍ଜୁନ ଉବାଚ

**ସଙ୍କରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟ ଚ ।**
**ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ ।। ୪୨ ।।**

ସଙ୍କରଃ (ବର୍ଣ୍ଣସଙ୍କରଃ) କଳଘ୍ନାନାଂ (କୁଳନାଶକାନାଂ) କୁଳସ୍ୟ ଚ ନାରକୀୟ ଏବ (ଭବତି) ।
ହି ଏଷାଂ କୁଳଘ୍ନାନାଂ ପିତରଃ ଲୁପ୍ତପିଣ୍ଡୋଦକକ୍ରିୟାଃ (ଲୁପ୍ତାଃ ପିଣ୍ଡୋଦକକ୍ରିୟାଃ
ଶ୍ରାଦ୍ଧତର୍ପଣାଦିକାଃ ଯେଷାଂ ତେ ) ପତନ୍ତି (ଅଧୋଗଚ୍ଛନ୍ତି) ।। ୪୨ ।।

**(ଶ୍ରୀମଦ୍ଭଗବଦ୍ ଗୀତା ୧/୪୨)**

# ଶହେ ପଚାଶ ବର୍ଷରେ ପଲ୍ଲୀକବି

ଜନ୍ମ ହେବାର ବର୍ଷକରେ, ଜନ୍ମ ଦିବସ ପାଳନ ଶିଶୁଟିଏ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ, ବୃଦ୍ଧାବସ୍ଥାରେ ଜନ୍ମ ଶତବାର୍ଷିକ ବା ଜନ୍ମ ହେବାର ଶହେ ପଚାଶ ବର୍ଷ ସେହିପରି ଗୁରୁତ୍ୱପୂର୍ଣ୍ଣ ଘଟଣା । ଗାନ୍ଧିଜୀଙ୍କ ଜନ୍ମ ଶତବାର୍ଷିକ ଉତ୍ସବ ୧୯୬୯ରେ ଦେଶ ସାରା ଯେପରି ଧୂମଧାମରେ ପାଳନ କରାଯାଇଥିଲା, ଆଉ କୌଣସି ବରପୁତ୍ରଙ୍କର ସେହିପରି ପାଳନ କରା ଯାଇଥିବା ମନେ ହୁଏ ନାହିଁ । କାରଣ ଗାନ୍ଧିଜୀ ଜାତିର ଜନକ ଓ ସମସ୍ତଙ୍କର ପ୍ରିୟ ଥିଲେ । ଅବଶ୍ୟ ରାଜାଜୀଙ୍କର ଜନ୍ମ ଶତବାର୍ଷିକ ଉତ୍ସବ ପାଳିତ ହୋଇଛି । ଭୁବନେଶ୍ୱର ଭାରତୀୟ ବିଦ୍ୟା ଭବନ ଜରିଆରେ ଏହା ପାଳନ କରାଯାଇଥିଲା ଏବଂ ବହୁ ବିଶିଷ୍ଟ ଓଡ଼ିଆ ଲେଖକ ଓ ଲେଖିକା ରାଜାଜୀଙ୍କର ଉପାଦେୟ ଗ୍ରନ୍ଥଗୁଡ଼ିକର ଅନୁବାଦ କରିଥିଲେ । ଏ ଲେଖକ ମଧ୍ୟ ୧୯୭୮ ମସିହାରେ ଡକ୍ଟର ଭାବଗ୍ରାହୀ ମିଶ୍ର ଓ ଅନ୍ୟମାନଙ୍କ ପ୍ରେରଣାରେ ରାଜଗୋପାଳଚାରୀଙ୍କ ଲିଖିତ Rescue Democracy From Moneypower ( ଅର୍ଥ ଶକ୍ତି କବଳରୁ ଗଣତନ୍ତ୍ରକୁ ବଞ୍ଚାଅ) ପୁସ୍ତକଟିର ଓଡ଼ିଆ ଅନୁବାଦ କରିଥିଲା, ଅନ୍ୟ ଲେଖକମାନଙ୍କ ସହିତ ।

ଏକଦା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ୨୦୨୧ରେ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ଜନ୍ମ ଶତବାର୍ଷିକ ଉତ୍ସବ ପାଳନ ସକାଶେ ଆହ୍ୱାନ ଦେଇଥିଲେ । ସେ କଂଗ୍ରେସ ଦଳରୁ ପ୍ରଧାନମନ୍ତ୍ରୀ ଥିଲେ ମଧ୍ୟ କଂଗ୍ରେସ ଦଳ ତାଙ୍କର ଜନ୍ମ ଶତବାର୍ଷିକ ଉତ୍ସବ ଜାକଜମକରେ କେଉଁଠାରେ ହେଲେ ପାଳନ କରିଥିବା ପରି ମନେ ହେଉନାହିଁ । ଏହା ପୂର୍ବରୁ ଜୟପ୍ରକାଶ ନାରାୟଣଙ୍କ ଜନ୍ମ ଶତବାର୍ଷିକ ଉତ୍ସବ ଗତ ୨୦୦୨ ମସିହାରେ କେନ୍ଦ୍ରରେ ବାଜପେୟୀ ସରକାର ଓ ଓଡ଼ିଶାରେ ନବୀନ ସରକାର ପାଳନ କରିଥିଲେ । ଓଡ଼ିଶା ସରକାରଙ୍କ 'ଉତ୍କଳ ପ୍ରସଙ୍ଗ'ର ମୁଖ୍ୟ ସମ୍ପାଦକ ଭାବେ ଏ ଲେଖକ ମଧ୍ୟ ଜୟପ୍ରକାଶଙ୍କ ଉପରେ ଏକ ବିଶେଷାଙ୍କ ପ୍ରକାଶ କରିବାର ସୁଯୋଗ ପାଇଥିଲା । ଏପରିକି କୋରାପୁଟ ଅଞ୍ଚଳର ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ଜନ୍ମ ଶତବାର୍ଷିକରେ 'ଉତ୍କଳ ପ୍ରସଙ୍ଗ'ର ଏକ ବିଶେଷାଙ୍କ ଏ ଲେଖକ ପ୍ରସ୍ତୁତ କରିଥିଲା ।

ଏବର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଚେଷ୍ଟାରେ ମହାନ ଯୋଗୀ ଶ୍ରୀଅରବିନ୍ଦଙ୍କର ୧୫୦ତମ ଜୟନ୍ତୀ ଉତ୍ସବ ୨୦୨୨ ଅଗଷ୍ଟ ୧୫ରୁ ୨୦୨୩ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଦେଶସାରା ପାଳନ କରାଯାଇଥିଲା । ଏହା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଦ୍ୟମରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ଓ ବଙ୍କିମ ଚନ୍ଦ୍ରଙ୍କ ଲିଖିତ ' ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ ଉତ୍ସବ ମାନ ଭାରତରେ ପାଳନ କରାଯାଉଛି । ଏହା ପୂର୍ବରୁ ହରେକୃଷ୍ଣ ମହତାବଙ୍କର ୧୨୫ତମ ଜୟନ୍ତୀ ଉତ୍ସବ ରାଜ୍ୟ ସରକାର ଅବଶ୍ୟ ପାଳନ କରିଥିଲେ ।

ଭକ୍ତକବି ମଧୁସୂଦନ ରାଓଙ୍କ ମୃତ୍ୟୁର ଶତବାର୍ଷିକ ଉତ୍ସବ ଗତ ୨୦୧୨ରେ କଲିକତାର କେତେକ ଓଡ଼ିଆ 'ଉତ୍କଳ ସାହିତ୍ୟ ସମାଜ'ର କେତେକ କର୍ମକର୍ତ୍ତାଙ୍କ ସହ ମିଶି କଲିକତାରେ ପାଳନ କରିଥିଲେ । ତତ୍କାଳୀନ ଆସାମ ରାଜ୍ୟପାଳ ଜାନକୀବଲ୍ଲଭ ପଟ୍ଟନାୟକ ସେଥିରେ ଯୋଗ ଦେଇଥିଲେ । ସେହିପରି ୨୦୨୮ରେ ବ୍ୟାସକବି ଫକୀର ମୋହନଙ୍କ ମୃତ୍ୟୁର ଶତବାର୍ଷିକ ଉତ୍ସବକୁ ବାଲେଶ୍ୱରରେ ଏ ଲେଖକ ଅନ୍ୟମାନଙ୍କ ସହ ମିଶି ପାଳନ କରିଥିଲା ।

ପଲ୍ଲୀକବି ନନ୍ଦ କିଶୋର ବଳ ଯିଏ କି ୧୮୭୫ ମସିହା ଡିସେମ୍ବର ୨୨ରେ କୁସୁପୁର (ମାହାଙ୍ଗା) ରେ ଜନ୍ମଗ୍ରହଣ କରିଥିଲେ, ତାଙ୍କ ଜନ୍ମର ଶହେ ପଚାଶ ବର୍ଷରେ ଆମେମାନେ ବର୍ଷ ସାରା ତାଙ୍କର ଜୟନ୍ତୀ ଉତ୍ସବ ପାଳନ କରିବା ଉଚିତ । କାରଣ ଗ୍ରାମବହୁଳ ଓଡ଼ିଶାର ଘରେ ଘରେ ଓଡ଼ିଆ ଲୋକେ ତାଙ୍କର ପଲ୍ଲୀ ଭିତ୍ତିକ ମନଛୁଆଁ କବିତା ଓ ଗୀତ ସବୁକୁ ଆଦର କରି ଆସୁଥିଲେ । କଟକରେ ଥିବା ସାରଳା ସାହିତ୍ୟ ସଂସଦର ସଭାପତି ଥିବା ବେଳେ ବସନ୍ତ କୁମାର ବିଶ୍ୱାଳଙ୍କ ସହିତ ଏ ଲେଖକ ତାହାର କାର୍ଯ୍ୟକାରୀ କମିଟିର ସଦସ୍ୟ ଥିଲା । 'ନନ୍ଦ କିଶୋର ସାହିତ୍ୟ ଚିନ୍ତନ' ଶୀର୍ଷକରେ ଯେଉଁ ଗବେଷଣାତ୍ମକ ପୁସ୍ତକଟିଏ ୧୯୯୬ ମସିହାରେ ପ୍ରକାଶିତ ହୋଇଥିଲା, ସେପରି ପ୍ରକାଶନକୁ ସ୍ୱର୍ଗୀୟ ବିଶ୍ୱାଳ ଉତ୍ସାହିତ କରି ଲେଖିଥିଲେ ତାଙ୍କ 'ମୁଖବନ୍ଧ'ରେ । ସେ ଉଲ୍ଲେଖ କରିଥିଲେ–'ସାରଳା ସାହିତ୍ୟ ସଂସଦ' ଚଳିତ ବର୍ଷ ପଲ୍ଲୀକବି ନନ୍ଦ କିଶୋରଙ୍କ ସାହିତ୍ୟ କୃତିକୁ ନେଇ ଏକ ଆଲୋଚନା ଓ ଗବେଷଣାତ୍ମକ ପୁସ୍ତକ 'ନନ୍ଦ କିଶୋର ସାହିତ୍ୟ ଚିନ୍ତନ' ପ୍ରକାଶ କରୁଛି । ଓଡ଼ିଶାର ବହୁ ପ୍ରଖ୍ୟାତ ଗବେଷକ ଓ ଆଲୋଚକଙ୍କ ପ୍ରବନ୍ଧ ଏଥିରେ ସନ୍ନିବିଷ୍ଟ । ସଂସଦର ଅନୁରୋଧ ରକ୍ଷା କରି ଯେଉଁ, ଗବେଷକମାନେ ଏଥିପାଇଁ ସେମାନଙ୍କର ପ୍ରବନ୍ଧମାନ ଦେଇଛନ୍ତି, ସେମାନଙ୍କୁ କୃତଜ୍ଞତା ଜଣାଉଛି ।' (ମୁଖବନ୍ଧ–ତା ୧୭/୧/୯୬ ରିଖ) ।

ଏଇ ଅଳ୍ପ ଦିନ ତଳେ ଭୁବନେଶ୍ୱରର ଏକ ସିନେମା ହଲରେ ପଲ୍ଲୀକବିଙ୍କ ରଚିତ ଉପନ୍ୟାସ ଉପରେ ନିର୍ମିତ ଚଳଚ୍ଚିତ୍ର 'କନକଲତା' ଦେଖିବାକୁ ଏ ଲେଖକ ଯାଇଥିଲା–'କନକଲତା'ର ପ୍ରଯୋଜକ ଓ ନିର୍ଦ୍ଦେଶକ ଶ୍ରୀ ଘନଶ୍ୟାମ ମହାପାତ୍ରଙ୍କ ଅନୁରୋଧରେ । 'କନକଲତା'ର ନାୟକ ଶ୍ରୀ ହରିଶଚନ୍ଦ୍ର ମହାପାତ୍ର ମଧ୍ୟ ସେଠାରେ ଭେଟ ହୋଇଥିଲେ । ଏ ଚଳଚ୍ଚିତ୍ରଟି ଖୁବ୍ ଉଚ୍ଚକୋଟିର ବୋଲି ମନେ ହୋଇଥିଲା ।

ସେହି ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ଜନ୍ମର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁଁ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆଶଙ୍କିତ ଭବିଷ୍ୟତ, ସଂଗଠିତ ବିପ୍ଳବ



**ବିଭୂତି ଭୂଷଣ କର**

ଜେନ୍ ଜି ଆନ୍ଦୋଳନ ବର୍ତ୍ତମାନ ସାରା ବିଶ୍ୱରେ ଏକ ଶକ୍ତିଶାଳୀ ଯୁବ ପ୍ରତିକ୍ରିୟା ଭାବେ ପ୍ରତିଭାତ ହୋଇଛି । ୧୯୯୭ ରୁ ୨୦୧୨ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଏହି ଯୁବଗୋଷ୍ଠୀ ବିଶ୍ୱବ୍ୟାପୀ ଭ୍ରଷ୍ଟାଚାର, ଅସମାନତା, ଗଣତାନ୍ତ୍ରିକ ପତନ ଓ ଅନ୍ୟାୟ ବିରୋଧରେ ସଂଗଠିତ ହୋଇ ରାଷ୍ଟ୍ରୀୟ ଓ ଅନ୍ତର୍ଜାତୀୟ ପରିବର୍ତ୍ତନ ଆଣିବାକୁ ଉଦ୍ୟମ ରଖିଛନ୍ତି । ଏହି ଆଲେଖ୍ୟରେ ଜେନ୍ ଜି ଆନ୍ଦୋଳନର କାରଣ, ସଂଗଠନ ପ୍ରକ୍ରିୟା, ପ୍ରଭାବ ଓ ଏହାକୁ ଏଡାଇବାର ଉପାୟ ଆଦି ସମ୍ପର୍କରେ ସୂଚନା ଦିଆଯିବ ।

ଜେନ୍ ଜି ଆନ୍ଦୋଳନର ପ୍ରଧାନ କାରଣ ହେଉଛି ବ୍ୟବସ୍ଥା ପ୍ରତି ଗଭୀର ଅସନ୍ତୋଷ । ନେପାଳରେ ଭ୍ରଷ୍ଟାଚାର, ଜମି ଦୁର୍ନୀତି ଓ ପରିବାରବାଦ ବିରୋଧରେ ଯୁବଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ ବହ୍ନି ଦାନା ବାନ୍ଧିଥିଲା । ପାକିସ୍ତାନରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଦାବି ନେଇ ଆନ୍ଦୋଳନ ଆରମ୍ଭ ହୋଇଥିବା ପ୍ରତିବାଦ ପରବର୍ତ୍ତୀ ସମୟରେ ଶେହବାଜ ସରିଫ୍ ସରକାରଙ୍କ ବିରୋଧରେ ଏକ ବଡ଼ ଆନ୍ଦୋଳନରେ ପରିଣତ ହୋଇଥିଲା । ସେହିଭଳି ମେକ୍ସିକୋରେ ହତ୍ୟାର ଶିକାର ହୋଇଥିବା ମେୟରଙ୍କ ପ୍ରତିବାଦରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ମାଡଗାସ୍କରରେ ଯୁବ ନେତୃତ୍ୱାଧୀନ ପ୍ରତିବାଦ ପରେ ରାଷ୍ଟ୍ରପତି ଦେଶ ଛାଡ଼ି ପଳାୟନ କରିଥିଲେ । ଏହି ସମସ୍ତ ଘଟଣା ସୂଚିତ କରୁଛି କି, ଯୁବଗୋଷ୍ଠୀର ଅଧିକାର ଓ ସ୍ୱାର୍ଥକୁ ଅଣଦେଖା କରାଯିବା ହିଁ ଏଭଳି ଘଟଣାକୁ ଜନ୍ମ ଦେଉଛି । ଯୁବଶକ୍ତିଙ୍କ ଅଧିକାରକୁ ଅଣଦେଖା କରି ତାଙ୍କ ବାକ୍ ସ୍ୱାଧୀନତାକୁ ସଂକୁଚିତ କରିବା ଚେଷ୍ଟା ଆନ୍ଦୋଳନକୁ ପ୍ରେରଣା ଦେଉଛି । ସ୍ୱଚ୍ଛ ବ୍ୟବସ୍ଥା, ଔଦ୍ୟୋଗିକ ପରିବେଶ ସୃଷ୍ଟି, କର୍ମସଂସ୍ଥାନର ପରିସର ବ୍ୟାପକ ହେବା ଓ ଜନମଙ୍ଗଳ ଦିଗରେ ଅଭିପ୍ରେତ ସରକାର ଦେଖିବାକୁ ଚାହାନ୍ତି । ଜେନ୍ ଜି ଯୁବଗୋଷ୍ଠୀ । ନାଗରିକଙ୍କ ଅଧିକାର ଛଡ଼ାଇ ନେଇ ନିଜେ ପୁଷ୍ଟ ହେବାକୁ ଚାହୁଁଥିବା ରାଜନେତା ଓ ଅମଲାତନ୍ତ୍ରୀଙ୍କୁ ଏହି ବର୍ଗ ସହ୍ୟ କରନ୍ତି ନାହିଁ ।

**ନେପାଳ ସରକାର ଫେସବୁକ୍, ଇନଷ୍ଟାଗ୍ରାମ୍ ଓ ୟୁଟ୍ୟୁବ୍ ଭଳି ପ୍ରମୁଖ ଡିଜିଟାଲ୍ ମିଡିଆ ପ୍ଲାଟଫର୍ମକୁ ନିଷିଦ୍ଧ କରିଥିଲେ, କିନ୍ତୁ ଏହା ଆନ୍ଦୋଳନକୁ ବନ୍ଦ କରିବା ପରିବର୍ତ୍ତେ ଆହୁରି ତୀବ୍ର କରାଇଥିଲା ।**

ଜେନ୍ ଜି ଆନ୍ଦୋଳନର ସଂଗଠନ ପ୍ରକ୍ରିୟା ଅନ୍ୟାନ୍ୟ ପାରମ୍ପରିକ ଆନ୍ଦୋଳନଠାରୁ ଭିନ୍ନ । ଡିଜିଟାଲ ମାଧ୍ୟମ ଏହାର ମୁଖ୍ୟ ହତିଆର । ନେପାଳରେ ଇଣ୍ଟରନେଟ ମାଧ୍ୟମରେ ଭ୍ରଷ୍ଟାଚାର ବିରୋଧରେ ଡିଜିଟାଲ ମିଡିଆରେ ବ୍ୟାପକ ଆଲୋଚନା କରାଯାଇଥିଲା । ପାକିସ୍ତାନରେ ସୋସିଆଲ ମିଡିଆରେ ଭାଇରାଲ ଭିଡିଓ ଆନ୍ଦୋଳନକୁ ଅଧିକ ବଳଶାଳୀ କରିଥିଲା । ନେପାଳ ସରକାର ଫେସବୁକ୍, ଇନଷ୍ଟାଗ୍ରାମ୍ ଓ ୟୁଟ୍ୟୁବ୍ ଭଳି ପ୍ରମୁଖ ଡିଜିଟାଲ୍ ମିଡିଆ ପ୍ଲାଟଫର୍ମକୁ ନିଷିଦ୍ଧ କରିଥିଲେ, କିନ୍ତୁ ଏହା ଆନ୍ଦୋଳନକୁ ବନ୍ଦ କରିବା ପରିବର୍ତ୍ତେ ଆହୁରି ତୀବ୍ର କରାଇଥିଲା ।

ଶାନ୍ତିପୂର୍ଣ୍ଣ ଆନ୍ଦୋଳନରୁ ହିଂସାକୁ ପରିବର୍ତ୍ତନ ହେବାର ଦୃଷ୍ଟାନ୍ତ ମଧ୍ୟ ଦେଖିବାକୁ ମିଳିଛି । ଆରମ୍ଭରେ ପାକିସ୍ତାନରେ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ ହୋଇଥିଲା, କିନ୍ତୁ ପରେ ଅଜଣା ବନ୍ଧୁକଧାରୀ ଛାତ୍ରଙ୍କ ଏକ ଗ୍ରୁପ ଉପରେ ଗୁଳିମାଡ କରିବା ଫଳରେ ଆନ୍ଦୋଳନ ହିଂସ୍ର ରୂପ ନେଇଥିଲା । ନେପାଳର ବିକ୍ଷୋଭକାରୀମାନେ ପାର୍ଲାମେଣ୍ଟ, ସୁପ୍ରିମକୋର୍ଟ, ରାଜନୈତିକ ବ୍ୟକ୍ତିଙ୍କ ବାସଭବନରେ ନିଆଁ ଲଗାଇ ଦେଇଥିଲେ ।

ଜେନ୍ ଜି ଆନ୍ଦୋଳନର ପ୍ରଭାବ ବିଶ୍ୱବ୍ୟାପୀ ଅନୁଭୂତ ହେଉଛି । ରାଜନୈତିକ ପରିବର୍ତ୍ତନ ଆଣିବାରେ ଏହି ଆନ୍ଦୋଳନ କ୍ରମଶଃ ସଫଳ ହେଉଛି । ନେପାଳରେ ପ୍ରଧାନମନ୍ତ୍ରୀଙ୍କୁ ହଟାଇଦେବା ସହ ମାଡଗାସ୍କରରେ ରାଷ୍ଟ୍ରପତିଙ୍କୁ ବିଦା କରିବାରେ ଏଭଳି ଆନ୍ଦୋଳନ ସକ୍ଷମ ହୋଇଥିଲା । ଶ୍ରୀଲଙ୍କା ଓ ବାଂଲାଦେଶରେ ଯୁବଗୋଷ୍ଠୀଙ୍କ ଆନ୍ଦୋଳନ ଫଳରେ ସରକାର ଗାଦିଚ୍ୟୁତ ହେଲା । ମାତ୍ର ଏସବୁ ପ୍ରଦର୍ଶନ ହିଂସାତ୍ମକ ଆନ୍ଦୋଳନରେ ପରିବର୍ତ୍ତିତ ହୋଇଥିଲା । ବ୍ୟାପକ ଧନଜୀବନ ମଧ୍ୟ ହାନି ହୋଇଥିଲା । ସାମାଜିକ ଓ ରାଜନୈତିକ ଚେତନା ସୃଷ୍ଟି କରିବାରେ ମଧ୍ୟ ଏହି ଆନ୍ଦୋଳନ ସଫଳ ହୋଇଛି । ଏହି ଆନ୍ଦୋଳନ ସଂଘବଦ୍ଧ ଯୁବଗୋଷ୍ଠୀର ଶକ୍ତିକୁ ପ୍ରତିପାଦିତ କରିଛି ଏବଂ ସରକାରଙ୍କୁ ନିଜ ନୀତି ଓ କାର୍ଯ୍ୟଶୈଳୀ ବିଷୟରେ ସ୍ୱଚ୍ଛ ହେବାକୁ ବାଧ୍ୟ କରିଛି । ସରକାରଙ୍କୁ ଜନସାଧାରଣଙ୍କ ମତାମତ ଓ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟ କରିବାକୁ ପ୍ରସ୍ତୁତ ରହିବାକୁ ପଡ଼ିଛି ।

ଜେନ୍ ଜି ଆନ୍ଦୋଳନ ଭଳି ପରିସ୍ଥିତି ଏଡାଇବା ପାଇଁ ସରକାରୀ ନୀତିରେ ପରିବର୍ତ୍ତନ ଆଣିବା ଜରୁରୀ । ସରକାରୀ ନୀତିଗୁଡ଼ିକ ଯୁବ–କେନ୍ଦ୍ରିକ ଏବଂ ଯୁବପିଢ଼ିଙ୍କ ପାଇଁ ଲାଭଦାୟକ ହେବା ଉଚିତ । ଏଥିରେ ଶିକ୍ଷା, ନିଯୁକ୍ତି, ନ୍ୟାୟ ଓ ଉନ୍ନତ ଜୀବନଶୈଳୀ ଉପରେ ବିଶେଷ ରୂପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ।

ଯୁବକଙ୍କ ମତାମତକୁ ଗୁରୁତ୍ୱ ଦେବା ସହ ସୁଶାସନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ନାଗରିକଙ୍କ ସ୍ୱାର୍ଥକୁ ଅଣଦେଖା କଲେ ତ୍ରାହି ନାହିଁ । ଭାରତରେ ୨୦୧୨ରେ ନିର୍ଭୟା ଘଟଣା ପରେ ଦେଶବ୍ୟାପୀ ଯୁବ ଆନ୍ଦୋଳନ ହୋଇଥିଲା, ଯାହା ଭାରତୀୟଙ୍କ ବିବେକକୁ ଦୋହଲାଇ ଦେଇଥିଲା । ଏହି ଘଟଣା ପରେ ଦେଶର ପ୍ରତି କୋଣଅନୁକୋଣରେ ଯୁବବର୍ଗ ମାତି ଉଠିଥିଲେ । ସରକାର ପରିବର୍ତ୍ତନରେ ଏହି ଆନ୍ଦୋଳନ ଅନ୍ୟତମ କାରଣ ଭାବେ ବିଚାର କରାଯାଏ । ଏହି ଆନ୍ଦୋଳନ ବ୍ୟାପକ ହୋଇଥିଲେ ମଧ୍ୟ ଏହା ହିଂସାତ୍ମକ ପ୍ରତିକ୍ରିୟାରେ ପରିବର୍ତ୍ତିତ ହୋଇନଥିଲା ।

ଜେନ୍ ଜି ଆନ୍ଦୋଳନ ହେଉଛି ଏକ ଗଭୀର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅସନ୍ତୋଷର ପ୍ରତିଫଳନ । ଏହାର ମୂଳ କାରଣ ଭ୍ରଷ୍ଟାଚାର, ଆର୍ଥିକ ଓ ସାମାଜିକ ଅସମାନତା, ପତନମୁଖୀ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଯୁବ ଅଧିକାରର ଅଣଦେଖା । ଏଭଳି ଆନ୍ଦୋଳନକୁ ଅଧିକ ସକ୍ରିୟ ଓ ବ୍ୟାପକ କରିବାରେ ଡିଜିଟାଲ ମାଧ୍ୟମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏଭଳି ସ୍ଥିତି ଏଡାଇବା ପାଇଁ ସରକାରୀ ନୀତିରେ ପରିବର୍ତ୍ତନ ଆଣି ଯୁବଙ୍କ ମତାମତକୁ ଗୁରୁତ୍ୱ ଦେବା, ସୁଶାସନ କାଏମ ରଖିବା ଓ ଯୁବଙ୍କ ଅଧିକାର ସୁରକ୍ଷିତ କରିବା ଆବଶ୍ୟକ । ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଧ୍ୟାନ ଦେବା ଜରୁରୀ ।

**ରାଜ୍ୟ ସଭାପତି, ଉତ୍କଳ ସାମ୍ବାଦିକ ସଂଘ, ଓଡ଼ିଶା**

# ବିଶିଷ୍ଟ ଓଡ଼ିଆ କବି ନନ୍ଦକିଶୋର



**ଡ. ଭାବଗ୍ରାହୀ ରାଉତ**

'ଡାମରା କାଉରେ ଡାମରା କାଉ,
ଉଚ୍ଚ ପରବତେ ବୋବାଉଥାଉ।
ଉଚ୍ଚ ପରବତ ଘୁଞ୍ଚି ଘୁଞ୍ଚିକା,
ତହିଁରେ ବସିଛି ତିନି ମିକା।
ତିନି ତିନି ପଣ ଅଠର ପଣ,
ଭାଇକୁ ଡକାଇ କଉଡ଼ି ଗଣ।
କଉଡ଼ି ଗଣାରେ ପାହିଲା ରାତି,
ଚୋର ନେଇଗଲା କଜଳପାତି।'
(ଗ୍ରନ୍ଥାବଳୀ, ପୃ.–୬୫୪)

ପଲ୍ଲୀ କବିଙ୍କର କବିତା ଥିଲା, ସରଳ, ବୋଧଗମ୍ୟ, ପଲ୍ଲୀର ପ୍ରଚଳିତ ବୋଲି ଓ ଲୋକ କାହାଣୀର ଅଂଶବିଶେଷ । ତାଙ୍କ ସାହିତ୍ୟ କୃତିରେ ପ୍ରତିବିମ୍ବିତ ହୁଏ ପଲ୍ଲୀଚେତନାର ବାସ୍ତବତା, ଯାହାକି ଶିଶୁ–ଯୁବ–ବୃଦ୍ଧ ସମସ୍ତଙ୍କ ପ୍ରାଣଙ୍କୁ ଆହ୍ଲାଦିତ କରେ ।

ଓଡ଼ିଆ ଜାତିର କାବ୍ୟ ପୁରୁଷ, ଓଡ଼ିଆ ସାହିତ୍ୟର ନବୀନ ଯୁଗର ବିଶ୍ୱକର୍ମା, ପ୍ରଥିତଯଶା ସାରସ୍ୱତ ସାଧକ ନନ୍ଦକିଶୋର ବଳଙ୍କ ଲେଖନୀରୁ ଝରିଛି ଅନେକ କବିତା । କବିତାରେ ଫୁଟି ଉଠିଛି ପଲ୍ଲୀର ଦୃଶ୍ୟ, ପଲ୍ଲୀ ପ୍ରକୃତି, ପଲ୍ଲୀ ଜୀବନ, ପଲ୍ଲୀର କଥା, ମାଟି ମାଆକୁ ଭଲ ପାଇବା, ଭାଷା ସାହିତ୍ୟକୁ ବଞ୍ଚାଇ ରଖିବାର ଆବେଗ । ଓଡ଼ିଆ ଜାତିର ଅତୀତ ଗୌରବ ଓ ପଲ୍ଲୀର ନୈସର୍ଗିକ ସୌନ୍ଦର୍ଯ୍ୟକୁ ବିଶ୍ୱ ଦରବାରରେ ପ୍ରଚାର ଓ ପ୍ରସାର କରିବା ପାଇଁ ସେ ନେଇଛନ୍ତି ସଂକଳ୍ପ । ପଲ୍ଲୀ ସମାଜକୁ କୁସଂସ୍କାର ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ଅନ୍ୟ ଏକ ସ୍ୱପ୍ନ ଥିଲା । ସେ ଏକାଧାରାରେ ଥିଲେ କବି, ସାହିତ୍ୟିକ ଓ ଔପନ୍ୟାସିକ । ଗଦ୍ୟ ରଚନା କରିବାରେ ତାଙ୍କର ଦକ୍ଷତା ମଧ୍ୟ ଥିଲା ।



ବାଲ୍ୟକାଳରେ ଦେଖିଥିଲେ ବିରୂପାନଦୀ, ନଈପଠାରେ ଖଜୁରୀ ଗଛ, ତାଳବଣ, ଗହୀର ବିଲର ବେଣାବୁଦା, ଗାଁ ମଶାଣୀ, ଆମ୍ବତୋଟା, କାଶତଣ୍ଡୀ ଫୁଲ ଏମିତି ଅନେକ କିଛି । ଗ୍ରାମ, ଚାଟଶାଳୀ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷା ପରିସମାପ୍ତି ପରେ ଭକ୍ତମଧୁ ବିଦ୍ୟାପୀଠରୁ ମାଇନର୍ ପାସ୍ କରିଥିଲେ। ରେଭେନ୍ସା କଲଜିଏଟ୍ ପଢ଼ିବା ସମୟରେ ବ୍ରାହ୍ମଧର୍ମ ଗ୍ରହଣ କରି କେନ୍ଦ୍ରାପଡ଼ା ହାଇସ୍କୁଲ୍‌ରେ ନାମ ଲେଖାଇ ଓଡ଼ିଶାରେ ପ୍ରଥମଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ରେଭେନ୍ସା ମହାବିଦ୍ୟାଳୟରୁ ୧୮୯୮ ରେ ବି.ଏ. ପାସ୍ କରି କଟକ ଟାଉନ୍ ହଲ୍‌ରେ ଶିକ୍ଷକତା, ୧୯୦୩ ମସିହାରେ ଜିଲ୍ଲାବୋର୍ଡ଼ ସ୍କୁଲ୍‌ରେ ସବ୍‌ଇନ୍‌ସପେକ୍ଟର, ୧୯୦୭ରେ କଟକ ଟ୍ରେନିଂ ସ୍କୁଲ୍‌ରେ ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ । ୧୯୧୦ରେ କଲିକତାର ଡେଭିଡ୍ ହାୟାର ଟ୍ରେନିଂ କଲେଜରେ ବି.ଟି. ଅଧ୍ୟୟନ କରିବା ସମୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଂସ୍ପର୍ଶରେ ଆସି ରଚନା କଲେ ଏକ ଦୀର୍ଘ କବିତା 'ସନ୍ଧ୍ୟାତାରା' । ୧୯୧୧ରେ ସମ୍ବଲପୁର ଜିଲ୍ଲା ସ୍କୁଲ୍‌ରେ ପ୍ରଧାନଶିକ୍ଷକ ଭାବେ ଯୋଗ ଦେଲେ । ସମ୍ବଲପୁରରୁ ପ୍ରକାଶ ପାଉଥିବା 'ସମ୍ବଲପୁର ହିତୈଷିଣୀ' ରେ ତାଙ୍କର କେତେକ ଲେଖା ପ୍ରକାଶ ପାଇବାଦ୍ୱାରା ସେ ଉଚ୍ଚ ପ୍ରଶଂସିତ ହୋଇଥିଲେ । ସେହି ସମୟରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ସହ ସଂପର୍କ ହେବା ଦ୍ୱାରା ଓଡ଼ିଆ ସାହିତ୍ୟର ଉନ୍ନତି ସାଧିତ ହୋଇଥିଲା । ତତ୍ପରେ ବାଲେଶ୍ୱର ଜିଲ୍ଲା ସ୍କୁଲ୍‌ରେ ପ୍ରଧାନଶିକ୍ଷକ, ଜିଲ୍ଲାର ଡେପୁଟି ଇନ୍‌ସପେକ୍ଟର ଭାବେ ଯୋଗଦାନ କରି ଫକୀରମୋହନ ସେନାପତିଙ୍କ ସାନ୍ନିଧ ଲାଭକରି ୧୯୧୪ରେ ରଚନା କଲେ 'କନକଲତା' ଉପନ୍ୟାସ ।

**୧୮୭୫ ମସିହା ଡିସେମ୍ବର ୨୨ତାରିଖରେ ଦିନରେ ମାହାଙ୍ଗା ଥାନା ଅନ୍ତର୍ଗତ କୁସୁପୁର ଗ୍ରାମରେସେ ଜନ୍ମଗ୍ରହଣ କରିଥିଲେ । ଓଡ଼ିଆ ସାହିତ୍ୟ ଜଗତରେ ତାଙ୍କ ପରି ଅନେକ କବି ଜନ୍ମ ନେଇଛନ୍ତି, କିନ୍ତୁ ବାଲ୍ୟସ୍ମୃତିରେ ପଲ୍ଲୀ ପ୍ରକୃତିକୁ ଆଧାର କରି କବିତା ସୃଷ୍ଟି କରିବାରେ ତାଙ୍କୁ କେହି ଆଜି ପର୍ଯ୍ୟନ୍ତ ଟପି ପାରିନାହାନ୍ତି । ଯଥାର୍ଥରେ ନନ୍ଦକିଶୋର ପଲ୍ଲୀକବି ଭାବରେ ଓଡ଼ିଆ ସାହିତ୍ୟ ଆକାଶରେ ଜଣେ ଚିରସ୍ମରଣୀୟ ଉଜ୍ଜ୍ୱଳ ଜ୍ୟୋତିଷ୍କ ।**

୧୯୨୦ ମସିହାରେ ପୁରୀ ଜିଲ୍ଲା ସ୍କୁଲ୍ ସମୂହର ଇନ୍‌ସପେକ୍ଟର ଭାବେ କାର୍ଯ୍ୟକରି ପୁନର୍ବାର ବାଲେଶ୍ୱର ଜିଲ୍ଲା ସ୍କୁଲ୍‌କୁ ବଦଳି ହୋଇଥିଲେ । ତାଙ୍କର ସାମଗ୍ରିକ ଜୀବନ ଥିଲା ଶିକ୍ଷା କ୍ଷେତ୍ରରେ । ସ୍ୱଳ୍ପ ଜୀବନ କାଳ ମଧ୍ୟରେ ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କଲେ ବହୁବିଧ ରଚନାରେ, ସେଗୁଡ଼ିକ ହେଲା, କାବ୍ୟ – ସୀତା ବନବାସ, କୃଷ୍ଣ କୁମାରୀ, ଶର୍ମିଷ୍ଠା, କବିତା – ପଲ୍ଲୀଚିତ୍ର, ନିର୍ଝରିଣୀ, ବସନ୍ତ – କୋକିଳ, ତରଙ୍ଗିଣୀ, ଚାରୁଚିତ୍ର, ଜନ୍ମଭୂମି, ନିର୍ମାଲ୍ୟ, ପ୍ରଭାତ – ସଂଗୀତ, ସନ୍ଧ୍ୟା – ସଂଗୀତ, ଉପନ୍ୟାସ – କନକଲତା, ଗଳ୍ପ – ଲକ୍ଷ୍ମୀ, ଲାବଣ୍ୟ ପ୍ରବନ୍ଧ ଓ ସମାଲୋଚନା – କବିବର ରାଧାନାଥ ଓ ତଦୀୟ କବିତା ଉତ୍କଳ – କବି ଫକୀରମୋହନ ଏପରି ଅନେକ ।

୧୮୭୫ ମସିହା ଡିସେମ୍ବର ୨୨ତାରିଖରେ ଦିନରେ ମାହାଙ୍ଗା ଥାନା ଅନ୍ତର୍ଗତ କୁସୁପୁର ଗ୍ରାମରେସେ ଜନ୍ମଗ୍ରହଣ କରିଥିଲେ । ଓଡ଼ିଆ ସାହିତ୍ୟ ଜଗତରେ ତାଙ୍କ ପରି ଅନେକ କବି ଜନ୍ମ ନେଇଛନ୍ତି, କିନ୍ତୁ ବାଲ୍ୟସ୍ମୃତିରେ ପଲ୍ଲୀ ପ୍ରକୃତିକୁ ଆଧାର କରି କବିତା ସୃଷ୍ଟି କରିବାରେ ତାଙ୍କୁ କେହି ଆଜି ପର୍ଯ୍ୟନ୍ତ ଟପି ପାରିନାହାନ୍ତି । ଯଥାର୍ଥରେ ନନ୍ଦକିଶୋର ପଲ୍ଲୀକବି ଭାବରେ ଓଡ଼ିଆ ସାହିତ୍ୟ ଆକାଶରେ ଜଣେ ଚିରସ୍ମରଣୀୟ ଉଜ୍ଜ୍ୱଳ ଜ୍ୟୋତିଷ୍କ ।

**ସଭାପତି ମାହାଙ୍ଗା ସାରସ୍ୱତ ସେବାମଞ୍ଚ**
**ମୋ– ୯୬୬୮୦୭୬୦୨୪**

# ବେଳ ଥାଉ ହୁଅ ସାବଧାନ

**ଡକ୍ଟର ସୁରେଶ କୁମାର ନାୟକ**

ବେଳେ ବେଳେ ପିଲା ଖରାପ ସାଙ୍ଗଙ୍କ ସହ ପଡ଼ି ଯାଆନ୍ତି, ଯାହାଫଳରେ ତାଙ୍କ ଭିତରେ କେତେକ ଖରାପ ଅଭ୍ୟାସ ବିକଶିତ ହେବାକୁ ଲାଗେ । ଅନେକ ସମୟରେ ତାଙ୍କଠାରେ ଭାଷାର ଶାଳୀନତାର ଅଭାବ ହୁଏ । ଏପରି କି ଖରାପ କଥା କହିବାକୁ ପଛାଇ ନଥାନ୍ତି । ସାମାନ୍ୟ କଥାରେ ଯଦି ଜଣେ ଅନ୍ୟ ପିଲାଙ୍କୁ ମାଡ଼ପିଟ କରେ ତେବେ ବୁଝି ନିଅନ୍ତୁ ସେ ବିଗିଡ଼ିଗଲାଣି । ଯଦି ଆପଣ ଜାଣିବାକୁ ଚାହାଁନ୍ତି ପିଲା ଖରାପ ସାଙ୍ଗମାନଙ୍କ ସହ ପଡ଼ି ଏପରି ବ୍ୟବହାର କରୁଛି ତେବେ ନିମ୍ନ ଲିଖିତ ବିଷୟକୁ ନଜର ଦେଇପାରନ୍ତି ।

ସବୁ ମାତାପିତା ଚାହାନ୍ତି ତାଙ୍କ ପିଲା ଭଲ ମଣିଷଟିଏ ହେଉ । ଉତ୍ତମ ଶିକ୍ଷା, ଅନ୍ୟମାନଙ୍କ ସହ କିପରି ବ୍ୟବହାର କରିବ ଏହା ପ୍ରାୟ ପିଲାମାନେ ଛୋଟବେଳୁ ଶିଖିଥାଆନ୍ତି । ଏହାପରେ ବି କିଛି ପିଲା ଖରାପ ରାସ୍ତାରେ ପାଦ ରଖି ଦିଅନ୍ତି । ଖରାପ ସାଙ୍ଗମାନଙ୍କ ସହ ମିଶିବା ଯୋଗୁଁ ସେମାନଙ୍କର ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଥାଏ । ଏମିତିକା ପିଲା ମାତା ପିତାଙ୍କୁ ସବୁ କଥା ଲୁଚାଇଥାନ୍ତି ଆଉ କଥା କଥାରେ ଝଗଡ଼ା କରିବାକୁ ଲାଗନ୍ତି । ମିଛ କହିବା ମଧ୍ୟ ଆରମ୍ଭ କରିଦେଇଥାନ୍ତି । ଅନେକେ ମାତାପିତାଙ୍କୁ କଥା ଓଲଟାଇ ପ୍ରତି ଉତ୍ତର ଦେବାକୁ ମଧ୍ୟ ପଛାନ୍ତି ନାହିଁ । ଏହି ସବୁ ସମସ୍ୟା ୧୦–୧୨ ବର୍ଷ ପିଲାଙ୍କ ଠାରେ ଦେଖିବାକୁ ମିଳେ ।

ସବୁବେଳେ ଗୋଟିଏ କଥା ଧ୍ୟାନରେ ରଖିବେ ପିଲା ନିଜ ପାଖଆଖରେ ଯାହା ଦେଖିବେ, ଶୁଣିବେ ସେଇଆ ହିଁ କରିବେ । ସ୍କୁଲ, ପାର୍କ, ଟ୍ୟୁସନ ଆଦି ସ୍ଥାନରେ ନିଜ ସାଙ୍ଗମାନଙ୍କୁ ଯେମିତି କରୁଥିବା ଏବଂ କହୁଥିବାର ପିଲା ଦେଖନ୍ତି, ତାହାକୁ ଅନୁସରଣ କରିବାକୁ ଲାଗନ୍ତି । ଖାସ କରି ଯଦି ସାଙ୍ଗ ଠିକ୍ ନଥାଏ ତେବେ ପିଲା ଅଧିକ ବିଗିଡ଼ିବାର ଆଶଙ୍କା ରହିଥାଏ । ଏମିତିରେ ମାତାପିତା ଆରମ୍ଭରୁ ତାଙ୍କର କଥାବାର୍ତ୍ତା ହାବଭାବରୁ ଲକ୍ଷ୍ୟ କରନ୍ତୁ । ଏହାଦ୍ୱାରା ପିଲାଙ୍କୁ ବିଗିଡ଼ାବାରୁ କିଛି ମାତ୍ରାରେ ରକ୍ଷା କରିପାରିବେ ।

କିଛି ପିଲା କୌଣସି ମନ ପସନ୍ଦର ଜିନିଷ ଦେଖି ନେବାଲାଗି ଜିଦି କରିଥାନ୍ତି । ଏଥିପାଇଁ ମାତାପିତାଙ୍କ ସହିତ ସେମାନେ ଉଚ୍ଚ ସ୍ୱରରେ କଥାବାର୍ତ୍ତା ବି କରନ୍ତି । ବେଳେ ବେଳେ ଏହି ଜିଦ୍ ଲାଗି ଖାଦ୍ୟ ମଧ୍ୟ ଖାଇ ନଥାନ୍ତି ।

ବିଶେଷ ଭାବରେ ୮–୧୦ ବର୍ଷ ପିଲାଙ୍କ ଠାରେ ଏପରି ଅଭ୍ୟାସ ଅଧିକ ଦେଖିବାକୁ ମିଳିଥାଏ । ଏ ବିଷୟରେ ଅବଗତ ହେବାମାତ୍ରେ ମାତାପିତା ପିଲାମାନଙ୍କୁ ଥଣ୍ଡା ମିଜାଜ୍‌ରେ ବୁଝାଇବା ଦରକାର । ତା'ସହ ଯଦି ପରବର୍ତ୍ତୀ ସମୟରେ ପିଲା ନିଜ ଭୁଲ ବୁଝିପାରନ୍ତି ତେବେ ସେମାନେ ନିଜକୁ କେତେକାଂଶରେ ସୁଧାରି ନେଇପାରିବେ ।

ଯେଉଁ କାମ କରିବା ଲାଗି ଆପଣ ପିଲାକୁ ମନା କରୁଛନ୍ତି ସେ ସେଇ କାମକୁ ବାରମ୍ବାର କରୁଛି ତେବେ ଆପଣଙ୍କୁ ଧୈର୍ଯ୍ୟର ସହ ବୁଝାଇବାକୁ ପଡ଼ିବ । ଯଦି ସେ ଆପଣଙ୍କ କଥା ଶୁଣୁନି ତେବେ ଅନ୍ୟ କାହା କଥା ଶୁଣିବ ବୋଲି ଭାବିପାରିବେ ନାହିଁ । ଆଉ ଏପରି ବ୍ୟବହାର କାହିଁକି କରୁଛି ତାର କାରଣ ଖୋଜି ସମାଧାନ କରିବାକୁ ପଡ଼ିବ ।

ଯଦି ଆପଣ କୌଣସି ଛୋଟମୋଟ କାମ ତାକୁ କହୁଛନ୍ତି ସେ କଥା ଶୁଣୁନି କି କରୁନି ତେବେ ଆପଣ ଜାଣି ନେବେ ଯେ ପିଲା ବିଗିଡ଼ିବା ରାସ୍ତାରେ ରହିଛି ।

ଯଦି ଆପଣଙ୍କ ପିଲା ପ୍ରତି କଥାରେ ଖରାପ ଭାଷା ବ୍ୟବହାର କରୁଛି ତେବେ ସେ ଖରାପ ସାଙ୍ଗରେ ପଡ଼ିବାର କାରଣ ହୋଇପାରେ । ତେବେ ସେ ଅନ୍ୟ କେଉଁ ପିଲା ସହ କଳି ଝଗଡ଼ା କରେ, ତେବେ କାହାକୁ ଥାପଡ଼ ଲଗାଇ, କାହାକୁ ମାରପିଟ କରି ଘରକୁ ଆସିଯାଏ । ତେବେ ଏଥିନେଇ ଆପଣ ସତର୍କ ହୋଇଯାଆନ୍ତୁ । ପିଲା ପାଟିରୁ ଯଦି ଖରାପ ଭାଷା ଶୁଣୁଛନ୍ତି ତେବେ ତାକୁ ସେଇ ମୁହୂର୍ତ୍ତରେ ଅଟକାନ୍ତୁ ।

ସେ ଯଦି ଅନ୍ୟ କାହାକୁ ବାରମ୍ବାର ଚିଡ଼ାଉଛି କିମ୍ବା ଥଟ୍ଟା ପରିହାସ କରୁଛି ତେବେ ଏହି ଅଭ୍ୟାସ ଜମା ଠିକ ବି ନୁହେଁ । ଏଥିଲାଗି ତାକୁ ଆକଟ କରନ୍ତୁ ।

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର–୯, ସିଡିଏ, କଟକ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭିବି- ଜୀ ରାମ ଜୀ...

ଯୋଗଦାନ ଦେବାକୁ ସକ୍ଷମ କରେ।

ସର୍ବାଧିକ ବୁଣା ଏବଂ ଅମଳ ଋତୁରେ କୃଷି ଶ୍ରମିକଙ୍କ ପର୍ଯ୍ୟାପ୍ତ ଉପଲବ୍ଧତାକୁ ସୁଗମ କରିବା ପାଇଁ, ଏହି ଆଇନ ରାଜ୍ୟଗୁଡ଼ିକୁ ଏକ ଆର୍ଥିକ ବର୍ଷରେ ଷାଠିଏ ଦିନ ପର୍ଯ୍ୟନ୍ତ ଏକ ସାମଗ୍ରିକ ବିରତି ଅବଧି ସୂଚୀତ କରିବାକୁ କ୍ଷମତା ପ୍ରଦାନ କରେ।

ସମ୍ପୂର୍ଣ୍ଣ ୧୨୫-ଦିନର ନିଯୁକ୍ତି ଗ୍ୟାରେଣ୍ଟି ଅକ୍ଷୁର୍ଣ୍ଣ ରହିଥାଏ, ଅବଶିଷ୍ଟ ସମୟ ମଧ୍ୟରେ ପ୍ରଦାନ କରାଯିବା ପାଇଁ, ଏକ କ୍ରମାନୁସାରେ ସନ୍ତୁଳନ ସୁନିଶ୍ଚିତ କରାଯାଏ ଯାହା କୃଷି ଉତ୍ପାଦକତା ଏବଂ ଶ୍ରମିକ ସୁରକ୍ଷା ଉଭୟକୁ ସମର୍ଥନ କରେ।

ଏହି ଆଇନ ସାପ୍ତାହିକ ଭାବରେ କିମ୍ବା ଯେକୌଣସି କ୍ଷେତ୍ରରେ, କାମ ସମାପ୍ତ ହେବାର ପନ୍ଦର ଦିନ ମଧ୍ୟରେ ମଜୁରୀ ପ୍ରଦାନ କରିବାକୁ ବାଧ୍ୟ କରେ। ନିର୍ଦ୍ଧାରିତ ସମୟଠାରୁ ଅଧିକ ବିଳମ୍ବ ହେଲେ, ବିଳମ୍ବ କ୍ଷତିପୂରଣ ଅନୁସୂଚୀରେ ଉଲ୍ଲେଖିତ ବ୍ୟବସ୍ଥା ଅନୁଯାୟୀ ପ୍ରଦାନ କରାଯିବ, ଯାହା ମଜୁରୀ ସୁରକ୍ଷାକୁ ସୁଦୃଢ଼ କରିବ ଏବଂ ଶ୍ରମିକମାନଙ୍କୁ ବିଳମ୍ବରୁ ରକ୍ଷା କରିବ।

ଆଇନ ଅନୁଯାୟୀ ମଜୁରୀ ନିଯୁକ୍ତି ସ୍ପଷ୍ଟ ଭାବରେ ଚାରୋଟି ପ୍ରାଥମିକତା ବିଷୟବସ୍ତୁ କ୍ଷେତ୍ରରେ ସ୍ଥାୟୀ ସାର୍ବଜନୀନ ସମ୍ପତ୍ତି ସୃଷ୍ଟି ସହିତ ସଂଯୁକ୍ତ ତାହା ହେଲା ଜଳ ସୁରକ୍ଷା ଏବଂ ଜଳ-ସମ୍ବନ୍ଧୀୟ କାର୍ଯ୍ୟ, ମୂଳ ଗ୍ରାମୀଣ ଭିତ୍ତିଭୂମି, ଜୀବିକା-ସମ୍ବନ୍ଧୀୟ ଭିତ୍ତିଭୂମ ଓ ଅତି ତୀବ୍ର ପାଣିପାଗ ଘଟଣାଗୁଡ଼ିକୁ ହ୍ରାସ କରିବା ପାଇଁ କାର୍ଯ୍ୟ। ସମସ୍ତ କାର୍ଯ୍ୟ ବଟମ୍-ଅପ୍ ପ୍ରକ୍ରିୟା ମାଧ୍ୟମରେ ଯୋଜନା କରାଯାଇଛି, ଏବଂ ସୃଷ୍ଟି ହୋଇଥିବା ସମସ୍ତ ସମ୍ପତ୍ତିକୁ ବିକଶିତ ଭାରତ ଜାତୀୟ ଗ୍ରାମୀଣ ଭିତ୍ତିଭୂମି ଷ୍ଟାକରେ ସଂଗୃହିତ କରାଯାଇଛି। ଏହା ବିଭିନ୍ନ ସ୍ଥାନୀୟ ଆବଶ୍ୟକତା ଉପରେ ଆଧାରିତ ସାଧାରଣ ନିବେଶର ସମନ୍ୱୟ, ବିଖଣ୍ଡନ ଏଡାଇବା ଏବଂ ଫଳାଫଳ-ଆଧାରିତ ଯୋଜନାକୁ ସୁନିଶ୍ଚିତ କରିଥାଏ।

ଜାତୀୟ ଅଭିସରଣ ସହିତ ବିକେନ୍ଦ୍ରୀକରଣ ଯୋଜନା: ସମସ୍ତ କାର୍ଯ୍ୟ ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା (ଭିଜିପିପି) ରୁ ଉତ୍ପନ୍ନ ହୁଏ, ଯାହା ଗ୍ରାମ ପଞ୍ଚାୟତ ସ୍ତରରେ ଅଂଶଗ୍ରହଣମୂଳକ ପ୍ରକ୍ରିୟା ମାଧ୍ୟମରେ ପ୍ରସ୍ତୁତ ହୋଇ ଗ୍ରାମ ସଭା ଦ୍ୱାରା ଅନୁମୋଦିତ ହୋଇଥାଏ।

ଏହି ଯୋଜନାଗୁଡ଼ିକ ଡିଜିଟାଲ୍ ଏବଂ ସ୍ଥାନିକ ଭାବରେ ଜାତୀୟ ପ୍ଲାଟଫର୍ମଗୁଡ଼ିକ ସହିତ ସମନ୍ୱିତ, ଯେଉଁଥିରେ ପିଏମ୍ ଗତି ଶକ୍ତି ଅନ୍ତର୍ଭୁକ୍ତଛ ସ୍ଥାନୀୟ ସ୍ତରରେ ବିକେନ୍ଦ୍ରୀକରଣ ନିଷ୍ପତ୍ତି ଗ୍ରହଣକୁ ବଜାୟ ରଖି ସମଗ୍ର ସରକାରୀ ପଦ୍ଧତିରେ ଅଭିସରଣକୁ ସକ୍ଷମ କରିଥାଏ।

ଏହି ସମନ୍ୱିତ ଯୋଜନା ଢାଞ୍ଚା ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକୁ କାର୍ଯ୍ୟକଳାପଗୁଡ଼ିକୁ ଅଧିକ ପ୍ରଭାବଶାଳୀ ଭାବରେ ଯୋଜନା ଏବଂ କାର୍ଯ୍ୟକାରୀ କରିବ। ଏହା ସହିତ ସାଧାରଣ ସମ୍ବଳର ଦୋହରା ଏବଂ ଅପଚୟକୁ ଏଡାଇବା ତଥା ସଂତୃପ୍ତି-ଆଧାରିତ ଫଳାଫଳ ମାଧ୍ୟମରେ ବିକାଶର ଗତିକୁ ତ୍ୱରାନ୍ୱିତ କରିବାକୁ ସକ୍ଷମ କରିବ। ଉନ୍ନତ ଆର୍ଥିକ ସଂରଚନା।

ଏହି ଆଇନକୁ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଭାବରେ କାର୍ଯ୍ୟକାରୀ କରାଯାଇଛି, ଯାହାକୁ ଆଇନର ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରମାନେ ଅଧିସୂଚିତ ଏବଂ କାର୍ଯ୍ୟକାରୀ କରିବେ।

ଖର୍ଚ୍ଚ-ବଣ୍ଟନ ଢାଞ୍ଚା କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ୬୦:୪୦, ଉତ୍ତର-ପୂର୍ବ ଏବଂ ହିମାଳୟ ରାଜ୍ୟ ପାଇଁ ୯୦:୧୦ ଏବଂ ବିଧାନସଭା ବିନା କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୧୦୦ ପ୍ରତିଶତ କେନ୍ଦ୍ରୀୟ ପାଣ୍ଠି ସୁବିଧା।

ନିୟମ (ଧାରା ୪(୫) ଏବଂ ୨୨(୪))ରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟମୂଳକ ମାନଦଣ୍ଡ ଉପରେ ଆଧାରିତ ରାଜ୍ୟ-ୱାରୀ ଆବଣ୍ଟନ ମାଧ୍ୟମରେ ପାଣ୍ଠି ଯୋଗାଇ ଦିଆଯାଏ, ଯାହା ପୂର୍ବାନୁମାନ, ଆର୍ଥିକ ଶୃଙ୍ଖଳା ଏବଂ ସୁଦୃଢ଼ ଯୋଜନାକୁ ସୁନିଶ୍ଚିତ କରେ। ନିଯୁକ୍ତି ତଥା ବେକାରୀ ଭତ୍ତା ପାଇଁ ବୈଧାନିକ ଅଧିକାରକୁ ସମ୍ପୂର୍ଣ୍ଣ ସଂରକ୍ଷଣ କରେ।

ପ୍ରଶାସନିକ କ୍ଷମତାକୁ ସୁଦୃଢ଼ କରାଯାଇଛି

ପ୍ରଶାସନିକ ଖର୍ଚ୍ଚ ସୀମାକୁ ୬ ପ୍ରତିଶତରୁ ୯ ପ୍ରତିଶତକୁ ବୃଦ୍ଧି କରାଯାଇଛି, ଯାହା ଦ୍ୱାରା ଉନ୍ନତ କର୍ମଚାରୀ ନିଯୁକ୍ତି, ତାଲିମ, ବୈଷୟିକ କ୍ଷମତା ଓ କ୍ଷେତ୍ରସ୍ତରୀୟ ସହାୟତା ସମ୍ଭବ ହୋଇଛି, ଏବଂ ଫଳପ୍ରଦ ଭାବରେ ଫଳାଫଳ ପ୍ରଦାନ କରିବା ପାଇଁ ଅନୁଷ୍ଠାନ ଗୁଡ଼ିକର କ୍ଷମତାକୁ ସୁଦୃଢ଼ କରାଯାଇଛି।

ବିକଶିତ ଭାରତ - ରୋଜଗାର ଏବଂ ଆଜୀବିକା ପାଇଁ ଗ୍ୟାରେଣ୍ଟି ମିଶନ (ଗ୍ରାମୀଣ) ଆଇନ, ୨୦୨୫, ବିକଶିତ ଭାରତ ୨୦୪୭ର ଦୃଷ୍ଟିକୋଣ ସହିତ ଭାରତର ଗ୍ରାମୀଣ ନିଯୁକ୍ତି ଢାଞ୍ଚାକୁ ନବୀକରଣ ଏବଂ ସୁଦୃଢ଼ କରିବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ପ୍ରତିନିଧିତ୍ୱ କରେ। ପ୍ରତି ଆର୍ଥିକ ବର୍ଷରେ ସାମ୍ବିଧାନିକ ମଜୁରୀ ନିଯୁକ୍ତି ଗ୍ୟାରେଣ୍ଟିକୁ ୧୨୫ ଦିନକୁ ବୃଦ୍ଧି କରି, ଏହି ଆଇନ ବିକେନ୍ଦ୍ରୀକରଣ, ଅଂଶଗ୍ରହଣକାରୀ ଶାସନକୁ ଗଭୀର କରିବା ସହିତ ନିଯୁକ୍ତି ଦାବି କରିବାର ଅଧିକାରକୁ ସୁଦୃଢ଼ କରେ। ଏହା ସ୍ୱଚ୍ଛ, ନିୟମ-ଆଧାରିତ ପାଣ୍ଠି, ଉତ୍ତରଦାୟିତ୍ୱ ବ୍ୟବସ୍ଥା, ପ୍ରଯୁକ୍ତିବିଦ୍ୟା-ସକ୍ଷମ ଅନ୍ତର୍ଭୁକ୍ତିକରଣ ଏବଂ ସମନ୍ୱୟ-ଚାଳିତ ବିକାଶକୁ ଏକୀକୃତ କରେ ଯାହା ଦ୍ୱାରା ଗ୍ରାମୀଣ ନିଯୁକ୍ତି କେବଳ ଆୟ ସୁରକ୍ଷା ପ୍ରଦାନ କରେ ନାହିଁ ବରଂ ସ୍ଥାୟୀ ଜୀବିକା, ସ୍ଥିର ସମ୍ପତ୍ତି ଏବଂ ଦୀର୍ଘକାଳୀନ ଗ୍ରାମୀଣ ସମୃଦ୍ଧିରେ ମଧ୍ୟ ଯୋଗଦାନ କରେ। ନିଯୁକ୍ତି ଗ୍ୟାରେଣ୍ଟି ଏବଂ ଦାବି କରିବାର ଅଧିକାର।

ଏହି ଆଇନ ନିଯୁକ୍ତି ଦାବି କରିବାର ଅଧିକାରକୁ ଦୁର୍ବଳ କରେ ନାହିଁ। ଏହାର ବିପରୀତରେ, ଧାରା ୫(୧) ଯୋଗ୍ୟ ଗ୍ରାମୀଣ ପରିବାରକୁ ୧୨୫ ଦିନରୁ କମ୍ ନୁହେଁ ନିଶ୍ଚିତ ମଜୁରୀ ନିଯୁକ୍ତି ପ୍ରଦାନ କରିବା ପାଇଁ ସରକାରଙ୍କ ଉପରେ ଏକ ସ୍ପଷ୍ଟ ସାମ୍ବିଧାନିକ ବାଧ୍ୟବାଧକତା ରଖିଛି। ସୁଦୃଢ଼ ଉତ୍ତରଦାୟିତ୍ୱ ଏବଂ ଅଭିଯୋଗ ସମାଧାନ ବ୍ୟବସ୍ଥା ସହିତ ଗ୍ୟାରେଣ୍ଟି ଦିବସର ବିସ୍ତାର, ଏହି ଅଧିକାରର କାର୍ଯ୍ୟକାରୀତାକୁ ସୁଦୃଢ଼ କରିବ।

ମାନକ ଆଧାରିତ ଆର୍ଥିକ ସହାୟତା ଏବଂ ନିଯୁକ୍ତି ବ୍ୟବସ୍ଥା

ଆଦର୍ଶ ଆବଣ୍ଟନକୁ ପରିବର୍ତ୍ତନ ବଜେଟିଂ ଏବଂ ପାଣ୍ଠି-ପ୍ରବାହ ପ୍ରଣାଳୀ ସହିତ ଜଡିତ ଏବଂ ନିଯୁକ୍ତିର ଆଇନଗତ ଅଧିକାରକୁ ପ୍ରଭାବିତ କରେ ନାହିଁ। ଧାରା ୪(୫) ଏବଂ ୨୨(୪) ନିୟମ-ଆଧାରିତ, ପୂର୍ବାନୁମାନଯୋଗ୍ୟ ଆବଣ୍ଟନକୁ ସୁନିଶ୍ଚିତ କରେ ଯେତେବେଳେ ନିଯୁକ୍ତି କିମ୍ବା ବେକାରୀ ଭତ୍ତା ପ୍ରଦାନ କରିବାର ସାମ୍ବିଧାନିକ ଦାୟିତ୍ୱ ବଜାୟ ରଖେ।

ପଞ୍ଚାୟତର ବିକେନ୍ଦ୍ରୀକରଣ ଏବଂ ଭୂମିକା

ଆଇନ ଯୋଜନା କିମ୍ବା କାର୍ଯ୍ୟାନ୍ୱୟନକୁ କେନ୍ଦ୍ରୀକୃତ କରେ ନାହିଁ। ଧାରା ୧୬ ରୁ ୧୯ ଉପଯୁକ୍ତ ସ୍ତରରେ ପଞ୍ଚାୟତ, କାର୍ଯ୍ୟକ୍ରମ ଅଧିକାରୀ ଏବଂ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ଯୋଜନା, କାର୍ଯ୍ୟାନ୍ୱୟନ ଏବଂ ତଦାରଖ କର୍ତ୍ତୃପକ୍ଷ ନ୍ୟସ୍ତ କରେ। ଜାତୀୟ ସ୍ତରରେ ଯାହା ସମନ୍ୱିତ ହୁଏ ତାହା ହେଉଛି ଦୃଶ୍ୟମାନତା, ସମନ୍ୱୟ ଏବଂ କନଭରଜେନ୍ସ, ସ୍ଥାନୀୟ ନିଷ୍ପତ୍ତି ନୁହେଁ।

ନିଯୁକ୍ତି ଏବଂ ସମ୍ପତ୍ତି ସୃଷ୍ଟି

ଆଇନ ୧୨୫ ଦିନର ଏକ ବର୍ଦ୍ଧିତ ବୈଧାନିକ ଜୀବିକା ଗ୍ୟାରେଣ୍ଟି ପ୍ରଦାନ କରେ, ଯେତେବେଳେ ନିଶ୍ଚିତ କରେ ଯେ ନିଯୁକ୍ତି ଉତ୍ପାଦନଶୀଳ, ସ୍ଥାୟୀ ଏବଂ ଜଳବାୟୁ-ସ୍ଥାପକ ସମ୍ପତ୍ତିରେ ଯୋଗଦାନ ଦିଏ। ନିଯୁକ୍ତି ସୃଷ୍ଟି ଏବଂ ସମ୍ପତ୍ତି ସୃଷ୍ଟି ପାରସ୍ପରିକ ଭାବରେ ଦୃଢ଼ୀକରଣ ଉଦ୍ଦେଶ୍ୟ ଭାବରେ ଡିଜାଇନ୍ କରାଯାଇଛି। ଏହା ଦୀର୍ଘକାଳୀନ ଗ୍ରାମୀଣ ଅଭିବୃଦ୍ଧି ଏବଂ ସ୍ଥିରତାକୁ ସମର୍ଥନ କରେ (ଧାରା ୪(୨) ଏବଂ ସୂଚୀ)।

ପ୍ରଯୁକ୍ତିବିଦ୍ୟା ଏବଂ ଅନ୍ତର୍ଭୁକ୍ତି

ଆଇନ ଅଧୀନରେ ପ୍ରଯୁକ୍ତିବିଦ୍ୟା ଏକ ସକ୍ଷମ ଯନ୍ତ୍ରପାତି ଭାବରେ ଉଦ୍ଦିଷ୍ଟ, ଏକ ବାଧା ନୁହେଁ। ଧାରା ୨୩ ଏବଂ ୨୪ ବାୟୋମେଟ୍ରିକ୍ ପ୍ରମାଣୀକରଣ, ଜିଓ-ଟ୍ୟାଗିଂ ଏବଂ ରିଅଲ୍-ଟାଇମ୍ ଡ୍ୟାସବୋର୍ଡ ମାଧ୍ୟମରେ ପ୍ରଯୁକ୍ତିବିଦ୍ୟା-ସକ୍ଷମ ସ୍ୱଚ୍ଛତା ପ୍ରଦାନ କରେ, ଯେତେବେଳେ ଧାରା ୨୦ ଗ୍ରାମ ସଭା ଦ୍ୱାରା ସାମାଜିକ ଅଡିଟକୁ ସୁଦୃଢ଼ କରେ, ଯାହା ସମ୍ପ୍ରଦାୟ ତଦାରଖ, ସ୍ୱଚ୍ଛତା ଏବଂ ଅନ୍ତର୍ଭୁକ୍ତିକୁ ସୁନିଶ୍ଚିତ କରେ।

ବେକାରୀ ଭତ୍ତା

ଏହି ଆଇନ ପୂର୍ବର ଅଧିକାରହୀନ ବ୍ୟବସ୍ଥାଗୁଡ଼ିକୁ ହଟାଇ ଦିଏ ଏବଂ ବେକାରୀ ଭତ୍ତାକୁ ଏକ ଅର୍ଥପୂର୍ଣ୍ଣ ସାମ୍ବିଧାନିକ ସୁରକ୍ଷା ଭାବରେ ପୁନଃସ୍ଥାପିତ କରେ। ଯେଉଁଠାରେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଯୁକ୍ତି ପ୍ରଦାନ କରାଯାଏ ନାହିଁ, ସେଠାରେ ପନ୍ଦର ଦିନ ପରେ ବେକାରୀ ଭତ୍ତା ପ୍ରଦାନ କରାଯାଏ।

ନିଷ୍କର୍ଷ

ବିକଶିତ ଭାରତ - ରୋଜଗାର ଏବଂ ଆଜୀବିକା ପାଇଁ ଗ୍ୟାରେଣ୍ଟି ମିଶନ (ଗ୍ରାମୀଣ) ଆଇନ, ୨୦୨୫ ପାରିତ ହେବା ଭାରତର ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟିର ଏକ ଗୁରୁତ୍ୱପୂର୍ଣ୍ଣ ନବୀକରଣକୁ ପ୍ରତିନିଧିତ୍ୱ କରେ। ବୈଧାନିକ ନିଯୁକ୍ତିକୁ ୧୨୫ ଦିନ ପର୍ଯ୍ୟନ୍ତ ବିସ୍ତାର କରିବା ସହିତ ବିକେନ୍ଦ୍ରୀକରଣ ଏବଂ ଅଂଶଗ୍ରହଣକାରୀ ଯୋଜନାକୁ ସଂଯୋଜିତ କରି ଏହା ଉତ୍ତରଦାୟିତ୍ୱକୁ ସୁଦୃଢ଼ କରିଥାଏ। ସଂତୃପ୍ତି-ଆଧାରିତ ବିକାଶ ମାଧ୍ୟମରେ, ଏହି ଆଇନ ଗ୍ରାମୀଣ ନିଯୁକ୍ତିକୁ ସଶକ୍ତିକରଣ, ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ମଧ୍ୟ ପ୍ରୋତ୍ସାହିତ କରିବ। ଏକ ସମୃଦ୍ଧ ତଥା ସ୍ଥିର ଗ୍ରାମୀଣ ଭାରତ ସୃଷ୍ଟି ପାଇଁ ଏକ ରଣନୈତିକ ଉପକରଣ ଭାବରେ ଏହା ବିକଶିତ ଭାରତ ୨୦୪୭ର ଦୃଷ୍ଟିକୋଣ ସହିତ ସମନ୍ୱିତ।

## ୨୬ରୁ ରେଳଯାତ୍ରା...

ବୋଲି ଆଶା କରାଯାଉଛି। ଯାହା ପରିଚାଳନା ଖର୍ଚ୍ଚ ଏବଂ ଯାତ୍ରୀ ସୁବିଧାରେ ଉନ୍ନତି ଆଣିବା ପାଇଁ ବ୍ୟବହୃତ ହେବ। ଏହି କାରଣରୁ, ରେଳବାଇର ମାନବ ସମ୍ବଳ ଖର୍ଚ୍ଚ ୧.୧୫ ଲକ୍ଷ କୋଟିକୁ ବୃଦ୍ଧି ପାଇଛି। ଯେତେବେଳେ ପେନସନ ଖର୍ଚ୍ଚ ୬୦ ହଜାର କୋଟିରେ ପହଞ୍ଚିଛି। ୨୦୨୪-୨୫ ରେ ରେଳବାଇର ମୋଟ ପରିଚାଳନା ଖର୍ଚ୍ଚ ୨.୬୩ ଲକ୍ଷ କୋଟିରେ ପହଞ୍ଚିବ। ଏହି ବର୍ଦ୍ଧିତ ଖର୍ଚ୍ଚକୁ ପୂରଣ କରିବା ପାଇଁ, ରେଳବାଇ ମାଲ ପରିବହନ ବୃଦ୍ଧି ଏବଂ ଯାତ୍ରୀ ଭଡ଼ାର ସୀମିତ ଯୁକ୍ତିଯୁକ୍ତୀକରଣ ଉପରେ ଧ୍ୟାନ ଦେଉଛି। ରେଳବାଇ କହିଛି ଯେ, ସୁରକ୍ଷା ଏବଂ ଉନ୍ନତ କାର୍ଯ୍ୟ ପାଇଁ ଏହାର ପ୍ରୟାସ ଯୋଗୁଁ, ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମାଲ ପରିବହନକାରୀ ଦେଶ ହୋଇପାରିଛି। ସମ୍ପ୍ରତି, ପାର୍ବଣ ଋତୁରେ ୧୨,୦୦୦ ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ ସଫଳତାର ସହିତ ପରିଚାଳିତ ହୋଇଥିଲା।। ଏହି ନୂତନ ଦର ଡିସେମ୍ବର ୨୬ ତାରିଖରୁ କାର୍ଯ୍ୟକାରୀ ହେବ ଏବଂ ସେହି ଅନୁସାରେ ଟିକେଟ ବୁକିଂ ପ୍ରକ୍ରିୟାକରଣ କରାଯିବ।

## ଦିଲ୍ଲୀରେ...

ଏକ ପାଣିପାଗ ପରାମର୍ଶ ଜାରି କରି ଚେତାବନୀ ଦେଇଛି ଯେ, ଉତ୍ତର ଭାରତର କିଛି ଅଂଶରେ ଦୃଶ୍ୟମାନତା ହ୍ରାସ ପାଇ ବିମାନ ଚଳାଚଳ ଉପରେ ପ୍ରଭାବ ପକାଇପାରେ। କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ରିଅଲ୍ ଟାଇମ୍ ଫ୍ଲାଇଟ୍ ଅପଡେଟ୍ ପାଇଁ ନିଜ ନିଜ ଏୟାରଲାଇନ୍ସ ସହିତ ନିୟମିତ ଯୋଗାଯୋଗରେ ରହିବାକୁ ଅନୁରୋଧ କରିଛନ୍ତି।

# କର୍ମଚାରୀଙ୍କ ସୁରକ୍ଷା ପାଇଁ ଓୟୋର କଡା ପଦକ୍ଷେପ

କଣାସ, (ସବ୍ୟୁ): ଓୟୋ କର୍ମଚାରୀଙ୍କୁ ଧମକ ଓ ନିର୍ଯାତନା ଘଟଣାରେ ଓୟୋ ପକ୍ଷରୁ ହୋଟେଲ ଅପରେଟର ମାନସ ରଞ୍ଜନ ଜେନାଙ୍କ ବିରୋଧରେ ପୁରୀ ବଳିଆପଣ୍ଡା ପୋଲିସ ଥାନାରେ ଏକ ଏଫଆଇଆର ଦାଖଲ କରାଯାଇଛି। ଗତ ୯ ତାରିଖରେ ପୁରୀସ୍ଥିତ ହୋଟେଲ ବିବି ପ୍ୟାଲେସରେ ଘଟିଥିବା ଘଟଣାକୁ ନେଇ ଓୟୋର ନୋଡାଲ ଅଧିକାରୀ ମଧୁସୂଦନ ନାୟକ ଏହି ଏଫଆଇଆର ଦାଖଲ କରିଛନ୍ତି। ଲିଖିତ ଅଭିଯୋଗ ଆଧାରରେ, ବଳିଆପଣ୍ଡା ପୋଲିସ ଷ୍ଟେସନ ଭାରତୀୟ ନ୍ୟାୟ ସଂହିତା (ବିଏନଏସ), ୨୦୨୩ ର ପ୍ରାସଙ୍ଗିକ ଧାରା ଅନୁଯାୟୀ ଏହି ଏଫଆଇଆରକୁ ପଞ୍ଜିକୃତ କରିଛି, ଯେଉଁଥିରେ ମାଡ, ନିର୍ଯାତନା, ଅପରାଧିକ ବିଶ୍ୱାସ ଭଙ୍ଗ, ଅପବ୍ୟବହାର ଏବଂ ଅପରାଧିକ ଧମକ ସହିତ ଜଡିତ ଜଘନ୍ୟ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ। ସ୍ଥାନୀୟ ପୋଲିସ ବର୍ତ୍ତମାନ ଘଟଣାକୁ ତଦନ୍ତ ପରିସରକୁ ନେବା ସହ ଓୟୋ ପକ୍ଷରୁ ପରିଚାଳିତ ହୋଟେଲରେ ଥିବା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛି।

# ଏସବିଆଇର ପ୍ରପର୍ଟି ଏକ୍ସପୋ-୨୦୨୫ ଉଦଯାପିତ




ଭୁବନେଶ୍ୱର, ୨୧।୧୨, (ସବ୍ୟୁ): ଗୃହ ଋଣକ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଏସବିଆଇ ମୁଖ୍ୟ ଶାଖାରେ ଗତ ଦୁଇ ଦିନ ଧରି ଆୟୋଜିତ ପ୍ରପର୍ଟି ଏସ୍କପୋ-୨୦୨୫ ଉଦଯାପିତ ହୋଇଛି। ଏଥିରେ ୩୦ ଜଣ ପ୍ରତିଷ୍ଠିତ ବିଲ୍ଡର ସେମାନଙ୍କର ନୂତନ ଓ ଆଗାମୀ ଆବାଶ ପ୍ରକଳ୍ପ ଗୁଡିକୁ ପ୍ରଦର୍ଶନ କରିଥିଲେ। ଗୋଟିଏ ଛାତ ତଳେ ଆୟୋଜିତ ପ୍ରାୟ ୧୮୦ଟି ପୂର୍ବ ଏସବିଆଇ ଅନୁମୋଦିତ ପ୍ରକଳ୍ପ ମଧ୍ୟରୁ ଲୋକଙ୍କ ସ୍ୱପ୍ନର ଘର ଚୟନ ଏବଂ ମାଲିକାନା ପାଇଁ ସେମାନଙ୍କ ଆକାଂକ୍ଷା ପୂରଣ କରିବା ଏହି ଏକ୍ସପୋର ଲକ୍ଷ୍ୟ ଥିଲା। ଏସବିଆଇ ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟର ସିଜିଏମ ଏଡି ରତ୍ନ ତେଜାଙ୍କ ସହିତ ଜିଏମ୍ ଏନଡବ୍ଲ୍ୟୁ-(୧) ବନ୍ଦନା ଅଗ୍ରୱାଲ, ଡିଜିଏମ (ବିଆଣ୍ଡଓ) ପ୍ରଶାନ୍ତ କୁମାର ଭୁବନେଶ୍ୱରଙ୍କ ଦ୍ୱାରା ସମାନିତ ବିଲ୍ଡରଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେରେ ଉଦଘାଟନ କରାଯାଇଥିଲା। ଏହି ଏକ୍ସପୋରେ ବହୁ ସଂଖ୍ୟକ ଗଣମାଧ୍ୟମ ପ୍ରତିନିଧି, ଜନସାଧାରଣ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବଡଦିନରେ ସୁସ୍ଥତାର ଉପହାର କାଲିଫର୍ଣ୍ଣିଆ ଆଲମଣ୍ଡ

ଭୁବନେଶ୍ୱର, (ସବ୍ୟୁ): କ୍ରିସମାସ ନିକଟତର ହେବା ସହିତ ସଭିଏଁ ବର୍ତ୍ତମାନ ଏହାର ସେଲିବ୍ରେସନକୁ ନେଇ ଉତ୍ସାହିତ। ତେଣୁ ଚଳିତବର୍ଷ କାଲିଫର୍ଣ୍ଣିଆ ଆଲମଣ୍ଡର ଉତ୍ତମତା ଉତ୍ସବମୟ ଭୋଜନ ଏବଂ ଉପହାର ପରମ୍ପରାକୁ ଆହୁରି ଦ୍ୱିଗୁଣିତ କରିବ। ୧୫ଟି ଆବଶ୍ୟକୀୟ ପୋଷକତତ୍ୱରେ ସମୃଦ୍ଧ ଆଲମଣ୍ଡ ହୃଦୟ ସୁସ୍ଥତାକୁ ସମର୍ଥନ କରେ, ଦୀର୍ଘକାଳୀନ ଶକ୍ତି ଯୋଗାଏ ଏବଂ ଭୋକ ନିୟନ୍ତ୍ରଣରେ ସାହାଯ୍ୟ କରେ। ଏସମ୍ପର୍କରେ ବଲିଉଡ୍ ଷ୍ଟାର ସୋହା ଆଲି ଖାନ କହିଛନ୍ତି, କ୍ରିସମାସରେ ପ୍ରତିବର୍ଷ ମୁଁ ମୋର ଉତ୍ସବମୟ ମିଳନରେ ରୁଚି ଓ ପୋଷଣ ମଧ୍ୟରେ ସନ୍ତୁଳନ ରଖିବାକୁ ଚେଷ୍ଟା କରେ। କାଲିଫର୍ଣ୍ଣିଆ ଆଲମଣ୍ଡ ମୋର ଅନେକ ବ୍ୟଞ୍ଜନରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରଖେ। ତାହା କେବଳ ଏହାର ଗଭୀର ସ୍ୱାଦ ପାଇଁ ନୁହେଁ, ବରଂ ସୁସ୍ଥତା ପାଇଁ ମିଳୁଥିବା ଲାଭ ପାଇଁ ମଧ୍ୟ। ସେହିଭଳି ପୋଷଣ ଏବଂ ସୁସ୍ଥତା ପରାମର୍ଶଦାତ୍ରୀ ଶୀଲା କୃଷ୍ଣସ୍ୱାମୀ କହିଛନ୍ତି, ଉତ୍ସବ ଅବସରରେ ମିଠା ଓ ବିଶେଷ ଖାଦ୍ୟ ଉପଭୋଗ କରିବା ସ୍ୱାଭାବିକ, କିନ୍ତୁ ସୁସ୍ଥ ରହିବା ପ୍ରକ୍ରିୟା ଜଟିଳ ହେବା ଆବଶ୍ୟକ ନୁହେଁ। ଆଲମଣ୍ଡ ଏଲଡିଏଲ ଏବଂ ସମ୍ପୂର୍ଣ୍ଣ କୋଲେଷ୍ଟେରଲ୍ ସ୍ତର କମାଇବାରେ ସାହାଯ୍ୟ କରି ହୃଦୟ ସ୍ୱାସ୍ଥ୍ୟକୁ ସମର୍ଥନ କରିଥାଏ। ସେହିଭଳି ନୂଆଦିଲ୍ଲୀର ମ୍ୟାକ୍ସ ହେଲଥକେୟାରର ଆଂଚଳିକ ମୁଖ୍ୟ - ଡାଏଟେଟିକ୍ସ ରିତିକା ସମାଦ୍ଦର ଉଲ୍ଲେଖ କରିଛନ୍ତି ଯେ, କାଲିଫର୍ଣ୍ଣିଆ ଆଲମଣ୍ଡ ପୂର୍ଣ୍ଣତାର ଅନୁଭବ ବଜାୟ ରଖିବାରେ ସାହାଯ୍ୟ କରି ଓଜନ ପରିଚାଳନାରେ ସାହାଯ୍ୟ କରେ।

## ଚିଲିକାରେ...

୧୫ ଜଣ କର୍ମଚାରୀ ଚିଲିକା ବୁଲିବାକୁ ଆସିଥିଲେ। ସେମାନେ ସମସ୍ତେ ବାଘମୁଣ୍ଡା ଜେଟିରୁ ୨ଟି ଡ଼ଙ୍ଗାରେ ଚିଲିକା-ସମୁଦ୍ର ମିଳନ ସ୍ଥଳ ନୂଆ ମୁହାଣ ବୁଲିବାକୁ ଯାଇଥିଲେ। ସେଠାରେ ମୁହାଣରେ ଗାଧୋଇବାବେଳେ ଝାଡ଼ଖଣ୍ଡର କୁଶଗ୍ର ଦିବ୍ୟ ନାମକ ଜଣେ ପର୍ଯ୍ୟଟକ ମୁହାଣ ସ୍ରୋତରେ ଭାସି ଯାଇଥିଲେ। ଏନେଇ ବ୍ରହ୍ମଗିରି ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀ ପହଂଚି ଖୋଜାଖୋଜି କରି ଶବ ଉଦ୍ଧାର କରିଛି। ଏବେ ଘଟଣାସ୍ଥଳରେ ବ୍ରହ୍ମଗିରି ପୁଲିସ ପହଂଚି ଶବ ଜବତ କରି ତଦନ୍ତ ଜାରି ରଖିଛି।

## ଅନଲାଇନ...

ହୋଇଥିବା ୨ଟି ବ୍ୟାଙ୍କ ଜମାଖାତାରେ ୮ ଲକ୍ଷ ଟଙ୍କା ଅନ୍ଲାଇନ ଦେଣନେଣ ହୋଇଥିବା ଜଣାପଡିଛି। ଗିରଫ ୪ ଜଣ ହେଲେ ଛତ୍ରପୁର ଗଣେଶନଗର ପ୍ରଥମ ଲାଇନର୍ ର କେ.ଅନୀଲ ପାତ୍ର, ନିଳକ=ସାହିର ଗଗନ ଦଳାଇ, ହୁମ୍ମାର ଶଙ୍କର୍ଷଣ ସାହୁ ଏବଂ ରମ୍ଭା ଥାନା କୁଜିପେ ଗ୍ରାମର ପବିତ୍ର ପ୍ରଧାନ। ଏହି ଘଟଣାର ମାଷ୍ଟର ମାଇଣ୍ଡ ହେଉଛି କୁଜିପେ ଗ୍ରାମର ପବିତ୍ର ପ୍ରଧାନ। ସେ ଗତ ୨ ବର୍ଷ ହେଲା ଫେସ୍ବୁକ ସାଙ୍ଗ ଦିଲ୍ଲୀ ଅଂଚଳର ମୁଖ୍ୟ ମାଷ୍ଟର ମାଇଣ୍ଡ ରଜତ ଶର୍ମା ନାମକ ଜଣେ ବ୍ୟକ୍ତି ସହ ଯୋଗାଯୋଗ କରି ଅନ୍ଲାଇନ ମାଧ୍ୟମରେ ସାଇବର ଠକେଇ ଚଲାଇଥିଲେ। ପବିତ୍ର ଛତ୍ରପୁର ଓ ଗଞ୍ଜାମ ଅଂଚଳର ମଧ୍ୟସ୍ଥିଙ୍କ ମାଧ୍ୟମରେ ପ୍ରାୟ ୭୦ ରୁ ୮୦ ଜଣଙ୍କ ବ୍ୟାଙ୍କ ଜମାଖାତା ଖୋଲିଛନ୍ତି। ହିତାଧିକାରୀଙ୍କ ଆଧାରକାର୍ଡ ମାଧ୍ୟମରେ ସିମ ପ୍ରସ୍ତୁତ କରି ବିଭିନ୍ନ ବ୍ୟାଙ୍କ ଗୁଡିକରେ ଜମାଖାତା ଖୋଲିଛନ୍ତି। ଉକ୍ତ ଜମାଖାତା ଗୁଡିକ କୋରିଅର ମାଧ୍ୟମରେ ଦିଲ୍ଲୀର ରଜତ ଶର୍ମାଙ୍କ ନିକଟକୁ ପବିତ୍ର ପଠାଉଥିଲେ। ଗୋଟିଏ ଜମାଖାତା ପିଛା ରଜତ ଶର୍ମା ପବିତ୍ରକୁ ୧୮ ହଜାର ଟଙ୍କା ଦେଉଥିଲେ। ସେଥିରୁ ପବିତ୍ର ୭ ହଜାର ଟଙ୍କା ରଖି ବାକି ୧୧ ହଜାର ଟଙ୍କା ମଧ୍ୟସ୍ଥିମାନଙ୍କୁ ଦେଉଥିଲେ। ମଧ୍ୟସ୍ଥିମାନେ ଆକାଉଂଟ ହିତାଧିକାରୀ ୩ ରୁ ୫ ହଜାର ଟଙ୍କା ଦେଇ ବାକି ଟଙ୍କା ରଖୁଥିଲେ। ଏହାପରେ ଦିଲ୍ଲୀର ରଜତ ଶର୍ମା ଏଠାରୁ ସଂଗ୍ରହ ହୋଇଥିବା ଜମାଖାତା ଗୁଡିକୁ ଅନ୍ଲାଇନ ବିଭିନ୍ନ ପ୍ରକାର ଖେଳ ତଥା ଠକେଇରେ ବ୍ୟବହାର କରି ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଥିଲେ। ବହୁଦିନ ଧରି ଏହିପରି ଅନଲାଇନ ସାଇବର ଠକେଇ ଚାଲିଥିବା ବେଳେ ଛତ୍ରପୁର ଅଂଚଳର ଦିଲ୍ଲୀପ କୁମାର ଭୋଲାଟି ଓ କେ.ମଣିକାନ୍ତ ରାଓଙ୍କ ଦୁଇଟି ଜମାଖାତା ଗଲାମାସ ୨୬ ଓ ୨୭ ତାରିଖରେ ଛତ୍ରପୁର ସ୍ଥିତ ବ୍ୟାଙ୍କ ଅଫ ମହାରାଷ୍ଟ୍ରରେ ଖୋଲାଯାଇଥିଲା। ସେ ଦୁହେଁ କିଭଳି ଚତୁରତାର ଜମାଖାତା ଖୋଲିଲା ବେଳେ ସହ ସେମାନଙ୍କ ଇମେଲ ଠିକଣା ଦେଇଥିଲେ। ଫଳରେ ଅନଲାଇନରେ ଲକ୍ଷ ଲକ୍ଷ ଟଙ୍କାର ଦେଣନେଣ ଇମେଲ ମାଧ୍ୟମରେ ଜାଣିପାରିଥିଲେ। ଏହାପରେ ଦୁହେଁ ବ୍ୟାଙ୍କ ଯାଇ ସେମାନଙ୍କ ଡ୍ୟୁପ୍ଲିକେଟ ଜମାଖାତା ବାହାର କରିଥିଲେ। ସେଥିରେ ଜାଣିପାରିଲେ ଯେ ଲକ୍ଷ ଲକ୍ଷ ଟଙ୍କା ସେମାନଙ୍କ ଜମାଖାତାକୁ ଆସୁଛି ପୁଣି ଉଠାଯାଇଛି। ଏହାଜାଣିବା ପରେ ସେମାନେ ତୁରନ୍ତ ଛତ୍ରପୁର ଥାନା ପୁଲିସକୁ ଜଣାଇଥିଲେ। ପୁଲିସ ଘଟଣାକୁ ଗୁରୁତର ସହ ଗ୍ରହଣ କରି ଖୋଳତାଡ ଆରମ୍ଭ କରିଥିଲା। ଘଟଣାର ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚି ମଲ୍ଲଙ୍କ ପ୍ରାଥମିକ ତଦନ୍ତରେ ଏହି ଅନ୍ଲାଇନ ସାଇବର ଠକେଇରେ ମୁଖ୍ୟ ଏଜେଣ୍ଟ କୁଜିପେ ଗ୍ରାମର ପବିତ୍ର ପ୍ରଧାନ ଛତ୍ରପୁର ଅଂଚଳର କେ.ଅନୀଲ ପାତ୍ର, ଗଗନ ଦଳାଇ ଓ ହୁମ୍ମା ଅଂଚଳର ଶଙ୍କରର୍ଷଣ ସାହୁଙ୍କ ମାଧ୍ୟମରେ ଛତ୍ରପୁର ଓ ଗଞ୍ଜାମ ବ୍ଲକ ଅଂଚଳର ପ୍ରାୟ ୭୦ ରୁ ୮୦ ଜଣଙ୍କ ନାମରେ ବିଭିନ୍ନ ବ୍ୟାଙ୍କ ଗୁଡିକରେ ଜମାଖାତା ଖୋଲାଯାଇଛି। ଏହି ବାବଦରେ ମୁଖ୍ୟ ଏଜେଣ୍ଟ ପବିତ୍ର ପ୍ରଧାନ ପ୍ରାୟ ୧୫ ରୁ ୨୦ ଲକ୍ଷ ଟଙ୍କା ରୋଜଗାର କରିଥିବା ବେଳେ ମଧ୍ୟସ୍ଥିମାନେ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି। ଏହି ଘଟଣାର ବିଶେଷ ରହିଛି ଯେଉଁମାନଙ୍କ ଜମାଖାତା ଖୋଲାଯାଇଥିଲା ସେମାନେ ଏହି ଅନଲାଇନ ସାଇବର ଠକେଇ ବିଷୟରେ କୌଣସି ଅବଗତ ହୋଇପାରୁନଥିଲେ। ସେମାନଙ୍କ ନିକଟରେ ଜମାଖାତା କିମ୍ବା କୌଣସି ସୂଚନା ରହୁନଥିଲା। ଜମାଖାତା ଖୋଲିବା ପରେ ସେମାନଙ୍କୁ ୩ ରୁ ୫ ହଜାର ଟଙ୍କା ଦେଇଦେବା ପରେ ସେମାନେ ମଧ୍ୟ ଏତେ ଟଙ୍କା ମିଳିଲା ତ ଆଉ କ'ଣ କିଛି ହେଉଛି ମୁଣ୍ଡ ପୁରାଉନଥିଲେ। ଯେତେବେଳେ ଛତ୍ରପୁର ଅଂଚଳର ଏହି ଦୁଇଜଣ ଶିକ୍ଷିତ ଯୁବକଙ୍କ ଜମାଖାତା ଖୋଲିବା ପରେ ସେମାନେ ଯେତେବେଳେ ତାଙ୍କରି ଜମାଖାତାକୁ ନେଇ ଲକ୍ଷ ଲକ୍ଷ ଟଙ୍କାର ଠକେଇ ଚାଲିଛି ତାହା ପରେ ଘଟଣାର ଖୋଳତାଡ ଆରମ୍ଭ ହୋଇଥିଲା। ଆଗକୁ ମଧ୍ୟ ଏହି ଘଟଣାର ତଦନ୍ତ ଜାରି ରହିବ। ସମସ୍ତ ଆକାଉଂଟ ହିତାଧିକାରୀଙ୍କ ତାଲିକା ସଂଗ୍ରହ କରି ଘଟଣାର ସଂପୂର୍ଣ୍ଣ ପର୍ଦ୍ଦାଫାସ କରାଯିବ ବୋଲି ଛତ୍ରପୁର ଏସଡ଼ିପିଓ ଶ୍ରୀ ଘଡେଇ କହିଛନ୍ତି। ଅନ୍ୟପକ୍ଷରେ ଏହି ଅନଲାଇନ ସାଇବର ଠକେଇର ମୁଖ୍ୟ ଏଜେଣ୍ଟ କୁହାଯାଉଥିବା କୁଜିପେ ଗ୍ରାମର ପବିତ୍ର ପ୍ରଧାନ ମଧ୍ୟ ଘଟଣା ସଂପର୍କରେ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି, କିପରି ଜମାଖାତା ଖୋଲିବା ପରେ ଏଠାରୁ ଦିଲ୍ଲୀକୁ ପଠାଉଥିଲେ ଏବଂ ସେହି ଜମାଖାତା।


**AFFIDAVIT**

By Virtue of an affidavit No.2474 Dated 19/11/2025 sworn before Executive Magistrate Bonth, I Rasmita Behera, W/o-Sudarshan Sadashib Ghadai, At-Nalpur, Po-Dolapadi, Ps-Bonth, Dist- Bhadrak, Pin-756114, declare that I have changed my daughter's name from Perithi to Preetirekha Ghadei. Henceforth, she shall be known as Preetirekha Ghadei for all Purpose.

Sd/- Rasmita Behera

**AFFIDAVIT**

By virtue of an affidavit sworn before the Executive Magistrate, Kakatpur on 18.12.2025, I, SONALIKA PRIYADARSHINI MAHARANA, residing at At-Chhotarapur, PO-Kundheihat, Dist-Puri, Odisha-752108, declare that I have changed my name from SONALIKA MAHARANA to SONALIKA PRIYADARSHINI MAHARANA. Henceforth, I shall be known as SONALIKA PRIYADARSHINI MAHARANA for all purposes.

Sd/- SONALIKA PRIYADARSHINI MAHARANA

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 20.12.2025 I Sujata Rout W/o – Debabrat Rout Resident Of Village -Janhipada P.O- Harekrushnapur P.S- Itamati Dist-Nayagarh,PIN-752068 declare that I have changed my minor Daughter's name from Sahil Rout to Bishnupriya Rout Henceforth, She shall be known as Bishnupriya Rout for all purposes.

Sd/- Sujata Rout

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 20.12.2025 I Sanjulata Behera W/o – Debaraj Behera Resident of Village – Sarankul oraf Janhipada P.O- Harekrushnapur P.S- Itamati Dist- Nayagarh,PIN-752068 declare that I have changed my minor Son's name from Sanu Behera to Rudra Behera Henceforth, He shall be known as Rudra Behera for all purposes.

Sd/- Sanjulata Behera

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 02/12/25 I, MAMATA DAS, Address PARIDAPADA, NIZANPUR, DUDURANTA, PARIPADA, JAJPUR declare that I have changed my name from MAMATA BOITY to MAMATA DAS. Henceforth, I shall be known as MAMATA DAS for all purposes.

Sd/- MAMATA DAS

**OFFICE OF THE PRINCIPAL**
**BAPUJEE COLLEGE, SARASWATA NAGAR**
**AT/PO: CHHENDIPADA, DIST: ANGUL, 759124**
**E-mail: principalbcsc 1976@rediffmail.com,**
**Phone: 06761-252473**
**Contact Mob. NO.: 8260638768, 9777249020**

**QUOTATION CALL NOTICE**

Sealed quotations are invited from the authorised suppliers'/dealers/ registered firms having valid GSTIN for the supply of the following articles/software.

The sealed quotation must reach the undersigned on or before dt. 27.12.25.

**Articles/Software: -**

1. MATLAB SOFTWARE latest version
2. Digitalization of Library Software
3. Campus Wi-Fi
4. CCTV Installation in Campus

For details specification of the above items visit our college website: www.bapujeecollege.org.in.

**Sd/- Principal**

C-1846

**Government of Odisha**
**"e" Procurement Notice**
**Bid Identification No.60/2025-26**

| | | | |
|---|---|---|---|
| 1. | Name of the work | : | 02 No. of work |
| 2. | Estimated cost | : | 61.18 to 72.67 Lakh. |
| 3. | Period of completion | : | Two month. |
| 4. | Date & Time of availability of bid document in the portal | : | From 11.00 AM. of 22.12.2025 to 5.00 PM of 05.01.2026 |
| 5. | Last date / time for receipt of bids in the portal | : | 5.00 PM of 05.01.2026 |
| 6. | Name and address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website **(http://tendersorissa.gov.in)**

**OIPR: 13205/11/0063/2526**

**Sd/- Superintending Engineer**
**P.H. Division, Bhubaneswar**

C-1844

**OFFICE OF THE GENERAL MANAGER, WATCO DIVISION, BERHAMPUR**
**e-mail:gmwatcobam@gmail.com / Ph No. 06802233978**
Government of Odisha "e" Procurement Notice
NATIONAL COMPETITIVE BIDDING
**Bid Identification No. WATCOBAM-18/2025-26 DTD. 18.12.2025**

| | | | |
|---|---|---|---|
| 1. | Name of work | : | DEDICATED WATER SUPPLY TO CANCER CARE BUILDING OF MKCG MCH BERHAMPUR. |
| 2. | Estimated cost | : | 9.7 Lakh (appox.) |
| 3. | Period completion | : | 1 (one) month. |
| 4. | Date & Time of availability of bid document in the Portal | : | From 11.00 Hrs. of Dt. 26.12.2025. To 17.30 Hrs. of Dt. 06.01.2026. |
| 5. | Last date / Time for Bidding in the Portal | : | 17.30 Hrs. of Dt. 06.01.2026. |
| 6. | Date of opening of Tender | : | On Dt. 07.01.2026 at 11 .OOHrs. |
| 7. | Name and address of the Officer inviting tender | : | General Manager, WATCO Division, Berhampur. |

Further details can be seen from the e-procurement Portal: https://tendersodisha.gov.in.

**OIPR: 13210/11/0012/2526**

**Sd/- General Manager,**
**WATCO Division, Berhampur**

A-1161

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Superintending Engineer,**
**Deo Head Works Division, Karanjia, At/Po- Karanjia,**
**Dist.-Mayurbhanj-757037, e-mail:eedhwd@gmail.com**

**"e" Procurement Notice**
**Bid Identification No.: 03/SEDHWD of 2025-26**
**No. 4235 /SE-DHWP Date.17.12.2025 /**

| | | | |
|---|---|---|---|
| 1. | Nature of the Work | : | Civil Work |
| 2. | Number of Works | : | 01 (One) No of Individual Work |
| 3. | Approximate amount put to tender | : | 66.84 Lakhs |
| 4. | Period of Completion | : | 06 (Six) Calendar Months |
| 5. | Class of Contractor | : | "B" Class Contractor |
| 6. | Date & time of Availability of Bid document in the portal | : | Dt 22.12.2025-10 AM to 05.01.2026 up to 5.30 PM |
| 7. | Last date & time of seeking tender clarification | : | Dt. 02.01.2026 up to 1.00 PM |
| 8. | Last date & time of receipt of Bids in the Portal | : | Dt. 05.01.2026 up to 5.30 PM |
| 9. | Date, time & place of opening of Technical Bid/s (Cover-I) | : | Dt. 06.01.2026 at 11.30 AM in the O/o the Superintending Engineer, Deo Head Works Division, Karanjia, Mayurbhanj |
| 10. | Date, time & place ofopening of Financial Bid/s(Cover-II) | : | To be intimated after evaluation of Technical BID |
| 11. | Name & address of the officer inviting Bid | : | Superintending Engineer, Deo Head Works Division, Karanjia, AT/PO-Karanjia, PS-Karanjia, Dist-Mayurbhanj, PIN-757037 |

* Further details can be seen from the Govt, web sitewww.tendersodisha.gov.in. Any addendum/corrigendum/ cancellation of tender can also be seen in the said Website.

**OIPR: 32248/11/0011/2526**

**Sd/- Superintending Engineer, Dao**
**Head Works Division, Karanjia**


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮।

### ସମ୍‌ରେ ଦୁଇ ଦିନିଆ 'ସମ୍ମିଟ ୨୦୨୫' ଆୟୋଜିତ

# ୨୦୩୬ ସୁଦ୍ଧା ପ୍ରତ୍ୟେକ ଜିଲ୍ଲାରେ ରୋଗ ନିର୍ଣ୍ଣୟ ଏବଂ ପରୀକ୍ଷଣ କେନ୍ଦ୍ର ସ୍ଥାପନ ହେବ : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ଦିଗରେ ରାଜ୍ୟ ସରକାର ଅନେକ ପଦକ୍ଷେପ ହାତକୁ ନେଉଛନ୍ତି। ଭିଜନ୍ ଓଡ଼ିଶା ୨୦୩୬ ନିମନ୍ତେ ରାଜ୍ୟ ସରକାର ମହତ୍ୱକାଂକ୍ଷୀ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ୨୦୩୬ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ବିଶ୍ୱସ୍ତରୀୟ ରୋଗ ନିର୍ଣ୍ଣୟ ଏବଂ ପରୀକ୍ଷଣ କେନ୍ଦ୍ର ସ୍ଥାପନ କରିବାର ଲକ୍ଷ୍ୟ ରଖିଛନ୍ତି। ରବିବାର ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପ୍ରଭାତୀ ପରିଡ଼ା। ସମ୍ ଅଲ୍ଟିମେଟ ମେଡିକେୟାର (ସମ୍ମ) ଆନୁକୂଲ୍ୟରେ ଆୟୋଜିତ ୨-ଦିନିଆ 'ସମ୍ ଅଲ୍ଟିମେଟ ମେଡିକେୟାର ମିଟ୍ ଅନ୍ ଇମେଜିଂ ଆଣ୍ଡ ଇନ୍‌ଟରଭେନ୍‌ସନାଲ୍ ଥେରାପି' ସମ୍ମିଟ -୨୦୨୫ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡ଼ା ଏହା ପ୍ରକାଶ କରିଥିଲେ।



ଶ୍ରୀମତି ପ୍ରଭାତୀ ପରିଡ଼ାଙ୍କୁ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ସ୍ୱାଗତ କରିଥିଲେ। ଏଥି ସହିତ ପ୍ରତ୍ୟେକ ଜିଲ୍ଲାରେ ଟେଲିମେଡିସିନ୍, ଟେଲିଟେକ୍ନୋଲଜି ଭଳି ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାର ସ୍ଥାପନ ସହ ଡାକ୍ତରୀ ଶିକ୍ଷା ଏବଂ ଗବେଷଣା କାର୍ଯ୍ୟକୁ ଅଧିକ ପ୍ରୋତ୍ସାହନ ଦିଆଯିବ ବୋଲି ଶ୍ରୀମତି ପରିଡ଼ା କହିଥିଲେ। ଓଡ଼ିଶାକୁ ଅତ୍ୟାଧୁନିକ, ସୁଲଭ ଏବଂ ଅନୁକମ୍ପାମୂଳକ ସ୍ୱାସ୍ଥ୍ୟ ସେବାର ଆଂଚଳିକ ହବ୍ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ବଦ୍ଧପରିକର ବୋଲି ସେ କହିଥିଲେ। ଏହି ସମ୍ମିଳନୀରେ ଯେଉଁ ସବୁ ପ୍ରସ୍ତାବ ପାରିତ ହେବ ତାକୁ କାର୍ଯ୍ୟରେ ପରିଣତ କରିବା ଦିଗରେ ସରକାର ଯତ୍ନବାନ ହେବେ ବୋଲି କହିବା ସହ ସାଧାରଣ ବ୍ୟକ୍ତି ଏପରିକି ଡାକ୍ତରମାନଙ୍କର ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ଶେଷରେ ସମ୍ମିଟ-୨୦୨୫ର ଅର୍ଗାନାଇଜିଂ ସେକ୍ରେଟାରୀ ତଥା ସମ୍ମମ୍‌ର ଇନ୍‌ଟରଭେନ୍‌ସନାଲ୍ ରେଡ଼ିଓଲୋଜି ବିଭାଗର କନ୍‌ସଲଟାଂଟ ଡାକ୍ତର ସମ୍ବିତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦିନିଆ ସମ୍ମିଳନୀରେ କାର୍ଡିଆକ୍ ଇମେଜିଂ ଏବଂ ଇନ୍‌ଟରଭେନ୍‌ସନାଲ୍ ରେଡ଼ିଓଲୋଜି ସମ୍ପର୍କରେ ବିଭିନ୍ନ ସାଇନ୍‌ଟିଫିକ୍ ସେସନ୍ ମାଧ୍ୟମରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା।

## ଦୁଇ ନାବାଳିକା ନିଖୋଜ

ଡେଲାଙ୍ଗ, (ସବ୍ୟୁ): ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅଂଚଳରେ ଦୁଇ ନାବାଳିକା ନିଖୋଜ ନେଇ ଥାନାରେ ଅଭିଯୋଗ ହୋଇଛି । ଏନେଇ ଡେଲାଙ୍ଗ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ନେଇ ପୋଲିସ କହିଛି । ତେବେ ମିଳିଥିବା ସୁଚନା ମୁତାବକ ହରିରାଜପୁର ଫାଣ୍ଡି ଅଂଚଳରୁ ଜଣେ ୧୪ ବର୍ଷର ନାବାଳିକା ନିଖୋଜ ହୋଇଥିବା ବେଳେ ଅନ୍ୟଜଣେ କଲ୍ୟାଣପୁର ଅଂଚଳର ୧୬ବର୍ଷର ନାବାଳିକା ବୋଲି ସୁଚନା ମିଳିଛି । ଏନେଇ ଉଭୟଙ୍କ ମା ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ଦୁଇଟି ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ପୋଲିସ ପକ୍ଷରୁ ସୁଚନା ମିଳିଛି ।

### "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପକ୍ଷରୁ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ସମ୍ମାନ

# ସମ୍ମାନିତ ହେଲେ ବହୁ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ

ଭୁବନେଶ୍ୱର, (ସବ୍ୟୁ) :ରାଜ୍ୟ ତଥା ଦେଶର ବିକାଶ ରେ ବିନ୍ଧାଣୀ ସାଜିଥିବା କିଛି ପ୍ରେରଣାଦାୟୀ ବ୍ୟକ୍ତିବିଶେଷଙ୍କୁ ଲୋକ ଲୋଚନକୁ ଆଣିବା ସହ ଗୋଟିଏ ମଞ୍ଚରେ ସମ୍ମାନିତ କରିବା ଉଦେଶ୍ୟରେ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବେ ଅକଲାଣ୍ଡ ରେ ଭାରତର କନସୋଲ୍ ଜେନେରାଲ ,ନ୍ୟୁଜାଲାଣ୍ଡ ଡଃ ମଦନ ମୋହନ ସେଠୀ ,ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଡଃ ରବିନ୍ଦ୍ର ନାରାୟଣ ବେହେରା ,ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଡଃ ସୁଜିତ୍ କୁମାର,ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି,ବିଧାୟକ( କୋରେଇ ) ଆକାଶ ଦାସ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡିଶା କ୍ରିକେଟ୍ ଆସୋସିଏସନ ର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି, ଚେୟାରମ୍ୟାନ୍ ,ଏମବିସି ଟିଭି ଡଃ ବଦ୍ରିନାଥ ପଟ୍ଟନାୟକ ,ଏଆରଏସ୍ଏସ୍ ର ଚେୟାରମ୍ୟାନ୍ ସୁବାଷ ଅଗ୍ରୱାଲ,ଇଣ୍ଟରଭ୍ୟୁ ଟାଇମ୍ସର ଚେୟାରମ୍ୟାନ୍ ଡଃ ସୁବାଶିଷ ଦାସ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଇଞ୍ଜିନିୟର ଆଲୋକ କୁମାର ବାସା ଯୋଗ ଦେଇ ଇଣ୍ଟରଭ୍ୟୁ ଟାଇମ୍ସ ପତ୍ରିକା ଦ୍ୱାରା ନିଆଯାଇଥିବା ଏହି ଅଭିନବ ପଦକ୍ଷେପକୁ ପ୍ରଶଂସା କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ "ଦି ଇଣ୍ଟରଭ୍ୟୁ



ଟାଇମ୍ସ" ର ମୁଖ୍ୟ ସମ୍ପାଦକ ଦିବ୍ୟଜିତ୍ ସାହୁ ସ୍ୱାଗତ ଭାଷଣ ରଖିବା ସହ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ର ଦୀର୍ଘ ୧୪ ବର୍ଷର ଯାତ୍ରାରେ କିପରି ଖବର ମାଧ୍ୟମରେ ଦେଶ, ରାଜ୍ୟ ତଥା ସମାଜର ପ୍ରଗତିରେ ଏକ ସୁଦୃଢ଼ ବିନ୍ଧାଣି ଭାବେ କାର୍ଯ୍ୟ କରିଛି ସେ ନେଇ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ସ୍ୱତନ୍ତ୍ର ଅତିଥିଙ୍କ ଦ୍ୱାରା ଓଡ଼ିଶାର ପ୍ରଗତିରେ ଯୁବସମାଜର ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ କରାଯାଇଥିଲେ । ମଞ୍ଚସଭା ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନଜନକ "ଶ୍ରେଷ୍ଠ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତିତ୍ୱ" ସମ୍ମାନରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ର ଅରୁଣ କୁମାର ମାହାନା (ସି.ଓ.ଓ), ପ୍ରମୋଦ କୁମାର ଲେଙ୍କା (ମୁଖ୍ୟ ବାଣିଜ୍ୟ ଅଧିକାରୀ) ଓ ଲୋକସମ୍ପର୍କ ଅଧିକାରୀ ରାଜୀବ ନୟନ ପ୍ରମୁଖ ଉପସ୍ଥିତ ଥିଲେ । ସହସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ଓମଫେଡ ପାର୍ଲରରୁ ଚୋରି

# ଗିରଫ ହେଲା ପେଶାଦାର ଚୋର ସେକ୍ ପିରୁ

 କଟକ,(ସବ୍ୟୁ): ମର୍କତନଗର ଥାନା ଆନ୍ତର୍ଗତ ଜୁଡ଼ିସିଆଲ୍ ଏକାଡେମୀ ଛକରେ ଥିବା ଓମଫେଡ୍ ପାର୍ଲରରୁ ଚୋରି ହୋଇଥିଲା । ଏ ସମ୍ପର୍କରେ ପାର୍ଲର ମାଲିକ ଥାନାରେ ଏତଲା ଦେଇଥିଲେ । ସ୍ଥାନୀୟ ଅଞ୍ଚଳର ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କଲା ପରେ ସେଥିରେ ଚୋରର ଚେହେରା ସ୍ପଷ୍ଟ ଜଣାପଡ଼ିଥିଲା । ଏହାରି ଭିତରେ ସମ୍ପୃକ୍ତ ଅଭିଯୁକ୍ତକୁ ବିଡ଼ାନାସୀ ଥାନା ପୁଲିସ ଗିରଫ କରିଥିଲା । ଅଭିଯୁକ୍ତର ନାଁ ସେକ୍ ପିରୁ । ତା' ନାଁରେ କଟକ ଯୁପିଡିର ବିଭିନ୍ନ ଥାନାରେ ୩୦ରୁ



ଅଧିକ ଚୋରି ମାମଲା ରହିଛି । ଓମଫେଡ୍ ପାର୍ଲରରୁ ହୋଇଥିବା ଚୋରି ଘଟଣାରେ ଅଭିଯୁକ୍ତ ପିରୁକୁ ମର୍କତନଗର ଥାନା ପୁଲିସ ରିମାଣ୍ଡରେ ନେବ ବୋଲି ସୂଚନା ଦେଇଛି ।

# କେନ୍ଦ୍ରୀୟ ବିଦ୍ୟାଳୟ ୧୯୭୪-୭୫ ବ୍ୟାଚର ବନ୍ଧୁମିଳନ

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ରୀୟ ବିଦ୍ୟାଳୟ, ନଂ-୧, ଭୁବନେଶ୍ୱର ୧୯୭୪-୭୫ ବ୍ୟାଚର ସୁବର୍ଣ୍ଣ ଜୟନ୍ତୀ ପୁନର୍ମିଳନ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବ୍ୟାଚର କୃତୀ ବିଦ୍ୟାର୍ଥୀମାନେ ବିଦ୍ୟାଳୟ ଛାଡ଼ିଥିବାର ୫୦ ବର୍ଷ ପୂର୍ତ୍ତି ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଦେଶ ବିଦେଶ ରୁ ଆସିଥିବା ୨୨ ଜଣ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟସୂଚୀରେ ବିଦ୍ୟାଳୟ ପ୍ରାର୍ଥନାସଂଗୀତ ଗାୟନ, ପୁନଃ ପରିଚୟ ଅଧିବେଶନ, ସ୍ମୃତି ଆଦାନ ପ୍ରଦାନ, ପୁରାତନ ଫୋଟୋଗ୍ରାଫ ପ୍ରଦର୍ଶନ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା । ଏହା ସହିତ ପରଲୋକଗତ ସହପାଠୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏକ ପୂର୍ଣ୍ଣ ଦିବସର ଏହି ଉତ୍ସବର ବିଶେଷ ଆକର୍ଷଣ ଥିଲା ନିଜ ବିଦ୍ୟାଳୟ ପରିଦର୍ଶନ ଯାହା



ତାଙ୍କ ବିଦ୍ୟାର୍ଥୀ ଜୀବନର ସ୍ମୃତି ସହ ଗଭୀର ଭାବନୁଭୂତିକ ସମ୍ପର୍କ କୁ ପୁନର୍ଜୀବିତ କରିଥିଲା। ଉତ୍ସବ ସନ୍ଧ୍ୟାଟି ନୃତ୍ୟ ଓ ସଂଗୀତ ସହିତ ଶେଷ ହେଲା ଯାହା ପରେ ଏକ ଭାବାପ୍ଳୁତ ବିଦାୟ ହୋଇଥିଲା। କାର୍ଯ୍ୟକ୍ରମଟି ଜୟଶ୍ରୀ ଦାଶଙ୍କ ଦ୍ୱାରା ଆହ୍ୱାନ୍ୱିତ, ଜ୍ଞାନ ରଞ୍ଜନ ମହାନ୍ତିଙ୍କ ଦ୍ୱାରା ସମନ୍ୱିତ ଏବଂ ଏସ. ଟି. ୟୁନୁଷଙ୍କ ଦ୍ୱାରା ସଂଚାଳିତ ହୋଇଥିଲା। ଅଂଶଗ୍ରହଣକାରୀମାନେ ଆସନ୍ତା ବର୍ଷ ପୁଣି ଏକାଠି ହେବା ପାଇଁ ପ୍ରତିଜ୍ଞାବଦ୍ଧ ହେଇ ବିଦାୟ ନେଲେ।

# କ୍ରୀଡ଼ା ଜୀବନର ଏକ ଅବିଚ୍ଛେଦ ଅଙ୍ଗ

ଭୁବନେଶ୍ୱର(ସବ୍ୟୁ): ନୟାପଲ୍ଲୀସ୍ଥିତ କସ୍ତୁରବା ଶିକ୍ଷାଶ୍ରମ ଶିଶୁ ବିଦ୍ୟାମନ୍ଦିରରେ ୩୮ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓ୍ୱାର୍ଡ ନମ୍ବର ୩୭ର କର୍ପୋରେଟର ବନ୍ଦିତା ପାଲ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଅର୍ଜୁନ ବେହେରା ଓ ସମ୍ମାନିତ ଅତିଥି ଭାବେ ସମିତିର ସମ୍ପାଦକ ମନୋରଞ୍ଜନ ବେହେରା ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହିତ ଏକ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରାପ୍ତି ନିମନ୍ତେ କ୍ରୀଡ଼ା ଜୀବନର ଏକ ଅବିଚ୍ଛେଦ ଅଙ୍ଗ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସମିତିର କୋଷାଧ୍ୟକ୍ଷ ଅତିଜ



ବେହେରା, ଉପସଭାପତି ମହେଶ୍ୱର ବେହେରା ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଜୋସ୍ନାରାଣୀ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ । ସହ ପ୍ରଧାନ ଆଚାର୍ଯ୍ୟ ପ୍ରଭାତକୁମାର ପଣ୍ଡା ସଭା ପରିଚାଳନା କରିଥିଲେ ଓ ଶେଷରେ କ୍ରୀଡ଼ା ପ୍ରମୁଖ ଅଜୟ କୁମାର ବାରିକ ଧନ୍ୟବାଦ ଦେଇଥିଲେ ।

# ଯଶୋଦା ମା ଫାଉଣ୍ଡେସନ ଆନୁକୁଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର (ସବ୍ୟୁ): ଯଶୋଦା ମା ଫାଉଣ୍ଡେସନ ଓ କେୟାର ହସ୍ପିଟାଲର ମିଳିତ ଆନୁକୁଲ୍ୟରେ ଭୁବନେଶ୍ୱର ୧୪ ନମ୍ବର ୱାର୍ଡରେ ଅବସ୍ଥିତ ବୁଦ୍ଧ ବିହାରର ସାମୁଦାୟିକ ଭବନ ଠାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେପି ଉପ ସଭାପତି ଶ୍ରୀଯୁକ୍ତ ଗୋଲକ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଏଥିରେ କେୟାର ହସ୍ପିଟାଲର ବରିଷ୍ଠ ଅଧିକାରୀ ଲୋକନାଥ ଦାଶ, କେୟାର ହସ୍ପିଟାଲର ପ୍ରମୁଖ ବିଭାଗର ଚିକିତ୍ସକ, ସହଯୋଗୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୁଦ୍ଧ ବିହାରର ବୟୋଜ୍ୟେଷ୍ଠ ବ୍ୟକ୍ତି,ଯୁବକ, ମହିଳା, ଛାତ୍ର ଛାତ୍ରୀ, ଛୋଟ ଛୋଟ ପିଲା ଓ ଅଧିବାସୀ ମାନେ ଏଥିରେ ଯୋଗଦେଇ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏଥିରେ



ବରିଷ୍ଠ ଅଭିନେତା ପ୍ରଫୁଲ୍ଲ ଲେଙ୍କା, ସମାଜସେବୀ ପ୍ରତ୍ୟୁଷ ଭଞ୍ଜ, ନୃତ୍ୟଗୁରୁ ପ୍ରଭାସିନୀ ଷଡ଼ଙ୍ଗୀ, ବର୍ଣ୍ଣବୋଧ ଗୁରୁମା ପ୍ରମିଳା ସାହୁ, ବୁଦ୍ଧ ବିହାରର ସଭାପତି ମାନସ ମହାପାତ୍ର, ସମ୍ପାଦକ ଗୌରାଙ୍ଗ ଦାଶ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ। ଏ ସୁନ୍ଦର ଓ ନିଆରା ପ୍ରୟାସ ପାଇଁ ଯଶୋଦା ମା ଫାଉଣ୍ଡେସନ ର ପ୍ରତିଷ୍ଠାତ୍ରୀ ତଥା ସମାଜସେବୀ ଶ୍ରୀମତୀ ନିବେଦିତା ଲେଙ୍କାଙ୍କୁ ସମସ୍ତେ ଭୂରି ଭୂରି ପ୍ରଶଂସା କରିଥିଲେ।

## ଅମରେଶ୍ୱର ମହାଦେବଙ୍କ ମନ୍ଦିରରୁ ଚୋରି

ନିମାପଡା,(ସବ୍ୟୁ) :ଚାରିଛକ ଥାନା ଅନ୍ତର୍ଗତ ଅମରେଶ୍ୱର ମହାଦେବଙ୍କ ମନ୍ଦିରରୁ ଗତ ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ ମନ୍ଦିରର ତାଲାଭାଙ୍ଗି ଲକ୍ଷାଧିକ ଟଙ୍କାର ରୁପା ଅଳଙ୍କାର ଓ ପିତଳ ବାସନ ସାମଗ୍ରୀ ଚୋରୀ କରି ନେଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ଘଟଣା ସ୍ଥଳରେ ପୁଲିସ ପହଂଚି ତଦନ୍ତ ଆରମ୍ଭ କରିଛି। ରବିବାର ସକାଳୁ ସୁଆର ଚନ୍ଦ୍ରକାନ୍ତ ବଡୁ ଠାକୁରଙ୍କୁ ସ୍ନାନ ପାଇଁ ଯିବା ସମୟରେ ମନ୍ଦିର ତାଲା ଭଙ୍ଗାଯାଇ ଶିବ ପାର୍ବତୀଙ୍କ ମୁକୁଟ,ଚର୍ଚ୍ଚିକାଙ୍କ ମୁକୁଟ,କଂସା ଡାଳ,ଘଂଟି ଆଦି ନଥିବା ଦେଖି ଠାକୁରଙ୍କ ପାଳିଆ ପୂଜକ ବିଶ୍ୱନାଥ ପାଣୀଙ୍କ ସମେତ ଗ୍ରାମର ସେବାୟତମାନଙ୍କୁ ଜଣାଇଥିଲେ। ଏନେଇ ସେବାୟତ ଜୟଦେବ ପାଢୀଙ୍କ ସମେତ ସେବାୟତମାନେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିନ୍ଦଲ ଷ୍ଟିଲ୍ କୁ ସିଏସ୍ଆର ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ସ୍ୱାସ୍ଥ୍ୟ, ସାମାଜିକ ବିକାଶ ଏବଂ ମହିଳା ବିକାଶ କ୍ଷେତ୍ରରେ ଏହାର ଉଲ୍ଲେଖନୀୟ କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) କାର୍ଯ୍ୟ ପାଇଁ ଜିନ୍ଦଲ ଷ୍ଟିଲକୁ ବେଙ୍ଗଲ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ବିସିସି ଆଣ୍ଡ ଆଇ) ଦ୍ୱାରା ପୁରସ୍କୃତ କରାଯାଇଛି। ୧୯ତାରିଖରେ କୋଲକାତାରେ ଏକ କାର୍ଯ୍ୟକ୍ରମ ରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କର୍ପୋରେଟ୍ ଆଫେୟାରର ପୂର୍ବତନ ନିର୍ଦ୍ଦେଶକ ଜେନେରାଲ ଏବଂ ସିଇଓ ଡକ୍ଟର ଭାସ୍କର ଚାଟାର୍ଜୀ, ଜାତୀୟ ସିଏସଆର ଏବଂ କର୍ପୋରେଟ୍ ଗଭର୍ଣ୍ଣାନ୍ସ କମିଟି, ବିସିସି ଆଣ୍ଡ ଆଇର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର, ଆଇନ ଏବଂ କର୍ପୋରେଟ୍ ଆଫେୟାରର ସଭାପତି ଏବଂ ଇନଫିନିଟି ଗ୍ରୁପର ଅଧ୍ୟକ୍ଷ ଡକ୍ଟର ରବିନ୍ଦ୍ର ଚମାରିଆ ଏହି ପୁରସ୍କାର ପ୍ରଦାନ କରିଥିଲେ। କିଶୋରୀ ଝିଅମାନଙ୍କ ପାଇଁ ସ୍ୱାସ୍ଥ୍ୟସେବାର ସାମଗ୍ରିକ ବିକାଶରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ଜିନ୍ଦଲ ଷ୍ଟିଲର ପ୍ରମୁଖ ସିଏସଆର ପଦକ୍ଷେପ, କିଶୋରୀ ଏକ୍ସପ୍ରେସକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି।

ଏହାର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ମାଧ୍ୟମରେ ଜିନ୍ଦଲ ଷ୍ଟିଲ୍ ଦ୍ୱାରା ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡର କରାଯାଉଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ପ୍ରଭାବକୁ ବେଙ୍ଗଲ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ଏହି ପୁରସ୍କାର ପ୍ରଦର୍ଶିତ କରୁଛି । ଏହି ହସ୍ତକ୍ଷେପ ଲକ୍ଷ ଲକ୍ଷ ଲୋକଙ୍କୁ ସ୍ପର୍ଶ ପାରିଛି ଏବଂ ପରିବର୍ତ୍ତନ ଆଣିଛି। ଏକ ସାମଗ୍ରିକ ବିକାଶ ପଦ୍ଧତି ମାଧ୍ୟମରେ, ଫାଉଣ୍ଡେସନ ଏକ ସମନ୍ୱିତ ଏବଂ ସ୍ଥାୟୀ ଉପାୟରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ଜଳ ସୁରକ୍ଷା ଏବଂ ମହିଳା ସଶକ୍ତିକରଣକୁ ଗୁରୁତ୍ୱଦେଇ ସମ୍ପ୍ରଦାୟ କଲ୍ୟାଣକୁ ସୁଦୃଢ଼ କରିଛି।



ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, "ଏହି ସ୍ୱୀକୃତି ଆମର ବିଶ୍ୱାସକୁ ନିଶ୍ଚିତ କରୁଛି ଯେ ଅର୍ଥପୂର୍ଣ୍ଣ ବିକାଶ, ସାମଗ୍ରିକ ଏବଂ ଲୋକ-କୈନ୍ଦ୍ରିକ ହେବା ଆବଶ୍ୟକ । ଜିନ୍ଦଲ ଫାଉଣ୍ଡେସନରେ, ଆମେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ପରିବେଶ ଏବଂ ସାମାଜିକ ସମାନତା କ୍ଷେତ୍ରରେ କାର୍ଯ୍ୟ କରି ଆସୁଛୁ । କିଶୋରୀ ଏକ୍ସପ୍ରେସ ଭଳି ପଦକ୍ଷେପ କିଶୋରୀ ଝିଅମାନଙ୍କ ସ୍ୱାସ୍ଥ୍ୟ, ସାମ୍ମାନ ଏବଂ ଭବିଷ୍ୟତର ସମ୍ଭାବନାକୁ ଧ୍ୟାନ ଦେଇ ସେମାନଙ୍କୁ ସଶକ୍ତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ଏବଂ ଗ୍ରୁପ୍ ହେଡ୍ (ସିଏସଆର ଏବଂ ଶିକ୍ଷା) ପ୍ରଶାନ୍ତ ହୋତା କହିଛନ୍ତି, "କିଶୋରୀ ଏକ୍ସପ୍ରେସ ପାଇଁ ଏହି ମାନ୍ୟତା ଜିନ୍ଦଲ ଫାଉଣ୍ଡେସନର ସାମଗ୍ରିକ ଏବଂ ଅନ୍ତର୍ଭୁକ୍ତ ବିକାଶ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। କିଶୋରୀ ଝିଅମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ସଶକ୍ତିକରଣକୁ ସମନ୍ୱୟ କରି, ଆମେ ସ୍ଥାୟୀ, ସମ୍ପ୍ରଦାୟ-ନେତୃତ୍ୱାଧୀନ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ। ସମସ୍ତ ୧୭ଟି ଜାତିସଂଘ ଏସଡିଜି ସହିତ ସମନ୍ୱିତ ହୋଇ, ଆମର ସିଏସଆର ପଦକ୍ଷେପଗୁଡ଼ିକ ସମ୍ପ୍ରଦାୟକୁ ମଜବୁତ କରିବା ଏବଂ ଅର୍ଥପୂର୍ଣ୍ଣ ସାମାଜିକ ପରିବର୍ତ୍ତନ ଆଣିବା ଜାରି ରଖିବ ।

# ସିଗମା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ୪ସଶଙ୍କବ ଚଙ୍କଭକ୍ଷସମ ୪ମଷକ୍ଟକ୍ଟକ୍ଷର ବାର୍ଷିକ ଉତ୍ସବ-୨୦୨୫ ଗୁରୁବାର ସ୍ଥାନୀୟ ବିଡ଼ିଏ କଲୋନୀସ୍ଥିତ କଲ୍ୟାଣମଣ୍ଡପ ପରିସରରେ ଉତ୍ସାହ ଓ ଆନନ୍ଦର ସହ ପାଳିତ ହୋଇଯାଇଛି। ସ୍କୁଲର ନିର୍ଦ୍ଦେଶକ ଶୁଭ୍ରାଂଶୁ ରଂଜନ ସାମନ୍ତରାୟ ଏହି ଉତ୍ସବର ପୌରହିତ୍ୟ କରିଥିଲେ। ମିସ୍ ଅନେଶ୍ୱତାଙ୍କ ସଂଯୋଜନାରେ



ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣି ଗୁମାନ ସିଂ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟ ରଂଜନ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟ ପ୍ରକାଶ କୁମାର ସାହୁଏବଂ ପ୍ରଫେସର ସୁବୋଧ ଜଗଦେବ ପ୍ରମୁଖ ଯୋଗଦେଇଥିଲେ।

ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଆଧୁନିକ ଶିକ୍ଷା ସହିତ ଛାତ୍ରଛାତ୍ରୀମାନେ ଶୃଙ୍ଖଳାକୁ ପ୍ରାଧାନ୍ୟ ଦେବା ଅତ୍ୟନ୍ତ ଆବଶ୍ୟକ। ନିଜ ଭିତରେ ଶୃଙ୍ଖଳା ରକ୍ଷା କରିପାରିଲେ ସମାଜରେ ଶୃଙ୍ଖଳିତ ଓ ଦାୟିତ୍ୱଶୀଳ ନାଗରିକ ଭାବେ ପରିଚିତ ହୋଇପାରିବେ ବୋଲି ସେମାନେ ଉଲ୍ଲେଖ କରିଥିଲେ। ସ୍କୁଲର ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରି ଛାତ୍ରଛାତ୍ରୀମାନଙ୍କ ବିଭିନ୍ନ ସଫଳତା ଓ ଅନୁଷ୍ଠାନର ଶିକ୍ଷାଗତ ଉପଲବ୍ଧିକୁ ଉଜାଗର କରିଥିଲେ। ଗୁଣମାନର ଶିକ୍ଷା ପ୍ରଦାନ ସହ ଉଚ୍ଚ ଶିକ୍ଷା ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅଂଶଗ୍ରହଣ ପାଇଁ ବିଶେଷ ଦୃଷ୍ଟି ଦିଆଯାଉଥିବା ସେ ସୂଚନା ଦେଇଥିଲେ। ଗତ ସିବିଏସଇ ମ୍ୟାଟ୍ରିକ ପରୀକ୍ଷାରେ ସ୍କୁଲର ଶ୍ରେଷ୍ଠ ଛାତ୍ରଛାତ୍ରୀ ଭାବେ ଶୁଭମ ଅଗ୍ରୱାଲା ଓ ଶୁଭଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ଶିକ୍ଷାବିଦ୍ ଭାବେ ପ୍ରଫେସର ସୁବୋଧ ଜଗଦେବ ଏବଂ ସର୍ବଶ୍ରେଷ୍ଠ ଶିକ୍ଷକ ଭାବେ ମାନସ ରଞ୍ଜନ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ। କୁନି କୁନି କଳାକାରମାନଙ୍କ ଦ୍ୱାରା ରାମାୟଣ, ମହାଭାରତ, ଦେଶାତ୍ମକ ବୋଧ ସଙ୍ଗୀତ ଓ ସାମାଜିକ ଗଣମାଧ୍ୟମର ପ୍ରଭାବ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ମନୋରଞ୍ଜିତ କରିଥିଲା। ସ୍କୁଲର ଉପାଧ୍ୟକ୍ଷ ତୁଷାର ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମର ସମାପନ କରିଥିଲେ।

# ଜାନୁଆରୀ ୨ରେ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ

ଭୁବନେଶ୍ୱର, (ସବ୍ୟୁ): ଆସନ୍ତା ଜାନୁଆରୀ ୨ ତାରିଖରେ ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ ଅନୁଷ୍ଠିତ ହେବ। ଦେଶର ବିଭିନ୍ନ ରାଜ୍ୟରୁ ସ୍ୱାଧୀନତା ସଂଗ୍ରାମୀ ଏବଂ ଦାୟାଦମାନେ ଏହି ମହୋତ୍ସବରେ ଯୋଗଦେବେ। ମହୋତ୍ସବ ଲାଗି ରବିବାର ସଂଗ୍ରାମୀ ସଦନଠାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଗାନ୍ଧିବାଦୀ ଲେଖକ ତଥା ସ୍ତମ୍ଭକାର ପ୍ରହ୍ଲାଦ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସର୍ବଭାରତୀୟ ଯୁବ ସାମ୍ମୁଖ୍ୟ ସଭାପତି ସାଂସଦ ଡକ୍ଟର ଭର୍ତ୍ତୃହରି ମହତାବ ଯୋଗଦେଇ ମହୋତ୍ସବ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ। ଦୁଇଟି ଅଧିବେଶନରେ ମହୋତ୍ସବ ହେବା ସହିତ ପ୍ରାଦେଶିକ କାର୍ଯ୍ୟକ୍ରମ ପାଇଁ ଏକ ସ୍ୱତନ୍ତ୍ର ବୈଠକ ମଧ୍ୟ କରାଯିବ। ଚଳିତଥରର ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ ଲାଗି ସମବାୟ, ହସ୍ତଶିଳ୍ପ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ



ବଳ ସାମନ୍ତଙ୍କୁ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଭାବରେ ମନୋନୀତ କରାଯାଇଛି। ମହୋତ୍ସବକୁ ଉଦଘାଟନ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିମନ୍ତ୍ରଣ କରାଯାଇଥିବାବେଳେ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ଜାତୀୟ ସ୍ତରରୁ ବର୍ଷୀୟାନ ନେତା ଓ ସ୍ୱାଧୀନତା ସଂଗ୍ରାମୀ ଦୁଇଟି ଅଧିବେଶନରେ ଅତିଥି ଭାବରେ ଯୋଗଦେବେ। ଏହାଛଡ଼ା ଆସନ୍ତା ମେ' ମାସରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୯୩୪ ମସିହାର ଗସ୍ତକୁ ସ୍ମରଣ କରି ମାହାଙ୍ଗା ଅଞ୍ଚଳରେ ପ୍ରାଦେଶିକ ସମ୍ମିଳନୀ କରାଯିବାକୁ ମଧ୍ୟ ସ୍ଥିର କରାଯାଇଛି।

ବୈଠକରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବାଙ୍କୀର ଯୁବନେତା ତୁଷାର ଚକ୍ରବର୍ତ୍ତୀ, ସ୍ୱାଧୀନତା ସଂଗ୍ରାମୀ ଉତ୍ତର ଦାୟାଦ ରାମେଶ୍ୱର ଶତପଥୀ, ଗାନ୍ଧିବାଦୀ ଲେଖକ ଡ. ପୂର୍ଣ୍ଣଚନ୍ଦ୍ର ଦାସ, ସମାଜସେବିକା ରତ୍ନପର୍ଣ୍ଣା ମହାନ୍ତି, ପ୍ରଫେସର ଉପେନ୍ଦ୍ର ପାଢ଼ୀ, ଦୁଃଶାସନ ସ୍ୱାଇଁ, ଲକ୍ଷ୍ମୀ ପ୍ରସାଦ ମହାପାତ୍ର ଓ ପ୍ରମେଶ କୁମାର ମହାନ୍ତି ଆଲୋଚନାରେ ଅଂଶ ଗ୍ରହଣ କରି ଏହି ମହୋତ୍ସବକୁ କିଭଳି ଭାବରେ ଅଧିକ ଋଦ୍ଧିମନ୍ତ କରାଯିବ ଏବଂ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ସେଥିନେଇ ଗୁରୁତ୍ୱାରୋପ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ମହୋତ୍ସବର ଏହି ପ୍ରସ୍ତୁତି ବୈଠକକୁ ସଂଚାଳନ କରିଥିବାବେଳେ ବରିଷ୍ଠ ସଦସ୍ୟ ଅଭୟ ବଡ଼ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ମାଳା ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଯୁବ ନେତା ଅଭିଳାଷ ପଣ୍ଡା, ରାଣା ପ୍ରତାପ ପାତ୍ର, ଦେବୀ ପ୍ରସାଦ ମହାପାତ୍ର, ଗିରିଜା ଭୂଷଣ ମହାପାତ୍ର, ଶ୍ୟାମ ପ୍ରସାଦ ପଟ୍ଟନାୟକ, ବୈରାଗୀ ଚରଣ ଦାସ, ସନ୍ତୋଷ କୁମାର ପତି, ଜଗନ୍ନାଥ ପାଢ଼ୀ, ପ୍ରଭାକର ସାହୁ, ଉତ୍ତର ଦାୟାଦ ଗୋପୀନାଥ ନାୟକ ପ୍ରମୁଖ ଯୋଗଦେଇ ମତାମତ ରଖିଥିଲେ।

# ବିନା ଏଣ୍ଟ୍ରାନ୍ସରେ ଋଷୀୟ ବିଶ୍ୱବିଦ୍ୟାଳୟମାନଙ୍କରେ ମିଳିବ ଆଡମିସନ

ନୂଆଦିଲ୍ଲୀ : ଭାରତୀୟ ଛାତ୍ରଛାତ୍ରୀଙ୍କ ଲାଗି ଋଷିଆରୁ ବଡ଼ ଖବର ଆସୁଛି। ଏବେ ଭାରତୀୟ ବିଦ୍ୟାର୍ଥୀ ଋଷିଆରେ ବିନା କୌଣସି ଏଣ୍ଟ୍ରାନ୍ସରେ ସରକାରୀ ଛାତ୍ରବୃତ୍ତି ପାଇ ପାରିବେ। ଏହି ଛାତ୍ରବୃତ୍ତି ସ୍ନାତକରୁ ନେଇ ଉଚ୍ଚତର ପ୍ରଶିକ୍ଷଣ ଓ ପିଏଚଡି ପର୍ଯ୍ୟନ୍ତ ଉଚ୍ଚତର ପାଠ୍ୟକ୍ରମ ଲାଗି ଉପଲବ୍ଧ ହେବ। ଋଷିଆ ପ୍ରଶାସନ ଅନୁସାରେ ଏହି ଛାତ୍ରବୃତ୍ତି ମେଡିସିନ, ଇଞ୍ଜିନିୟରିଂ, ଫାର୍ମାସୀ ଓ ସ୍ପେସ୍ ଷ୍ଟଡିଜ ସମେତ ଅନ୍ୟ କେତେକ ବିଷୟରେ ଦିଆଯିବ।

ସେହିପରି ଯେଉଁ ଛାତ୍ରଛାତ୍ରୀଙ୍କୁ ଋଷୀୟ ଭାଷା ନ ଆସୁଛି ସେମାନଙ୍କ ଲାଗି ବର୍ଷକର ପ୍ରିପରେଟରୀ ଭାଷା କୋର୍ସ ମଧ୍ୟ ରଖା ଯାଇଛି। ଏଣୁ ଛାତ୍ରଛାତ୍ରୀ ସେମାନଙ୍କ ମୁଖ୍ୟ ପାଠପଢା ଆରମ୍ଭ କରିବା ପୂର୍ବରୁ ଋଷିଆ ଭାଷା ଶିଖିପାରିବେ। ତେବେ ଅନେକ କୋର୍ସ ଇଂରାଜୀରେ ମଧ୍ୟ ଉପଲବ୍ଧ ଅଛି। ଏହି ଛାତ୍ରବୃତ୍ତି କାର୍ଯ୍ୟକ୍ରମ ୨୦୨୬-୨୭ ବର୍ଷ ନିମନ୍ତେ ଭାରତୀୟ ଛାତ୍ରଛାତ୍ରୀଙ୍କ ଠାରୁ ଆମନ୍ତ୍ରଣ କରାଯାଉଛି। ଏହାର ମୁଖ୍ୟ



ଉଦ୍ଦେଶ୍ୟ ଭାରତୀୟ ଛାତ୍ରଛାତ୍ରୀଙ୍କୁ ଋଷୀୟ ବିଶ୍ୱବିଦ୍ୟାଳୟ ମାନଙ୍କରେ ଉଚ୍ଚଶିକ୍ଷା ପ୍ରାପ୍ତ କରିବାକୁ ଅବସର ପ୍ରଦାନ କରିବା।

ରିପୋର୍ଟ ଅନୁସାରେ ଏଥି ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। ଚୟନ ପରୀକ୍ଷା ବିନା କେବଳ ପ୍ରବେଶ ପରୀକ୍ଷା କରାଯିବ। ପ୍ରାର୍ଥୀଙ୍କୁ ସେମାନଙ୍କ ପିଛିଲା ଶିକ୍ଷା ରେକର୍ଡ ଓ ପୋର୍ଟଫୋଲିଓ ଆଧାରରେ ଚୟନ କରାଯିବ। ପୋର୍ଟଫୋଲିଓରେ ରିସର୍ଚ୍ଚ ପେପର, ସୁପାରିଶ, ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗୀତାର ପ୍ରମାଣପତ୍ର ଓ ଅନ୍ୟ କାଗଜପତ୍ର ସାମିଲ ହୋଇପାରେ। ଏଥି ପାଇଁ ଚୟନ ପ୍ରକ୍ରିୟା ୨ଟି ପର୍ଯ୍ୟାୟରେ ପୂରଣ ହେବ। ଏଥିରୁ ପ୍ରଥମ ପର୍ଯ୍ୟାୟ ଜାନୁୟାରୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

ଦ୍ୱିତୀୟ ପର୍ଯ୍ୟାୟରେ ଋଷୀୟ ବିଜ୍ଞାନ ଓ ଉଚ୍ଚଶିକ୍ଷା ମନ୍ତ୍ରାଳୟ, ଭାଗ ନେଉଥିବା ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସଂସ୍ଥାନରେ ଆବଣ୍ଟିତ କରିବେ ଓ ଭିସା ସମ୍ପର୍କିତ କାଗଜପତ୍ର ଜାରି କରିବେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ବିଭିନ୍ନ ସହର ଯେପରିକି ମସ୍କୋ, ସେଣ୍ଟ ପିଟର୍ସବର୍ଗ, କାଜନ, ଭ୍ଲାଦିଭୋଷ୍ଟକ ଓ କ୍ୟାଲେନିନଗ୍ରାଦ ରେ ଅଧ୍ୟୟନ କରିପାରିବେ। ଏଣୁ ଇଚ୍ଛୁକ ଛାତ୍ରଛାତ୍ରୀ ଏଜୁକେସନ-ଇନ-ଋଷିଆ ଡଟକମକୁ ଯାଇ ବିସ୍ତୃତ ସୂଚନା ଓ ଆବେଦନ ପ୍ରକ୍ରିୟା ଦେଖି ପାରିବେ। ଏହି ପଦକ୍ଷେପ ଭାରତୀୟ ଛାତ୍ରଛାତ୍ରୀଙ୍କ ଲାଗି ଋଷିଆରେ ଉଚ୍ଚଶିକ୍ଷା ଦିଗରେ ଏକ ସୁବର୍ଣ୍ଣ ସୁଯୋଗ ସାବ୍ୟସ୍ତ ହୋଇପାରେ।

# ଦିଲ୍ଲୀରେ ସତ୍ୟାଗ୍ରହ, ଚିଟାଗଙ୍ଗରେ ହୋଇଥିଲା ଆକ୍ରମଣ

ନୂଆଦିଲ୍ଲୀ : ବାଂଲାଦେଶରେ ଏବେ ଭାରତ ବିରୋଧୀ ହାୱା ଚରମରେ ରହିଛି । ସେଠାକାର ଜନତା ନିଜ ଦେଶର ଦୁର୍ଗତି ପାଇଁ ଭାରତକୁ ଦୋଷ ଦେଉଛନ୍ତି । ଏଥିପାଇଁ ସେଠାରେ ଥିବା ଭାରତୀୟ ଉଚ୍ଚାୟୋଗ ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରୁଛନ୍ତି । ଭାରତୀୟ ଉଚ୍ଚାୟୋଗ ଉପରେ ପଥର ମାଡ଼ ବି ହେଉଛି । ସେପଟେ ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ନୂଆଦିଲ୍ଲୀରେ କିଛି ଲୋକ ବାଂଲାଦେଶ ଦୂତାବାସ ଆଗରେ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ କରିଛନ୍ତି । କିନ୍ତୁ ଏହାକୁ ବାଂଲାଦେଶ ସରକାର ଆକ୍ରମଣ ବୋଲି କହୁଛନ୍ତି । ଏବେ ଏହି ପ୍ରୋପାଗେଣ୍ଡାର ଜବାବ ଦେଇଛି ଭାରତର ବୈଦେଶିକ ମନ୍ତ୍ରାଳୟ।

ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦିଲ୍ଲୀରେ ଥିବା ଏହାର ଉଚ୍ଚାୟୋଗରେ ସୁରକ୍ଷା ଉଲ୍ଲଂଘନର ବାଂଲାଦେଶୀ ଗଣମାଧ୍ୟମର ମିଥ୍ୟା ଦାବିକୁ ଖଣ୍ଡନ କରିଛି। ସତ୍ୟ ହେଉଛି ଯେ ଭାରତ ଅତ୍ୟନ୍ତ ସୁରକ୍ଷା ସହିତ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ମଧ୍ୟ ପରିଚାଳନା କରିଥିଲା, ଚିଟାଗଙ୍ଗରେ ଭାରତୀୟ ମିଶନ ସହିତ ଯାହା ଘଟିଥିଲା ତାହା ସେହି ସୁରକ୍ଷା ଦାବିକୁ ସ୍ପଷ୍ଟ ଭାବରେ ଖଣ୍ଡନ କରେ। ଏହା କେବଳ ଦୁଇଟି ସହରର କାହାଣୀ ନୁହେଁ, ବରଂ ଭିଏନା



ଚୁକ୍ତିନାମାର ପାଳନ ଏବଂ ଉଲ୍ଲଂଘନ ମଧ୍ୟରେ ଏକ ସ୍ପଷ୍ଟ ପାର୍ଥକ୍ୟ। ୨୦ ରୁ ୨୫ଯୁବକ ପ୍ରତିବାଦ କରିଥିଲେ ସେ କହିଛନ୍ତି ଯେ କେବଳ ୨୦ ରୁ ୨୫ ଯୁବକଙ୍କ ଏକ ଛୋଟ ଗୋଷ୍ଠୀ ଦିଲ୍ଲୀରେ ବାଂଲାଦେଶ ଉଚ୍ଚାୟୋଗ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ଏକାଠି ହୋଇଥିଲେ। ସେମାନେ ବାଂଲାଦେଶର ମୈମନସିଂରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କ ନିର୍ମମ ହତ୍ୟା ବିରୋଧରେ ସ୍ଲୋଗାନ ଦେଉଥିଲେ ଏବଂ ସଂଖ୍ୟାଲଘୁଙ୍କ ସୁରକ୍ଷା ଦାବି କରୁଥିଲେ। ଅବରୋଧ ଭାଙ୍ଗିବାକୁ କୌଣସି ଚେଷ୍ଟା କରାଯାଇ ନଥିଲା, କିମ୍ବା କୌଣସି ସୁରକ୍ଷା ବିପଦ ନଥିଲା। ପୁଲିସ କିଛି ମିନିଟ୍ ମଧ୍ୟରେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦକାରୀମାନଙ୍କୁ ଘଉଡ଼ାଇ ଦେଇଥିଲା। ସମଗ୍ର ଘଟଣାର ଭିଡିଓ ସାର୍ବଜନୀନ ଭାବରେ ଉପଲବ୍ଧ।

# ଆମୋନିଆ-ୟୁରିଆ ସାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ପ୍ରଧାନମନ୍ତ୍ରୀ

ଇମ୍ଫାଲ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଆସାମର ଡିବ୍ରୁଗଡ଼ର ନାମରୂପଠାରେ ଆସାମ ଭ୍ୟାଲି ଫର୍ଟିଲାଇଜର ଆଣ୍ଡ କେମିକାଲ କମ୍ପାନୀ ଲିମିଟେଡର ଆମୋନିଆ-ୟୁରିଆ ସାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଉପସ୍ଥିତ ଜନସଭାକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଥିଲେ ଯେ ଏହା ଚାଓଲଙ୍ଗ ସୁଖପା ଏବଂ ମହାବୀର ଲାଚିତ ବୋରଫୁକାନଙ୍କ ଭଳି ମହାନ ବୀରମାନଙ୍କ ଭୂମି। ସେ ଭୀମବର ଦେଉରୀ, ସହିଦ କୁଶଳ କୁଅଁର, ମୋରାନ କିଙ୍ଗ ବୋଡୋସା, ମାଲତୀ ମେମ, ଇନ୍ଦିରା ମିରି, ସ୍ୱର୍ଗଦେଓ ସର୍ବାନନ୍ଦ ସିଂହ ଏବଂ ବଲିଆନ୍ତ ସତୀ ସାଧନୀଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ବୀରତ୍ୱ ଏବଂ ବଳିଦାନର ଏହି ମହାନ ଭୂମି, ଉଜାନୀ ଆସାମର ପବିତ୍ର ମୃତ୍ତିକାକୁ ସେ ପ୍ରଣାମ କରୁଛନ୍ତି।

ଶ୍ରୀ ମୋଦୀ କହିଥିଲେ ଯେ ସେ ଦେଖୁଛନ୍ତି ଯେ, ଆଗକୁ ବହୁ ସଂଖ୍ୟାରେ ଲୋକମାନେ ଏକାଠି ହୋଇ ସେମାନଙ୍କ ଭଲପାଇବାକୁ ବଢାଉଛନ୍ତି । ସେ ବିଶେଷ କରି ମାଆ ଏବଂ ଭଉଣୀମାନଙ୍କ ଉପସ୍ଥିତି ଉପରେ ଆଲୋକପାତ କରି କହିଥିଲେ ଯେ ସେମାନେ ଆଣିଥିବା ପ୍ରେମ ଏବଂ ଆଶୀର୍ବାଦ ଅସାଧାରଣ ଥିଲା। ସେ କହିଥିଲେ ଯେ ଅନେକ ଭଉଣୀ ଆସାମର ଚା' ବଗିଚାର ସୁଗନ୍ଧ ନେଇ ଆସିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ସୁଗନ୍ଧ ଆସାମ ସହିତ ତାଙ୍କର ସମ୍ପର୍କରେ ଏକ ଅନନ୍ୟ ଅନୁଭବ ସୃଷ୍ଟି କରିଥାଏ। ସେ ଉପସ୍ଥିତ ସମସ୍ତଙ୍କୁ ପ୍ରଣାମ କରିଥିଲେ ଏବଂ ସେମାନଙ୍କ ସ୍ନେହ ଓ ଭଲପାଇବା ପାଇଁ କୃତଜ୍ଞତା ବ୍ୟକ୍ତ କରିଥିଲେ। ଆଜି ଆସାମ ଏବଂ ସମଗ୍ର ଉତ୍ତର-




ପୂର୍ବ ପାଇଁ ଏକ ଐତିହାସିକ ଦିନ ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି ଯେ, ଏହି ଅଞ୍ଚଳରେ ଶିଳ୍ପ ପ୍ରଗତିର ଏକ ନୂତନ ଅଧ୍ୟାୟ ଆରମ୍ଭ ହେବା ସହିତ ନାମରୂପ ଏବଂ ଡିବ୍ରୁଗଡ଼ର ବହୁ ପ୍ରତୀକ୍ଷିତ ସ୍ୱପ୍ନ ପୂରଣ ହୋଇଛି। ସେ ଉଲ୍ଲେଖ କରିଥିଲେ ଯେ କିଛି ସମୟ ପୂର୍ବରୁ ସେ ଆମୋନିଆ-ୟୁରିଆ ସାର କାରଖାନାର ଭୂମି ପୂଜନ କରିଥିଲେ ଏବଂ ଡିବ୍ରୁଗଡ଼ରେ ପହଞ୍ଚିବା ପୂର୍ବରୁ ଗୌହାଟୀ ବିମାନ ବନ୍ଦରରେ ନୂତନ ଟର୍ମିନାଲର ଉଦଘାଟନ କରିଥିଲେ। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ସମସ୍ତେ କହୁଛନ୍ତି ଯେ ଆସାମ ଏବେ ବିକାଶର ଏକ ନୂତନ ଗତି ହାସଲ କରିଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ, ଆଜି ଯାହା ଦେଖିବାକୁ ମିଳୁଛି ତାହା କେବଳ ଆରମ୍ଭ ମାତ୍ର ଏବଂ ଆସାମକୁ ଆହୁରି ଆଗକୁ ନେବାକୁ ହେବ। ସେ ଅହୋମ ରାଜବଂଶ ସମୟରେ ଆସାମର ଶକ୍ତି ଏବଂ ଭୂମିକାକୁ ସ୍ମରଣ କରିଥିଲେ ଏବଂ ଏକ ବିକଶିତ ଭାରତରେ ଆସାମ ସମାନ ଭାବରେ ଶକ୍ତିଶାଳୀ ଭୂମିକା ଗ୍ରହଣ କରିବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ସେ ନୂତନ ଶିଳ୍ପର ଆରମ୍ଭ, ଆଧୁନିକ ଭିତ୍ତିଭୂମି ନିର୍ମାଣ, ସେମିକଣ୍ଡକ୍ଟର ଉତ୍ପାଦନ, କୃଷି କ୍ଷେତ୍ରରେ ନୂତନ ସୁଯୋଗ, ଚା' ବଗିଚା ଏବଂ ସେମାନଙ୍କ ଶ୍ରମିକଙ୍କ ଅଗ୍ରଗତି ଏବଂ ପର୍ଯ୍ୟଟନ କ୍ଷେତ୍ରରେ ବୃଦ୍ଧି ପାଉଥିବା ସମ୍ଭାବନା ଉପରେ ଆଲୋକପାତ କରି କହିଛନ୍ତି ଯେ ଆସାମ ପ୍ରତ୍ୟେକ କ୍ଷେତ୍ରରେ ପ୍ରଗତି କରୁଛି। ଶ୍ରୀ ମୋଦୀ ଆଧୁନିକ ସାର କାରଖାନାକୁ ଶୁଭେଚ୍ଛା ଜଣାଇବା ସହ ଗୌହାଟୀ ବିମାନ ବନ୍ଦରରେ ନୂତନ ଟର୍ମିନାଲ ନିର୍ମାଣ ପାଇଁ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ କେନ୍ଦ୍ର ଏବଂ ରାଜ୍ୟରେ ସେମାନଙ୍କ ସରକାର ଅଧୀନରେ ଶିଳ୍ପ ଓ ସଂଯୋଗୀକରଣର ସମନ୍ୱୟ ଆସାମର ସ୍ୱପ୍ନକୁ ପୂରଣ କରି ଯୁବକମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେଉଛି ।

"୨୦୧୪ ମସିହାରେ ଦେଶ ମାତ୍ର ୨୨୫ ଲକ୍ଷ ମେଟ୍ରିକ୍ ଟନ୍ ୟୁରିଆ ଉତ୍ପାଦନ କରିଥିଲା, କିନ୍ତୁ ଆଜି ଉତ୍ପାଦନ ପ୍ରାୟ ୩୦୬ ଲକ୍ଷ ମେଟ୍ରିକ୍ ଟନରେ ପହଞ୍ଚିଛି" ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଭାରତକୁ ବାର୍ଷିକ ପ୍ରାୟ ୩୮୦ ଲକ୍ଷ ମେଟ୍ରିକ୍ ଟନ୍ ୟୁରିଆ ଆବଶ୍ୟକ ଏବଂ ସରକାର ଏହି ବ୍ୟବଧାନକୁ ପୂରଣ କରିବା ପାଇଁ ଦ୍ରୁତ ଗତିରେ କାର୍ଯ୍ୟ କରୁଛନ୍ତି। ସେ ଗୁରୁତ୍ୱାରୋପ କରିଥିଲେ ଯେ କୃଷକମାନଙ୍କ ସ୍ୱାର୍ଥ ପ୍ରତି ସରକାର ଅତ୍ୟନ୍ତ ସମ୍ବେଦନଶୀଳ। ଶ୍ରୀ ମୋଦୀ କହିଥିଲେ ଯେ ବିଦେଶରୁ ଅଧିକ ମୂଲ୍ୟରେ ଆମଦାନୀ ହେଉଥିବା ୟୁରିଆ ମଧ୍ୟ କୃଷକମାନଙ୍କ ଉପରେ ବୋଝ ପକାଇବ ନାହିଁ, କାରଣ ସେମାନଙ୍କ ସରକାର ସବସିଡି ଜରିଆରେ ଏହି ଖର୍ଚ୍ଚ ବହନ କରିଥାଏ। ସେ କହିଥିଲେ ଯେ ଭାରତୀୟ କୃଷକମାନେ ଏକ ବସ୍ତା ୟୁରିଆ ମାତ୍ର ୩୦୦ ଟଙ୍କାରେ ପାଉଥିବା ବେଳେ ସରକାର ସେହି ବସ୍ତା ପାଇଁ ଅନ୍ୟ ଦେଶକୁ ପ୍ରାୟ ୩୦୦୦ ଟଙ୍କା ଦେଉଛନ୍ତି। ସେ ରେଖାଙ୍କିତ କରିଥିଲେ ଯେ ଅବଶିଷ୍ଟ ଅର୍ଥ ସେମାନଙ୍କ ସରକାର ବହନ କରିବେ, ଯାହାଦ୍ୱାରା କୃଷକ ଭାଇ ଓ ଭଉଣୀମାନେ କୌଣସି ଆର୍ଥିକ ବୋଝର ସମ୍ମୁଖୀନ ହେବେ ନାହିଁ। ସେ ଆହୁରି ମଧ୍ୟ ୟୁରିଆ ଏବଂ ଅନ୍ୟାନ୍ୟ ସାରର ବ୍ୟବହାରକୁ ହ୍ରାସ କରି ମୃତ୍ତିକା ସୁରକ୍ଷିତ କରିବାକୁ କୃଷକମାନଙ୍କୁ ଅନୁରୋଧ କରିଥିଲେ।

ପ୍ରଧାନମନ୍ତ୍ରୀ ଭ୍ୟାଲି ଫର୍ଟିଲାଇଜର କର୍ପୋରେସନ ଲିମିଟେଡ (ବିଭିଏଫସିଏଲ୍) ର ବର୍ତ୍ତମାନର ପରିସର ମଧ୍ୟରେ ଆସାମର ଡିବ୍ରୁଗଡ଼ର ନାମରୂପ ଠାରେ ନୂତନ ବ୍ରାଉନଫିଲ୍ଡ ଆମୋନିଆ-ୟୁରିଆ ସାର ପ୍ରକଳ୍ପର ଭୂମି ପୂଜନ କରିଥିଲେ।

ପ୍ରଧାନମନ୍ତ୍ରୀଙ୍କ କୃଷକ କଲ୍ୟାଣ ଲକ୍ଷ୍ୟକୁ ଆଗକୁ ବଢ଼ାଇ, ଏହି ପ୍ରକଳ୍ପରେ ଆନୁମାନିକ ୧୦,୬୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ କରାଯାଇଛି। ଏହା ଆସାମ ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକର ସାର ଆବଶ୍ୟକତାକୁ ପୂରଣ କରିବ, ଆମଦାନୀ ନିର୍ଭରଶୀଳତାକୁ ହ୍ରାସ କରିବ, ଯଥେଷ୍ଟ ନିଯୁକ୍ତି ସୃଷ୍ଟି କରିବ ଏବଂ ଆଞ୍ଚଳିକ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବ। ଏହା ଶିଳ୍ପ ପୁନରୁଦ୍ଧାର ଏବଂ କୃଷକ କଲ୍ୟାଣର ଏକ ଆଧାରଶିଳା ଭାବେ ଉଭା ହୋଇଛି।

# ମସ୍କ ମାଲେମାଲ

ନୂଆଦିଲ୍ଲୀ: ଧନୀ ଏବେ ଆହୁରି ଧନୀ । ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ ମସ୍କଙ୍କ ସମ୍ପତ୍ତି ଆହୁରି ବୃଦ୍ଧି ପାଇଛି । ୟୁଏସ କୋର୍ଟଙ୍କ ଏକ ନିଷ୍ପତ୍ତି ମସ୍କଙ୍କୁ ମାଲାମାଲ କରିଦେଇଛି । ସେ ଇତିହାସର ପ୍ରଥମ ବ୍ୟକ୍ତି ଭାବେ ୭୦୦ ବିଲିୟନ ଡଲାର ସମ୍ପତ୍ତିର ମାଲିକ ହୋଇଛନ୍ତି । ମସ୍କଙ୍କ ଦରମାକୁ ନେଇ କୋର୍ଟଙ୍କ ଏକ ରାୟ ପରେ ଏପରି ଖବର ସାମ୍ନାକୁ ଆସିଛି । ରିପୋର୍ଟ ଅନୁସାରେ, ଗତ ସପ୍ତାହରେ ଡେଲାଓ୍ୱେର୍ କୋର୍ଟ ମସ୍କଙ୍କ ୨୦୧୮ ଦରମା ସମ୍ବନ୍ଧୀୟ ଏକ ମାମଲାରେ ରାୟ ଦେଇଥିଲେ । ଯାହା ତଳ କୋର୍ଟଙ୍କ ରାୟର ବିପରୀତ ଥିଲା । ତେବେ ଉପର କୋର୍ଟଙ୍କ ରାୟ ପରେ ମସ୍କଙ୍କ ସମ୍ପତ୍ତି ବୃଦ୍ଧି ପାଇ ୭୪୯ ବିଲିୟନ ଡଲାର ହୋଇଯାଇଛି । ଯେଉଁଥିରେ ୧୩୯ ବିଲିୟନ ଡଲାରର ଷ୍ଟକ୍ ରହିଛି । ଯାହା ପୂର୍ବରୁ ୫୬ ବିଲିୟନ ଡଲାର ରହିଥିଲା । ୨୦୧୮ରେ ମସ୍କଙ୍କୁ ଉଚ୍ଚା ଦରମା ଦେବାକୁ ଟେସଲାର ସେୟାର ହୋଲଡର୍ ସହମତି ପ୍ରକାଶ କରିଥିଲେ । କିନ୍ତୁ ରିଚାର୍ଡ ଟରନେଟାନମାକ ଜଣେ ସେୟାର ହୋଲ୍ଡର ଏହା ବିରୋଧରେ କୋର୍ଟରେ କେସ୍ କରିଥିଲେ । ଯାହାର ଶୁଣାଣି କରି କୋର୍ଟ ଦରମା ବୃଦ୍ଧି ଉପରେ ରୋକ୍ ଲଗାଇ ଦେଇଥିଲେ ।



**କଣ କହିଲେ ଉପର କୋର୍ଟ**

ଡେଲୱେର୍ କୋର୍ଟ କହିଛନ୍ତି ଯେ, ଦରମା ମାମଲାରେ ପୂର୍ବରୁ ମସ୍କଙ୍କୁ ନେଇ ଦିଆଯାଇଥିବା ରାୟ ଭୁଲ ଅଟେ । ଯାହା ସମ୍ପୂର୍ଣ୍ଣ ଭାବେ ଅନୁଚିତ । ତଳ କୋର୍ଟ ୨୦୧୮ରେ ଦରମା ବୃଦ୍ଧି ପ୍ରସଙ୍ଗକୁ ଅବିଶ୍ୱସନୀୟ କହିଥିଲେ । ଏବେ ନୂଆ ରାୟ ଆସିବା ପରେ ମସ୍କ ପୁରା ମାଲାମାଲ ହୋଇଯାଇଛନ୍ତି । ସେ ସବୁଠୁ ଧନୀ ବ୍ୟକ୍ତି ହୋଇପାରିଛନ୍ତି । ଏହାସହ ଦ୍ୱିତୀୟ ଧନୀଙ୍କ ଠାରୁ ମସ୍କଙ୍କ ସମ୍ପତ୍ତି ଢେର ଅଧିକ ।

**ସବୁଠୁ ବଡ ଦରମା**

ନଭେମ୍ବରରେ ଟେସଲା ସେୟାରହୋଲ୍ଡର ମାନେ ମସ୍କଙ୍କୁ ୧ ଟ୍ରିଲିୟନ ଡଲାରର ଦରମାକୁ ମଞ୍ଜୁରି ପ୍ରଦାନ କରିଥିଲେ । ମସ୍କଙ୍କ ଅନେକ ଯୋଜନାକୁ ସେମାନେ ସମର୍ଥନ କରିଥିଲେ । କେବଳ ଇଲେକ୍ଟ୍ରିକାଲ୍ ନୁହେଁ ବରଂ ରୋବୋଟିକ୍ସ ମାମଲାରେ ସବୁଠୁ ଆଗରେ ବୋଲି କହିଥିଲେ ।

# ଜୋହାନ୍ସବର୍ଗରେ ଆଖିବୁଜା ଗୁଳିମାଡ଼, ୧୦ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ: ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗ ନିକଟବର୍ତ୍ତୀ ଏକ ଟାଉନସିପ୍ ଅଞ୍ଚଳରେ ଆଖିବୁଜା ଗୁଳିମାଡ଼। ଏଥିରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ରବିବାର ଜୋହାନ୍ସବର୍ଗ ନିକଟବର୍ତ୍ତୀ ବେକର୍ସଡାଲ୍ ଅଞ୍ଚଳରେ ବନ୍ଧୁକଧାରୀମାନେ ହଠାତ୍ ଗୁଳି ଚଳାଇଥିଲେ। ପୋଲିସ ଅନୁଯାୟୀ, ଜୋହାନ୍ସବର୍ଗର ଉପକଣ୍ଠରେ ଥିବା ଏକ ଟାଉନସିପ ଏହି ଆକ୍ରମଣ ଘଟିଥିଲା। ଆକ୍ରମଣକାରୀମାନେ ପଛରୁ ପଦଚାରୀଙ୍କ ଉପରେ ଗୁଳି ଚଳାଇଥିଲେ। ଏହି ମାସରେ ଦକ୍ଷିଣ ଆଫ୍ରିକାରେ ଏହା ଦ୍ୱିତୀୟ ବଡ଼ ଗଣ ଗୁଳିକାଣ୍ଡ। ଗୌଟେଙ୍ଗ ପ୍ରଦେଶର ପୋଲିସ ମୁଖପାତ୍ର ବ୍ରିଗେଡିଆର ବ୍ରେଣ୍ଡା ମୁରିଡିଲି କହିଛନ୍ତି, "୧୦ ଜଣଙ୍କର ମୃତ୍ୟୁ ହୋଇଛି। ଆମ ପାଖରେ ପୀଡିତଙ୍କ ବିଷୟରେ ଏପର୍ଯ୍ୟନ୍ତ ବିବରଣୀ ନାହିଁ। ପୋଲିସ କହିଛି ଯେ କିଛି ଲୋକଙ୍କୁ ରାସ୍ତାରେ ଯାଉଥିବା ସମୟରେ ଆକ୍ରମଣକାରୀମାନେ ଗୁଳି କରିଥିଲେ। ଆକ୍ରମଣ ପଛର ଉଦ୍ଦେଶ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଦେଶର ପ୍ରମୁଖ ସୁନା ଖଣି ମଧ୍ୟରୁ ଗୋଟିଏ ନିକଟବର୍ତ୍ତୀ ଏକ ଗରିବ ପଡ଼ୋଶୀ ବେକର୍ସଡାଲ ଅଞ୍ଚଳର ଏକ ବାର୍ ନିକଟରେ ଗୁଳିକାଣ୍ଡ ଘଟିଥିଲା। ପୋଲିସ ଏହା ମଧ୍ୟ କହିଛି ଯେ ଗୁଳିକାଣ୍ଡ ସ୍ଥାନରେ ଅବୈଧ ମଦ ବିକ୍ରି ହେଉଥିଲା। ଆହତମାନଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ସେମାନେ ଚିକିତ୍ସା ପାଉଛନ୍ତି। ପୋଲିସ ସେହି ଅଞ୍ଚଳକୁ ଘେରାବନ୍ଦୀ କରି ଆକ୍ରମଣକାରୀଙ୍କ ପାଇଁ ତଲାସି ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ଡିସେମ୍ବର 6 ତାରିଖରେ, ବନ୍ଧୁକଧାରୀମାନେ ଦକ୍ଷିଣ ଆଫ୍ରିକାର ରାଜଧାନୀ ପ୍ରିଟୋରିଆ ନିକଟରେ ଏକ ହଷ୍ଟେଲରେ ଆକ୍ରମଣ କରିଥିଲେ। ସେହି ଘଟଣାରେ, ଏକ ତିନି ବର୍ଷର ଶିଶୁ ସମେତ 12 ଜଣଙ୍କର ମୃତ୍ୟୁ ହୋଇଥିଲା।

# ଭୋଟ ପାଇଁ ନିଜ ନେତାଙ୍କୁ ମାରିଦେଲେ

ନୂଆଦିଲ୍ଲୀ: ଭାରତ ବିରୋଧୀ ଛାତ୍ର ନେତା ସରିଫ ଉସମାନ ହାଦିଙ୍କ ମୃତ୍ୟୁ ପରେ ବାଂଲାଦେଶରେ ଉତ୍ତେଜନା ଦେଖାଦେଇଛି । ହାଦିଙ୍କ ହତ୍ୟାକାରୀମାନଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ। ହାଦିଙ୍କ ମୃତ୍ୟୁ ପରେ, ବାଂଲାଦେଶର ରାଜଧାନୀ ଢାକା ଏବଂ ଅନ୍ୟାନ୍ୟ ସହରରେ ହିଂସା ଦେଖାଦେଇଥିଲା । ଅନେକ ଅଞ୍ଚଳରେ ଭିଡ଼ ବ୍ୟାପକ ପୋଡ଼ାଜଳା କରିଥିଲା। ଯଦିଓ ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାର ସଂଯମତା ପାଇଁ ନିବେଦନ କରିଛନ୍ତି, ତଥାପି ପରିବେଶ ଉତ୍ତେଜନାପୂର୍ଣ୍ଣ ରହିଛି।

ଏହାରି ମଧ୍ୟରେ, ପୂର୍ବତନ ଭାରତୀୟ RAW ଏଜେଣ୍ଟ ଲକି ବିଷ୍ଟ ଏକ ଆଶ୍ଚର୍ଯ୍ୟଜନକ ଦାବି କରିଛନ୍ତି। ସେ କହିଛନ୍ତି ଯେ, ଜମାତ-ଏ-ଇସଲାମି ନେତା ୟୁନୁସ ଖାନ ଏବଂ ISI ଯେକୌଣସି ସୀମାକୁ ଯିବାକୁ ପ୍ରସ୍ତୁତ। ସେମାନେ ନିର୍ବାଚନ ଜିତିବା ପାଇଁ ଏବଂ ଆୱାମୀ ଲିଗ୍ ଓ ଭାରତ ବିରୁଦ୍ଧରେ ଘୃଣା ପ୍ରସାର କରିବା ପାଇଁ ନିଜ ନେତାମାନଙ୍କୁ ମଧ୍ୟ ହତ୍ୟା କରନ୍ତି। ସେ କହିଛନ୍ତି ଯେ, ହାଦିଙ୍କ ମୃତ୍ୟୁ ଘଟଣାସ୍ଥଳେ ହୋଇଥିଲା, କିନ୍ତୁ ବାଂଲାଦେଶୀ ସରକାର ତାଙ୍କ ମୃତଦେହକୁ ଦେଖାଇବା ପାଇଁ ସିଙ୍ଗାପୁର ପଠାଇଥିଲେ। ସେ ଜଣେ ବାଂଲାଦେଶୀ ଅଧିକାରୀଙ୍କ ଭିଡିଓ ମଧ୍ୟ ଦେଖାଇଛନ୍ତି । ଯେଉଁଥିରେ ଅଧିକାରୀଜଣଙ୍କ କହୁଛନ୍ତି, ପିଲାଟିକୁ ବଳି କା ବକରା କରିଦିଆଗଲା ।

ସେ କହିଛନ୍ତି ଯେ, ଯଦି ବାଂଲାଦେଶର ଲୋକମାନେ ସେମାନଙ୍କ ବର୍ତ୍ତମାନର ସରକାରଙ୍କ ଚତୁରତାକୁ ବୁଝି ନପାରନ୍ତି, ତେବେ ପାକିସ୍ତାନ ପୁଣି ଥରେ ବାଂଲାଦେଶକୁ ନିଜ ସହିତ ମିଶାଇଦେବ। ବାଂଲାଦେଶର ଲୋକମାନେ ବୁଝିବା ଉଚିତ ଯେ, ନିର୍ବାଚନ ପୂର୍ବରୁ କୌଣସି ଦଳ ନିଜ ବିରୋଧୀ ଦଳର ନେତାଙ୍କୁ ହତ୍ୟା କରେ ନାହିଁ । ଏହା ପଛରେ ଏକ ଷଡ଼ଯନ୍ତ୍ର ରହିଛି।

ସୂଚନାଯୋଗ୍ୟ, ଡିସେମ୍ବର ୧୨ ରେ କେନ୍ଦ୍ରୀୟ ଢାକାର ବିଜୟନଗର ଅଞ୍ଚଳରେ ମୁଖାପିନ୍ଧା ବନ୍ଧୁକଧାରୀମାନେ ଇନକିଲାବ ମଞ୍ଚର ମୁଖପାତ୍ର ହାଦିଙ୍କ ମୁଣ୍ଡକୁ ଗୁଳି କରିଥିଲେ । ସେ ତାଙ୍କର ନିର୍ବାଚନ ପ୍ରଚାର କରୁଥିଲେ। ପରେ, ସିଙ୍ଗାପୁରରେ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ହାଦି ଶେଖ ହାସିନାଙ୍କ ବିରୋଧୀ ନେତା ଭାବରେ ବାଂଲାଦେଶରେ ପ୍ରସିଦ୍ଧ ଥିଲେ।ଜଣେ ବିଶେଷଜ୍ଞ କହିଛନ୍ତି ଯେ, ଉସମାନ ହାଦିଙ୍କ ମୃତ୍ୟୁ ପରେ ପାକିସ୍ତାନ ଏବଂ ଜମାତ-ଏ-ଇସଲାମି ସମର୍ଥିତ ଉଗ୍ରବାଦୀମାନେ ଯେଉଁ ହିଂସା ସୃଷ୍ଟି କରିଛନ୍ତି ତାହା ଫେବୃଆରୀ ନିର୍ବାଚନକୁ ବିଳମ୍ବିତ କରିବା ପାଇଁ ଏକ ସୁଚିନ୍ତିତ ଚକ୍ରାନ୍ତ। ମହମ୍ମଦ ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ସରକାରର ବିଫଳତାକୁ ଲୁଚାଇବା ପାଇଁ ଭାରତକୁ ମିଛରେ ଦାୟୀ କରାଯାଉଛି । ୟୁନୁସ ସରକାର ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ଲାଗି ଆବଶ୍ୟକ ଆଇନ ଶୃଙ୍ଖଳା ବଜାୟ ରଖିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି।

## ବିଶାଖାପାଟଣାରେ ଦୁଇ ଦିନିଆ ପେସା ମହୋତ୍ସବର ଭବ୍ୟ ଆୟୋଜନ

ବିଶାଖାପଟନମ୍: ପଞ୍ଚାୟତ (ଅନୁସୂଚିତ ଅଞ୍ଚଳକୁ ସମ୍ପ୍ରସାରଣ) ଆଇନ-୧୯୯୬ ପ୍ରଣୟନର ବାର୍ଷିକୀ ଉପଲକ୍ଷେ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଡିସେମ୍ବର ୨୩ ଓ ୨୪, ୨୦୨୫ରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଦୁଇଦିନିଆ 'ପେସା ମହୋତ୍ସବ ଲୋକ ସଂସ୍କୃତି କା' ଆୟୋଜନ କରାଯାଉଛି । ପେସା ଆଇନର ବାର୍ଷିକୀ ପାଳନ ପାଇଁ ଡିସେମ୍ବର ୨୪ରେ "ପେସା ଦିବସ" ମଧ୍ୟ ପାଳନ କରାଯିବ। ଆନ୍ଧ୍ରପ୍ରଦେଶ ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ଏବଂ ପଞ୍ଚାୟତିରାଜ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ କୋନିଡାଲା ପବନ କଲ୍ୟାଣ ଏହି ମହୋତ୍ସବକୁ ଉଦଘାଟନ କରିବେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟର ସଚିବ ବିବେକ ଭରଦ୍ୱାଜ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ପଞ୍ଚାୟତ ପ୍ରତିନିଧି, ଖେଳାଳୀ ଏବଂ ସାଂସ୍କୃତିକ କଳାକାରଙ୍କ ସମେତ ସମସ୍ତ ୧୦ଟି ପେସା ରାଜ୍ୟରୁ ପ୍ରାୟ ୨୦୦୦ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗଦେବାର ଆଶା କରାଯାଉଛି।୨୪ ଡିସେମ୍ବର ୨୦୨୫ରେ ପେସା ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ । ଏସବୁ ମଧ୍ୟରେ ରହିଛି ପେସା ସମ୍ପର୍କରେ ସୂଚନା ପ୍ରଦାନ ଓ ତଦାରଖ ପାଇଁ ପେସା ପୋର୍ଟାଲ, ବିଭିନ୍ନ ରାଜ୍ୟରେ ପେସାର କାର୍ଯ୍ୟାନ୍ୱୟନର ସ୍ଥିତି ତଦାରଖ ପାଇଁ ପେସା ଇଣ୍ଡିକେଟର, ତୃଣମୂଳ ସ୍ତରରେ ସଚେତନତା ବୃଦ୍ଧି ଓ କ୍ଷମତା ନିର୍ମାଣ ପାଇଁ ଜନଜାତୀୟ ଭାଷାରେ ପେସା ତାଲିମ ପାଠ୍ୟକ୍ରମ । ଏହା ସହିତ ହିମାଚଳ ପ୍ରଦେଶର କିନୌର ଜିଲ୍ଲା ଉପରେ ଏକ ଇ-ପୁସ୍ତିକା ଉନ୍ମୋଚନ ହେବ, ଯେଉଁଥିରେ ଏହି ଜିଲ୍ଲାର ପାରମ୍ପରିକ ଜ୍ଞାନ, ସଂସ୍କୃତି ଓ ପରମ୍ପରା ସଂପର୍କରେ ଉଲ୍ଲେଖ ରହିବ ।

# ୧୬ ବର୍ଷ ପୁରୁଣା ମାମଲାର ପର୍ଦ୍ଦାଫାସ : ସିରିଏଲରେ ପିଷ୍ଟ ଗିରଫ

ମୁମ୍ବାଇ: ମୁମ୍ବାଇରେ ଏକ ୧୬ ବର୍ଷ ପୁରୁଣା ଦୁଷ୍କର୍ମ ମାମଲାର ପର୍ଦ୍ଦାଫାସ ହୋଇଛି। ପୋଲିସ ଡିସେମ୍ବର ୧୩ ତାରିଖରେ ଅଭିଯୁକ୍ତ ମହେଶ ପାୱାରକୁ ଗିରଫ କରିଛି । ମାମଲା ସଂପର୍କରେ ବିସ୍ତୃତ ସୂଚନା ରବିବାର ପ୍ରକାଶ ପାଇଛି। ସମ୍ବାଦ ସରବରାହ ସଂସ୍ଥା ପିଟିଆଇ ଅନୁଯାୟୀ, ପୀଡିତା ବଧିର ଏବଂ ମୂକ । ସେ କହିପାରନ୍ତି ନାହିଁ କିମ୍ବା ଶୁଣିପାରନ୍ତି ନାହିଁ। ପୋଲିସର କହିବା ଅନୁଯାୟୀ, ଘଟଣାଟି ୨୦୦୯ ମସିହାରେ ଘଟିଥିଲା । ସେତେବେଳେ ପୀଡିତା ନାବାଳିକା ଥିଲେ। ସେ ବର୍ତ୍ତମାନ ବିବାହିତ ଏବଂ ମୁମ୍ବାଇରେ ରୁହନ୍ତି। ତଦନ୍ତ ସମୟରେ ଜଣାପଡିଥିଲା ଯେ, ତାଙ୍କ ବ୍ୟତୀତ ଅନେକ ନାବାଳିକା ଅଭିଯୁକ୍ତର ନିର୍ଯାତନାର ଶିକାର ହୋଇଥିଲେ । ଅଭିଯୁକ୍ତ ଜଣେ ସିରିଏଲ ରେପିଷ୍ଟ । ତାର ଟାର୍ଗେଟରେ ବଧିର ଏବଂ ମୂକ ନାବାଳିକା ଥିଲେ । ପୋଲିସ ଅନୁଯାୟୀ, ପ୍ରାରମ୍ଭିକ ତଦନ୍ତରେ ୭ ଜଣ ମହିଳାଙ୍କ ଶୋଷଣର ପ୍ରମାଣ ମିଳିଛି । କିନ୍ତୁ ପୀଡିତାଙ୍କ ସଂଖ୍ୟା ୨୪ ରୁ ଅଧିକ ହୋଇପାରେ। ଅଭିଯୁକ୍ତ ମହିଳାଙ୍କୁ ନଗ୍ନ ଭିଡିଓ କଲ୍ କରିବାକୁ ବାଧ୍ୟ କରିଥିଲା ଏବଂ ବ୍ଲାକମେଲ୍ କରୁଥିଲା । ନିକଟରେ ପୀଡିତାଙ୍କ ଜଣେ ମୂକ ଏବଂ ବଧିର ବନ୍ଧୁ ଅଭିଯୁକ୍ତ ପାୱାର ଦ୍ୱାରା ହଇରାଣ ହେବା ପରେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ। ପାୱାର ତାଙ୍କୁ ଦୀର୍ଘ ସମୟ ଧରି ଦୁଷ୍କର୍ମ କରିଆସୁଥିଲା । ପୀଡ଼ିତା ମାନସିକସ୍ତରରେ ଭାଙ୍ଗିପଡ଼ିବା ପରେ, ଶେଷରେ ଏହି ଘଟଣା ସାରା ବିଶ୍ୱକୁ ଜଣାଇବାକୁ ସ୍ଥିର କରିଥିଲେ ।

ପୋଲିସର ସୂଚନା ଅନୁଯାୟୀ, ସେ ଏକ ହ୍ୱାଟସଆପ୍ ଗ୍ରୁପରେ ତାଙ୍କ ବନ୍ଧୁ ଏବଂ ସହକର୍ମୀଙ୍କୁ ଭିଡିଓ କଲ କରିଥିଲେ। ଭିଡିଓ କଲ୍ ସମୟରେ ସେ ସାଙ୍କେତିକ ଭାଷା (ହାତ, ଶରୀର ଏବଂ ମୁହଁର ଭାବ) ମାଧ୍ୟମରେ ଯୋଗାଯୋଗ କରିଥିଲେ ଏବଂ ବୁଝାଇଥିଲେ ଯେ, ସେ ଗତ ୧୬ ବର୍ଷ ଧରି ମାନସିକ ଆଘାତ ସହିତ ବଞ୍ଚୁଛନ୍ତି।

ତଦନ୍ତରୁ ଜଣାପଡିଛି ଯେ, ଅଭିଯୁକ୍ତ ଶୁଣି ପାରୁନଥିବା ଅନେକ ମହିଳାଙ୍କୁ ନିଶା ଔଷଧ ଦେଇ ଦୁଷ୍କର୍ମ କରିଥିଲା । ଅଶ୍ଳୀଳ ଭିଡିଓ ସୁଟ୍ କରି, ଚୁପ୍ ରହିବାକୁ ଧମକ ଦେଇଥିଲା ।ପୋଲିସ କହିଛି ଯେ, ଅଭିଯୁକ୍ତ ଏହି ଭିଡିଓ ମାଧ୍ୟମରେ ମହିଳାମାନଙ୍କଠାରୁ ଟଙ୍କା, ସୁନା ଏବଂ ମୋବାଇଲ୍ ଫୋନ୍ ଆଦାୟ କରୁଥିଲା। ସେ ସେମାନଙ୍କୁ ନଗ୍ନ ଭିଡିଓ କଲ୍ କରିବାକୁ ବାଧ୍ୟ କରୁଥିଲା ଏବଂ ବ୍ଲାକମେଲ୍ କରିବା ପାଇଁ ସେଗୁଡ଼ିକୁ ନିଜ ଫୋନରେ ରଖୁଥିଲା ।

ପୀଡିତା ତାଙ୍କ ସ୍ୱାମୀଙ୍କୁ ମଧ୍ୟ ଘଟଣା ବିଷୟରେ ଜଣାଇଥିଲେ। ଏହାପରେ ସେ ଥାନେ ବଧିର ସଂଘର ସଭାପତି ବୈଭବ ଘୈସିସ୍, ସାଙ୍କେତିକ ଭାଷା ଅନୁବାଦକ ମଧୁ କେନି ଏବଂ ଅନ୍ୟାନ୍ୟ ସାମାଜିକ କର୍ମୀଙ୍କ ସହିତ ପୋଲିସରେ ଅଭିଯୋଗ କରିଥିଲେ। ଏବେ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ପୋଲିସ ମାମଲାରେ ଅଧିକ ତଦନ୍ତ କରୁଛି ।

# ସଂଘକୁ ବିଜେପି ଚଷମାରୁ ଦେଖିବା ଉଚିତ୍ ନୁହେଁ

କୋଲକାତା: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ କହିଛନ୍ତି ଯେ, ସଂଘର ତୁଳନା କିମ୍ବା ଭୁଲ ବ୍ୟାଖ୍ୟା କରିବା ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ। କୋଲକାତାରେ ଆରଏସଏସର ୧୦୦ତମ ବ୍ୟାଖ୍ୟାନ ଶୃଙ୍ଖଳାରେ ଭାଷଣ ଦେଇ ସେ ସ୍ପଷ୍ଟ କରିଛନ୍ତି ଯେ, ସଂଘ ଏକ ସାଧାରଣ ସେବା ସଂଗଠନ ନୁହେଁ କିମ୍ବା ଏହାକୁ ବିଜେପିର ଦୃଷ୍ଟିକୋଣରୁ ଦେଖିବା ଉଚିତ୍ ନୁହେଁ।

**ଆରଏସଏସର ମୂଳ ଉଦ୍ଦେଶ୍ୟ**

ଆରଏସଏସର ପ୍ରତିଷ୍ଠାର ଉତ୍ତର ଗୋଟିଏ ବାକ୍ୟରେ ଦିଆଯାଇପାରିବ ତାହା ହେଉଛି ଭାରତ ମାତା କି ଜୟ। ଏଠାରେ, ଭାରତ କେବଳ ଏକ ଦେଶ ନୁହେଁ, ବରଂ ଏକ ଅନନ୍ୟ ନୀତି ଏବଂ ପରମ୍ପରା। ଆମର ଲକ୍ଷ୍ୟ ହେଉଛି



ସେହି ପରମ୍ପରାକୁ ବଜାୟ ରଖିବା ଏବଂ ଭାରତକୁ ପୁଣି ଥରେ ବିଶ୍ୱ ଗୁରୁ କରିବା ପାଇଁ ସମାଜକୁ ପ୍ରସ୍ତୁତ କରିବା।

ସେ ଜୋର ଦେଇ କହିଛନ୍ତି ଯେ, RSS କୌଣସି ରାଜନୈତିକ ଉଦ୍ଦେଶ୍ୟ, ପ୍ରତିଯୋଗିତା କିମ୍ବା ବିରୋଧରୁ ଜନ୍ମ ନେଇନାହିଁ। RSS ହିନ୍ଦୁ ସମାଜର ସଂଗଠନ, ଉନ୍ନତି ଏବଂ ସୁରକ୍ଷା ପାଇଁ ସମର୍ପିତ।

ମୋହନ ଭାଗବତ ଡିସେମ୍ବର ୧୮ ତାରିଖରେ ତାଙ୍କର ଚାରି ଦିନିଆ ପଶ୍ଚିମବଙ୍ଗ ଗସ୍ତ ଆରମ୍ଭ କରିଥିଲେ। ରାଜନୈତିକ ବିଶ୍ଳେଷକମାନଙ୍କ ଅନୁସାରେ ଭାଗବତଙ୍କ ପଶ୍ଚିମବଙ୍ଗ ଗସ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ରାଜ୍ୟରେ ଆଗାମୀ ବର୍ଷ ବିଧାନସଭା ନିର୍ବାଚନ ହେବ। ସଂଘକୁ ବୁଝାଇବା ପାଇଁ ଇତିହାସର ଉଦାହରଣ

ଐତିହାସିକ ପରିପ୍ରେକ୍ଷୀରେ କହିବାକୁ ଗଲେ, ଭାଗବତ କହିଛନ୍ତି ଯେ, ସୁଭାଷ ଚନ୍ଦ୍ର ବୋଷଙ୍କ ମୃତ୍ୟୁ ପରେ ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ ଶେଷ ହୋଇଥିଲା। ତଥାପି, ରାଜା ରାମ ମୋହନ ରାୟଙ୍କ ସମୟରୁ ଆରମ୍ଭ ହୋଇଥିବା ସାମାଜିକ ସଂସ୍କାର ପ୍ରକ୍ରିୟା ଏକ ନିରନ୍ତର ଲହରୀ ଥିଲା। ଭାଗବତ ଏହାକୁ ସମୁଦ୍ରର ଏକ ଦ୍ୱୀପ ସହିତ ତୁଳନା କରି ଏହା ଗତିଶୀଳ ରହିଥିବା କହିଛନ୍ତି।

ସମାଜକୁ ମଜବୁତ କରିବାକୁ ପଡ଼ିବ ମୋହନ ଭାଗବତ ସଂଘର ଗୁରୁତ୍ୱ ଏବଂ ଦେଶର ଶକ୍ତି ଏବଂ ବିଶ୍ୱ ଭୂମିକା ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ, ଭାରତର ଏକ ମହାନ ଐତିହ୍ୟ ଅଛି ଏବଂ ବିଶ୍ୱର ନେତୃତ୍ୱ ନେବା ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ। ଅତୀତରେ, ଆମେ ବ୍ରିଟିଶମାନଙ୍କ ବିରୋଧରେ ଯୁଦ୍ଧ ହାରିଥିଲୁ, କିନ୍ତୁ ଏବେ ଆମକୁ ଆମ ସମାଜକୁ ସୁଦୃଢ଼ କରିବାକୁ ପଡିବ ବୋଲି ସେ ଆହ୍ୱାନ ଦେଇଥିଲେ।

# ଭାରତର ଏସିଆ କପ୍ ସ୍ୱପ୍ନ ଚୁରମାର

ଦୁବାଇ, ୨୧।୧୨(ଏଜେନ୍ସି) : ପାକିସ୍ତାନ ବିପକ୍ଷ ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ଭାରତ ନୈରାଶ୍ୟଜନକ ପ୍ରଦର୍ଶନ ଦେଖାଇଛି। ପାକିସ୍ତାନର ଶକ୍ତିଶାଳୀ ବ୍ୟାଟିଂ ଓ ଘାତକ ବୋଲିଂ ଆଗରେ ଭାରତ ଆତ୍ମ ସମର୍ପଣ କରିବା ସହ ଚାମ୍ପିଅନ ହେବାର ସ୍ୱପ୍ନ ଚୁରମାର ହୋଇଯାଇଛି। ରବିବାର ଦୁବାଇର ଆଇସିସି ଏକାଡେମୀ ରାଉଣ୍ଡରେ ଭାରତ ଓ ପାକିସ୍ତାନ ମଧ୍ୟରେ ୧୯ ବର୍ଷରୁ କମ୍ ଏସିଆ କପ୍ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଟସ୍ ହାରି ପ୍ରଥମ ବ୍ୟାଟିଂ କରି ପାକିସ୍ତାନ ୩୪୭ ରନ୍‌ର ବିଶାଳ ସ୍କୋର କରିଥିଲା। ଭାରତ ଏହି ବିଜୟ ଲକ୍ଷ୍ୟକୁ ପିଛା କରି ୨୬.୨ ଓଭରରେ ୧୫୬ ରନ୍ କରି ଅଲଆଉଟ୍ ହୋଇଥିଲା। ଭାରତର ବୈଭବ ସୂର୍ଯ୍ୟବଂଶୀ, ଆୟୁଷ ମହାତ୍ରେ , ଆରୋନ ଜର୍ଜ ଓ ଅଭିଜ୍ଞାନ କୁଣ୍ଡୁଙ୍କ ଭଳି ଷ୍ଟାର୍କ ବ୍ୟାଟର ଏକଦମ୍ ଖରାପ ପ୍ରଦର୍ଶନ କରିଥିଲେ। ୩୪୮ ରନ୍‌ର ଟାର୍ଗେଟକୁ ପିଛା କରି ଭାରତ ଆରମ୍ଭରୁ ଟି -୨୦ ଭଳି ଫର୍ମାଟ ଭଳି ବ୍ୟାଟିଂ କରିଥିଲା।




ବୈଭବ ୧୦ ବଲରୁ ୨୬ ରନ୍‌ର ଇନିଂସ ଖେଳିଥିଲେ। ଆୟୁଷ ମାତ୍ର ୭ ବଲ ଖେଳି ୨ ରନ୍ କରି ଆଉଟ୍ ହୋଇଥିଲେ । ଫଳରେ ଭାରତ ୨.୨ ଓଭରରେ ୩୨ ରନର ସ୍କୋରରେ ୨ ୱିକେଟ୍ ହରାଇଥିଲା। ଏହାପରେ ପର୍ଯ୍ୟାୟକ୍ରମେ ଭାରତୀୟ ବ୍ୟାଟର ପଡିଆକୁ ଆସି ପାଭିଲିୟନ ଫେରିଥିଲେ। ବିହାନ ମାଲହୋତ୍ରା ଓ ବେଦାନ୍ତ ତ୍ରିବେଦୀଙ୍କ ୱିକେଟ୍ ଶୀଘ୍ର ଝଡିବାରୁ ଭାରତ ୧୦ ଓଭର ସୁଦ୍ଧା ୬୮ ରନ୍ କରି ୫ ୱିକେଟ୍ ହରାଇଥିଲା। ଏହା ପରେ କନିଷ୍କ ଚୌହ୍ୱାନ ଓ ଅଭିଜ୍ଞାନ କୁଣ୍ଡୁ ଦୁହେଁ ମିଶି ଇନିଂସକୁ ଆଗେଇ ନେଇଥିଲେ। ୧୨.୩ ଓଭରରେ ଦଳୀୟ ସ୍କୋର ୮୩ ରନ୍ ବେଳେ ଷଷ୍ଠ ୱିକେଟ୍ ଝଡିଥିଲା। ପରେ ପରେ କନିଷ୍କ ଚୌହ୍ୱାନ ଖିଲଣ ପଟେଲ ଓ ହେନିଲ ପଟେଲ୍ ଶୀଘ୍ର ଆଉଟ୍ ହୋଇଥିଲେ। ଏହି ଦୃଷ୍ଟିରୁ ଭାରତ ୨୬.୨ ଓଭରରେ ୧୫୬ ରନ୍ କରି ଅଲଆଉଟ ହୋଇଥିଲା। ଏହି ମ୍ୟାଚରେ ପାକିସ୍ତାନ ୧୯୧ ରନ୍‌ର ବଡ ବ୍ୟବଧାନରେ ବିଜୟ ହାସଲ କରି ପାକିସ୍ତାନ ୧୯ ବର୍ଷରୁ ଏସିଆ କପ୍ ଟ୍ରଫି ଟେକି ଧରିଛି। ପାକିସ୍ତାନ ଅଲି ରାଜ ୪ ଟି , ମହମ୍ମଦ ସୟମ, ଅବଦୁଲ ସୁଭନ୍ ଓ ହୋଜିଫା ଏହସାନ ଦୁଇଟି କରି ୱିକେଟ୍ ସଫଳାତା ହାସଲ କରିଥିଲେ।

ପାକିସ୍ତାନ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା। ଭାରତ ବିପକ୍ଷରେ ବିଶାଳ ୩୪୭ ରନ୍ କରିଥିଲା ପାକିସ୍ତାନ। ଦଳ ପକ୍ଷରୁ ସମୀର ମିନହାସ ୧୩ ବଲରୁ ୧୭୨ ରନ୍‌ର ଇନିଂସ ଖେଳିଥିଲେ। ଯାହା ଫଳରେ ପାକିସ୍ତାନ ଦଳ ଭାରତକୁ ୩୪୮ ରନର ଟାର୍ଗେଟ ଦେଇପାରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଉସ୍ମାନ ଖାନ୍ ୩୫, ଅହମ୍ମଦ ହୁସେନ୍ ୫୬, ଅଧିନାୟକ ଫରହାନ୍ ୟୁସୁଫ ୧୯, ନକିବ ସାତ୍ତ୍ୱିକ ୧୨ ଓ ମହମ୍ମଦ ସୟମ ୧୩ ରନ୍ କରିଥିଲେ। ଭାରତ ଦୀପେଶ ଦେବେନ୍ଦ୍ରନ ୩ ଟି, ହେନିଲ ପଟେଲ ଓ ଖିଲାନ ପଟେଲ ଦୁଇଟି କରି ତଥା କନିଷ୍କ ଚୌହ୍ୱାନଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା। ପାକିସ୍ତାନର ସମୀର ମିନହାସଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ୍ ଏବଂ ପ୍ଲେୟାର ଅଫ ଦ ସିରିଜ୍ ବିବେଚିତ କରାଯାଇଥିଲା। ସେ ଫାଇନାଲରେ ୧୭୨ ରନ୍ ଓ ଟୁର୍ଣ୍ଣାମେଣ୍ଟରେ ୪୭୧ ରନ୍ କରିଥିଲେ।

# ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଆକ୍ୱାଟିକ ଚାମ୍ପିଅନସିପ୍

## ଚତୁର୍ଥ ଦିନ ସନ୍ତରଣରେ କିଟ୍ ପ୍ରତିଯୋଗୀଙ୍କ ସଫଳତା

## ମହିଳା ଭଲିବଲ ଦଳକୁ ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ କ୍ରୀଡା ଯୋଗ୍ୟତା

ଭୁବନେଶ୍ୱର, ୨୧।୧୨(ସବ୍ୟୁ) : ସର୍ବଭାରତୀୟ ଆନ୍ତଃବିଶ୍ୱ ବିଦ୍ୟାଳୟ ଆକ୍ୱାଟିକ ଚାମ୍ପିଅନସିପରେ କିଟ୍ ପ୍ରତିଯୋଗୀଙ୍କ ପ୍ରଦର୍ଶନ ଜମାଣିଆ ରହିଛି। ସନ୍ତରଣକାରୀଙ୍କ ବ୍ୟତୀତ ମହିଳା ଭଲିବଲ ଦଳ ମଧ୍ୟ ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡା ଯୋଗ୍ୟତା ଅର୍ଜନ କରିଛି। ଆନ୍ତର୍ବିଶ୍ୱ ବିଦ୍ୟାଳୟ ମହିଳା ଭଲିବଲ ଚାମ୍ପିଅନସିପ୍ ଚେନ୍ନାଇର ଏସ୍ଆରଏମ୍ ବିଶ୍ୱବିଦ୍ୟାଳୟ ପରିସରରେ ଖେଳାଯାଉଛି। ୨୧ ରୁ ୨୪ ତାରିଖ ପର୍ଯ୍ୟନ୍ତ ଖେଳାଯାଉଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିନ କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଦଳ ଉଚ୍ଚକୋଟିର ବିଜୟ ଲାଭ କରି ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡା ଯୋଗ୍ୟତା ଅର୍ଜନ କରିଛି। ପ୍ରଥମ ମ୍ୟାଚରେ କିଟ୍ ୩-୦ ବ୍ୟବଧାନରେ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ଦ୍ୱିତୀୟ ମ୍ୟାଚରେ କିଟ୍ ମହିଳା ଦଳ ୩-୨ ସେଟ୍‌ରେ ଭେଲ୍ସ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। କ୍ରମାଗତ ଦୁଇଟି ବିଜୟ ଯୋଗୁଁ କିଟ୍ ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ କ୍ରୀଡା ଯୋଗ୍ୟତା ଅର୍ଜନ କରିଛି। ଚତୁର୍ଥ ଦିନ କିଟ୍ ସନ୍ତରଣକାରୀ ଜମାଣିଆ ପ୍ରଦର୍ଶନ ଦେଖାଇ ପଦକ ନିଶ୍ଚିତ କରିଛନ୍ତି। ଦିବ୍ୟଙ୍କା ପ୍ରଧାନ ୨୦୦ ମିଟର ବଟରଫ୍ଲାଏରେ ଷଷ୍ଠ ସ୍ଥାନ ଅଧିକାର କରିବା ସତ୍ତ୍ୱେ ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟର ଯୋଗ୍ୟତା ଅର୍ଜନ କରିଛନ୍ତି। ୫୦ ମିଟର ଫ୍ରିଷ୍ଟାଇଲରେ ନାଳବଳା ଘୋଷ ବ୍ରୋଞ୍ଜ ପଦକ ସହ ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ କ୍ରୀଡା ଯୋଗ୍ୟତା ଅର୍ଜନ



କରିଛନ୍ତି। ୪ ଗୁଣା ୧୦୦ ମିଟର ମିଡଲେରିଲେ ଦଳ ୨:୩୯.୮୯ ସେକେଣ୍ଡ ସହ ଚତୁର୍ଥ ସ୍ଥାନ ଅଧିକାର କରି ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ କ୍ରୀଡା ଯୋଗ୍ୟତା ଅର୍ଜନ କରିଛନ୍ତି। କିଟ୍-କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ପ୍ରତିଯୋଗୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି।

# ଅରାତି ବିଜୟ ମହାନ୍ତି ସ୍ମାରକୀ ଚେସ୍ ଉଦ୍‌ଯାପିତ



ଭୁବନେଶ୍ୱର, ୨୧।୧୨(ସବ୍ୟୁ) : ଓଡିଶା ରାଜ୍ୟ ଚେସ୍ ସଂଘ ପ୍ରୟାସ ଚେସ୍ ଏକାଡେମୀର ମିଳିତ ଆନୁକୂଲ୍ୟରେ ଚତୁର୍ଥ ଅରାତି ବିଜୟ ମହାନ୍ତି ସ୍ମାରକୀ ଚେସ୍ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୮ ବର୍ଷରୁ କମ୍ ବର୍ଗରେ ଆଦେଶ କାନୁନଗୋ, ୧୦ ବର୍ଷରୁ କମ୍ ବର୍ଗରେ ଦିବ୍ୟଦୃଷ୍ଟି, ୧୨ ବର୍ଷରୁ କମ୍ ବର୍ଗରେ ଆଦିତ୍ୟ ଜେନା, ୧୪ ବର୍ଷରୁ କମ୍ ବର୍ଗରେ ପ୍ରାଂଶୁ ତଥା ୧୦ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଆସ୍ୱାୟାର ହସ୍ପିଟାଲର ସିନିୟର କ୍ୟାନସର ବିଶେଷଜ୍ଞ ଡାକ୍ତର ଅମିତାଭ ଜେନା, ଡକ୍ଟର ରଶ୍ମି ପଟ୍ଟନାୟକ ତଥା ରାଜ୍ୟ ଚେସ୍ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ତୃତୀୟ ଆସେସ୍ ଟେଷ୍ଟ ଜିତିଲା ଅଷ୍ଟ୍ରେଲିଆ

ଆଡିଲେଟ୍, ୨୧।୧୨(ସବ୍ୟୁ) : ଆସେସ୍ ଟେଷ୍ଟରେ ଇଂଲଣ୍ଡର ଦୟନୀୟ ପ୍ରଦର୍ଶନ ଦେଖିବାକୁ ମିଳିଛି। ତୃତୀୟ ମ୍ୟାଚରେ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ମ୍ୟାଚରେ ଦଳ ପରାଜିତ ହୋଇ ଆସେସ୍ ସୁଯୋଗ ହାତଛଡା କରିଛି। ତେଣୁ ଶୃଙ୍ଖଳା ଶେଷ ହେବା ପୂର୍ବରୁ ଅଷ୍ଟ୍ରେଲିଆ ଆଗୁଆ ଆସେସ୍ ଟ୍ରଫି ନିଜ ଅକ୍ତିଆରକୁ ଆଣିଛି। ୪୩୫ ରନ୍‌ର ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୩୫୨ ରନ୍ କରି ଅଲଆଉଟ୍ ହୋଇଥିଲା। ଜ୍ୟାକ କ୍ରାଓଲି ୮୫ , ଜେମିସ ସ୍ମିଥ ୬୦ , ୱିଲ ଜ୍ୟାକ୍ସ ୪୭, ବ୍ରେଣ୍ଡନ କାର୍ସେ ୩୯ ରନ୍ କରି ଅପରାଜିତ ରହିଥିଲେ। ଇଂଲଣ୍ଡ ଦ୍ୱିତୀୟ ଇନିଂସରେ କଡା ସଂଘର୍ଷ କରିଥିଲେ ମଧ୍ୟ ଏହାର ଫାଇଦା ମିଳିନଥିଲା । ଅଷ୍ଟ୍ରେଲିଆ ପକ୍ଷରୁ ମଚେଲ ଷ୍ଟାର୍କ, ପାଟ କୁମିନ୍ସ ଓ ଲାଥନ ଲିୟନ ୩ ଟି ଲେଖାଏଁ ୱିକେଟ୍ ନେଇଥିଲେ। ପୂର୍ବରୁ ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ୩୭୮ ରନ୍ ଜବାବରେ ଇଂଲଣ୍ଡ ୨୮୬ ରନ୍ କରିଥିଲା। ଦ୍ୱିତୀୟ ଇନିଂସରେ ୩୪୯ ରନ କରି ୪୩୫ ରନ୍‌ର ବଡ ଟାର୍ଗେଟ୍ ସେଟ୍ କରିଥିଲା। ପ୍ରଭାବୀ ପ୍ରଦର୍ଶନ ପାଇଁ ଆଲେକ୍ସ କାରେଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା।

# ଅନ୍ତର୍ଜାତୀୟ କବାଡି ପ୍ରତିଯୋଗିତାରେ ଭାଗ ନେବେ ପିପିଲି ଝିଅ ସୁମିତ୍ରା



ପିପିଲି, (ସବ୍ୟୁ) : ପିପିଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଂଚାୟତର ପ୍ରତିଭାମାନେ ଅନେକ କ୍ଷେତ୍ରରେ ଆନ୍ତର୍ଜାତୀୟ ସ୍ତରରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରି ଅଂଚଳ ପାଇଁ ସୁନାମ ଆଣିଥିବା ବେଳେ ଆସନ୍ତା ୨୫ ରୁ ୨୮ ତାରିଖ କଲିକତା ସ୍ଥିତ ଡୁମୁଡୁମା ଜେଲ ରୋଡ୍ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତୀୟ ଜୁନିଅର ବାଳିକା କବାଡି ବିଭାଗ ରେ ଓଡିଶା ଟିମ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଅଛି । କମିଟି ପକ୍ଷରୁ ଏହି ଟିମରେ ପୁରୀ ଜିଲାରୁ ଦୁଇ ଖେଳାଳି ଖେଳିବା ପାଇଁ ମନୋନୀତ ହୋଇଥିବା ବେଳେ ଦାଣ୍ଡମୁକୁନ୍ଦପୁର ଗ୍ରାମର ଝିଅ ସୁମିତ୍ରା ଦାଶ ଖେଳିବା ପାଇଁ ମନୋନୀତ ହୋଇଥିବା ଓଡିଶା କବାଡି ଆସୋସିଏଶନ ଚିଠି ନମ୍ବର ୨୦୭(୧୦)ଓ କେ ଏ ରେ ସୂଚନା ଦେଇଛନ୍ତି । ସୁମିତ୍ରା ଦାଣ୍ଡମୁକୁନ୍ଦପୁର ସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ଛାତ୍ରୀ ହୋଇଥିବା ବେଳେ ସେ ଏବେ ପିପିଲି ମହାବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି. ତା ସହିତ ନେତାଜୀ ସ୍ପୋର୍ଟିଂଗ ସହିତ ଜଡିତ ରହି ପ୍ରଶିକ୍ଷକ ସୁକାନ୍ତ ମିଶ୍ର ଏବଂ ରମେଶ ପ୍ରଧାନଙ୍କ ପାଖରେ ନିଜର ଅଭ୍ୟାସ ଜାରି ରଖିଛନ୍ତି । ପ୍ରତିଦିନ ସେ ପାଞ୍ଚ ରୁ ଛ ଘଣ୍ଟା କବାଡି ପ୍ରାକଟିସରେ ସମୟ ଦେଉଥିବା ବେଳେ ବିଭିନ୍ନ ଜିଲାର ପ୍ରତିଯୋଗିତାରେ ଭାଗ ନେଇ ଖୁବ ସଫଳତାର ସହ ଖେଳ ପ୍ରଦର୍ଶନ କରିଥାନ୍ତି ବୋଲି ନେତାଜୀ ସ୍ପୋର୍ଟିଂଗର ସଭାପତି ପ୍ରକାଶ ମିଶ୍ର ସୂଚନା ଦେଇଛନ୍ତି. ସୁମିତ୍ରା ଦାଣ୍ଡମୁକୁନ୍ଦପୁର ପଞ୍ଚାୟତ ମହାସିଂହ ପାଟଣା ଗ୍ରାମର ଅଜୟ ଦାଶ ଏବଂ ସବିତା ଦାଶଙ୍କ କନ୍ୟା ଅଟନ୍ତି।

# ତୃଣମୂଳ ସ୍ତରରେ ହକିକୁ ସୁଦୃଢ଼ କରିବାକୁ ଓଏନଟିଏଚଏଚପିସିର ଗୋଲକିପିଙ୍ଗ କର୍ମଶାଳା

ଭୁବନେଶ୍ୱର,୨୧।୧୨(ସବ୍ୟୁ) : ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଣ୍ଟର (ଓଏନଟିଏଚଏଚପିସି) ପକ୍ଷରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ତୃଣମୂଳସ୍ତରୀୟ ବାଳକ ଓ ବାଳିକାଙ୍କ ପାଇଁ ଏକ ବିଶେଷ ହକି ଗୋଲକିପିଂ ଓ୍ୱାର୍କସପ ସଫଳତାର ସହିତ ଆୟୋଜନ କରାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ଯୁବ ହକି ପ୍ରତିଭାମାନଙ୍କ ମଧ୍ୟରେ ଗୋଲକିପିଂ କୌଶଳର ମୂଳଦୁଆକୁ ମଜବୁତ କରିବା । ଏହି ୧୧ ଦିନିଆ ୱାର୍କସପ ଗତ ୮ ତାରିଖରୁ




ଆରମ୍ଭ ହୋଇଥିଲା । ଏଥିରେ ଆଧୁନିକ ଗୋଲକିପରମାନଙ୍କ ପାଇଁ ଅତ୍ୟାବଶ୍ୟକୀୟ ଦକ୍ଷତା ଯଥା ଗୋଲକିପିଂ କୌଶଳ, ମ୍ୟାଚ ସଚେତନତା, ରିଫ୍ଲେକ୍ସ ଟ୍ରେନିଂ, ପୋଜିସନିଂ ଏବଂ ମାନସିକ ଦୃଢ଼ତାର ବିକାଶ ଉପରେ ଧ୍ୟାନ ଦିଆଯାଇଥିଲା । ଏହି ଅଧିବେଶନଗୁଡ଼ିକୁ ଓଏନଟିଏଚଏଚପିସିର ଗୋଲକିପିଂ କୋଚ ଏମଡି ଇସମାଇଲଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା ଏବଂ ଏଥିରେ ଓଏନଟିଏଚଏଚପିସି କ୍ୟାଡେଟ ଅମିଶା କୁଲୁ, ମଙ୍ଗଳ ସାହୁ ଏବଂ ବିବେକ ଲକ୍ରା ଯୁବ ଅଂଶଗ୍ରହଣକାରୀମାନଙ୍କ ସହିତ ନିଜର ଅଭିଜ୍ଞତା ବାଣ୍ଟିଥିଲେ । ୱାର୍କସପର ସମାପନ ଉତ୍ସବରେ ଡା. ପ୍ର. ସାର୍ଥକ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ । ସେ ଅଂଶଗ୍ରହଣକାରୀମାନଙ୍କୁ କ୍ରୀଡା ବିଜ୍ଞାନ, ଆଘାତ ପ୍ରତିରୋଧ ଏବଂ ଦୀର୍ଘକାଳୀନ କ୍ରୀଡାବିତ ବିକାଶର ଗୁରୁତ୍ୱ ବିଷୟରେ ଉଦବୋଧନ ଦେଇଥିଲେ ।

## ଜାତୀୟସ୍ତରୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଭୁବନେଶ୍ୱର ସାଇ ଇଲେଭେନ ଚାମ୍ପିଅନ

ଭାପୁର, ୨୧-୧୨ (ସବ୍ୟୁ) : ଭାପୁର ବ୍ଲକ ଅନ୍ତର୍ଗତ ଫତେଗଡ଼ ନାଳିସାଗର ଖେଳପଡିଆରେ ୧୬ ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟରେ ଆଜି ଥିଲା ଫାଇନାଲ ମ୍ୟାଚ । ଆଜି ଟିସିସି ଭୁବନେଶ୍ୱର (ତମାଣ୍ଡୋ) ସହ ସାଇ ଇଲେଭେନ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆଜି ସାଇ ଇଲେଭେନ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ! ୪ ୱିକେଟ୍ ହରାଇ ୨୫୩ ରନ କରିବାକୁ ସକ୍ଷମ ହୋଇଥିଲା ଜବାବରେ ଟିସିସି ତମାଣ୍ଡ ୧୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୮ ରନ କରି ରନସ ଅପ ହୋଇଥିଲା । ଭୁବନେଶ୍ୱର ସାଇ ଇଲେଭେନ ୧୧୫ରନ ବ୍ୟବଧାନରେ ବିଜୟ ଲାଭ କରି ଚାମ୍ପିଅନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସର୍ବସେଠ ଖେଳାଳି ଆଦିତ୍ୟ ରାଉତ ମ୍ୟାନ ଅଫ ଦ ମ୍ୟାଚ ଓ ମ୍ୟାନ ଅଫ ଦ ସିରିଜ ଘୋଷଣା କରାଯାଇ ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରାଯାଇଥିଲା ଏହି ଖେଳ ପରିଚାଳନା କରିଥିଲେ ଓସିଏ ଅମ୍ପାୟାର ଦୁର୍ଗା ପ୍ରସାଦ ପଟ୍ଟନାୟକ ଏବଂ ଆଶୁତୋଷ ପାଣି। ଏଥିସହ ସ୍କୋରର ଦାୟିତ୍ୱ ତୁଲାଇଥିଲ ପବିତ୍ର କୁମାର ସାହୁ , ବିଭୁତି ଭୂଷଣ ସାହୁ, ଇତି ପ୍ରକାଶ ସେନାପତି ଓ ଡିଜିଟାଲ ସ୍କୋର କରିଥିଲେ କିରଣ ମନୋହର ମହାନ୍ତି। ମ୍ୟାଚ ଚତୁର୍ଥ ଅମ୍ପାୟର ଭାବେ ସୁଧୀ ରଞ୍ଜନ ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ଧାରାବିବରଣୀ ପ୍ରଦାନ କରିଥିଲେ ବୁବୁ ସିହ୍ନା, ସରୋଜ କୁମାର ମହାପାତ୍ର ଏବଂ ଜନ୍ମେଜୟ ଦଳେଇ। ଆଜିର ଉଦଯାପନୀ ଖେଳରେ ମୁଖ୍ୟ ଅତିଥି ଭାବେ ମଧ୍ୟପ୍ରଦେଶର ରାଜ୍ୟ ସଭା ସାଂସଦ ବାଲ ଯୋଗୀ ଉମେଶ ନାଥ ମହାରାଜ, ଅନ୍ୟତମ ସମ୍ମାନୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ




ପଟ୍ଟନାୟକ, ସତ୍ୟନାରାୟଣ ପ୍ରଧାନ ଓ ରାଜ୍ୟ ବିଶିଷ୍ଟ କୋଚ କିଶୋର ମାଣିଆ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ସହ ଏକଲକ୍ଷ ପଚାଶ ହଜାର ନଗଦ ଟଙ୍କା ପ୍ରଦାନ କରିଥିଲେ। ରନରସ ଅପ ତମାଣ୍ଡ କ୍ରିକେଟ କ୍ଲବକୁ ଟ୍ରଫି ସହ ନଗଦ ଏକଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନ ପକ୍ଷରୁ ବୁଝ ନ ବୁଝ ପଢ଼ ଗୀତା ଅଭିଯାନର ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଫତେଗଡ ଯୁବକସଂଘ ସଭାପତି ତଥା ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସମେତ ସଭ୍ୟ ମାନେ ସହଯୋଗ କରିଥିଲେ। ଆଜି ଖେଳରେ ୫୦ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ଥିଲେ। ସମସ୍ତ ଦର୍ଶକଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା।

# ପାଲଲହଡା କପ କ୍ରିକେଟ : ଜୁଭେନାଇଲ ଚାମ୍ପିଅନ

ପାଲଲହଡା, ୨୧.୧୨(ସବ୍ୟୁ ) : ଗତ ପନ୍ଦର ତାରିଖଠାରୁ ସ୍ଥାନୀୟ ଷ୍ଟାଡିଅମ ପରିସରରେ କବସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଛବିଶ ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଲଲହଡା କପ ୨୦୨୫ଆଜି ଉଦଯାପିତ ହୋଇଯାଇଛି !ଗତକାଲି ଢେଙ୍କାନାଳ କସମସ କ୍ଲବକୁ ୫ଉଇକେଟ ରେ ହରାଇ ଫାଇନାଲ କୁ ଉନ୍ନୀତ ହୋଇଥିବା କଟକ ଜୁଭେନାଇଲ କ୍ଲବ ପୁଲ ଏ ର କେନ୍ଦୁଝର ଫେମସ କ୍ଲବକୁ ପରାସ୍ତ କରି ପାଲଲହଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚମ୍ପିୟାନ ଆଖ୍ୟା ଅର୍ଜନ କରି ଟ୍ରଫି ଓ ନଗଦ ଚାଳିଶ ହଜାର ଏକ ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଛି । ଠିକ ସେଇଭଳି ରନର୍ସ ଅପ କେନ୍ଦୁଝର ଫେମସ କ୍ଲବ ରନର୍ସ ଅପ ଟ୍ରଫି ସମେତ ନଗଦ ପଚିଶ ହଜାର ଏକ ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଛି । କଟକ ଜୁଭେନାଇଲ କ୍ଲବ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇ ନିର୍ଧାରିତ ୨୫ଓଭରରେ ଚାରି ଉଇକେଟ ହରାଇ ୨୩୪ରନ କରିବାକୁ ସମର୍ଥ ହୋଇଥିବାବେଳେ ଏହାର ଜବାବରେ କେନ୍ଦୁଝର ଫେମସ କ୍ଲବ ୨୩୫ରନର ବିଜୟ ଲକ୍ଷ ନେଇ ପଡିଆକୁ ଓହ୍ଲାଇ ଏହାର ପିଛା କରି ଛଅ ଓଭର ତିନିଗୋଟି ବଲ ବାକିଥାଇ ସମସ୍ତ ଉଇକେଟ ହରାଇ କଟକ କରିଥିବା ମୋଟ ରନର ଅଧା ଅର୍ଥାତ ମାତ୍ର ୧୧୭ରନ କରି କଟକ ଜୁଭେନାଇଲ କ୍ଲବକୁ ପାଲଲହଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୫ର ଚାମ୍ପିଅନ ଆଖ୍ୟା ଓ ଟ୍ରଫି ଟି ଟେକି ଦେଇଥିଲା । ଆଜିର ଫାଇନାଲ ଖେଳର ଗେମ ଚେଞ୍ଜର ଭାବେ କଟକ ଜୁଭେନାଇଲ କ୍ଲବର ସନ୍ଦୀପ ମହାପାତ୍ର ୬୧ରନ କରି ଖେଳର ବିଜେତା ହିସାବରେ,ଠିକ ସେହିଭଳି କଟକ ଜୁଭେନାଇଲର ରାମଚନ୍ଦ୍ର ବେହେରା ସର୍ବାଧିକ ୭୪ରନ କରି ମ୍ୟାନ ଅଫ ଦି ମ୍ୟାଚ ଏବଂ ଟୁର୍ନାମେଣ୍ଟ ଭିତରେ ମୋଟ ୧୬୨ରନ କରି ବେଷ୍ଟ ବ୍ୟାଟ୍ସମେନ ଓ ମେନ ଅଫ ଦି ଟୁର୍ନାମେଣ୍ଟ ଆଖ୍ୟା ପାଇ ପୁରସ୍କୃତ ହୋଇଥିଲା ବେଳେ ଟୁର୍ଣ୍ଣାମେଣ୍ଟର ଉତ୍ତମ କ୍ଷେତ୍ର ରକ୍ଷକ ଭାବେ କଟକ ଦଳର ଜ୍ଞାନ ରଞ୍ଜନ ବଳିୟାରସିଂ, ବେଷ୍ଟ ବୋଲର ଭାବେ ଟୁର୍ଣ୍ଣାମେଣ୍ଟରେ ମୋଟ ଆଠ ଗୋଟି ଉଇକେଟ ନେଇ କଟକ ଜୁଭେନାଇଲ ର ପ୍ରତୀକ ପୁହାଣ ଆଜିର ମୁଖ୍ୟ ଅତିଥି ଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ଚଳିତ ବର୍ଷର ଏହି ପାଲଲହଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୫ର ଆଜିର ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅନୁଗୁଳ କ୍ରିକେଟ ଆସୋସିଏସନର ସଭାପତି ତଥା ଓଡିଶା କ୍ରିକେଟ ଆସୋସିଏସନ ର ବରିଷ୍ଠ ସଦସ୍ୟ ତଥା ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ରୂପେ ପଂଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, ସ୍ୱତନ୍ତ୍ର ଅତିଥି ରୂପେ ଅନୁଗୁଳ ଜିଲ୍ଲା କ୍ରିକେଟ ଆସୋସିଏସନର ସାଧାରଣ ସମ୍ପାଦକ ସାଗର ନାଥ ମିଶ୍ର, ଅନ୍ୟତମ ସମ୍ମାନିତ ଅତିଥି ରୂପେ ପୋଲିସ ଉପଖଣ୍ଡ ଅଧିକାରୀ କୈଳାଶ ଚନ୍ଦ୍ର ସେଠି, ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାଶ, ବିଧାୟକଙ୍କ ପ୍ରତିନିଧି ବରିଷ୍ଠ ଆଇନଜୀବୀ ତନ୍ମୟ କୁମାର ସାହୁ, ପାଲଲହଡା କ୍ରୀଡା ସଂସଦର ସମ୍ପାଦକ ନରେନ୍ଦ୍ର କୁମାର ଭୁକ୍ତା,ପ୍ରତିଷ୍ଠାତା ସଦସ୍ୟ ଆଡ଼ଭୋକେଟ ଚିତ୍ତରଞ୍ଜନ ପ୍ରଧାନ, ଆଡ଼ଭୋକେଟ ବିଷ୍ଣୁପ୍ରସାଦ ଦାଶ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଚାମ୍ପିଅନ ଓ ରନର୍ସ ଅପ ଦଳ ଏବଂ ବିଭିନ୍ନ କ୍ଷେତ୍ରରେ କ୍ରୀଡ଼ା ନୈପୁଣ୍ୟ ଦେଖାଇଥିବା କ୍ରୀଡ଼ାବିତଙ୍କୁ ପୁରସ୍କୃତ କରିବାସହିତ ଫାଇନାଲ ଖେଳରେ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

## ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ଜିଲ୍ଲାସ୍ତରୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ ଚାମ୍ପିଅନସିପ୍

ଭୁବନେଶ୍ୱର, ୨୧।୧୨(ସବ୍ୟୁ) : ଜିମ୍ନାଷ୍ଟିକ ଆସୋସିଏନ ତରଫରୁ ଜିଲ୍ଲା ସ୍ତରୀୟ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଚମ୍ପିୟନସିପ, ଜେ ଏମ ସ୍ପୋର୍ଟସ ଏକାଡେମୀ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪ ଟି ବୟସ ବର୍ଗର ଯଥା୬ ବର୍ଷରୁ ୧୨ ବର୍ଷ ପିଲାମାନେ ଅଂଶ ଗ୍ରହଣ କରିଥିଲେ। ୩୦ ଟି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ୬ ଓ ୮ ବର୍ଷ ର ପିଲାମାନଙ୍କ ପାଇଁ କେବଳ ଫ୍ଲୋର ଏକ୍ସରସାଇଜ୍, ଥିବା ବେଳେ ୧୦ ବର୍ଷର ପିଲାମାନଙ୍କ ପାଇଁ ୨ ଟି ଇଭେଣ୍ଟ ଓ ଅଣ୍ଡର ୧୨ ବର୍ଷ ଓ ଅଣ୍ଡର ୧୪ ବର୍ଷ ବାଳକ ତଥା ଅଣ୍ଡର ୧୩ ବର୍ଷ ବାଳିକାମାନଙ୍କ ପାଇଁ ଜିଏଫଆଇ ନିୟମ ଏବଂ ଜୁନିଅର ଓ ସିନିୟର୍ ବାଳକ ବାଳିକା ମାନଙ୍କ ପାଇଁ ଏଫ ଆଇ ଜି ନିୟମ ହିସାବରେ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏସନର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସୁରେଶ କୁମାର ରାଉତରାୟ, ନରେନ୍ଦ୍ର କୁମାର ସେଠୀ, ଗୁରୁ ପ୍ରସାଦ ପଟ୍ଟନାୟକ ଯୋଗ ଦେଇଥିଲେ । ଏକାଡେମୀ ର ଅଧ୍ୟକ୍ଷା ତଥା ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନର ଉପସଭାପତି ମୀରା ରାଣୀ ଦାସଙ୍କ ତତ୍ତ୍ୱାବଧାନରେରେ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା । ସଂପାଦକ ତଥା ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନର ଏକ୍ସକ୍ୟୁଟିଭ ମେମ୍ବର ଯଶୋବନ୍ତ ଦାସ ଓ ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର କାର୍ଯକ୍ରମକୁ ପରିଚାଳନା କରିଥଲେ।

# ସର୍ବ ଭାରତୀୟ ଗଣ୍ଡରପୁର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ବାରଙ୍ଗ,୨୧/୧୨(ସବ୍ୟୁ): କଲ୍ୟାଣପୁର ପଞ୍ଚାୟତ ଗଣ୍ଡରପୁରର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ୨୩ତମ ସର୍ବ ଭାରତୀୟ ଗଣ୍ଡରପୁର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ୬ଟି ଦଳ ୩ଟି ଫାଇନାଲ ମ୍ୟାଚ ଖେଳିଥିଲେ । ସହରାଞ୍ଚଳରେ ମା ମଙ୍ଗଳା ୨-୦ ଗୋଲରେ ଜଗା ୟୁନାଇଟେଡ୍‌କୁ ପରାସ୍ତ କରି ଚାମ୍ପିଅନ ହୋଇଛି ।ଏଥିରେ ଶ୍ରେଷ୍ଠ ଖେଳାଳି ଭାବେ ଦିଲ୍ଲୀପ ଦେହୁରୀ ପଲସର ଗାଡି ପାଇଥିଲେ ।

ଗ୍ରାମାଞ୍ଚଳ ଏ ବିଭାଗରେ ମା ମଙ୍ଗଳା ଗୋଠପୁର ୫/୪ ଟ୍ରାଇ ବ୍ରେକର ଗୋଲ ଜରିଆରେ ପ୍ରତାପ କ୍ଲବ ପ୍ରତାପନଗରୀକୁ ପରାସ୍ତ କରିଥିଲା । ଅଜିତ ରାଉତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ପଲସର ଗାଡି ପାଇଥିଲେ । ଗ୍ରାମାଞ୍ଚଳ ବି ବିଭାଗରେ କୃଷକ ବନ୍ଧୁ କ୍ଲବ ୧/୦ଗୋଲରେ ବାରଙ୍ଗ ବାୟାର ଦଳକୁ ପରାଜିତ କରିଥିଲା । ଏଥିରେ ତଣ୍ଡିକଣାର ରାଜା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଏକ ଇଲେକ୍ଟ୍ରିବାଇକ ପାଇଥିଲେ । ଏହି ଖେଳରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ବିଜେପିର ବରିଷ୍ଠ ନେତା



ଗୋଲକ ପ୍ରସାଦ ମହାପାତ୍ର, ପୂର୍ବତନ ମତ୍ସ୍ୟ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର, ଦୌଡ ରାଣୀ ଦୂତୀ ଚାନ୍ଦ, ପ୍ରତାପ ଚନ୍ଦ୍ର ରାଉତ,ଅନୁପ ଖୁଣ୍ଟିଆ, ପିଙ୍କି ସ୍ୱାଇଁ ଯୋଗଦେଇ ବିଜେତା ମାନଙ୍କୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ । ସହରାଞ୍ଚଳ ଚାମ୍ପିଅନ ଦଳ ମା ମଙ୍ଗଳା ଢେଙ୍କାନାଳ ୭୫ ହଜାର ଟଙ୍କା, ରନର୍ସ ଅପ ଜଗା ୟୁନାଇଟେଡ୍ ଭୁବନେଶ୍ୱର ଦଳକୁ ୫୦ ହଜାର ଟଙ୍କା,ଗ୍ରାମାଞ୍ଚଳ ଏ ରେ ମା ମଙ୍ଗଳା ଗୋଠପୁର ଚାମ୍ପିଅନ ଦଳକୁ ୧ ଲକ୍ଷ ଟଙ୍କା ଏବଂ ରନର୍ସ ଅପ ପ୍ରତାପ କ୍ଲବ ପ୍ରତାପନଗରୀକୁ ୭୫ହଜାରଟଙ୍କା,ଓ ଗ୍ରାମାଞ୍ଚଳ ବି ଚମ୍ପିୟାନ କୃଷକ ବନ୍ଧୁ କ୍ଲବ ତଣ୍ଡିକଣାକୁ ୪୦ ହଜାର ଟଙ୍କା ଏବଂ ରନର୍ସ ଅପ ବାରଙ୍ଗ ବେୟାର ଦଳକୁ ୩୦ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ଆୟୋଜକ ଗଣ୍ଡରପୁର ୟୁନାଇଟେଡ଼ ୟୁଥ ସ୍ପୋର୍ଟ୍ସ କ୍ଲବର ସଦସ୍ୟମାନଙ୍କ ସମେତ ଗ୍ରାମ କମିଟିର ମୁଖ୍ୟ ମାନେ ଖେଳକୁ ୭ଦିନ ଧରି ସୂଚାରୁ ରୂପେ ପରିଚାଳନା କରିଥିଲେ।

# ୧୬ ବର୍ଷରୁ କମ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଘାଟଶିଳା ଚାମ୍ପିଅନ

ବାରିପଦା, (ସବୁଯ) : ମଧୁବନ ମିନି ଷ୍ଟାଡିୟମ ପଡିଆରେ ୨ୟ ବାର୍ଷିକ ୧୬ବର୍ଷରୁ କମ ଆନ୍ତଃରାଜଯ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଯୋଗଦେଇ ୭ନଂ ଓ୍ୱାର୍ଡ କାଉନସିଲର ପ୍ରଶାନ୍ତ ବେହେରା ଏହି ମଯାଚକୁ ଉଦଘାଟନ କରିଥିଲେ। ଫାଇନାଲ ମଯାଚରେ ସିଏଜି, ଘାଟଶିଳା ୩ରନରେ ବିସିଏ, ବାରିପଦାକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ବଯାଟିଂ କରି ଘାଟସିଳା ୨୦ଓଭରରେ ୭ୱିକେଟ ହରାଇ ୧୧୬ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଆରାଧ ସିଂହ ୩୮ ଓ ରାହୁଲ ୩୧ ରନ କରିଥିବାବେଳେ ବିପକ୍ଷ ଦଳର ଆଦିତଯ କୁମାର ବେରା, ଅଭିଷେକ ଶର୍ମା ଓ ଆଦିତଯ ଦାସ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଉତ୍ତରରେ ବାରିପଦା ୨୦ ଓଭରରେ ୫ ୱିକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଚନ୍ଦନ ସିଂ ସର୍ବାଧିକ ୫୩ କରିଥିବାବେଳେ ବିପକ୍ଷ ଦଳର ବିବେକ କୁମାର ୩ଟି ଉଇକେଟ ଅକ୍ତିଆର କରିଥିଲେ। ବିବେକ କୁମାର ମ୍ୟାନ ଅଫ ଦି ମ୍ୟାଚ ହୋଇ ପୁରସ୍କୃତ ହୋଇଥିଲେ। ଉତ୍ତମ ମହାକୁଡ଼ ଓ ସୁଜନ ମହାନ୍ତି ମହାନ୍ତି ଖେଳ ପରିଚାଳନା କରିଥିବାବେଳେ ସମ୍ବିତ କୁମାର ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ ଓ ଦୀପକ ଦାସ ଧାରବିବାରଣୀ ପ୍ରଦାନ କରିଥିଲେ। ଶ୍ରେଷ୍ଠ ବଯାଟ୍ସମେନ ଓ ମଯାନ ଅଫ ଦି ସିରିଜ ଭାବେ ତୁଷାର ଓ ଶ୍ରେଷ୍ଠ ବୋଲର ଭାବେ ଜଗନ ରେଡି ପୁରସ୍କୃତ ହୋଇଥିଲେ। ଚାମ୍ପିଅନ ଦଳକୁ ୧୦ହଜାର ପ୍ରୋତ୍ସାହନ ରାଶି ଓ ଟ୍ରଫି ଓ ରନର୍ସ ଅପ ଦଳକୁ ୭ହଜାର ପ୍ରୋତ୍ସାହନ ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ନଗରପାଳ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା, ସୋମନାଥ ସିଂହ, ସାଇବା ସିଂ, ମିର ଆକବର ଅଲ୍ଲୀ, ହେମନ୍ତ ବେହେରା, ଶେଖ ନାଫିସୁଲ ଓ ସୁଜନ ମହାନ୍ତି ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଅବସରରେ ପୂର୍ବତନ କ୍ରିକେଟ ଖେଳାଳି ପ୍ରଭାସ ଘଡେଇ, ସୋମନାଥ ସିଂହ, ଦେବୀଦତ୍ତ ମହାନ୍ତି, ସଞ୍ଜୟ ମହାନ୍ତି, ରୂପକ ମହାନ୍ତି, ରମେଶ ଅଗ୍ରୱାଲ, ରଞ୍ଜନ ଦାସ, ସମୀର ସାହୁ ବଳବନ୍ତ ତୁଙ୍ଗ, ରମଣ ଅଗ୍ରଓ୍ୱାଲ, ସଂଜୀବ ଦ୍ୱିବେଦୀ, ସୁଜନ ମହାନ୍ତି, ଲୋହିତ ଦାଶ, ରଣଜିତ ନାୟକ, ସତଯଜିତ ଧର ମହାପାତ୍ର ଓ କିଶୋର ପଲେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି